# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୭/୨୦୨୩ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 7/2023 Page 18 ₹ 7.00

୪୯ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 313 ମୂଲ୍ୟ ₹୭/-





## ସଂକ୍ଷେପରେ

### ଭାରତରୁ କୂଟନୀତିଜ୍ଞଙ୍କୁ ସ୍ଥାନାନ୍ତର କଲା କାନାଡା

**ନୂଆଦିଲ୍ଲୀ,୬।୧୦:** ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜ୍ଜର ହତ୍ୟା ଘଟଣାରେ ଭାରତ ସମ୍ପୃକ୍ତ ଥିବା କାନାଡା ଅଭିଯୋଗ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ଶୀର୍ଷରେ ପହଞ୍ଚିଛି। କାନାଡା ନୂଆଦିଲ୍ଲୀରେ ଥିବା ତା'ର କୂଟନୀତିଜ୍ଞମାନଙ୍କୁ ମାଲେସିଆ କିମ୍ବା ସିଙ୍ଗାପୁର ସ୍ଥାନାନ୍ତର କରିଦେଇଛି। ନୂଆଦିଲ୍ଲୀ ପୂର୍ବରୁ ଅଧିକାଂଶ ଭାରତୀୟ କୂଟନୀତିଜ୍ଞଙ୍କୁ କାନାଡାରୁ ପ୍ରତ୍ୟାହାର କରି ଆଣିବା ସହ ସେମାନେ କୂଟନୀତିଜ୍ଞ ହ୍ରାସ କରିବାକୁ ସଙ୍କେତ ଦେଇଥିଲା। କାନାଡା କୂଟନୀତିଜ୍ଞମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବାରୁ ସେମାନଙ୍କ ସଂଖ୍ୟା କମିବା ଆବଶ୍ୟକ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଥିଲା। ଦିଲ୍ଲୀ ବାହାରେ ନିୟୋଜିତ ଅଧିକାଂଶ କାନାଡା କୂଟନୀତିଜ୍ଞଙ୍କୁ କୁଆଲାଲମ୍ପୁର କିମ୍ବା ସିଙ୍ଗାପୁର ନିଆଯାଇଥିବା ସେଠାର ଗଣମାଧ୍ୟମ ପ୍ରକାଶ କରିଛି।

### ନିର୍ବାଚନକୁ ହିଂସାମୁକ୍ତ କରିବାକୁ ସିଇସିଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୬।୧୦(ପି.ଟି.):** ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନ (ସିଇସି) ରାଜୀବ କୁମାର ଶୁକ୍ରବାର ପର୍ଯ୍ୟବେକ୍ଷକମାନଙ୍କ ସହ ବୈଠକ କରିଥିଲେ। ଅର୍ଥବଳକୁ ଠିକ୍ ଭାବେ ନିୟନ୍ତ୍ରଣ କରିବା ସହ ନିର୍ବାଚନ ଯେପରି ହିଂସାମୁକ୍ତ ହେବ, ତାହା ସୁନିଶ୍ଚିତ କରିବା ଲାଗି ସିଇସି ପର୍ଯ୍ୟବେକ୍ଷକମାନଙ୍କୁ କହିଛନ୍ତି। ପୋଲିସ, ସାଧାରଣ ଓ ବ୍ୟୟ ପର୍ଯ୍ୟବେକ୍ଷକମାନଙ୍କ ଦିବସବ୍ୟାପୀ ବୈଠକରେ ଆଦର୍ଶ ଆଚରଣ ବିଧିର ସଫଳ କାର୍ଯ୍ୟକାରିତା, ନିର୍ବାଚନ ପ୍ରଚାରକୁ ଅର୍ଥ ଓ ବାହୁବଳ ଯେପରି ପ୍ରଭାବିତ ନ କରେ, ସେଥିପାଇଁ ରଣକୌଶଳ ଆପଣାଇବା ଉପରେ ଜୋର୍ ଦିଆଯାଇଥିଲା। ଆଗାମୀ ନଭେମ୍ବର-ଡିସେମ୍ବରରେ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା ଓ ମିଜୋରାମରେ ନିର୍ବାଚନ ହୋଇପାରେ।

### ଭାରତୀୟ ବଂଶୋଦ୍ଭବ ଦମ୍ପତି, ୨ ପିଲାଙ୍କ ସନ୍ଦେହଜନକ ମୃତ୍ୟୁ

**ନ୍ୟୁୟର୍କ,୬।୧୦(ପି.ଟି.):** ଆମେରିକାର ନ୍ୟୁଜର୍ସିସ୍ଥିତ ଘରୁ ଭାରତୀୟ ବଂଶୋଦ୍ଭବ ଦମ୍ପତି ଓ ସେମାନଙ୍କ ଦୁଇ ପିଲାଙ୍କ ମୃତଦେହ ମିଳିଛି। ହତ୍ୟା ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ଅପରାହ୍ନ ୪ଟା ୩୦ରେ ତେଜପ୍ରତାପ ସିଂ (୪୩) ଓ ସୋନାଲ ପରିହାର(୪୨)ଙ୍କ ସମେତ ସେମାନଙ୍କ ୧୦ ବର୍ଷ ଓ ୬ ବର୍ଷର ଦୁଇ ପୁଅଙ୍କ ମୃତଦେହ ସେମାନଙ୍କ ପ୍ଲେନ୍ସ୍‌ବୋରୋ ଘରୁ ମିଳିଥିଲା।

### ଶିକ୍ଷକଙ୍କୁ ଗୁଳିକଲେ ଛାତ୍ର

**ଲକ୍ଷ୍ନୌ,୬।୧୦:** ଉତ୍ତରପ୍ରଦେଶର ଆଗ୍ରାରେ ଦୁଇ ଛାତ୍ର ସେମାନଙ୍କ ଶିକ୍ଷକଙ୍କ ଗୋଡ଼କୁ ଗୁଳି ଚଳାଇବା ସହ ଏହାର ଭିଡିଓ ରେକର୍ଡିଂ କରିଛନ୍ତି, ଯେଉଁଥିରେ ସେମାନେ ନିଜକୁ 'ଗ୍ୟାଙ୍ଗଷ୍ଟର'ର ପରିଚୟ ଦେଇଛନ୍ତି। ଭାଇରାଲ ଭିଡିଓରେ ସମ୍ପୃକ୍ତ ଛାତ୍ର ଶିକ୍ଷକଙ୍କୁ ଆଉ ୩୯ ଥର ଗୁଳି କରିବା ଲାଗି ଧମକ ଦେଇଛନ୍ତି। ସୁମିତ୍ ନାମକ ଉକ୍ତ ଶିକ୍ଷକ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୋଲିସ ଅଭିଯୁକ୍ତ ଛାତ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଛାତ୍ରଦ୍ୱୟ ୬ ମାସ ପରେ ଫେରି ଶିକ୍ଷକଙ୍କୁ ଗୁଳିକରିବେ ବୋଲି ଭିଡିଓରେ କହିଥିଲେ। ଶିକ୍ଷକଙ୍କୁ ୪୦ ଥର ଗୁଳି କରିବାର ଅଛି। ଆଉ ୩୯ ଥର ବାକି ରହିଲା ବୋଲି ଗିରଫ ଛାତ୍ର ଭିଡିଓରେ କହିଥିବା ଶୁଣିବାକୁ ମିଳିଛି।

# ସିଡବ୍ଲ୍ୟୁସି ରିପୋର୍ଟକୁ ଅଣଦେଖା ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ,୬।୧୦(ପି.ଟି.)



**ସିକିମ୍ ବନ୍ୟା**

- ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି
- ତିସ୍ତାରୁ ମିଳିଲାଣି ୨୨ ମୃତଦେହ
- ନିମ୍ନମାନର ଡ୍ୟାମ୍‌କୁ ଦାୟୀ କଲେ ମୁଖ୍ୟମନ୍ତ୍ରୀ

ସିକିମ୍‌ରେ ବାଦଲଫଟା ବର୍ଷା ସାଙ୍ଗକୁ ହିମ ହ୍ରଦ ମାଡ଼ିଆସିବାରୁ ଅଚାନକ ବନ୍ୟା ଆସି ୭ ଯବାନଙ୍କ ସମେତ ଅନ୍ୟୂନ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ହଜାର ହଜାର ଲୋକ ଫସିରହିଥିବାରୁ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟାର ୩ ଦିନ ପରେ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଛି। ତିସ୍ତା ନଦୀରୁ ପାଣି କମିବା ପରେ ୨୨ ମୃତଦେହ ମିଳିଲାଣି। ଲାଚେନ ଏବଂ ଲାଚୁଙ୍ଗରେ ପ୍ରାୟ ୩,୦୦୦ ଲୋକ ଅଟକି ରହିଛନ୍ତି। ସେଠାକୁ ମୋଟରସାଇକେଲରେ ଯାଇଥିବା ୩,୧୫୦ ଜଣ ବନ୍ୟା ଯୋଗୁ ଫସିରହିଛନ୍ତି। ସ୍ଥଳସେନା ଓ ବାୟୁସେନା ହେଲିକପ୍ଟର ଯୋଗେ ସେମାନଙ୍କୁ ଉଦ୍ଧାର କରାଯିବ ବୋଲି ସିକିମ୍ ମୁଖ୍ୟ ସଚିବ ବିଜୟ ଭୂଷଣ ପାଠକ କହିଛନ୍ତି। ଆଉ ଏକ ଗ୍ଲେସିୟର ହ୍ରଦ ଭୁଶୁଡ଼ିବା ଆଶଙ୍କା ଥିବାରୁ ପର୍ଯ୍ୟଟକମାନେ ବର୍ତ୍ତମାନ ପାଇଁ ସିକିମ ନ ଆସିବାକୁ ପରାମର୍ଶ ଦିଆଯାଇଛି। ପୂର୍ବ ସରକାର ସମୟରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଚୁଙ୍ଗଥାଙ୍ଗ ଡ୍ୟାମ୍ ଭାଙ୍ଗିଲା ବୋଲି ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତାମଙ୍ଗ କହିଛନ୍ତି।

ଗ୍ଲେସିୟର ହ୍ରଦ ଉଛୁଳି ସିକିମ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିବା ସମ୍ଭାବନା ସମ୍ପର୍କରେ ଅତୀତରେ ଅନେକ ଗବେଷଣା କରାଯାଇଥିଲା। ୨୦୧୫ରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଦ୍ୱାରା କରାଯାଇଥିବା ଅଧ୍ୟୟନରେ ତିସ୍ତା ନଦୀ ଉପରେ ନିର୍ମିତ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତି ବିପଦ ଥିବା ରାଜ୍ୟ ସରକାରଙ୍କୁ ସ୍ପଷ୍ଟ ଭାବେ ସତର୍କ କରିଦିଆଯାଇଥିଲା। ବନ୍ଧ ଭାଙ୍ଗି ଲୋନାକ ହ୍ରଦର ଗଚ୍ଛିତ ଜଳ ମାଡ଼ିଆସିବାରୁ ଗତ ୪ ତାରିଖରେ ତିସ୍ତା ନଦୀ ଅବବାହିକାରେ ହଠାତ୍ ଜଳସ୍ତର ଅତ୍ୟଧିକ ବଢ଼ିଯାଇଥିଲା। ଫଳରେ ଅଚାନକ ବନ୍ୟାରେ ମାଙ୍ଗନ, ଗାଙ୍ଗଟକ୍, ପକ୍ୟୋଙ୍ଗ ଏବଂ ନାମଚି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ ୭ ଯବାନଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୩ ନିଖୋଜ ଅଛନ୍ତି। ହିମ ହ୍ରଦ ମାଡ଼ିଆସିବାରୁ ତିସ୍ତା ନଦୀରେ ୧,୨୦୦ ମେଗାୱାଟ୍ ଜଳବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଅଙ୍ଗ ଚୁଙ୍ଗଥାଙ୍ଗ୍ ଡ୍ୟାମ୍ ଭାଙ୍ଗିଯାଇଥିଲା। ସିଡବ୍ଲ୍ୟୁସି ରିପୋର୍ଟରେ ହିମ ହ୍ରଦ ବନ୍ୟା ତିସ୍ତା ଅବବାହିକା ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବିପଦ ବୋଲି କୁହାଯାଇଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରିଥିଲେ। ଉକ୍ତ ହ୍ରଦ ସେକେଣ୍ଡ ପ୍ରତି ୬,୨୧୦ ଘନମିଟର ଜଳ ଛାଡ଼ିବ, ଯାହା ଦୁଇ ଘଣ୍ଟା ମଧ୍ୟରେ ଚୁଙ୍ଗଥାଙ୍ଗ ଓ ତିସ୍ତା-୩ ପ୍ରୋଜେକ୍ଟରେ ପହଞ୍ଚିପାରିବ ବୋଲି ରିପୋର୍ଟରେ କୁହାଯାଇଥିଲା। ଏହା ହେଲେ ତିସ୍ତା ନଦୀ ଜଳସ୍ତର ୪.୪୫ ମିଟର ବଢ଼ିଯିବା ସମ୍ଭାବନା ଥିବା ରିପୋର୍ଟରେ ସତର୍କ କରିଦିଆଯାଇଥିଲା। ରିପୋର୍ଟ ଆଧାରରେ ଜଳବିଦ୍ୟୁତ୍ ପ୍ରକଳ୍ପ କର୍ତ୍ତୃପକ୍ଷ ହ୍ରଦ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଏହା ଯେପରି ନ ଭାଙ୍ଗିବ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାର ଥିଲା। ଅଚାନକ ବନ୍ୟାଜନିତ ସ୍ଥିତିର ମୁକାବିଲା ପାଇଁ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓରକୁ ବିକଶିତ କରିବା ଲାଗି ରିପୋର୍ଟରେ ସୁପାରିସ କରାଯାଇଥିଲା। ବାରମ୍ବାର ସତର୍କ କରାଇବା ସତ୍ତ୍ୱେ କର୍ତ୍ତୃପକ୍ଷ ଆଗୁଆ ବ୍ୟବସ୍ଥା କରିବାରେ ବିଫଳ ହେଲେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ସଞ୍ଜୟ ସିଂଙ୍କ ୨ ସହଯୋଗୀଙ୍କୁ ଇଡି ସମନ

ନୂଆଦିଲ୍ଲୀ,୬।୧୦(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କ ଦୁଇ ସହଯୋଗୀଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ସର୍ବେଶ ମିଶ୍ରା ଏବଂ ବିବେକ ତ୍ୟାଗୀଙ୍କୁ ଇଡି କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ କୁହାଯାଇଛି। ତଦନ୍ତ ସମୟରେ ଇଡି ହାତରେ ଲାଗିଥିବା ତଥ୍ୟ ପ୍ରମାଣ ଉପରେ ମିଶ୍ରା ଓ ତ୍ୟାଗୀଙ୍କୁ ପ୍ରଶ୍ନ କରାଯିବ। ସେମାନଙ୍କୁ ସଞ୍ଜୟ ସିଂଙ୍କ ସହ ମୁହାଁମୁହିଁ ଜେରା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ତଦନ୍ତକାରୀ ସଂସ୍ଥା ସେମାନଙ୍କ ବୟାନ ରେକର୍ଡ କରିବ। ସଞ୍ଜୟଙ୍କୁ ବୁଧବାର ଗିରଫ କରାଯାଇଥିବାବେଳେ ଦିଲ୍ଲୀର ଏକ ଅଦାଲତ ତାଙ୍କୁ ୫ ଦିନିଆ ଇଡି ରିମାଣ୍ଡରେ ପଠାଇଛନ୍ତି। ରାଜ୍ୟ ସଭା ସଦସ୍ୟ ସଞ୍ଜୟଙ୍କୁ ଅଭିଯୁକ୍ତ ବ୍ୟବସାୟୀ ଦିନେଶ ଆରୋରା ଦୁଇଥରରେ ୨ କୋଟି ଟଙ୍କା ଦେଇଥିବା ଇଡି ଅଭିଯୋଗ କରିଥିବାବେଳେ ଏଏପି ନେତା ଏହାକୁ ଖଣ୍ଡନ କରିଛନ୍ତି।

## ମୁମ୍ବାଇ ବିଲ୍ଡିଂରେ ନିଆଁ: ୭ ମୃତ, ୬୦ ଆହତ



ମୁମ୍ବାଇ,୬।୧୦(ପି.ଟି.)

ମୁମ୍ବାଇର ଗୋରେଗାଁଓ ଅଞ୍ଚଳରେ ଥିବା ଏକ ଆବାସିକ ଅଟ୍ଟାଳିକାରେ ଶୁକ୍ରବାର ଭୋର ସମୟରେ ନିଆଁଲାଗି ୨ ଶିଶୁଙ୍କ ସମେତ ୭ ଜଣ ପ୍ରାଣ ହରାଇଥିବାବେଳେ ୬୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉକ୍ତ ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିଲା ବୋଲି ମୁମ୍ବାଇର ଫାୟାର ବ୍ରିଗେଡ୍ ମୁଖ୍ୟ କହିଛନ୍ତି। ୭ ମହଲା ବିଶିଷ୍ଟ ବିଲ୍ଡିଂରୁ ୩୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକମାନଙ୍କ ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଆହତମାନଙ୍କୁ ସରକାରୀ ଖର୍ଚ୍ଚରେ ଚିକିତ୍ସା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗୋରେଗାଁଓ ୱେଷ୍ଟର ଉନ୍ନତ ନଗରଠାରେ ଥିବା 'ଜୟ ଭବାନୀ ଏସ୍‌ଆର୍‌ଏ ବିଲ୍ଡିଂ'ରେ ରାତି ୩ଟାରେ ନିଆଁ ଲାଗିଥିଲା। ନିଆଁରେ ପୋଡ଼ିହୋଇ ଆହତ ୬୮ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିଲା।

**ନ୍ୟୁଜ୍‌କ୍ଲିକ୍ ଚଢ଼ାଉ**

## ଭାରତ ବିରୋଧୀ ପ୍ରଚାର ପାଇଁ ଚାଇନାରୁ ଆସୁଥିଲା ପାଣ୍ଠି

ନୂଆଦିଲ୍ଲୀ,୬।୧୦

ନ୍ୟୁଜ୍‌କ୍ଲିକ୍ ପୋର୍ଟାଲ ବିରୋଧରେ ଦିଲ୍ଲୀ ପୋଲିସ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏରେ ଏତଲା ଦାଏର କରିଛି। ଏତଲା ଅନୁଯାୟୀ ଚାଇନାର ଟେଲିକମ୍ ବ୍ୟବସାୟୀ ଭାରତରେ ହଜାର ହଜାର ସେଲ୍ କମ୍ପାନୀ ଚଳାଇଛନ୍ତି। ଦେଶର ସାର୍ବଭୌମତ୍ୱ ପ୍ରତି ବ୍ୟାଘାତ ସୃଷ୍ଟି କରିବା ସହ ଭାରତକୁ ନିନ୍ଦିତ କରିବା ଲାଗି ଚାଇନାରୁ ଉକ୍ତ ସେଲ୍ କମ୍ପାନୀଗୁଡ଼ିକ ଜରିଆରେ ପାଣ୍ଠି ଆସୁଛି। ଭାରତ ବିରୋଧରେ ପ୍ରଚାର ଉଦ୍ଦେଶ୍ୟରେ ଟଙ୍କା ଦେଇ ଖବର ପ୍ରସାରଣ କରାଯାଉଛି। ଏଥିରେ ଭାରତର ଘରୋଇ ନୀତି, ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମାଲୋଚନା କରାଯାଉଛି। ନ୍ୟୁଜ୍‌କ୍ଲିକ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ଥ ପିଏଡିଏସ୍ ସହ ମିଶି ୨୦୧୯ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଅଭିଯୋଗ ହୋଇଛି।

## ଭର୍ଚୁଆଲ ଶୁଣାଣିକୁ ହାଇକୋର୍ଟ ମନା କରିପାରିବେନି: ସିଜେଆଇ

ନୂଆଦିଲ୍ଲୀ,୬।୧୦



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ଦେଶର ସମସ୍ତ ହାଇକୋର୍ଟ ଭର୍ଚୁଆଲ ଶୁଣାଣି ଜାରି ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର କହିବା ସହ ପ୍ରତ୍ୟେକ ବିଚାରପତି ପ୍ରଯୁକ୍ତିରେ ଦକ୍ଷ ହେବାକୁ ଦୋହରାଇଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଶୁଣାଣି ପାଇଁ ଭିଡିଓ କନ୍‌ଫରେନ୍ସିଂ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିଥିବା ଅଭିଯୋଗ ସମ୍ପର୍କିତ ପିଟିଶନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି। କୌଣସି ହାଇକୋର୍ଟ ଭର୍ଚୁଆଲ ଶୁଣାଣିକୁ ମନା କରିପାରିବେ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ପୂର୍ବରୁ ଶୁଣାଣି ବେଳେ ସୁପ୍ରିମକୋର୍ଟ ଦେଶର ସମସ୍ତ ହାଇକୋର୍ଟ ଓ ଟ୍ରିବ୍ୟୁନାଲଗୁଡ଼ିକୁ ନୋଟିସ୍ ଜାରି କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ଜଣେ ବିଚାରପତି ପ୍ରଯୁକ୍ତିରେ ଦକ୍ଷ କି ନୁହନ୍ତି, ତାହା ପ୍ରସଙ୍ଗ ନୁହେଁ। ଦେଶର ବିଚାରପତି ହେବାକୁ ହେଲେ ପ୍ରଯୁକ୍ତି ଅନୁକୂଳ ହେବାକୁ ପଡ଼ିବ। ଯଦି ହୋଇ ନ ଥାନ୍ତି, ତେବେ ପ୍ରଯୁକ୍ତିରେ ପର୍ଯ୍ୟାପ୍ତ ତାଲିମ ନେବାକୁ ହେବ। ସୁପ୍ରିମକୋର୍ଟର ଯେଉଁ ବିଚାରପତି ସ୍ୱତନ୍ତ୍ର କେନ୍ଦ୍ରରେ ତାଲିମ ନେଉଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରଯୁକ୍ତି ଏକ ବିକଳ୍ପ ନୁହେଁ ବରଂ ଅତ୍ୟାବଶ୍ୟକ ବୋଲି ସିଜେଆଇ କହିବା ସହ ବମ୍ବେ ହାଇକୋର୍ଟଙ୍କ ବ୍ୟାପାରକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ବିଖଣ୍ଡିତ ଫଙ୍କଶନାଲ ସ୍କ୍ରିନ୍ କିପରି ପରିଚାଳନା କରୁଛନ୍ତି। ହାଇବ୍ରିଡ୍ ଶୁଣାଣି ସୁବିଧା ବିନା ସେମାନେ କିପରି କାମ ଚଳାଉଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ।

## ମଧ୍ୟପ୍ରଦେଶ, ରାଜସ୍ଥାନ ସରକାରଙ୍କୁ ନୋଟିସ

ନୂଆଦିଲ୍ଲୀ,୬।୧୦(ପି.ଟି.)

**ନିର୍ବାଚନ ପୂର୍ବରୁ ମାଗଣା ଉପହାର**

ବିଧାନସଭା ନିର୍ବାଚନ ପୂର୍ବରୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭୋଟରମାନଙ୍କୁ ମାଗଣା ଉପହାର ବଣ୍ଟାଯାଉଥିବା ଅଭିଯୋଗରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି ଅବସରରେ ଉପରୋକ୍ତ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଉକ୍ତ ପିଆଇଏଲ୍ ଉପରେ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ଭାରତର ରିଜର୍ଭ ବ୍ୟାଙ୍କକୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି। ୨ ରାଜ୍ୟ ସରକାର ଭୋଟରମାନଙ୍କୁ ପ୍ରଲୋଭିତ କରିବା ଲାଗି ଟିକସଦାତାମାନଙ୍କ ଅର୍ଥର ଦୁରୁପଯୋଗ କରୁଥିବା ନେଇ ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଥିଲା। ନିର୍ବାଚନ ପୂର୍ବରୁ ସରକାର ଟଙ୍କା ବାଣ୍ଟିବାଠାରୁ ଆଉ ଦୁଃଖର କଥା କିଛି ନାହିଁ ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି। ପ୍ରତିଥର ନିର୍ବାଚନ ପୂର୍ବରୁ ଏଭଳି ହେଉଛି ଓ ତାହାର ପରୋକ୍ଷ ବୋଝ କରଦାତାମାନଙ୍କ ଉପରେ ପଡୁଛି। ଏହା ଉପରେ ସୁପ୍ରିମକୋର୍ଟ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସମ୍ପୃକ୍ତ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜାତିଗତ ସର୍ଭେ ତଥ୍ୟ ପ୍ରକାଶନରେ ରୋକ ଲଗାଇଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୧୦(ପି.ଟି.)



ବିହାର ସରକାର ଜାତିଗତ ସର୍ଭେ ତଥ୍ୟ ପ୍ରକାଶ କରିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଏନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ଜାତି ଜନଗଣନା ସମ୍ପର୍କିତ ଅଧିକ ତଥ୍ୟ ପ୍ରକାଶ କରିବା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଜାତି ଜନଗଣନା କରିବା କ୍ଷମତା ରାଜ୍ୟ ସରକାରଙ୍କର ଅଛି କି ନାହିଁ, ତାହା ଅଦାଲତ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ବିହାରରେ ଜାତି ଜନଗଣନାକୁ ପାଟନା ହାଇକୋର୍ଟ ଅନୁମତି ଦେଇଥିଲେ। ହାଇକୋର୍ଟଙ୍କ ଅଗଷ୍ଟ ୧ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ଏନେଇ ବିହାର ସରକାରଙ୍କୁ ନୋଟିସ୍ ଜାରି କରିବା ସହ ପରବର୍ତ୍ତୀ ଶୁଣାଣି ୨୦୨୪ ଜାନୁୟାରୀକୁ ଧାର୍ଯ୍ୟ କରିଛନ୍ତି। ସ୍ଥଗିତାଦେଶ ପୂର୍ବରୁ ରାଜ୍ୟ ସରକାର କେତେକ ତଥ୍ୟ ପ୍ରକାଶ କରିଦେଇଥିବାରୁ ପରବର୍ତ୍ତୀ ତଥ୍ୟ ପ୍ରକାଶନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଲଗାଇବା ପାଇଁ ଆବେଦନକାରୀମାନେ କରିଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ନୀତିଗତ ନିଷ୍ପତ୍ତି ନେବାରେ ଆମେ ସରକାରଙ୍କୁ ଅଟକାଇ ପାରିବୁ ନାହିଁ। ରାଜ୍ୟ ସରକାରଙ୍କ ଜାତିଗତ ସର୍ଭେ କରିବା କ୍ଷମତା ଅଛି କି ନାହିଁ, ଅନୁଧ୍ୟାନ କରିବୁ ବୋଲି ଖଣ୍ଡପୀଠ କହିଥିଲେ।

ଅନ୍ୟପକ୍ଷରେ ବିହାର ସରକାର କାହିଁକି ତଥ୍ୟ ପ୍ରକାଶ କଲେ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅପରାଜିତା ସିଂ କହିଥିଲେ, ଏହି ମାମଲାରେ ଗୋପନୀୟତାର ଉଲ୍ଲଂଘନ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଭୁଲ୍ ଥିବା ସେ ଦର୍ଶାଇଥିଲେ। ବେଆଇନ ଭାବେ ତଥ୍ୟ ସଂଗ୍ରହ କରାଯାଇଥିବାରୁ ଏହାକୁ ସରକାର ଯୋଜନା ପ୍ରସ୍ତୁତିରେ ଲଗାଇପାରିବେ ନାହିଁ ବୋଲି ସିଂ କହିଥିଲେ। ତେବେ ଜାତିଗତ ସର୍ଭେରେ କୌଣସି ବ୍ୟକ୍ତିଙ୍କ ନାଁ ପ୍ରକାଶ ପାଇ ନ ଥିବାରୁ ଏହାକୁ ଗୋପନୀୟତାର ଉଲ୍ଲଂଘନ କହିବା ଠିକ୍ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।

ଆପଣଙ୍କ ଦୂରଦୃଷ୍ଟି ଓ ମୂଲ୍ୟବୋଧର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ
ଶ୍ରୀ ଦୁର୍ଗା କଣ୍ଡେଭ୍, ଡ୍ରିମ୍‌ସ, ପଦ୍ମିନୀ କେୟାର
ଓ ରଥ ପରିବାର ଆଜି ୨୯ତମ ପୁଣ୍ୟତିଥିରେ ଆପଣଙ୍କ
ଅମ୍ଳାନ ସ୍ମୃତି ପ୍ରତି ଜଣାଉଛି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ପୂଜ୍ୟପୂଜା ସମାରୋହ
ମୁଖ୍ୟ ଅତିଥି- ପରମପୂଜ୍ୟ ପରମହଂସ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ
ସମ୍ବର୍ଦ୍ଧିତ ବରେଣ୍ୟ ବ୍ୟକ୍ତିତ୍ୱ -ଡ. ଅମିୟ କୁମାର ରଥ, ବିଶିଷ୍ଟ ଶିକ୍ଷାବିତ୍,
ଡ. ବିଜୟାନନ୍ଦ ସିଂହ, ବିଶିଷ୍ଟ ସାହିତ୍ୟିକ, ଗୁରୁ ଶ୍ରୀ ଅଖିଳ କୁମାର ଲେଙ୍କା, ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ
ସୁଶ୍ରୀ କବିତା ମହାପାତ୍ର, ବିଶିଷ୍ଟ ସମାଜସେବିକା, ଶ୍ରୀ ଅନିଲ କୁମାର ଗୋଛିକାର, ବିଶିଷ୍ଟ କ୍ରୀଡାବିତ୍
୭ ଅକ୍ଟୋବର ୨୦୨୩, ଶନିବାର
ସ୍ଥାନ: ଜୟଶ୍ରୀ ଅଡିଟୋରିୟମ୍, ଡ୍ରିମ୍‌ସ ପରିସର, ଟାଙ୍ଗୀ, କଟକ | ସମୟ: ପୂର୍ବାହ୍ନ ୧୧.୦୦ ଘଟିକା
ପ୍ରଣମ୍ୟ
ଧନେଶ୍ୱର ରଥ
୦୪.୦୨.୧୯୧୬ - ୨୮.୧୦.୧୯୯୪

SDCPL
DRIEMS
PADMINI

DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୭/୨୦୨୩ | Bhubaneswar, Saturday, October 7/2023 | ପୃଷ୍ଠା-୧



**ଫିଜିକ୍ସରେ ଅମିତାଭଙ୍କ ଲାଗିଥିଲା ବ୍ୟାକ୍**

ଗ୍ରାଜୁଏଶନରେ ଫିଜିକ୍ସକୁ ଅନର୍ସ ବାଛିଥିବା ଅମିତାଭ ବଚ୍ଚନଙ୍କ ଉକ୍ତ ବିଷୟରେ ବ୍ୟାକ୍ ଲାଗିଥିବା ସେ ଏକ କାର୍ଯ୍ୟକ୍ରମରେ କହିଛନ୍ତି।

୧୩

୧୨

**ସୌଦ ଶକିଲ ଶ୍ରେଷ୍ଠ**

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ପାକିସ୍ତାନର ସୌଦ ଶକିଲ।



# ସ୍ୱର୍ଣ୍ଣ ସହ ଭାରତକୁ ଅଲିମ୍ପିକ୍ସ ଯୋଗ୍ୟତା

## ଏସିଆନ ଗେମ୍ସ ପୁରୁଷ ହକି

**ହାଙ୍ଗଝୋ, ୬।୧୦**

ଏସିଆନ ଗେମ୍ସର ହକି ଇଭେଣ୍ଟରୁ ଭାରତ ପାଇଁ ଆସିଛି ବଡ଼ ଖବର। ଶୁକ୍ରବାର ଅନୁଷ୍ଠିତ ପୁରୁଷ ହକି ଫାଇନାଲରେ ଭାରତ ୫-୧ ଗୋଲରେ ଗତଥରର ଚାମ୍ପିୟନ ଜାପାନକୁ ହରାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଏଥିସହ ଭାରତୀୟ ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଭାରତ ଶେଷଥର ପାଇଁ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଅର୍ଥାତ୍ ୯ ବର୍ଷ ବ୍ୟବଧାନରେ ଭାରତକୁ ପୁଣି ସ୍ୱର୍ଣ୍ଣିମ ସଫଳତା ମିଳିଛି। ଏହାକୁ ମିଶାଇ ଏସିଆଡ୍‌ରେ ଭାରତ ମୋଟ ଚତୁର୍ଥ ଥର ପାଇଁ ସ୍ୱର୍ଣ୍ଣ ପଦକ ପାଇଛି। ୨୦୧୪ ବ୍ୟତୀତ ୧୯୬୬ ଓ ୧୯୯୮ ମସିହାରେ ମଧ୍ୟ ଭାରତୀୟ ଦଳ ସ୍ୱର୍ଣ୍ଣ ବିଜୟୀ ହୋଇଥିଲା।

ଭାରତୀୟ ହକି ଦଳର ସଦସ୍ୟଭାବେ ଓଡ଼ିଶାର ଅମିତ ରୋହିଦାସ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅର୍ଥାତ୍ ଚଳିତ ଏସିଆନ ଗେମ୍ସରେ ଦ୍ୱିତୀୟ ଓଡ଼ିଆ ଭାବେ ସେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋରେ ☞ପୃଷ୍ଠା–୨



ଏସିଆନ୍ ଗେମ୍ସରେ ଜାପାନକୁ ୫–୧ ଗୋଲରେ ହରାଇବା ପରେ ପୁରୁଷ ହକି ଭାରତୀୟ ଖେଳାଳିମାନେ ସେଲ୍‌ଫି ନେଉଛନ୍ତି।

## ପ୍ରତ୍ୟେକ ହକି ଖେଳାଳିଙ୍କୁ ମିଳିବ ୫ ଲକ୍ଷ

**ଭୁବନେଶ୍ୱର,୬।୧୦(ଅନିଲ ଦାସ)**

### ଭାରତୀୟ ହକି ଟିମ୍ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଚାଇନାରେ ଅନୁଷ୍ଠିତ ୧୯ତମ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ ଖେଳାଳି ଏବଂ ଦଳର ଅନ୍ୟ ସହଯୋଗୀଙ୍କ ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି। ପଦକ ଗ୍ରହଣ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ଭିଡିଓ କଲ୍ ମାଧ୍ୟମରେ ଟିମ୍‌ର ଖେଳାଳିମାନଙ୍କ ସହିତ କଥା ହୋଇ ଏହି ବିଜୟ ପାଇଁ ବ୍ୟକ୍ତିଗତ ଭାବେ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତୀୟ ହକି ଦଳକୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ☞ପୃଷ୍ଠା–୨

# ଲୋକ ସଭା ନିର୍ବାଚନ ଲଢ଼ିବି

## ଇଣ୍ଡିଆ ମେଣ୍ଟ ପ୍ରକୃତ ଚ୍ୟାଲେଞ୍ଜ: ଧର୍ମେନ୍ଦ୍ର



ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରୁ ଲୋକ ସଭା ନିର୍ବାଚନ ଲଢ଼ିବି। ଏଥିଲାଗି ଅନୁମତି ଦେବା ପାଇଁ ଦଳ ପାଖରେ ଅନୁରୋଧ କରିଥିବା ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେବା ଅବସରରେ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଆଗାମୀ ନିର୍ବାଚନ ଲାଗି ବିରୋଧୀ 'ଇଣ୍ଡିଆ' ମେଣ୍ଟ ପ୍ରକୃତ ଚ୍ୟାଲେଞ୍ଜ। ହେଲେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦେଶ ପାଇଁ ଯେପରି ତୃତୀୟ ଥର ଲାଗି ସେବା କରିବେ ତାକୁ ସୁନିଶ୍ଚିତ କରିବା ହେଉଛି ଭାଜପାର ମୁଖ୍ୟ ଏଜେଣ୍ଡା। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ପିଏମ୍‌ଓରେ ଖାରେ

# ନର୍ଗିସ୍‌ଙ୍କୁ ନୋବେଲ ଶାନ୍ତି

**ଓସଲୋ,୬।୧୦**



ନର୍ଗିସ୍ ମହମ୍ମଦି

ମହିଳାମାନଙ୍କ ଅଧିକାର, ଗଣତନ୍ତ୍ର ପାଇଁ ଅଭିଯାନ ଚଳାଇବା ସହ ବହୁବର୍ଷ ଧରି ଇରାନରେ ମୃତ୍ୟୁଦଣ୍ଡ ବିରୋଧରେ ଲଢ଼େଇ କରୁଥିବା ଅଧିକାର କର୍ମୀ ନର୍ଗିସ୍ ମହମ୍ମଦି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଶାନ୍ତି ପାଇଁ ନୋବେଲ ପାଇବାରେ ସେ ୧୯ତମ ମହିଳା। ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଲଢ଼େଇ କରି ତାଙ୍କୁ ଅନେକଥର ଜେଲ ଯିବାକୁ ପଡ଼ିଛି। ମହିଳା ଅଧିକାର, ମାନବାଧିକାର ଏବଂ ସମସ୍ତଙ୍କ ପାଇଁ ସ୍ୱାଧୀନତା ନିମନ୍ତେ ସଂଘର୍ଷ କରିଆସୁଥିବା ନର୍ଗିସ୍‌ଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ନରୱେର ନୋବେଲ କମିଟି ନିଷ୍ପତ୍ତି ନେଇଛି। ଡିସେମ୍ବର ୧୦ରେ ତାଙ୍କୁ ପରସ୍କାର ବାବଦରେ ୧୧ ନିୟୁତ ସୁଇଡିସ୍ କ୍ରାଉନ୍ (ପାଖାପାଖି ୧ ନିୟୁତ ଡଲାର) ମିଳିବ। ନର୍ଗିସ ଏକାଧାରରେ ଜଣେ ମାନବାଧିକାର ପ୍ରବକ୍ତା ଏବଂ ସ୍ୱାଧୀନତା ସଂଗ୍ରାମୀ। ଇରାନରେ ☞ପୃଷ୍ଠା–୨

# ଭଉଣୀଙ୍କୁ ଗୁଳିକରି ହତ୍ୟା

**କେନ୍ଦୁଝର,୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ହରିଚନ୍ଦନପୁର ବ୍ଲକ୍ ସୋମଗିରି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ପାଇଁ ଟଙ୍କା ନ ଦେବାରୁ ଜଣେ ଭାଇ ତାଙ୍କ ଭଉଣୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ମୃତା ହେଲେ ମାଳତୀ ବାରିକ (୩୨)। ଘଟଣା ପରେ ଅଭିଯୁକ୍ତ ଭାଇ ପ୍ରସନ୍ନ ବାରିକ(୩୫) ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇ ତଦନ୍ତ ଚାଲିଥିବା କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗଡୁ କହିଛନ୍ତି। ସୂଚନା ଅନୁଯାୟୀ, ପ୍ରସନ୍ନ ଏକ କମ୍ପାନୀରେ ଗନ୍‌ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ଘରେ ସ୍ତ୍ରୀ ଓ ଅବିବାହିତ ଭଉଣୀ ମାଳତୀ ରହୁନ୍ତି। ମା'ବାପାଙ୍କ ମୃତ୍ୟୁ ପରେ ସେ ☞ପୃଷ୍ଠା–୨






**ଆଜିର ମନ୍ତବ୍ୟ**

ମାଓବାଦ ମାନବ ଜାତି ପାଇଁ ଏକ ଅଭିଶାପ। ସମସ୍ତ ପ୍ରକାର ଉଗ୍ରବାଦର ମୂଳୋତ୍ପାଟନ ପାଇଁ ଆମେ ସଂକଳ୍ପବଦ୍ଧ। ଆଗାମୀ ୨ ବର୍ଷରେ ଦେଶରୁ ମାଓବାଦର ସମ୍ପୂର୍ଣ୍ଣ ବିଲୋପ ହେବ। **-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକି ଟିକି ଟିକି**
**ଆଖିଠାରି ଦେଲେ ପାଣିକି ଯିବି**
**ଉଆଁଶାଳ ତଳେ ଥିବି**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡିଯାଏ ଅନେକ ଦୂର, ଠିକ୍ ସେମିତି ସୁଗନ୍ଧିତ ଫୁଲରୁ ମହୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ଇସାରାରେ ମଧ୍ୟ ପ୍ରେମ ନଈ ସୁଅ ଉଚ୍ଛୁଳି ଉଠେ। ଠରାଠରି ପ୍ରେମ ବା ଲୁଚାଛପା ପ୍ରେମ କରୁଥିବା ପ୍ରେମୀଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠେଙ୍ଗାର ଭାଇ ମୁଷଳ**
**ବାଜି ବାଟେ କୁଶଳ।**

ବେଳେବେଳେ କୌଣସି କାମ ହାସଲ କରିବା ପାଇଁ ଠାପୁଆ ବ୍ୟକ୍ତିଙ୍କୁ ଆକଟ ବା ନାଲି ଆଖି ଦେଖାଇବାକୁ ପଡିଥାଏ। ତେବେ ଠେଙ୍ଗା ଓ ମୁଷଳ ଭୟରେ ସବୁ କାମ ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ରେପୋ ରେଟ୍ ୬.୫%ରେ ଅପରିବର୍ତ୍ତିତ

ମୁମ୍ବାଇ,୬।୧୦(ପି.ଟି.)

ଦେଶରେ ମୁଦ୍ରାସ୍ଫୀତି ଏବଂ ଋଣ ବାବଦ ମାସିକ କିସ୍ତି (ଇଏମ୍ଆଇ) ଉପରେ ସିଧା ପ୍ରଭାବ ପକାଉଥିବା ରେପୋ ରେଟ୍‌କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲଗାତର ୪ର୍ଥ ଥର ପାଇଁ ୬.୫%ରେ ଅପରିବର୍ତ୍ତିତ ରଖିଛି। ଏନେଇ ଶୁକ୍ରବାର ଆର୍‌ବିଆଇର ଦ୍ୱିମାସିକ ମୁଦ୍ରା ନୀତି ସମିତି (ଏମ୍‌ପିସି) ବୈଠକରେ ସର୍ବସମ୍ମତି ଭାବେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେବ ବୋଲି କୁହାଯାଉଛି। ରେପୋ ରେଟ୍ ବୃଦ୍ଧି ହେଲେ ଋଣ ଇଏମ୍ଆଇ ପରିମାଣ କିମ୍ବା ଅବଧି ବଢ଼ିଥାଏ। ଏହା ଅପରିବର୍ତ୍ତିତ ରହିଥିବାରୁ ଋଣଗ୍ରହୀତାମାନଙ୍କୁ ଆଶ୍ୱସ୍ତି ମିଳିଛି। କିନ୍ତୁ ଶସ୍ତା ଇଏମ୍ଆଇ ପାଇଁ ଋଣଗ୍ରହୀତାମାନଙ୍କୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସୂଚନାଥାଉ କି, ଖାଉଟି ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି (ସିପିଆଇ) ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ବିଆଇ ୨୦୨୨ ମେ ମାସଠାରୁ ରେପୋ ରେଟ୍ ଲଗାତର ୬ଥରରେ ମୋଟ ୨୫୦ ବେସିସ୍ ପଏଣ୍ଟ ବୃଦ୍ଧି ଘଟାଇଥିଲା। ଏଥିଯୋଗୁ ବ୍ୟାଙ୍କଗୁଡ଼ିକ ଋଣ ସୁଧହାର ୪% ଯାଏ ବଢ଼ାଇଥିଲେ, ଯାହାକି ଋଣ ଗ୍ରହୀତାମାନଙ୍କୁ ବଡ଼ଧରଣର ଆର୍ଥିକ ବୋଝ ସହିବାକୁ ପଡୁଛି।

### କ'ଣ କହିଲେ ଆର୍‌ବିଆଇ ଗଭର୍ନର

- ଶସ୍ତା ଇଏମ୍ଆଇ ପାଇଁ କରିବାକୁ ପଡ଼ିବ ଅପେକ୍ଷା
- ୨୦୨୩-୨୪ର ଅଭିବୃଦ୍ଧି ଆକଳନ ୬.୫% ରହିବ
- ବୃଦ୍ଧିପାଉଥିବା ପର୍ସନାଲ ଲୋନ୍ ଉପରେ ବ୍ୟାଙ୍କଗୁଡ଼ିକ ନଜର ରଖନ୍ତୁ

ଆର୍‌ବିଆଇ ଗର୍ଭନର ଦାସ କହିଛନ୍ତି, ଏମ୍‌ପିସି ମୁଦ୍ରାସ୍ଫୀତି ଉପରେ ନଜର ରଖିବ ଏବଂ ଏହାକୁ ଧାର୍ଯ୍ୟ ସହନଶୀଳ ସ୍ତର (୨%ରୁ ୬%) ମଧ୍ୟରେ ସୀମିତ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ଉଲ୍ଲେଖଥାଉ କି ମୁଦ୍ରାସ୍ଫୀତିକୁ ୪ ପ୍ରତିଶତରେ ରଖିବା ପାଇଁ ଆର୍‌ବିଆଇକୁ ସରକାର ଦାୟିତ୍ୱ ଦେଇଛନ୍ତି, ଯେଉଁଥିରେ ୨% ହ୍ରାସ କିମ୍ବା ବୃଦ୍ଧି ଘଟିପାରେ। ଅର୍ଥାତ୍ ମୁଦ୍ରାସ୍ଫୀତିର ସହନଶୀଳ ସ୍ତର ୨%ରୁ ୬% ମଧ୍ୟରେ ଧାର୍ଯ୍ୟ ହୋଇଛି। କିନ୍ତୁ ଗତ ଅଗଷ୍ଟରେ ମୁଦ୍ରାସ୍ଫୀତି ୬.୮୩% ରହିଥିଲା। ସେପ୍ଟେମ୍ବରର ମୁଦ୍ରାସ୍ଫୀତି ହାର ଆସନ୍ତା ସପ୍ତାହରେ ଜଣାପଡ଼ିବ। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଅଭିବୃଦ୍ଧି (ଜିଡିପି) ଆକଳନ ୬.୫ ପ୍ରତିଶତରେ ରଖାଯାଇଥିବା ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି। ଆର୍ଥିକ ସ୍ଥିରତା ବଜାୟ ରଖିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କର ଧ୍ୟାନ ରହିଛି। ବ୍ୟାଙ୍କ ଏବଂ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ଆଭ୍ୟନ୍ତରୀଣ ମନିଟରିଂ ସିଷ୍ଟମ୍‌କୁ ମଜଭୁତ କରିବା ଉଚିତ। ବର୍ତ୍ତମାନ ପର୍ସନାଲ ଲୋନ୍ (ବ୍ୟକ୍ତିଗତ ଋଣ)ର ବୃଦ୍ଧି ପାଉଥିବାବେଳେ ଏହାଉପରେ ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଗୁଡ଼ିକ ନଜର ରଖିବା ଆବଶ୍ୟକ ବୋଲି ଦାସ କହିଛନ୍ତି। ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ଯଥା କ୍ରେଡିଟ୍ କାର୍ଡ ସମେତ ବ୍ୟକ୍ତିଗତ, କ୍ଷୁଦ୍ର ବ୍ୟବସାୟିକ, ମାଇକ୍ରୋ ଫାଇନାନ୍ସ ଋଣକୁ ଆର୍‌ବିଆଇ ଗତ ଏପ୍ରିଲ ଚିନ୍ତା ପ୍ରକଟ କରିଥିଲା। ଏନେଇ ସତର୍କ ରହିବାକୁ ଋଣଦାତା ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଗୁଡ଼ିକୁ କେନ୍ଦ୍ରୀୟ ବ୍ୟାଙ୍କ ଚେତାବନୀ ଦେଇଥିଲା। ଏବେ ପୁଣି ପର୍ସନାଲ ଋଣ ପ୍ରଦାନ ଉପରେ ନଜର ରଖିବାକୁ କହିଛି। ସେହିପରି ଡାଲି ଫସଲ ହ୍ରାସ ଯୋଗୁ ଦରବୃଦ୍ଧି ଆଶଙ୍କା ରହିଛି। ଯୋଗାଣରେ ଚାପ ପଡ଼ିବା ଯୋଗୁ ଜୁଲାଇରୁ ଅଗଷ୍ଟ ପର୍ଯ୍ୟନ୍ତ ଦରବୃଦ୍ଧି ଘଟିଛି। ଆଗାମୀ ଦିନରେ ଦର ହ୍ରାସ ପାଇବା ଆଶା କରାଯାଉଛି ବୋଲି ଦାସ କହିବା ସହ ସେପ୍ଟେମ୍ବର ୨୯ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୫୮,୬୯୦ କୋଟି ଡଲାର ଥିବା ସେ ସୂଚନା ଦେଇଛନ୍ତି।

# ୧୧ରେ ଅବସରପ୍ରାପ୍ତ କର୍ମଚାରୀଙ୍କ ମହାସମାବେଶ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମହାସମାବେଶ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସବୁ ଜିଲାରେ ଥିବା ଶତାଧିକ ଶାଖା ସଂଘର ରାଜ୍ୟ ପେନ୍‌ସନରମାନେ ସାମିଲ ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଏନେଇ ମହାସଂଘ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୮୦ବର୍ଷ ବୟସ ବଦଳରେ ୬୫ ବର୍ଷରୁ ଅତିରିକ୍ତ ପେନ୍‌ସନ ଲାଗୁ କରିବା, ମୋ ବସ୍ ଭଳି ଅନ୍ୟ ବସ୍‌ଗୁଡ଼ିକରେ ବରିଷ୍ଠ ନାଗରିକଙ୍କ ପାଇଁ ରିହାତି, ରେଳଯାତ୍ରାରେ ରିହାତି ପ୍ରଦାନ ଲାଗି ଦାବି ହୋଇଛି। ଏଥିସହ ନୂଆ ପେନ୍‌ସନ ଯୋଜନା ବାତିଲ କରି ପୁରୁଣା ପେନସନ ଯୋଜନା ଲାଗୁ କରିବା ଆଦି ୯ ଦଫା ଦାବି ସମ୍ପର୍କରେ ସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ, ଉପାଧ୍ୟକ୍ଷ ଦ୍ୱାରିକାନାଥ ମହାନ୍ତି, ଯୁଗ୍ମ ସମ୍ପାଦକ ସୁଦର୍ଶନ ପ୍ରଧାନ, ଓ ମୁଖ୍ୟ ସଂଯୋଜକ ସୁବୋଧ କୁମାର ରାୟ ପ୍ରମୁଖ ଦାବି ଉପସ୍ଥାପନ କରିବା ସହ ଏ ସମ୍ପର୍କରେ କହିଥିଲେ।

# ସ୍ତନ କର୍କଟ ଭଲ କରିବ ନିମ୍ବପତ୍ର

ଭୁବନେଶ୍ୱର, ୬।୧୦(ଅସମାପିକା ସାହୁ)

ନିମ୍ବପତ୍ର ସ୍ତନ କର୍କଟ ବା ବ୍ରେଷ୍ଟ କ୍ୟାନ୍‌ସରକୁ ମୂଳପୋଛ କରିପାରିବ। କ୍ୟାନ୍‌ସର ଷ୍ଟେମ୍ ସେଲ୍‌କୁ ନିମ୍ବପତ୍ରରୁ ପ୍ରସ୍ତୁତ ଔଷଧ ମାରିଦେବ। ନିମ୍ବପତ୍ରରେ ଥିବା ନିମ୍ବୋଲାଇଡ୍‌ର ଏଭଳି ଗୁଣ ଥିବା ନେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ଭୁବନେଶ୍ୱର ଦାବି କରିଛି। ନିକଟରେ ଆଇଏଲ୍ଏସ୍ ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ନିମ୍ବପତ୍ରରେ ଥିବା ଫାଇଟୋକେମିକାଲ୍ ନିମ୍ବୋଲାଇଡ୍ ଉପରେ ଗବେଷଣା କରି ଏଭଳି ତଥ୍ୟ ହାସଲ କରିଛନ୍ତି। ଏ ନେଇ ଆନ୍ତର୍ଜାତିକ ଗବେଷଣା ପତ୍ରିକା ମଲିକୁଲାର ଥେରାପି ନ୍ୟୁକ୍ଲିକ୍ ଏସିଡ୍‌ସରେ ତଥ୍ୟ ଭିତ୍ତିକ ଗବେଷଣା ପ୍ରକାଶିତ ପାଇଛି। ଏପରିକି ସବୁଠୁ ବିପଦପୂର୍ଣ୍ଣ ଟ୍ରିପଲ



ନେଗେଟିଭ ବ୍ରେଷ୍ଟ କ୍ୟାନ୍‌ସରକୁ ନିମ୍ବୋଲାଇଡ୍ ମୂଳ ପୋଛ କରିବାର କ୍ଷମତା ରଖୁଛି, ଯାହା ପ୍ରି-କ୍ଲିନିକାଲ ଟ୍ରାଏଲରେ ମୂଷା ଓ ଜେବ୍ରା ଫିସ୍ ଉପରେ ପ୍ରୟୋଗରୁ ଏହା ପ୍ରମାଣିତ ହୋଇଛି। ଏବେ କ୍ୟାନସରର ଚିକିତ୍ସା ଲାଗି କେମୋଥେରାପି ବ୍ୟବସ୍ଥା ରହିଛି। କେମୋଥେରାପି କ୍ୟାନ୍‌ସର

### ଆଇଏଲ୍ଏସ୍ ବୈଜ୍ଞାନିକ ନୂଆ ଗବେଷଣା

ସେଲ୍ ସହ ଶରୀରର ସାଧାରଣ ସେଲ୍‌କୁ ମଧ୍ୟ ନଷ୍ଟ କରିଥାଏ। କିନ୍ତୁ ଆଇଏଲ୍ଏସ୍ ଭୁବନେଶ୍ୱର ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ନିମ୍ବପତ୍ରରେ ଥିବା ନିମ୍ବୋଲାଇଡ୍ କେବଳ କ୍ୟାନସର ସେଲ୍‌କୁ ହିଁ ନଷ୍ଟ କରୁଛି। ଏମିତିକି ନିମ୍ବୋଲାଇଡ୍ ସ୍ତନ କର୍କଟ ସହ ଶରୀରର ଅନ୍ୟ ଅଂଶରେ ଦେଖାଦେଉଥିବା କ୍ୟାନସର ସେଲକୁ ଭଲ କରିପାରୁଥିବା ଗବେଷଣାରୁ ସ୍ପଷ୍ଟ ହୋଇଛି। ଆଇଏଲ୍ଏସ୍ ଭୁବନେଶ୍ୱର ସ୍ତନ କର୍କଟ ଚିକିତ୍ସା ଲାଗି କେମୋଥେରାପି ସହ ନିମ୍ବୋଲାଇଡ ବ୍ୟବହାର ଉପରେ ଅଧିକ ଗବେଷଣା ଜାରି ରଖିଥିବା ସୂଚନା ଦିଆଯାଇଛି।

# ଓଡ଼ିଶାରେ ଆରମ୍ଭ ହେବ 'ୱାନ୍ ହେଲ୍‌ଥ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୧୦
(ଅସମାପିକା ସାହୁ)

ଓଡ଼ିଶାରେ ୱାନ୍ ହେଲ୍‌ଥ କାର୍ଯ୍ୟକ୍ରମ ଆରମ୍ଭ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ଦ୍ୱାରା ପ୍ରସ୍ତାବିତ ଏହି କାର୍ଯ୍ୟକ୍ରମକୁ ପାଇଲଟ ପ୍ରକଳ୍ପ ଆଧାରରେ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ଜୁନୋଟିକ ଡିଜିଜ୍ ଅର୍ଥାତ୍ ଆନ୍ଥ୍ରାକ୍ସ, ରାବିଜ୍, ସ୍କ୍ରବ୍ ଟାଇଫସ, ନିପା ଭାଇରସ ଭଳି ପଶୁଠାରୁ ମଣିଷ ଶରୀରକୁ ଆସୁଥିବା ରୋଗର ମିଳିତ ମୁକାବିଲା କରାଯିବ। ସ୍ୱାସ୍ଥ୍ୟ ବିଭାଗ ସହିତ ପଶୁ ସମ୍ପଦ, କୃଷି ଓ ବନ୍ୟପ୍ରାଣୀ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଜୁନୋଟିକ ଡିଜିଜ୍ ପାଇଁ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଏବଂ ଜିଲାସ୍ତରୀୟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହେବ। ଏଥିପାଇଁ ଏକ କୋଅର୍ଡିନେଶନ କମିଟି ଗଠନ ହେବ। କେଉଁ ଜିଲାରେ କେଉଁ ଜୁନୋଟିକ ରୋଗ ଅଧିକ ହେଉଛି ତାହାର ମ୍ୟାପିଂ କରାଯିବ। ଏତଦ୍ ବ୍ୟତୀତ ରାଜ୍ୟରେ ଜୁନୋଟିକ ରୋଗ ପରୀକ୍ଷା ଲାଗି ସେଣ୍ଟିନାଲ ଲାବରେଟୋରି ଓ ମେଡିକାଲ କଲେଜ ଲାବରେଟୋରିଗୁଡ଼ିକୁ ଅଧିକ ସଶକ୍ତ କରାଯିବ। ଓଡ଼ିଶା ସମେତ ୪ ରାଜ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ହେବ ରାଜ୍ୟରେ ଦ୍ରୁତଗତିରେ ସ୍କ୍ରବ୍ ଟାଇଫସ୍ ରୋଗ ମାଡ଼ିଚାଲିଛି। ପ୍ରଥମେ କେବଳ ସୁନ୍ଦରଗଡ଼, ବଲାଙ୍ଗୀରରେ ଏହା ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ସମଗ୍ର ଓଡ଼ିଶାକୁ ବ୍ୟାପି ଗଲାଣି। ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ଶିଶୁ ଯୌନ ନିର୍ଯାତନା ଖବର ହଟାଅ

## ସୋସିଆଲ ମିଡିଆକୁ କେନ୍ଦ୍ରର ନୋଟିସ

ନୂଆଦିଲ୍ଲୀ,୬।୧୦

ଏକ୍ସ, ୟୁଟ୍ୟୁବ୍, ଟେଲିଗ୍ରାମ ଆଦି ସୋସିଆଲ ମିଡିଆ ସେମାନଙ୍କ ପ୍ଲାଟ୍‌ଫର୍ମରୁ ଶିଶୁ ଯୌନ ନିର୍ଯ୍ୟାତନା ବିଷୟବସ୍ତୁ ହଟାଇଦେବାକୁ କେନ୍ଦ୍ର ସରକାର ଶୁକ୍ରବାର ନୋଟିସ ଜାରି କରିଛନ୍ତି। ଯଦି ସେମାନେ ନୋଟିସ୍ ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ସୂଚନା ପ୍ରଯୁକ୍ତି ଆଇନର ଧାରା ୭୯ ଅନୁଯାୟୀ ସେମାନଙ୍କୁ ମିଳୁଥିବା ସୁରକ୍ଷା ପ୍ରତ୍ୟାହାର କରିନିଆଯିବ। ଅର୍ଥାତ୍ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିଶୁ ଯୌନ ନିର୍ଯାତନା ସମ୍ପର୍କିତ ବିଷୟଗୁଡ଼ିକୁ ସ୍ଥାୟୀ ଭାବେ ହଟାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ବ୍ୟତୀତ ଭବିଷ୍ୟତରେ ଶିଶୁ ଯୌନ ଖବର ଥିବା ବିଷୟଗୁଡ଼ିକୁ ଅଟକାଇବା ପାଇଁ କଣ୍ଟେଣ୍ଟ ମଡର୍ନାଇଜେଶନ ଆଲ୍‌ଗୋରିଦମ୍ ଏବଂ ରିପୋର୍ଟିଂ ମେକାନିଜମ୍ କାର୍ଯ୍ୟକାରୀ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...



ଭିଡିଓ କଲ୍ ମାଧ୍ୟମରେ ଭାରତୀୟ ହକି ଟିମ୍ ଖେଳାଳିଙ୍କୁ ଅଭିନନ୍ଦନ ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ୍।

### ପ୍ରତ୍ୟେକ ହକି ....

ସେମାନଙ୍କ ଉତ୍ସର୍ଗୀକୃତ ଅବଦାନ ଓ କଠିନ ପରିଶ୍ରମ ପ୍ରମାଣ କରିଛି ଯେ ହକି ହେଉଛି ଦେଶର ପ୍ରକୃତ ଖେଳ। ଏହା ଜାତୀୟବୋଧ ଉତ୍ସାହକୁ ଆହୁରି ବୃଦ୍ଧି କରିଛି। ଆସନ୍ତା ବର୍ଷ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳ ସର୍ବୋତ୍କୃଷ୍ଟ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ହକି ଟିମ୍‌ର ଖେଳାଳିମାନେ ଚାମ୍ପିୟନ ଭାବେ ସମଗ୍ର ଟୁର୍ନାମେଣ୍ଟରେ ପ୍ରଦର୍ଶନ କରିଛନ୍ତି । ଏହି ସମୟରେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ରହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ହକି ଟିମ୍ ୨୦୧୪ରେ ପାକିସ୍ତାନକୁ ହରାଇ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୯ ବର୍ଷ ଅପେକ୍ଷା ପରେ ପୁଣି ଥରେ ଦଳ ସ୍ୱର୍ଣ୍ଣିମ ଇତିହାସ ରଚନା କରିଛି। ୨୦୧୮ରୁ ଓଡ଼ିଶା ଭାରତୀୟ ହକି ଟିମ୍‌ର ପ୍ରାୟୋଜକ ହୋଇଥିବା ବେଳେ ଦୁଇଟି ବିଶ୍ୱକପ୍ ଟୁର୍ନାମେଣ୍ଟ ପାଇଁ ସହାୟତା କରି ଆସିଛି।

## ପ୍ରଥମ ପୃଷ୍ଠାରୁ...

### ସ୍ୱର୍ଣ୍ଣ ସହ ...

କିଶୋର କୁମାର ଜେନା ରୌପ୍ୟ ପଦକ ଅର୍ଜନ କରିଥିଲେ। ଏବେ ହକିରେ ସ୍ୱର୍ଣ୍ଣ ପଦକ ଜିତି ଅମିତ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ନିକଟ ଅତୀତରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଉତ୍ସାହଜନକ ରହିଥିଲେ ମଧ୍ୟ ଭାରତ ଗତଥରର ଚାମ୍ପିୟନ ଜାପାନକୁ ହାଲୁକାଭାବେ ନେଇ ନ ଥିଲା। ତେବେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଭାରତ ଫାଇଦାରେ ରହିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୫ତମ ମିନିଟରେ ମନପ୍ରୀତ ସିଂ ଏକ ଗୋଲ ଦେଇ ଭାରତକୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତର ଆକ୍ରମଣ ଅଧିକ ଶାଣିତ ହୋଇଥିଲା। ୩୨ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇଥିଲେ। ୩୬ତମ ମିନିଟରେ ଓଡ଼ିଶାର ଅମିତ ରୋହିଦାସ ଏକ ଗୋଲ ସ୍କୋର କରି ଏହାକୁ ୩-୦ରେ ପରିଣତ କରିଥିଲେ। ତୃତୀୟ ତଥା ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ୪୮ତମ ମିନିଟରେ ଅଭିଷେକ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ଆଗେଇ ନେଇଥିଲେ। ୫୧ତମ ମିନିଟରେ ପେନାଲ୍ଟି କର୍ନରରୁ ଜାପାନର ସେରେନ ଟନକା ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ମ୍ୟାଚ ଶେଷ ହେବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୫୯ତମ ମିନିଟରେ ହରମନପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରି ନିଜ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍‌ରେ ଚାଇନାକୁ ୨-୧ ଗୋଲରେ ହରାଇ ଦକ୍ଷିଣ କୋରିଆ ବ୍ରୋଞ୍ଜ ପଦକ ହାସଲ କରିଛି।

### ହକି ସଫଳତା ପଛରେ ଓଡ଼ିଶାର ଅବଦାନ

ଭାରତୀୟ ହକି ଦଳର ସଫଳତା ପଛରେ ଓଡ଼ିଶାର ଅବଦାନ ରହିଛି। ଭାରତୀୟ ହକି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ୨୦୧୮ରେ ସହାୟତାର ହାତ ବଢ଼ାଇଥିଲେ ଓଡ଼ିଶା ସରକାର। ଅର୍ଥାତ୍ ଓଡ଼ିଶା ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ସମେତ ଅନେକ କ୍ରୀଡ଼ାକୁ ପ୍ରୋତ୍ସାହିତ କରି ଆସୁଛନ୍ତି। ଫଳରେ ଓଡ଼ିଶା ଏକ କ୍ରୀଡ଼ା ହବ୍‌ରେ ପରିଣତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହୋଇଛି। ରାଉରକେଲାରେ ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ହୋଇଛି। ହକି ବିଶ୍ୱକପ୍ ସମେତ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏଠାରେ ଆୟୋଜନ ହେଉଛି। ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ଜାତୀୟ ହକି ଦଳର ପ୍ରାୟୋଜକ ରହିଛି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଯୋଗୁ ଭାରତୀୟ ପୁରୁଷ ହକି ଦଳ ଯେ ଏବେ ପ୍ରଥମଥର ପାଇଁ ସଫଳତା ପାଇଛି ତା ନୁହେଁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଦଳ ଦୀର୍ଘ ୪୧ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା।

### ଭଉଣୀଙ୍କୁ ...

ଭଉଣୀଙ୍କ ଦେଖାଶୁଣା କରୁଥିଲେ। ସେ ଯାହା ରୋଜଗାର କରୁଥିଲେ, ସ୍ତ୍ରୀ ଓ ଭଉଣୀଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ। କିଛି ଦିନ ହେବ ଘରୋଇ କଳହକୁ ନେଇ ତାଙ୍କ ସ୍ତ୍ରୀ ବାପଘରକୁ ଚାଲିଯାଇଛନ୍ତି। ପ୍ରସନ୍ନଙ୍କ ଦେହ ଖରାପ ଥିବାରୁ ଭଉଣୀ ମାଳତୀ ତାଙ୍କ ସେବା କରୁଥିଲେ। ପ୍ରସନ୍ନ ଘରୋଇ ସମସ୍ୟା ସହିତ ଅସୁସ୍ଥତା କାରଣରୁ ମାନସିକ ଅଶାନ୍ତି ଓ ଦୁଶ୍ଚିନ୍ତାରେ ରହୁଥିଲେ। ଶୁକ୍ରବାର ସକାଳେ ଚିକିତ୍ସା ପାଇଁ ଭଉଣୀଙ୍କୁ ଟଙ୍କା ମାଗିଥିଲେ । ତେବେ ସେ ଟଙ୍କା ନ ଦେବାରୁ ଉତ୍ତ୍ୟକ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଭଉଣୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଏ ଏବଂ ମାଳତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ଧାଇଁ ଆସିଥିଲେ। ଗୁଳିଟି କାନ୍ଧ ତଳେ ବାଜିଥିବା ବେଳେ ରକ୍ତ ଜୁଡ଼ୁବୁଡୁ ଅବସ୍ଥାରେ ମାଳତୀ ତଳେ ପଡ଼ିଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଅର୍ଜୁନ ପରିଡ଼ା ପଡ଼ୋଶୀଙ୍କ ସହାୟତାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟାଳୟସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡା. ଉମାକାନ୍ତ ମୁଣ୍ଡା ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୪୩/୨୩)ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଭିନାଶ ପରିଡ଼ା ସୂଚନା ଦେଇଛନ୍ତି।

### ଲୋକ ସଭା ନିର୍ବାଚନ ...

ଭାଜପା ଏବଂ ଏନ୍‌ଡିଏ କୌଣସି ନିର୍ବାଚନକୁ ଖାମଖିଆଲି ଭାବେ ନେଉ ନ ଥିବାରୁ ତାହା ଇଣ୍ଡିଆ ମେଣ୍ଟ ବାସ୍ତବ ଚ୍ୟାଲେଞ୍ଜ ବୋଲି ଚିନ୍ତା କରୁଛନ୍ତି। ସେ ଲୋକ ସଭା ନିର୍ବାଚନ ଲଢିବା ପାଇଁ ଇଚ୍ଛା ରଖିଥିବା ନେଇ ଦଳୀୟ ସ୍ତରରେ ଜଣାଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ମହିଳା ସଂରକ୍ଷଣ ବିଲ୍ ଆଣି ମହିଳାମାନଙ୍କ ରାଜନୈତିକ ଅଧିକାରକୁ ସୁନିଶ୍ଚିତ କରିଛନ୍ତି। କଂଗ୍ରେସ ମହିଳା ସଂରକ୍ଷଣ ବିଲ୍ ଆଣିବା କ୍ଷେତ୍ରରେ କୌଣସି ପ୍ରକାର ଦୃଢ଼ ଇଚ୍ଛାଶକ୍ତି ଦେଖାଇ ନ ଥିଲା। ଆଜି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଶରେ ଜାତିଗତ ଜନଗଣନା କରିବାକୁ ଯେଉଁ ଦାବି କରିଛନ୍ତି ସେ ଓ ତାଙ୍କ ପାରିବାରିକ ଦଳ ଓବିସି ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀ ଲୋକଙ୍କ ଲାଗି ୭୫ ବର୍ଷ ଭିତରେ କ'ଣ କରିଛନ୍ତି ତା'ର ଉତ୍ତର ରଖନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ନର୍ଗିସ୍‌ଙ୍କୁ ନୋବେଲ...

ମାନବାଧିକାର, ସ୍ୱାଧୀନତା ଏବଂ ଗଣତନ୍ତ୍ର ପାଇଁ ତାଙ୍କର ନିର୍ଭୀକ ଲଢ଼େଇକୁ ସମ୍ମାନ ସ୍ୱରୂପ ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ନୋବେଲ କମିଟି କହିଛି। ବିଶ୍ୱରେ ମହିଳାମାନଙ୍କ ଅଧିକାରର ସର୍ବାଧିକ ଉଲ୍ଲଂଘନ ହେଉଥିବା ଇରାନରେ ନର୍ଗିସ୍ ଅନ୍ୟତମ ପ୍ରମୁଖ ମାନବାଧିକାର କର୍ମୀ। ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ଲାଗି ତାଙ୍କୁ ୧୩ ଥର ଗିରଫ କରାଯିବା ସହ ୫ ଥରରେ ମୋଟ ୩୧ ବର୍ଷ ଜେଲଦଣ୍ଡ ଦିଆଯାଇଛି। ଏଥିସହ ୧୫୪ ଥର ଚାବୁକ୍ ମାଡ଼ କରାଯାଇଛି। ଦେଶ ବିରୋଧୀ ପ୍ରଚାର ଅଭିଯୋଗରେ ଏବେ ସେ ତେହେରାନ୍ ଜେଲ୍‌ରେ ସଜା କାଟୁଛନ୍ତି। ନର୍ଗିସ୍ 'ଡିଫେଣ୍ଡର୍ସ ଅଫ୍ ହ୍ୟୁମାନ ରାଇଟ୍ସ ସେଣ୍ଟର' ନାମକ ଏନ୍‌ଜିଓର ଉପମୁଖ୍ୟ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପ୍ରାପ୍ତି ଘଟିପାରେ। ପରିବାରରେ କଳହ, ଅଶାନ୍ତି ଦେଖାଦେଇପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** — ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ, ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡି ଦେବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କିଛି ମୂଲ୍ୟବାନ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ମିଥୁନ** — ଅର୍ଥ ସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ କରିପାରିବେ। ବୟସ୍କ ବ୍ୟକ୍ତିମାନେ ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଧନ ହାନି ଘଟିବାର ପୂର୍ବସୂଚନା ରହିଛି। ଜମିଜମା କାରବାର କିମ୍ବା କୌଣସି ଚୁକ୍ତିପତ୍ର ସମ୍ପାଦନ କରିବା ପାଇଁ ପ୍ରକୃଷ୍ଟ ଦିନ।

**କର୍କଟ** — ପରିସ୍ଥିତି ପ୍ରତି ସଚେତନ ହୋଇ କାମ କରିବା ଦ୍ୱାରା ଶ୍ରମ ଲାଘବ ହୋଇପାରିବ। ପ୍ରଥମାବସ୍ଥାରେ ଅସୁବିଧା ଭଳି ମନେହେଲେ ମଧ୍ୟ ପରକ୍ଷଣରେ ବହୁତ ସୁବିଧା ଉପଭୋଗ କରିପାରିବେ। ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ସିଂହ** — ଆପଣଙ୍କ ସ୍ପଷ୍ଟବାଦିତା ଓ କାର୍ଯ୍ୟ ହାସଲର କଳା କୌଶଳକୁ ବନ୍ଧୁ ପ୍ରଶଂସା କରିପାରନ୍ତି। ପାରିବାରିକ ବିଷମତା ନେଇ ଚିନ୍ତିତ ଥିଲେ ମଧ୍ୟ ପ୍ରକାଶ କରିପାରିବେ ନାହିଁ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**କନ୍ୟା** — ଅଟକି ରହିଥିବା କାମ ପୂରାଦମରେ କଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ସାରିପାରିବେ ନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାଙ୍ଗଠନିକ କ୍ଷେତ୍ରରେ କିଛି ନୂତନ ଦିଗ୍‌ଦର୍ଶନ ଦେଇ ପ୍ରିୟଭାଜନ ହେବେ। ବ୍ୟବସାୟ, ପରିବହନ, ଜମିଜମା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବଢ଼ିପାରେ।

**ତୁଳା** — ଶାରୀରିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିଲେ ମଧ୍ୟ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କ ସାମ୍ନାରେ କିଛି କଡ଼ା କଥା କହିପାରିବେ ନାହିଁ। ସରକାରୀ କାମରେ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ। ପାନ ମସଲା, ତେଜରାତି ଦୋକାନ, ହୋଟେଲ ବ୍ୟବସାୟରୁ ଆଜି ଭଲ ବେପାର ହେବ।

**ବିଛା** — ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସି ପାରିବ ନାହିଁ। କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ କ'ଣ ହେଲା ଏଣୁତେଣୁ ଗୁଡ଼ାଏ ବେକାର କଥାରେ ମନ ଅଶାନ୍ତ ରହିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆତ୍ମୀୟମାନେ ପରୋକ୍ଷ ଭାବରେ ବିରୁଦ୍ଧାଚରଣ କରିବାର ସମ୍ଭାବନା ରହିଛି।

**ଧନୁ** — ଆଜି ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ। ଘରେ ଅଶାନ୍ତିର ବାତାବରଣ ଏବଂ କର୍ମକ୍ଷେତ୍ରରେ କଳହକୁ ଏଡି ହେବନି। ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମ କରି ଫେରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର** — ବିଳମ୍ବିତ ସମୟରେ ଅଭିଳାଷ ପୂରଣ ହେବ ତଥାପି ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସ୍ଥାନ ପାଇବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡ଼ିଥିବା ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** — ଘର କାମ ଛାଡ଼ି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ ହେବେ। ଅସାବଧାନତାବଶତଃ କାରଣରୁ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ଭଲ କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବନାହିଁ।

**ମୀନ** — ଯୋଜନାନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କଲେ ମଧ୍ୟ କିଛି ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିପାରେ। ପଡ଼ୋଶୀ ଈର୍ଷାପରାୟଣ ହୋଇ ପରୋକ୍ଷଭାବରେ ସମାଲୋଚନା କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା କରିବାକୁ ପଡ଼ିପାରେ। ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହେବେ।

ଆଜି ଆଶ୍ୱିନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ, ଶନିବାର, ଅକ୍ଟୋବର ୭ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୬ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୭ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

**'ସୁପର ଡ୍ରିପନ୍' ପରୀକ୍ଷା କଲା ରୁଷିଆ**
ମସ୍କୋ,୬।୧୦: ମସ୍କୋ ଏହାର ଆଣବିକ ଶକ୍ତିସମ୍ପନ୍ନ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରିଥିବା ଦାବି କରିଛି। ସୁପର ଡ୍ରିପନ କୁହାଯାଉଥିବା ବୁରେଭେଷ୍ଟନିକ୍ ଆଣବିକ ଶକ୍ତିସମ୍ପନ୍ନ କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷା ସଫଳ ହୋଇଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଘୋଷଣା କରିଛନ୍ତି। ୨୦୧୮ରେ କରାଯାଇଥିବା ପରୀକ୍ଷା ବିଫଳ, ହୋଇଥିଲା ଏବଂ ଦୁର୍ଘଟଣା ଘଟି ଅନେକ ଜୀବନ ଯାଇଥିଲା।




# 'ରାଜ୍ୟକୁ ଉତ୍ସର୍ଗୀକୃତ ହେଲିକପ୍ଟର ଦିଆଯାଉ'

## ମାଓବାଦୀ ଦମନ ସମ୍ପର୍କିତ ଜାତୀୟ ବୈଠକରେ ଓଡ଼ିଶାର ଦାବି

ଭୁବନେଶ୍ୱର,୬।୧୦(ସୁନିତ୍ ମିଶ୍ର)



ଓଡ଼ିଶାରେ ମାଓବାଦୀ ସମସ୍ୟାର ମୁକାବିଲା ନିମନ୍ତେ ଭାରତ ସରକାରଙ୍କ ସହାୟତା ପାଇଁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଅର୍ଥମନ୍ତ୍ରୀ କିଛି ସମସ୍ୟା ଉପରେ ଭାରତ ସରକାରଙ୍କ ଧ୍ୟାନ ଆକର୍ଷଣ କରି କହିଛନ୍ତି, ବିଭିନ୍ନ ଯୋଜନାରେ ମୋବାଇଲ ଟାୱାର ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଶୀଘ୍ର କାର୍ଯ୍ୟ ଶେଷ ହେବା ଦରକାର। ସେନାର ଯାତାୟାତ, ଆଗ ପୋଷ୍ଟର ରକ୍ଷଣାବେକ୍ଷଣ ଏବଂ ମାଓବାଦୀଙ୍କ ସହ ସଂଘର୍ଷ ଭଳି ଜରୁରୀ ପରିସ୍ଥିତିର ମୁକାବିଲା ନିମନ୍ତେ ସୁରକ୍ଷା ବାହିନୀ ପାଇଁ ନିରବଚ୍ଛିନ୍ନ ହେଲିକପ୍ଟର ସେବା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ତେଣୁ ରାଜ୍ୟକୁ ଏଥିଲାଗି ଏକ ଉତ୍ସର୍ଗୀକୃତ ହେଲିକପ୍ଟର ପ୍ରଦାନ କରିବାକୁ ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାଓବାଦୀ ଦମନ ସମ୍ପର୍କିତ ଜାତୀୟ ବୈଠକରେ ଆରୁଖ ଦାବି କରିଛନ୍ତି।

ମନ୍ତ୍ରୀ ଆରୁଖ ଆହୁରି କହିଛନ୍ତି, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସକ୍ରିୟ ଓ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ଏବଂ ଆଦିବାସୀ ଅଞ୍ଚଳର ସାମଗ୍ରିକ ବିକାଶ ଆମ ରାଜ୍ୟର ଆଭିମୁଖ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଉପରେ ସର୍ବଦା ଗୁରୁତ୍ୱାରୋପ କରି ଆସିଛନ୍ତି। ମାଓବାଦୀ ସମସ୍ୟାର ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ସଂସ୍ଥା ଓ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ସମନ୍ୱୟ ରକ୍ଷାକରି ନିଷ୍ଠାପର ଭାବେ ପ୍ରୟାସ ଜାରି ରଖିବେ। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଓ ବଳିଷ୍ଠ ନେତୃତ୍ୱରେ ଓଡ଼ିଶା ବାମପନ୍ଥୀ ଉଗ୍ରବାଦର ମୁକାବିଲା କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟ ସରକାରଙ୍କ ଜନକୈନ୍ଦ୍ରିକ ନୀତି ଏବଂ ବିକାଶମୂଳକ ପଦକ୍ଷେପ ଯୋଗୁ ଅଧିକାଂଶ ପ୍ରଭାବିତ ଅଞ୍ଚଳର ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିପାରିଛି। ମାଓବାଦୀଙ୍କ ପ୍ରଭାବ କ୍ଷେତ୍ର ୨୧ଟି ଜିଲାରୁ ୧୦ଟି ଜିଲାକୁ ହ୍ରାସ ପାଇଛି, ହିଂସାର ତୀବ୍ରତା କମିପାରିଛି। ଦଶନ୍ଧି ଦଶନ୍ଧି ଧରି ମାଓବାଦୀଙ୍କ ଗଡ଼ ଥିବା ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳକୁ ସୁରକ୍ଷା ବଳ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ଆଧିପତ୍ୟକୁ ଆଣିପାରିଛି। ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଦ୍ୱାରା ଏହି ଅଞ୍ଚଳ ସାମାଜିକ-ଅର୍ଥନୈତିକ-ରାଜନୈତିକ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛି। ଗୁରୁପ୍ରିୟା ସେତୁ ନିର୍ମାଣ ଏହି ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଓ ଜୀବିକାରେ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିଛି ବୋଲି ସେ କହିଛନ୍ତି। ପାଠପଢ଼ାର ସୁବିଧା ପାଇଁ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ୭ ହଜାରରୁ ଅଧିକ ସ୍ମାର୍ଟଫୋନ ବଣ୍ଟନ କରାଯାଇଛି। ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ଓ ପାରାମେଡିକାଲ ସଂଖ୍ୟାକୁ ସମ୍ପ୍ରସାରିତ କରାଯିବା ସହ ବୋଟ୍ ଆମ୍ବୁଲାନ୍ସ ଏବଂ ଜଳ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏହି ବୈଠକରେ ଅର୍ଥମନ୍ତ୍ରୀ ଆରୁଖ ଯୋଗଦେଇଥିବା ବେଳେ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଯୋଗଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଓଡ଼ିଶାର ମାଓବାଦୀ ଦମନ କାର୍ଯ୍ୟକଳାପ ଉପରେ ସନ୍ତୋଷ ବ୍ୟକ୍ତ କରିବା ସହ ଆସନ୍ତା ବର୍ଷ ସମଗ୍ର ଦେଶରୁ ବାମପନ୍ଥୀ ଉଗ୍ରବାଦର ମୂଳୋତ୍ପାଟନ କରାଯିବ ଏବଂ ରାଜ୍ୟ ସରକାରଙ୍କୁ ଏଥିନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିବା ସୂଚନା ଦିଆଯାଇଛି।

# ଓଡ଼ିଶା ହେବ ପୂର୍ବ ଭାରତର କ୍ୟାନ୍ସର କେୟାର ହବ୍

## ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ ପାଇଁ ୨ ଲିନିଅର ଆକ୍ସିଲେରେଟର, ୩୦ ଶଯ୍ୟା ବିଶିଷ୍ଟ ଡେ'କେୟାର ୟୁନିଟ୍ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୬।୧୦(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ କ୍ୟାନ୍ସର ହସ୍ପିଟାଲରେ ରେଡିଓ ଥେରାପି ପାଇଁ ୨ଟି ଷ୍ଟେଟ୍ ଅଫ୍ ଆର୍ଟ ଲିନିଅର ଆକ୍ସିଲେରେଟର ଶୁକ୍ରବାର ଲୋକାର୍ପିତ କରିଛନ୍ତି। ପୂର୍ବରୁ ହସ୍ପିଟାଲରେ ୨ଟି ଲିନିଅର ଆକ୍ସିଲେରେଟର ଥିବାବେଳେ ଏବେ ଏହା ୪କୁ ବୃଦ୍ଧିପାଇଛି। ଏହାଦ୍ୱାରା ରୋଗୀମାନଙ୍କର ଚିକିତ୍ସା ପାଇଁ ଅପେକ୍ଷା ସମୟ ହ୍ରାସ ପାଇବ। ଉକ୍ତ ୨ଟି ଲିନିଅର ଆକ୍ସିଲେରେଟର ପାଇଁ ରାଜ୍ୟ ସରକାର ୩୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ହସ୍ପିଟାଲର ୩୦ ବେଡ୍ ବିଶିଷ୍ଟ ଡେ'କେୟାର ୟୁନିଟ୍‌କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ହସ୍ପିଟାଲର ଡେ'କେୟାର ବେଡ୍ ସଂଖ୍ୟା ୪୨କୁ ବୃଦ୍ଧିପାଇଛି। ଏ ବାବଦରେ ରାଜ୍ୟ ସରକାର ୬ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ କିଛିବର୍ଷ ହେବ ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ରୂପାନ୍ତରଣ ଦେଖାଦେଇଛି। ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଲୋକମାନଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଏଥିସହିତ ରାଜ୍ୟ ସରକାର କର୍କଟ ସେବା କ୍ଷେତ୍ରରେ ଓଡ଼ିଶାକୁ ପୂର୍ବ ଭାରତର ଏକ ଉତ୍ତମ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ସରକାରୀ ଡାକ୍ତରଖାନାଗୁଡ଼ିକର ଭିତ୍ତିଭୂମି ବିକାଶ କରିବା ସହ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଘରୋଇ ସଂସ୍ଥାକୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି। ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭୁବନେଶ୍ୱରଠାରେ ହୋମି ଭାବା କ୍ୟାନ୍ସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଏବଂ ବାଗ୍‌ଚୀ-ଶଙ୍କର କ୍ୟାନ୍ସର ହସ୍ପିଟାଲ ସ୍ଥାପନ କରାଯାଇଛି। ସେହିପରି ଝାରସୁଗୁଡ଼ାଠାରେ ମଧ୍ୟ ଏକ ନୂତନ କ୍ୟାନ୍ସର ହସ୍ପିଟାଲ ସ୍ଥାପନ ହେବାକୁ ଯାଉଛି। ଆସନ୍ତା କିଛିବର୍ଷ ମଧ୍ୟରେ ରାଜ୍ୟରେ ଆହୁରି ଅନେକ ସ୍ୱାସ୍ଥ୍ୟ ଅନୁଷ୍ଠାନ ସ୍ଥାପନ ହେବ। ରାଜ୍ୟରେ ହେଉଥିବା ରୂପାନ୍ତରଣ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଏକ ବଡ ଉପଲବ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କର୍କଟ ରୋଗ ଚିକିତ୍ସା ବ୍ୟୟବହୁଳ। ଏଥିପାଇଁ ପରିବାର ସଦସ୍ୟମାନଙ୍କର ମାନସିକ ସମର୍ଥନ ଅତ୍ୟନ୍ତ ଜରୁରୀ। ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବା ପାଇଁ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରୋଗ ପ୍ରାଥମିକ ସ୍ତରରେ ଚିହ୍ନଟ ଓ ଚିକିତ୍ସା କରାଗଲେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ। ରୋଗୀ ଏବଂ ସେମାନଙ୍କ ଆତ୍ମୀୟସ୍ୱଜନ ପରିସ୍ଥିତିକୁ ଏକ ଅନୁକୂଳ ମନୋଭାବ ନେଇ କାର୍ଯ୍ୟ କରିବାକୁ ହେବ। ଆତ୍ମବିଶ୍ୱାସ ଦ୍ୱାରା ଏହି ଦୁରାରୋଗ୍ୟ ଉପରେ ସମ୍ପୂର୍ଣ୍ଣ ଭାବେ ବିଜୟ ହୋଇପାରିବ। ରୋଗୀମାନଙ୍କର ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ବ୍ୟୟବହୁଳ ଦୁରାରୋଗ୍ୟ ଚିକିତ୍ସା ମାଗଣାରେ କରାଯାଉଛି। ରାଜ୍ୟ ସରକାର କେମୋଥେରାପି ଏବଂ ଅନ୍ୟାନ୍ୟ ଚିକିତ୍ସା ପାଇଁ ୧୦୧୪ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଏଚ୍‌ପିଜିଆଇସି ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏସ୍‌ଡି ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୬।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)/ଚାନ୍ଦବାଲି
(ଅଶୋକ ପଣ୍ଡା/କିଶାନ ପାତ୍ର)

ଓଡ଼ିଆ ପୁଅ ତଥା ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ଦିଲ୍ଲୀର ନିର୍ଦ୍ଦେଶକ ହୋଇଛନ୍ତି। ଏନେଇ ଗୁରୁବାର ଘୋଷଣା କରାଯାଇଥିବାବେଳେ ଶୁକ୍ରବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଏନ୍‌ଏସ୍‌ଡିର ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ପ୍ରଥମ ଓଡ଼ିଆ ଭାବେ ଚିତ୍ତରଞ୍ଜନଙ୍କୁ ଏହି ଦାୟିତ୍ୱ ମିଳିଛି। ତାଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁରେ। ସେ କେବଳ ଜଣେ ଅଭିନେତା ନୁହନ୍ତି, ସିନେ ନିର୍ଦ୍ଦେଶକ, ଲେଖକ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ମଧ୍ୟ ଓଡ଼ିଆ ଏବଂ ହିନ୍ଦୀ ଫିଲ୍ମରେ କାମ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଧଉଳି ଏକ୍ସପ୍ରେସ୍, ମୁଖ୍ୟମନ୍ତ୍ରୀ, ନେଟ୍‌ଫ୍ଲିକ୍ସରେ ପ୍ରସାରିତ ୱେବ୍‌ସିରିଜ୍ ସାକ୍ରେଡ୍ ଗେମ୍ସ, ହିନ୍ଦୀ ଫିଲ୍ମ ତେରା ମେରା ଟେଢା ମେଢ଼ା, ଇନ୍ଦୁ କି ଯୱାନି, ଛପକ୍, ଏ ମନ୍‌ସୁନ୍ ଡେଟ୍, ସିରିଜ୍ ଝୋଲାଛାପ୍ ଭଳି ଅନେକ ଫିଲ୍ମ, ୱେବ୍‌ସିରିଜ୍‌ରେ ଦମ୍‌ଦାର ଅଭିନୟ କରିଛନ୍ତି। ସେ ଏନ୍‌ଏସ୍‌ଡିର ଜଣେ ପୁରାତନ ଛାତ୍ର। ତେବେ ନିଜେ ପଢୁଥିବା ଏହି ଜାତୀୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱ ମିଳିଥିବାରୁ ଚିତ୍ତରଞ୍ଜନଙ୍କୁ ଓଡ଼ିଆ ସିନେଜଗତ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଚିତ୍ତରଞ୍ଜନ ତ୍ରିପାଠୀ




**ମାହାଙ୍ଗା ଡବଲ ମର୍ଡର ମାମଲା**

# ବିଧାୟକ ପ୍ରତାପ ଜେନାଙ୍କୁ ସମନ

କଟକ,୬।୧୦ (କାର୍ତ୍ତିକ ସାହୁ)

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କୁ ସ୍ପେଶାଲ ମେସେଞ୍ଜର ମାଧ୍ୟମରେ ସାଲେପୁର ଜେଏମ୍‌ଏଫ୍‌ସି ସମନ ଜାରି କରିଛନ୍ତି। ଆସନ୍ତା ୩୧ ତାରିଖରେ ବିଧାୟକ ଜେନା କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ମୃତ କୁଳମଣି ବରାଳଙ୍କ ସାନପୁଅ ରଞ୍ଜିତ କୁମାର ବରାଳ ସ୍ପେଶାଲ ମେସେଞ୍ଜର ମାଧ୍ୟମରେ ମାମଲାର ୧୩ ନମ୍ବର ଅଭିଯୁକ୍ତ ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସମନ ପଠାଇବା ଲାଗି ଅଦାଲତରେ ଗତ ୩୦ ତାରିଖରେ ଆବେଦନ କରିଥିଲେ। ଅଦାଲତ ଏହି ଆବେଦନର ବିଚାର କରି ଏଥିପାଇଁ ୭୫୦ ଟଙ୍କା ଦାଖଲ କରିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି।



ସୂଚନାଯୋଗ୍ୟ, ମାହାଙ୍ଗା ଥାନା ଅଧୀନ ନୁଆଗାଁ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ (୭୫) ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳ (୮୨)ଙ୍କୁ ୨୦୨୧ ଜାନୁୟାରୀ ୨ରେ ହତ୍ୟା କରାଯାଇଥିଲା। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା କୁଳମଣି ଅଭିଯୋଗ ଆଣିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହୋଇଥିଲା। ଏହି ଘଟଣାରେ ବିଧାୟକ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲା (ନଂ.୫/୨୧)ରେ ମନ୍ତ୍ରୀ ଜେନାଙ୍କ ନାମ ଅଭିଯୁକ୍ତଙ୍କ ତାଲିକାର ୧୩ ନମ୍ବର ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ବଡ଼ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସିରେ ଏକ ପ୍ରୋଟେଷ୍ଟ ପିଟିଶନ (ନଂ.୨୧୭/୨୧) ଦାଏର କରିଥିଲେ। ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ୍ ବିଧାୟକ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସିକିମ୍‌ରେ ଫସି ରହିଛନ୍ତି ନୀଳଗିରିର ସତ୍ୟସୁନ୍ଦର

ନୀଳଗିରି,୬।୧୦(ପ୍ରଶାନ୍ତ ବିଶ୍ୱାଳ)

**ଉଦ୍ଧାର ପାଇଁ ଆକୁଳ ନିବେଦନ**


ସିକିମ୍‌ରେ ଫସି ରହିଥିବା ଯୁବକମାନେ।

ସିକିମରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଫସି ରହିଛନ୍ତି ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଯୁବ ଇଞ୍ଜିନିୟର ସତ୍ୟସୁନ୍ଦର ବାରିକ। ତାଙ୍କ ସହ ବିଭିନ୍ନ ରାଜ୍ୟର ଆଉ ୭ଜଣ ଯୁବକ ଷ୍ଟାଫ୍ କ୍ୱାର୍ଟର୍ସରେ ଫସି ରହିଛନ୍ତି। ଚାରିଆଡେ ଖାଲି ପାଣି ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଭୋକ ଉପାସରେ ରହିଥିବା ସତ୍ୟସୁନ୍ଦର ତାଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ସେ ଆକୁଳ ନିବେଦନ କରିଛନ୍ତି।

ନୀଳଗିରି ଏନଏସି ଅଧୀନ ୧୩ନଂ. ୱାର୍ଡ ଗୋପୀନାଥପୁର ଗ୍ରାମର ସତ୍ୟସୁନ୍ଦର ସିକିମ୍ ନାମଥଙ୍ଗ ଇଲାକାର ଝୁଲୁଙ୍ଗେ ବ୍ଲକର ଝୁଲୁଙ୍ଗେର ଏକ ପ୍ଲାଷ୍ଟୋ ଓର୍କ କମ୍ପାନୀରେ କାର୍ଯ୍ୟ କରନ୍ତି। ଉକ୍ତ କମ୍ପାନୀଠାରୁ ମାତ୍ର ୧୫୦ ମିଟର ଦୂରରେ ହୋଇଛି ଏହି ପ୍ରଳୟଙ୍କରୀ ବନ୍ୟା। ସେମାନେ ଷ୍ଟାଫ୍ କ୍ୱାର୍ଟର୍ସରେ ରହିଥିବା ବେଳେ ଜଳବନ୍ଦୀ ଯୋଗୁ ବାହାରକୁ ବାହାରିବା ସମ୍ଭବ ହେଉନାହିଁ। ଖାଦ୍ୟପଦାର୍ଥ ସରିଲାଣି। ଏନେଇ ପରିବାର ଲୋକେ ଚିନ୍ତାରେ ରହିଥିବା ବେଳେ ପୂଜାର୍ଚ୍ଚନା ଆରମ୍ଭ କରିଦେଇଛନ୍ତି। ସତ୍ୟସୁନ୍ଦର ତୁରନ୍ତ ଉଦ୍ଧାର ଲାଗି ରାଜ୍ୟ ସରକାର ଓ ବାଲେଶ୍ୱର ଜିଲାପାଳଙ୍କଠାରେ ଗୁହାରି କରିଛନ୍ତି। ତାଙ୍କ ମାମୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରି ତାଙ୍କ ଭଣଜାଙ୍କ ସମେତ ଅନ୍ୟ ସହଯୋଗୀଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ତେବେ ଏମ୍‌ପି ଷଡ଼ଙ୍ଗୀ ଖୁବ୍ ଶୀଘ୍ର ସେମାନଙ୍କୁ ଉଦ୍ଧାର କରାଯିବାର ପ୍ରତିଶ୍ରୁତି ଦେଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୭ ଅକ୍ଟୋବର, ୨୦୨୩

"ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା



# ପିଏମ୍‌ଓରେ ଖାରେ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଅମିତ୍ ଖାରେଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଛି। ପ୍ରଧାନମନ୍ତ୍ରୀଙ୍କ ପାଳି ଶେଷ ହେବାକୁ ଥିବା ମେ ୨୦୨୪ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଘଟଣାକ୍ରମରେ ଖାରେ ଖୁବ୍ ଶୀଘ୍ର ଏହି ପଦବୀରେ ପହଞ୍ଚିପାରିଥିଲେ। ସେପ୍ଟେମ୍ବର ୨୦୨୧ରେ ଉଚ୍ଚଶିକ୍ଷା ସଚିବ ଭାବରେ ଅବସର ଗ୍ରହଣ କରିବାର ମାତ୍ର ଦୁଇ ସପ୍ତାହ ପରେ ପ୍ରଥମେ ସେ ୨ ବର୍ଷ ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କର ଉଲ୍ଲେଖନୀୟ କ୍ୟାରିୟର ଯୋଗୁ ସରକାରଙ୍କ ସର୍ବୋଚ୍ଚ ସ୍ତର ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିଲା ଓ ଏହି ନିଯୁକ୍ତି ତାହାର ଏକ ଉଦାହରଣ। ଏଥିସହ ଉଚ୍ଚଶିକ୍ଷା ସଚିବ ଭାବରେ କାର୍ଯ୍ୟ କରୁଥିବାବେଳେ ଖାରେ ସୂଚନା ଏବଂ ପ୍ରସାରଣର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ତାଙ୍କୁ ଏକ ବର୍ଷରୁ ଅଧିକ ସମୟ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସହିତ ସମନ୍ୱୟ ରକ୍ଷା କରିବାର ଅପୂର୍ବ ସୁଯୋଗ ପ୍ରଦାନ କରିଥିଲା। ଖାରେଙ୍କ କାର୍ଯ୍ୟକାଳର ବୃଦ୍ଧି ଅନେକ ବିଷୟ ସୂଚିତ କରେ। ଏହା ସରକାରଙ୍କ ମଧ୍ୟରେ ନିରନ୍ତରତା ଏବଂ ସ୍ଥିରତା ପାଇଁ ଏକ ପ୍ରତିବଦ୍ଧତାର ସଙ୍କେତ ଦିଏ, ରାଜ୍ୟ ବ୍ୟବସ୍ଥାର ପରିଚାଳନାରେ ଅଭିଜ୍ଞତା ଏବଂ ଆନୁଷ୍ଠାନିକ ସ୍ମୃତିର ଗୁରୁତ୍ୱ ଉପରେ ଧ୍ୟାନ ଦିଏ। ନିଃସନ୍ଦେହ ଯେ, ଦୁଇଟି ବିଭାଗର ଦାୟିତ୍ୱରେ ଥିବା ସମୟରେ ଖାରେଙ୍କ ପାରଦର୍ଶିତା ଏବଂ ପିଏମ୍‌ଓ ସହିତ ଘନିଷ୍ଠତା ଏବକାର କାର୍ଯ୍ୟକାଳ ବୃଦ୍ଧିକୁ ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

### ପରିବର୍ତ୍ତନ ପାଇଁ ପ୍ରସ୍ତୁତ

ଅନୌପଚାରିକ ଭାବେ ଲୋକଙ୍କ ମଧ୍ୟରେ ଘୂରି ବୁଲୁଥିବା ଖବରକୁ ଯଦି ବିଶ୍ୱାସ କରାଯାଏ ତେବେ ସମ୍ଭବତଃ କୁହାଯାଇପାରେ ଯେ, ବିହାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜବିନ୍ଦର ସିଂ ଭଟ୍ଟି କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ କିମ୍ବା କେନ୍ଦ୍ରୀୟ ପୋଲିସ ସଂଗଠନରେ ଏକ ମହାନିର୍ଦ୍ଦେଶକ (ଡିଜି) ପଦବୀ ହାସଲ କରିବା ପାଇଁ ସତର୍କତାର ସହ ଅନ୍ୱେଷଣ କରୁଛନ୍ତି। ଉଲ୍ଲେଖନୀୟ ଯେ, ଡିସେମ୍ବର ୨୦୨୨ରେ ଭଟ୍ଟି ଡିଜିପି ହେଲାବେଳେ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ତଥା ଦିଲ୍ଲୀର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଭାବେ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକାଳ ମଧ୍ୟରେ ତାଙ୍କର ଏକ ତ୍ରୁଟିଶୂନ୍ୟ ରେକର୍ଡ ରହିଛି। ତେବେ ରାଜ୍ୟରେ ଡିଜିପି ହେବାର ଏକ ବର୍ଷ ମଧ୍ୟରେ କେନ୍ଦ୍ରୀୟ ନିଯୁକ୍ତି ପାଇବାକୁ ତାଙ୍କର ଇଚ୍ଛାକୁ ନେଇ ଯାହା କଳ୍ପନା କରାଯାଉଛି ତାହା ଉପରେ ପ୍ରଶ୍ନ ଉଠିଛି ଓ ଏକ ସମ୍ଭାବନା ବି ବଢ଼ିଛି। ସୂତ୍ରରୁ ପ୍ରକାଶ, ବିହାର କ୍ୟାଡରର କେତେଜଣ ବରିଷ୍ଠ ଅଧିକାରୀ ବିଶ୍ୱାସ କରନ୍ତି ଯେ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପା ହାତ ଛାଡ଼ିବା ପରେ ଭଟ୍ଟି ରାଜ୍ୟର ପରିବର୍ତ୍ତିତ ସ୍ଥିତିକୁ ଠିକ୍ ବାଟରେ ନେବା ଲାଗି ସଂଘର୍ଷ କରୁଥାଇପାରନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ବିହାରରେ ବିଶେଷକରି ଆଶା ଓ ଆହ୍ୱାନରେ ପରିପୂର୍ଣ୍ଣ ଆର୍‌ଜେଡି–ଜେଡିୟୁ ସରକାରରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏକ କଷ୍ଟକର ଦାୟିତ୍ୱ ହୋଇପାରେ। ତେଣୁ ଭଟ୍ଟି କେନ୍ଦ୍ରରେ ଅଧିକ ଶାନ୍ତିପୂର୍ଣ୍ଣ କାର୍ଯ୍ୟ କରିବାକୁ ଉତ୍ସୁକ କି? କୌତୂହଳର ବିଷୟ, ସିଆଇଏସଏଫ୍‌ରେ ଏକ ନୂତନ ଡିଜି ନିଯୁକ୍ତ କରିବାରେ ଅଧିକ ବିଳମ୍ବ ହେବା ହିଁ ଏବକାର କଳ୍ପନାଜଳ୍ପନାର କାରଣ ହୋଇଛି। ବିହାରରୁ କେନ୍ଦ୍ରକୁ ଭଟ୍ଟିଙ୍କ ସମ୍ଭାବ୍ୟ ପରିବର୍ତ୍ତନ ଯଦି ବାସ୍ତବରୂପ ନିଏ ତେବେ ତାହାକୁ ଆଗ୍ରହର ସହ ନିରୀକ୍ଷଣ କରାଯିବ।

### କଡ଼ା ବାର୍ତ୍ତା

ସଚ୍ଚୋଟତା ଅଭାବ ଏବଂ ଅପାରଗତା ଆଧାରରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଇଏଏସ୍ ଅଧିକାରୀ ରିଙ୍କୁ ଡୁଗ୍ଗାଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ନିଷ୍ପତ୍ତି ପ୍ରାୟ ଦୁଇମାସ ପୂର୍ବରୁ ଘୋଷଣା କରାଯାଇଥିଲା। କୌତୂହଳର ବିଷୟ ହେଉଛି, ସରକାର କହିଛନ୍ତି ଯେ ଏହି ପଦକ୍ଷେପ ଡୁଗ୍ଗା ଏବଂ ତାଙ୍କ ସ୍ୱାମୀ ଆଇଏଏସ୍ ଅଧିକାରୀ ସଞ୍ଜୟ ଖୀରୱାରଙ୍କ ବିବାଦୀୟ ଘଟଣା ସହିତ କିଛି ସମ୍ପର୍କ ନାହିଁ। ଗତ ବର୍ଷ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ସେମାନଙ୍କ କୁକୁର ଚଲାବୁଲା କରିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନେଇ ଏହି ଦମ୍ପତିଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା। ଷ୍ଟାଡିୟମରେ ଥିବା ସୁବିଧାସୁଯୋଗର ଅପବ୍ୟବହାର ଅଭିଯୋଗରେ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ସେତେବେଳେ ଦିଲ୍ଲୀ ସରକାରରେ କାର୍ଯ୍ୟ କରୁଥିବା ଏହି ଦମ୍ପତିଙ୍କୁ ବଦଳି କରିଥିଲେ। ଏହି ଅଧ୍ୟାୟ ପରେ ଖୀରୱାରଙ୍କୁ ଲଦାଖକୁ ସ୍ଥାନାନ୍ତର କରାଯିବା ସହ ଡୁଗ୍ଗାଙ୍କୁ ଅରୁଣାଚଳ ପ୍ରଦେଶରେ ପୁନଃନିଯୁକ୍ତ କରାଯାଇଥିଲା। ଅବସର ପାଇଁ ସରକାରୀ ନିର୍ଦ୍ଦେଶ ଏମ୍‌ଏଚ୍‌ଏରୁ ଦିଆଯାଇଥିଲା। କାରଣ ଡୁଗ୍ଗା ୧୯୯୪ ବ୍ୟାଚ୍ ଏଜିଏମୟୁଟି କ୍ୟାଡର ଅଧିକାରୀ ହୋଇଥିବାରୁ ସେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପରିବର୍ତ୍ତେ ଗୃହ ମନ୍ତ୍ରଣାଳୟର ଅଧୀନରେ ରହିଥିଲେ। ଲୋକ ସଭାରେ ପ୍ରକାଶ ପାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ବିଗତ ୩ ବର୍ଷ ମଧ୍ୟରେ ୧୨୨ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଇଛି। ଡୁଗ୍ଗାଙ୍କ ଘଟଣା କର୍ତ୍ତବ୍ୟର ସୀମା ଟପୁଥିବା ବାବୁମାନଙ୍କ ପାଇଁ ଏକ ସତର୍କ ଘଣ୍ଟି। ପଦବୀ ଏବଂ କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବାରେ ଡୁଗ୍ଗାଙ୍କ ଘଟଣା ଏକ କଡ଼ା ବାର୍ତ୍ତା।

Email: dilipcherian@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 1 | 8 | | 6 | |
| | | | 3 | | 4 | | | |
| | | | | | | | 3 | |
| 8 | 3 | | 5 | | | | 4 | |
| 4 | | 2 | | | | | | |
| | | | | | | 9 | 1 | |
| | 2 | | | 3 | | | | |
| | | 7 | | | 5 | | | |
| 3 | 1 | 6 | | | | | 9 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 8 | 6 | 7 | 1 | 5 | 2 | 9 |
| 5 | 1 | 2 | 4 | 9 | 8 | 7 | 3 | 6 |
| 9 | 6 | 7 | 3 | 2 | 5 | 8 | 4 | 1 |
| 1 | 5 | 4 | 8 | 6 | 2 | 9 | 7 | 3 |
| 8 | 9 | 6 | 7 | 4 | 3 | 1 | 5 | 2 |
| 2 | 7 | 3 | 5 | 1 | 9 | 6 | 8 | 4 |
| 7 | 2 | 9 | 1 | 8 | 4 | 3 | 6 | 5 |
| 6 | 4 | 5 | 9 | 3 | 7 | 2 | 1 | 8 |
| 3 | 8 | 1 | 2 | 5 | 6 | 4 | 9 | 7 |

ଗତକାଲିର ଉତ୍ତର

# ସେ ବାସ୍ତବରେ ଥିଲେ ସବୁଜ ବିପ୍ଳବର ଜନକ



**ନରେନ୍ଦ୍ର ମୋଦି**
**ପ୍ରଧାନମନ୍ତ୍ରୀ**

କିଛିଦିନ ତଳେ ଆମେ ପ୍ରଫେସର ଏମ୍. ଏସ୍. ସ୍ୱାମୀନାଥନଙ୍କୁ ହରାଇଛୁ। କୃଷି ବିଜ୍ଞାନରେ ବିପ୍ଳବ ଆଣିଥିବା ଜଣେ ଦୂରଦର୍ଶୀଙ୍କୁ ଆମ ଦେଶ ହରାଇଛି। ଭାରତ ପାଇଁ ତାଙ୍କର ଅବଦାନ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ ଭାରତକୁ ଭଲ ପାଉଥିଲେ। ସେ ଚାହୁଁଥିଲେ, ଆମ ଦେଶ ସମୃଦ୍ଧ ହେଉ, ବିଶେଷକରି ଆମ କୃଷକମାନେ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରନ୍ତୁ। ଶିକ୍ଷାଗତ ଦୃଷ୍ଟିରୁ ସେ ଯେକୌଣସି କ୍ୟାରିୟର ବାଛି ପାରିଥାନ୍ତେ, କିନ୍ତୁ ୧୯୪୩ ମସିହାର ବଙ୍ଗ ଦୁର୍ଭିକ୍ଷ ଦେଖି ସେ ଏତେ ପ୍ରଭାବିତ ହୋଇଥିଲେ ଯେ କୃଷି କ୍ଷେତ୍ରରେ ଅଧ୍ୟୟନ ପାଇଁ ପଣ କରିଥିଲେ।

ଖୁବ୍ କମ୍ ବୟସରେ, ସେ ଡକ୍ଟର ନର୍ମାନ ବୋର୍ଲାଗଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ତାଙ୍କ କାର୍ଯ୍ୟକୁ ଅତି ବିସ୍ତୃତ ଭାବରେ ଅନୁସରଣ କରିଥିଲେ। ୧୯୫୦ ଦଶକରେ ସ୍ୱାମୀନାଥନଙ୍କୁ ଆମେରିକାରେ ଅଧ୍ୟାପକ ପଦବୀ ପାଇଁ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ସେ ଭାରତରେ ଏବଂ ଭାରତ ପାଇଁ କାମ କରିବାକୁ ଚାହୁଁଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ।

ମୁଁ ଚାହୁଁଛି ଯେ, ଆପଣମାନେ ସମସ୍ତେ ସେହି ଆହ୍ୱାନପୂର୍ଣ୍ଣ ପରିସ୍ଥିତି ବିଷୟରେ ଚିନ୍ତା କରନ୍ତୁ, ଯେଉଁଥିରେ ପ୍ରଫେସର ସ୍ୱାମୀନାଥନ ଦୃଢ଼ ଭାବରେ ଠିଆ ହୋଇଥିଲେ ଏବଂ ଆମ ଦେଶକୁ ଆତ୍ମନିର୍ଭରଶୀଳତା ଓ ଆତ୍ମବିଶ୍ୱାସର ମାର୍ଗରେ ଆଗେଇ ନେଇଥିଲେ। ସ୍ୱାଧୀନତା ପରଠାରୁ ପ୍ରଥମ ଦୁଇ ଦଶନ୍ଧି ମଧ୍ୟରେ ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ ଏବଂ ସେଥିମଧ୍ୟରୁ ଗୋଟିଏ ଥିଲା ଖାଦ୍ୟ ଅଭାବ। ୧୯୬୦ ଦଶକର ପ୍ରାରମ୍ଭରେ ଭାରତ ଦୁର୍ଭିକ୍ଷର ଅଶୁଭ ଛାୟା ସହ ସଂଘର୍ଷ କରୁଥିଲା ଏବଂ ସେତେବେଳେ ପ୍ରଫେସର ସ୍ୱାମୀନାଥନଙ୍କ ଅତୁଳନୀୟ ପ୍ରତିବଦ୍ଧତା ଓ ଦୂରଦୃଷ୍ଟି କୃଷି କ୍ଷେତ୍ରରେ ସମୃଦ୍ଧିର ଏକ ନୂଆ ଯୁଗ ଆରମ୍ଭ କରିଥିଲା। କୃଷି ଏବଂ ଗହମ ପ୍ରଜନନ ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଅଗ୍ରଣୀ ଗବେଷଣା କାର୍ଯ୍ୟ କରିଥିଲେ। ଫଳରେ ଦେଶରେ ଗହମ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଲା ଏବଂ ଭାରତ ଖାଦ୍ୟ ଅଭାବୀ ଦେଶରୁ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ ହୋଇଥିଲା। ଏହି ବିରାଟ ଉପଲବ୍ଧି ପାଇଁ ତାଙ୍କୁ ସମ୍ମାନର ସହ 'ଭାରତୀୟ ସବୁଜ ବିପ୍ଳବର ଜନକ' ବୋଲି କୁହାଯାଏ।

ସବୁଜ ବିପ୍ଳବ ଭାରତର 'କ୍ୟାନ୍ ଡୁ ସ୍ପିରିଟ'(କରିପାରିବାର ଇଚ୍ଛାଶକ୍ତି)ର ଏକ ଝଲକ ପ୍ରଦାନ କରିଥିଲା – ଯଦି ଆମ ଆଗରେ ୧୦୦ କୋଟି ଆହ୍ୱାନ ରହିଛି ତା'ହେଲେ ସେହି ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବା ପାଇଁ ନବସୃଜନର ଜ୍ୟୋତି ସହିତ ଆମ ପାଖରେ ୧୦୦ କୋଟି ମସ୍ତିଷ୍କ ମଧ୍ୟ ଅଛି। ସବୁଜ ବିପ୍ଳବ ଆରମ୍ଭ ହେବାର ପାଞ୍ଚ ଦଶନ୍ଧି ପରେ ଭାରତୀୟ କୃଷି ଅଧିକ ଆଧୁନିକ ଓ ପ୍ରଗତିଶୀଳ ହୋଇପାରିଛି। କିନ୍ତୁ ପ୍ରଫେସର ସ୍ୱାମୀନାଥନ ଯେଉଁ ମୂଳଦୁଆ ପ୍ରତିଷ୍ଠା କରିଯାଇଛନ୍ତି, ତାହା କେବେ ବି ଭୁଲିହେବ ନାହିଁ।

ବର୍ଷ ବର୍ଷ ଧରି ସେ ଆଳୁ ଫସଲକୁ ପ୍ରଭାବିତ କରୁଥିବା ପରଜୀବୀଙ୍କ ମୁକାବିଲା ଦିଗରେ ଅଗ୍ରଣୀ ଗବେଷଣା କରିଥିଲେ। ତାଙ୍କର ଗବେଷଣା ମଧ୍ୟ ଆଳୁ ଫସଲକୁ ଥଣ୍ଡା ପାଗ ସହ୍ୟ କରିବାରେ ସକ୍ଷମ କରିଥିଲା। ଆଜି ସାରା ବିଶ୍ୱ ମିଲେଟ ବା ଶ୍ରୀଅନ୍ନକୁ 'ସୁପର ଫୁଡ୍' ବୋଲି କହୁଛି, କିନ୍ତୁ ପ୍ରଫେସର ସ୍ୱାମୀନାଥନ ୧୯୯୦ ମସିହାରୁ ମିଲେଟ ଚାଷ ଓ ଏହାର



ଉପଯୋଗ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।

ପ୍ରଫେସର ସ୍ୱାମୀନାଥନଙ୍କ ସହ ମୁଁ ବ୍ୟକ୍ତିଗତ ଭାବେ ଅନେକ ଥର ମିଶିଛି। ୨୦୦୧ରେ ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆମ ସମ୍ପର୍କ ଆରମ୍ଭ ହୋଇଥିଲା। ସେହି ସମୟରେ ଗୁଜରାଟ ନିଜର କୃଷି ଦକ୍ଷତା ପାଇଁ ସେତେ ପରିଚିତ ନଥିଲା। କ୍ରମାଗତ ମରୁଡ଼ି, ବାତ୍ୟା ଓ ଭୂମିକମ୍ପ ଯୋଗୁ ରାଜ୍ୟର ବିକାଶଧାରା ପ୍ରଭାବିତ ହୋଇଥିଲା। ଆମେ ଆରମ୍ଭ କରିଥିବା ଅନେକ ଯୋଜନା ମଧ୍ୟରୁ ଗୋଟିଏ ଥିଲା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଯାହା ମାଟିକୁ ଭଲ ଭାବରେ ବୁଝିବାରେ ଏବଂ ଯଦି ସମସ୍ୟା ସୃଷ୍ଟି ହୁଏ ତେବେ ତାହାର ସମାଧାନ କରିବାରେ ଆମକୁ ସକ୍ଷମ କରିଥିଲା। ଏହି ଯୋଜନା ପରିପ୍ରେକ୍ଷୀରେ ମୁଁ ପ୍ରଫେସର ସ୍ୱାମୀନାଥନଙ୍କୁ ଭେଟିଥିଲି। ସେ ଏହି ଯୋଜନାକୁ ପ୍ରଶଂସା କରିବା ସହ ଏଥିପାଇଁ ନିଜର ମୂଲ୍ୟବାନ ମତାମତ ମଧ୍ୟ ପ୍ରଦାନ କରିଥିଲେ। ଏହି ଯୋଜନାକୁ ନେଇ ସନ୍ଦେହ ଥିବା ଲୋକଙ୍କୁ ବୁଝାଇବାରେ ତାଙ୍କର ସମର୍ଥନ ଯଥେଷ୍ଟ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଗୁଜରାଟରେ କୃଷିର ସଫଳତା ପାଇଁ କ୍ଷେତ୍ର ପ୍ରସ୍ତୁତ କଲା।

ମୋର ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଏବଂ ଯେତେବେଳେ ମୁଁ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେଇଥିଲି ସେତେବେଳେ ମଧ୍ୟ ଆମର କଥାବାର୍ତ୍ତା ଜାରି ରହିଥିଲା। ମୁଁ ୨୦୧୬ରେ ଅନ୍ତର୍ଜାତୀୟ କୃଷି–ଜୈବବିବିଧତା କଂଗ୍ରେସରେ ତାଙ୍କୁ ଭେଟିଥିଲି ଏବଂ ପରବର୍ଷ ୨୦୧୭ରେ ମୁଁ ତାଙ୍କ ଦ୍ୱାରା ଲିଖିତ ଏକ ଦୁଇ ଭାଗ ବିଶିଷ୍ଟ ପୁସ୍ତକ ଶୃଙ୍ଖଳାକୁ ଉନ୍ମୋଚନ କରିଥିଲି।

'କୁରାଲ'ରେ କୃଷକମାନଙ୍କୁ ଏକ କେନ୍ଦ୍ରବିନ୍ଦୁ ଭାବରେ ବର୍ଣ୍ଣନା କରାଯାଇଛି, ଯାହା ବିଶ୍ୱକୁ ଏକାଠି ରଖିଥାଏ। ଏହାର କାରଣ ହେଉଛି କୃଷକମାନେ ହିଁ ସମସ୍ତଙ୍କୁ ବଞ୍ଚାଇ ରଖିଥାନ୍ତି। ପ୍ରଫେସର ସ୍ୱାମୀନାଥନ ଏହି ନୀତିକୁ ଭଲ ଭାବରେ ବୁଝିଥିଲେ। ଅନେକ ଲୋକ ତାଙ୍କୁ 'କୃଷି ବୈଜ୍ଞାନିକ' ବୋଲି କୁହନ୍ତି। କିନ୍ତୁ ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ତାଙ୍କ ବ୍ୟକ୍ତିତ୍ୱର ପରିସର ଏହାଠାରୁ ଆହୁରି ଅଧିକ ଥିଲା। ପ୍ରକୃତରେ ସେ 'କିଷାନ ବୈଜ୍ଞାନିକ'– ଚାଷୀଙ୍କ ବୈଜ୍ଞାନିକ ଥିଲେ। ତାଙ୍କ ହୃଦୟ ଜଣେ ଚାଷୀଙ୍କ ଭଳି ଥିଲା। ତାଙ୍କ କୃତିର ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷ ମଧ୍ୟରେ ସୀମିତ ନାହିଁ; ଏହା ପରୀକ୍ଷାଗାର ବାହାରେ, ଫାର୍ମ ଏବଂ ଚାଷ ଜମିରେ ପ୍ରଭାବ ବିସ୍ତାର କରିଛି। ତାଙ୍କର କାର୍ଯ୍ୟ ବୈଜ୍ଞାନିକ ଜ୍ଞାନ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିପାରିଛି। ସେ ଦୀର୍ଘସ୍ଥାୟୀ କୃଷି ପାଇଁ ନିରନ୍ତର ସମର୍ଥନ କରୁଥିଲେ ଏବଂ ମାନବ ସମାଜର ଉନ୍ନତି ଓ ପରିବେଶର ସ୍ଥାୟିତ୍ୱ ମଧ୍ୟରେ ସୂକ୍ଷ୍ମ ସନ୍ତୁଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ଆଉ ଗୋଟିଏ ଗୁଣ ବିଷୟରେ ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହୁଁଛି, କ୍ଷୁଦ୍ର ଚାଷୀମାନଙ୍କ ଜୀବନରେ ଉନ୍ନତି ଆଣିବା ଏବଂ ସେମାନେ ମଧ୍ୟ ଯେପରି ନୂଆ ଉଦ୍ଭାବନର ଫଳ ଉପଭୋଗ କରିପାରିବେ ତା'ଉପରେ ପ୍ରଫେସର ସ୍ୱାମୀନାଥନ ବିଶେଷ ଗୁରୁତ୍ୱ ଦେଉଥିଲେ। ମହିଳା ଚାଷୀଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସେ ବିଶେଷ ଭାବରେ ଆଗ୍ରହୀ ଥିଲେ।

ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନଙ୍କ ବ୍ୟକ୍ତିତ୍ୱର ଆଉ ଏକ ଦିଗ ଅଛି ଯାହା ଉଲ୍ଲେଖନୀୟ – ସେ ନୂତନ ଉଦ୍ଭାବନ ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଜଣେ ଆଦର୍ଶ ଭାବରେ ଠିଆ ହୋଇଛନ୍ତି। ୧୯୮୭ ମସିହାରେ ସେ ବିଶ୍ୱ ଖାଦ୍ୟ ପୁରସ୍କାର ପାଇଥିଲେ ଏବଂ ସେ ଥିଲେ ଏହି ସମ୍ମାନଜନକ ପୁରସ୍କାରର ପ୍ରଥମ ବିଜେତା। ପ୍ରଫେସର ସ୍ୱାମୀନାଥନ ଏହି ପୁରସ୍କାର ରାଶିକୁ ଏକ ଅଣଲାଭକାରୀ ଗବେଷଣା ଫାଉଣ୍ଡେସନ ପ୍ରତିଷ୍ଠା କରିବାରେ ବ୍ୟବହାର କରିଥିଲେ। ଆଜି ପର୍ଯ୍ୟନ୍ତ ଏହା ବିଭିନ୍ନ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରୁଛି। ସେ ଅଗଣିତ ବ୍ୟକ୍ତିଙ୍କୁ ଅନୁପ୍ରାଣିତ କରିଛନ୍ତି ଏବଂ ସେମାନଙ୍କ ଭିତରେ ଅଧ୍ୟୟନ ଏବଂ ଉଦ୍ଭାବନ ପ୍ରତି ଆଗ୍ରହ ସୃଷ୍ଟି କରିଛନ୍ତି। ଦ୍ରୁତ ଗତିରେ ପରିବର୍ତ୍ତିତ ଦୁନିଆରେ ତାଙ୍କ ଜୀବନ ଆମକୁ ଜ୍ଞାନ, ମାର୍ଗଦର୍ଶନ ଏବଂ ଉଦ୍ଭାବନରେ ରହିଥିବା ଦୃଢ଼ ସାମର୍ଥ୍ୟ ବିଷୟରେ ସ୍ମରଣ କରାଇ ଦେଇଥାଏ। ସେ ଜଣେ ଅନୁଷ୍ଠାନ ନିର୍ମାତା ମଧ୍ୟ ଥିଲେ। ସେ ଏମିତି ଅନେକ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ଯେଉଁଠି ବ୍ୟାପକ ଗବେଷଣା କରାଯାଉଛି। ମାନିଲାସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ପ୍ରୟାସ ଯୋଗୁ ୨୦୧୮ରେ ବାରାଣସୀରେ ଦକ୍ଷିଣ ଏସିଆ ଆଞ୍ଚଳିକ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଖୋଲାଯାଇଥିଲା।

ଡକ୍ଟର ସ୍ୱାମୀନାଥନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମୁଁ ପୁଣି ଥରେ 'କୁରାଲ'ର ଉଦାହରଣ ଦେବି। ସେଥିରେ ଲେଖାଯାଇଛି, "କୌଣସି ଯୋଜନା ପ୍ରସ୍ତୁତ କରୁଥିବା ବ୍ୟକ୍ତିର ମନୋବଳ ଦୃଢ଼ ଥିଲେ, ସେ ଯାହା ପାଇବାକୁ ଚାହୁଁଛନ୍ତି ଏବଂ ଯେପରି ଉପାୟରେ ପାଇବାକୁ ଚାହୁଁଛନ୍ତି ତାହା ସେ ନିଶ୍ଚିତ ଭାବେ ପାଇବେ।" ଡକ୍ଟର ସ୍ୱାମୀନାଥନ ଏପରି ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ଯିଏକି ନିଜ ଜୀବନର ଆଦ୍ୟଭାଗରେ କୃଷିକୁ ସୁଦୃଢ଼ କରିବାକୁ ଏବଂ କୃଷକଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏହାକୁ ଅତ୍ୟନ୍ତ ଅଭିନବ ଢଙ୍ଗରେ ଏବଂ ଉତ୍ସାହର ସହ କରିଥିଲେ। ଡ. ସ୍ୱାମୀନାଥନଙ୍କ ଅବଦାନ ଆମକୁ କୃଷି ଉଦ୍ଭାବନ ଏବଂ ଦୀର୍ଘସ୍ଥାୟିତ୍ୱ ପଥରେ ଆଗକୁ ବଢ଼ିବା ସମୟରେ ଅନୁପ୍ରାଣିତ କରିବା ସହ ମାର୍ଗଦର୍ଶନ ଦେବା ଜାରି ରଖିଛି। ଚାଷୀଙ୍କ ହିତ ପାଇଁ କାମ କରିବା, ବୈଜ୍ଞାନିକ ଉଦ୍ଭାବନର ପରିଣାମକୁ ଆମର ବିସ୍ତାରିତ କୃଷି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଅଭିବୃଦ୍ଧି, ଦୀର୍ଘସ୍ଥାୟିତ୍ୱ ଓ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା ଲାଗି ତାଙ୍କର ପ୍ରିୟ ସିଦ୍ଧାନ୍ତ ପ୍ରତି ଆମେ ଆମର ପ୍ରତିବଦ୍ଧତାକୁ ଦୋହରାଇବା ଉଚିତ।

# ଜୀବନ ଓ ଶାକାହାର



**ଡା. ଉମେଶ ଚନ୍ଦ୍ର ପାତ୍ର**

ନୀରୋଗ ଶରୀର ମାଧ୍ୟମରେ ସୁଖଶାନ୍ତିଭରା ଜୀବନଯାପନ ପାଇଁ ଖାଦ୍ୟର ଉପାଦେୟତା ବିଷୟରେ ଭାରତୀୟ ପୁରାଣ ଶାସ୍ତ୍ରରେ ମାର୍ଗଦର୍ଶନର ତଥ୍ୟ ରହିଛି। ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ। କେତେବେଳେ କାହାର ଜୀବନ ପ୍ରଦୀପ ନିର୍ବାପିତ ହୋଇଯିବ ତାହା କହିହେବ ନାହିଁ। ସେଥିପାଇଁ ମନୁଷ୍ୟ ଜୀବନକୁ ପାଣିଫୋଟକା ସହ ତୁଳନା କରାଯାଇଛି। ତଥାପି ଯେତେଦିନ ଏ ସଂସାରରେ ବଞ୍ଚିଥିବା ଏ ଶରୀରକୁ ସୁସ୍ଥ ରଖିବା ପାଇଁ ଯତ୍ନବାନ୍ ହେବା। କାରଣ ଏ ସଂସାର ସାଗରକୁ ସୁରୁଖୁରୁରେ ପାରହେବା ପାଇଁ ଶରୀର ଏକମାତ୍ର ମାଧ୍ୟମ। ଗଭୀର ତରଙ୍ଗାୟିତ ସମୁଦ୍ରକୁ ପାରହେବା ପାଇଁ ଏକ ନିଖୁଣ ପୋତର ଆବଶ୍ୟକତା ଥିଲା ପରି ନାନା ଝଡ଼ଝଞ୍ଜା ମଧ୍ୟଦେଇ ଗତି କରୁଥିବା ଅମୂଲ୍ୟ ମାନବ ଜୀବନକୁ ସୁରୁଖୁରୁରେ ଚଳାଇନେବା ଲାଗି ଏକ ସୁସ୍ଥ ଶରୀର ଆବଶ୍ୟକ। ଜାହାଜରେ ଛିଦ୍ର ଥିଲେ ଗଭୀର ସମୁଦ୍ର ମଧ୍ୟରେ ଜାହାଜଟି ବୁଡ଼ିଗଲା ପରି ରୋଗାକ୍ରାନ୍ତ ଶରୀର ଅସମୟରେ ମୃତ୍ୟୁବରଣ କରେ। ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧିରେ ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହେବା ଯୋଗୁ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ। ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ହେଉ ନ ଥିବାରୁ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି। ସରଳ ଜୀବନଯାତ୍ରାର ପ୍ରଣାଳୀ ଅବଲମ୍ବନ, ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ।

ଶାସ୍ତ୍ରରେ ଉଲ୍ଲେଖ ରହିଛି, ଯେପରି ଖାଦ୍ୟ ସେପରି ମନ। ଖାଦ୍ୟର ପ୍ରକାର ଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ। ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯମର ହ୍ରାସ ବୃଦ୍ଧିକୁ ନିୟନ୍ତ୍ରିତ କରେ। ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ। ଖାଦ୍ୟ ସମ୍ବନ୍ଧରେ ଗାଆଁମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କବାଣୀ ହେଲା 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ



ଖାଇଲେ ଯମର ଭେଟ'। ଶାସ୍ତ୍ରରେ ଖାଦ୍ୟକୁ ସାତ୍ୱିକ, ରାଜସିକ ଓ ତାମସିକ ଏହି ୩ ଭାଗରେ ବିଭକ୍ତ କରାଯାଇଛି। ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ। ସାତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନ କରି ମନକୁ ନିଶ୍ଚଳ ରଖେ। ରାଜସିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟିକରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟିକରେ। ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ।

ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତକରେ। ଶାକାହାର ଖାଦ୍ୟ ସାତ୍ୱିକ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବୋତ୍କୃଷ୍ଟ। ପାଶ୍ଚାତ୍ୟ ଦେଶଗୁଡ଼ିକରେ କଞ୍ଚା ପରିବାପତ୍ର, ଅଧାସିଝା ପରିବା କିମ୍ବା ମସଲା ଦିଆ ନ ଯାଇ ସିଝା ହୋଇଥିବା ପରିବାପତ୍ର ଖାଇଥାଆନ୍ତି। ବେଶି ସିଝିଗଲେ ଖାଦ୍ୟପ୍ରାଣ ନଷ୍ଟ ହୋଇଯାଏ। ଆମ ଦେଶରେ ବ୍ୟଞ୍ଜନର ସ୍ୱାଦ ବଢ଼ାଇବା ପାଇଁ ଓ ଆକର୍ଷଣୀୟ ଦେଖାଯିବା ପାଇଁ ଦିଆଯାଉଥିବା ମସଲାଯୁକ୍ତ ତରକାରିକୁ ସେମାନେ ପସନ୍ଦ କରନ୍ତି ନାହିଁ। କାରଣ ଏହି ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ। ସୀମିତ ପରିମାଣର ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ। ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି : ତା'ହେଲା ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଭୋଗୀ ଓ ତିନିଥର ରୋଗୀ। ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣକରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ। ଅତ୍ୟଧିକ ପରିମାଣରେ ବାରମ୍ବାର ଖାଦ୍ୟ ଖାଇ ଅକାଳମୃତ୍ୟୁ ବରଣକରିବା ଲୋକଙ୍କର ବହୁ ଦୃଷ୍ଟାନ୍ତ ଅଛି। ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ମଝିରେ ମଝିରେ ଉପବାସ ରହିବା ଦରକାର। ଏହାଦ୍ୱାରା ପାକ ଯନ୍ତ୍ର ବିଶ୍ରାମ ପାଏ।

**ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**
**ମୋ– ୯୪୩୭୦୫୧୯୫୭**

## ଏଇ ଭାରତରେ

ଧାନ ଲାଇବ୍ରେରି କଥା କେବେ ଶୁଣିଛନ୍ତି? ହଁ, ଏମିତିକା ଲାଇବ୍ରେରି କରିଛନ୍ତି ଆସାମର ୪୧ ବର୍ଷୀୟ କୃଷକ ମୋହନ ଚନ୍ଦ୍ର ବୋରହା। ସେ ଏହାର ନାମ ରଖିଛନ୍ତି ଅନ୍ନପୂର୍ଣ୍ଣା ଧାନ ଲାଇବ୍ରେରି। ପିତାଙ୍କ ଦେହାନ୍ତ ପରେ ଧାନ ବିହନ ସଂରକ୍ଷଣ ଲାଗି ସେ ଏହି ଲାଇବ୍ରେରି ପ୍ରତିଷ୍ଠା କରିଛନ୍ତି। ଏବେ ସୁଦ୍ଧା ମୋହନ ୫୦୦ରୁ ଅଧିକ କିସମ ଧାନ ବିହନ ଲାଇବ୍ରେରିରେ ସାଇତି ରଖିଛନ୍ତି। ସେ ଦେଶୀ ବିହନ ସଂରକ୍ଷଣ ସହ ସେଗୁଡ଼ିକୁ ମାଗଣାରେ ଚାଷୀମାନଙ୍କୁ ଯୋଗାଇ ଦେଉଛନ୍ତି। ମୋହନ ୧୫ ବର୍ଷ ପୂର୍ବେ ଏହି ଧାନ ଲାଇବ୍ରେରି କରିଥିଲେ। ସେବେଠାରୁ ସେ ଆସାମର ବିଭିନ୍ନ ଫାର୍ମ ଓ ଭିନ୍ନ ଭିନ୍ନ ସ୍ଥାନରୁ କୃଷକମାନଙ୍କଠାରୁ ବିହନ ସଂଗ୍ରହ କରିଛନ୍ତି। ଏଥିମଧ୍ୟରେ ସୁଗନ୍ଧିତ, ବନ୍ୟା ପ୍ରତିରୋଧକ, କଳା ଓ ପାହାଡ଼ି ଧାନ ଆଦି ରହିଛି। ୧୫ ବର୍ଷ ହେଲା ମୋହନ ନିଜ ପକେଟରୁ ଖର୍ଚ୍ଚ କରି ଏହି ଲାଇବ୍ରେରି ପରିଚାଳନା କରୁଛନ୍ତି। ନିଜେ ମଧ୍ୟ ପ୍ରତ୍ୟେକ କିସମ ଚାଷ କରି ଅଧିକ ବିହନ ଉତ୍ପାଦନ କରୁଛନ୍ତି, ଯାହାଦ୍ୱାରା କୃଷକଙ୍କୁ ମାଗଣାରେ ଯୋଗାଇ ଦେବା ସମ୍ଭବ ହୋଇପାରୁଛି।

## ୨୫ ବର୍ଷ ତଳେ ଧରିତ୍ରୀ

**୭ ଅକ୍ଟୋବର ୧୯୯୮**

- ଦକ୍ଷିଣ କଶ୍ମୀରଠାରୁ ୩୯ କିମି ଦୂରବର୍ତ୍ତୀ ଖଲିଲ ରୋଡ଼ଠାରେ କାର୍ ମଧ୍ୟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ୨ ମହିଳା ଓ ୫ ପିଲାଙ୍କ ସମେତ ୧୨ ମୃତ।
- ମ୍ୟାଚ୍ ଫିକ୍ସିଂ ଓ ଲାଞ୍ଚ ଯାଚିବା ଅଭିଯୋଗକୁ ନେଇ ଅଷ୍ଟ୍ରେଲିଆ କ୍ରିକେଟ ଦଳର ଅଧିନାୟକ ମାର୍କ ଟେଲର ଓ ବ୍ୟାଟ୍ସମ୍ୟାନ୍ ମାର୍କ ୱ ପାକ୍ କୋର୍ଟରେ ହାଜର।

## ଚିରନ୍ତନୀ

"କିଏ ପଥ କିଏ ତୋର
ବିପଥ ନାହିଁଟି ଏଥି ଜଣା
ହୁଡି ନାହିଁ ଜୀବନରେ
କହ କିଏ ନୋହେ ବାଟବଣା ?
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗଣମାଧ୍ୟମର ମୂଲ୍ୟବୋଧ ରହୁ

ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁଦାୟିତ୍ୱ ରହିଛି। ଦେଶର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ବହୁ ଘଟଣା, ଦୁର୍ଘଟଣା, ରାଜନୈତିକ ଓ ଚାଞ୍ଚଲ୍ୟକର ଖବର ପ୍ରତିଦିନ ଉପସ୍ଥାପିତ କରିଥାଆନ୍ତି। ଚଳନ୍ତି ଘଟଣା ସମ୍ପର୍କରେ ବହୁ ବିଶିଷ୍ଟ ସାମ୍ବାଦିକ ବିଭିନ୍ନ ରାଜନେତାଙ୍କ ଠାରୁ ମତାମତ ଗ୍ରହଣ କରିଥାନ୍ତି। ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ମହଲରେ ଆଲୋଚନା ହୋଇଥାଏ। ଅନେକ ବିତର୍କରେ ଭାଗନେଇ ନେତାମାନେ ନିଜର ମତାମତ ଉପସ୍ଥାପିତ କରିଥାନ୍ତି। ଏଥିରେ କିଛି ଦର୍ଶକ ଓ ପାଠକ ଅସନ୍ତୁଷ୍ଟ ହେଉଥିବା ବେଳେ କେତେକ ସନ୍ତୁଷ୍ଟତା ପ୍ରକାଶ କରିଥାନ୍ତି। ନିକଟରେ ଏକ ସର୍ବଭାରତୀୟ ଦଳ ଟିଭି କାର୍ଯ୍ୟକ୍ରମରେ ଭାଗ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଆଉ ଉକ୍ତ ଚାନେଲର କୌଣସି କାର୍ଯ୍ୟକ୍ରମରେ ଭାଗ ନ ନେବା ପାଇଁ ନିଷ୍ପତ୍ତି ନେଇଛି। ଗଣତନ୍ତ୍ର ରାଷ୍ଟ୍ରରେ ସବୁଦଳ ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ପାଇଛନ୍ତି। ଦେଶର ପ୍ରକୃତ ଚିତ୍ର ଉପସ୍ଥାପନ କରିବା ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକମାନଙ୍କର ଧର୍ମ। କିନ୍ତୁ କେତେକ ଚ୍ୟାନେଲ ଏକଦର୍ଶୀ ହୋଇ ଖବର ପରିବେଷଣ ସଙ୍ଗେ ସଙ୍ଗେ ଏକ ନିର୍ଦ୍ଦିଷ୍ଟ ଦଳର ହାତବାରିଶି ହେଉଥିବାର ଲକ୍ଷ୍ୟ କରାଯାଉଛି। ସାମ୍ବାଦିକତାର ମୂଲ୍ୟବୋଧ ସୁରକ୍ଷା ପାଇଁ ଦଳମତ ନିର୍ବିଶେଷରେ ସହଯୋଗ କଲେ ଗଣତନ୍ତ୍ର ସଫଳ ହୋଇପାରିବ।

**ନିର୍ମଳ ଚନ୍ଦ୍ର ସାମଲ, ସାମାଜିକ କର୍ମୀ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଇଜର ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଗୋପାଳପୁର,(ନବୀନ ରାଜ ଆଚାରୀ): ଗଞ୍ଜାମ ଜିଲା କନିଷି ତହସିଲ ଲଉଡିଗାଁରେ ଥିବା ଆଇଜର ସ୍ଥାୟୀ କ୍ୟାମ୍ପସ ପରିସର ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ବାଲେଶ୍ୱର ସଦର ଥାନା ଡୁମାଡିହିର ସମୟ ସତ୍ୟ ମକର ମୁର୍ମୁ (୧୮)। ଗୋଳନ୍ଥରା ପୋଲିସ କ୍ୟାମ୍ପସରେ ପହଞ୍ଚି ୭ମ ମହଲାର ୭୨୪ ନଂ ରୁମରୁ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ତାଙ୍କର ମୃତଦେହ ଜବତ କରିଛି। ସେ ଚଳିତ ବର୍ଷ ବିଏସ୍‌ସି-ଏମ୍‌ଏସସି ଇଣ୍ଟିଗ୍ରେଟେଡ୍ କୋର୍ସରେ ନାମ ଲେଖାଇଥିଲେ। ଗତ ୨୦ ଦିନ ହେଲା ଛାତ୍ରାବାସକୁ ଆସିଥିଲେ। ତେବେ କିପରି ତାଙ୍କର ମୃତ୍ୟୁ ହେଲା ସେ ନେଇ ପୋଲିସ ତଦନ୍ତ କରୁଛି।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଗଣତନ୍ତ୍ର ଏବେ ରଣତନ୍ତ୍ର ପାଲଟିଛି






ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶୁକ୍ରବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରଣଜିତ ପ୍ରଧାନ, ସମ୍ମାନିତ ଅତିଥି ଦେବାଶିଷ ମହାନ୍ତି, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ବିଚାରକ ମଞ୍ଜୁଲିକା ନାୟକ ଓ ଆଦିତ୍ୟ ମେହେରଙ୍କ ଗହଣରେ ବିଜେତା ଛାତ୍ରୀଛାତ୍ର(ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଢେଙ୍କାନାଳ,୬।୧୦ (ରତନ ନାୟାର)

ଗଣତନ୍ତ୍ର ଏବେ ରଣତନ୍ତ୍ର, ଜଣତନ୍ତ୍ର ଓ ଭୋଗତନ୍ତ୍ରରେ ପରିଣତ ହେଲାଣି। ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ''ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି'' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଣଜିତ ପ୍ରଧାନ ଏହା କହିଛନ୍ତି। ଗଣମାଧ୍ୟମ ଓ ଯୁବପିଢ଼ି ଚାହିଁଲେ ସମାଜରେ ଦେଖାଦେଇଥିବା ଏହି ନୈତିକ ଅଧୋପତନରେ ସୁଧାର ଆଣିପାରିବେ। ବକ୍ତୃତା ପ୍ରତିଯୋଗିତାର ବିଷୟବସ୍ତୁ ଏକ ତ୍ରିଭୁଜ ଭଳି। ପରସ୍ପର ପରିପୂରକ ରହିଥିବାରୁ ସବୁ ଦିଗରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ କହିଛନ୍ତି, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅବଦାନ ଯୋଗୁ ଆଜି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ବ୍ୟାପକ ହୋଇପାରିଛି। ପଞ୍ଜାବ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନରେ ନାନକ ଭବନକୁ ଏଠାରେ ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ରହିଥିବାରୁ ସେ ଚିରସ୍ମରଣୀୟ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଡ. ଦେବାଶିଷ ମହାନ୍ତି କହିଛନ୍ତି, ଗଣତନ୍ତ୍ରକୁ କେବଳ ଗଣମାଧ୍ୟମ ଓ ଯୁବପିଢ଼ି ହିଁ ବଞ୍ଚାଇପାରିବେ। ଧରିତ୍ରୀ ପକ୍ଷରୁ ହେଉଥିବା ଏହି ଉଦ୍ୟମକୁ ସେ ପ୍ରଶଂସା କରିବା ସହିତ ଶୁଭକାମନା କରିଥିଲେ।

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଧରିତ୍ରୀ ନିଷ୍ପେଷିତ ଓ ପଛୁଆ ଲୋକଙ୍କ ସ୍ୱର ଭାବେ ରହିଆସିଛି। ଏପରିକି ଯେତେବେଳେ ନ୍ୟାୟପାଳିକାର ଦୋଷ ଦୁର୍ବଳତା ବିଷୟରେ କେହି କିଛି କହିବାକୁ ସାହସ କରୁ ନ ଥିଲେ, ସେତେବେଳେ ଧରିତ୍ରୀ ଏହାର ବିଫଳତାକୁ ଦର୍ଶାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏବେ ବ୍ୟବସ୍ଥା ଗଣମାଧ୍ୟମକୁ ମଧ୍ୟ ଛାଡୁନାହିଁ। ପ୍ରଶ୍ନ ପଚାରିବାର ଅଧିକାର ହେଉଛି ମଣିଷର ଜନ୍ମଗତ ଅଧିକାର। ତାହାକୁ ପୂରଣ କରେ ଗଣମାଧ୍ୟମ ଏବଂ ସୁଯୋଗ ସୃଷ୍ଟି କରେ ଗଣତନ୍ତ୍ର। ଏହାକୁ ବୁଝିବା ହେଉଛି ଯୁବପିଢ଼ିଙ୍କ କାମ। ଧରିତ୍ରୀର ୫୦ ବର୍ଷ ପାଳନ ପରିପ୍ରେକ୍ଷୀରେ ରାଜ୍ୟର ପ୍ରତ୍ୟେକ ଜିଲାରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ପିଲାମାନଙ୍କ ମନ ଭିତରେ କ'ଣ ରହିଛି, ତାହା ପ୍ରକାଶ କରିବାର ସୁଯୋଗ ସୃଷ୍ଟି କରାଯାଇଛି। ଆଜିର ଅର୍ଥନୀତି, ରାଜନୀତି ଓ ସାମାଜିକ ସ୍ଥିତି, ଦେଶ, ମାଟି ବିଷୟରେ ଯୁବପିଢ଼ି କ'ଣ ଭାବୁଛନ୍ତି ସେମାନେ କହିବା ଦରକାର ବୋଲି ସତପଥୀ କହିଛନ୍ତି।

ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମଞ୍ଜୁଳିକା ନାୟକ ଓ ଇଂଲିଶ ବିଭାଗ ଅଧ୍ୟାପକ ଆଦିତ୍ୟ ମେହେର ବିଚାରକ ଭାବେ ରହିଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ପ୍ରତିଯୋଗିତାରେ ୧୮ ଜଣ ଭାଗ ନେଇଥିଲେ। ଯୁକ୍ତ୨ ରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରେ ଏହି ବିଷୟବସ୍ତୁ ନେଇ ଉତ୍ସାହ ଦେଖା ଦେଇଥିଲା। ଏଥିରେ ୪ଜଣ ବିଦ୍ୟାର୍ଥୀ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମ ସ୍ଥାନରେ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଦ୍ୱିତୀୟବର୍ଷ ଛାତ୍ର ବିକାଶ ପ୍ରଧାନ, ଦ୍ୱିତୀୟରେ ଯୁକ୍ତ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ର ଦେବଦତ୍ତ ପୁହାଣ ଏବଂ ତୃତୀୟରେ ଯୁଗ୍ମ ଭାବେ ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରୀତିଛନ୍ଦା ପୃଷ୍ଟି ଓ ଯୁକ୍ତ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସ୍ୱୟଂ ସତ୍ୟଶ୍ରୀ ନାୟକ ରହିଛନ୍ତି। ଏମାନଙ୍କୁ ଧରିତ୍ରୀର ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀର ଢେଙ୍କାନାଳ ଜିଲା ପ୍ରତିନିଧି ରତନ ନାୟାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭୁବନ ବ୍ଲକ ପ୍ରତିନିଧି ବିପିନ ବିହାରୀ ସେଠୀ, ଧରିତ୍ରୀ ଜିଲା କାର୍ଯ୍ୟାଳୟର କର୍ମଚାରୀ ପ୍ରଳୟ ଦାସ, ଫଟୋ ଖବରଦାତା ମାନସ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## କ'ଣ କୁହନ୍ତି ବିଜେତା



ଆମ ମନରେ ଯେ ପର୍ଯ୍ୟନ୍ତ ସ୍ୱାର୍ଥର ଭାବନା ଥିବ, ସେତେବେଳ ଯାଏ ଜାତି ନନ୍ଦିଘୋଷକୁ ଆଗେଇ ପାରିବା ନାହିଁ। ଆପଣ କେତେ ଜଣଙ୍କୁ ପ୍ରଶ୍ନ ପଚାରି ପାରୁଛନ୍ତି ତାହା ହେଉଛି ଗଣତନ୍ତ୍ର। ପ୍ରଶ୍ନ ପଚାରି ନ ପାରିଲେ ଆପଣ ଗଣତନ୍ତ୍ରର ସ୍ୱାଦ ପାଇପାରି ନାହାନ୍ତି ବୋଲି ଧରିନେବାକୁ ହେବ। ଗଣମାଧ୍ୟମ ଏବେ ଦ୍ୱନ୍ଦ୍ୱାତ୍ମକ ଅବସ୍ଥାରେ ରହିଛି। ରାଜନୀତିର ଚାପ ଯୋଗୁ ଏଭଳି ହୋଇଛି। ତେଣୁ ଯୁବପିଢ଼ି ଏହାକୁ ଭଲଭାବେ ବୁଝିବାର ସମୟ ଆସିଛି।

- ବିକାଶ ପ୍ରଧାନ (ପ୍ରଥମ ବିଜେତା)



ଗଣତନ୍ତ୍ର ହେଉଛି ଗଣମାନଙ୍କ ତନ୍ତ୍ର। ଯଦି ଏବେ ଗଣତନ୍ତ୍ର ଭୁଲ୍‌ରେ ଚାଲିଛି, ତା' ପଛର କାରଣ ଆମେ। କାରଣ ଆଜି ଭଲ ନେତାଙ୍କୁ ଲୋକେ ଭୋଟ ଦେଉନାହାନ୍ତି। ତେଣୁ ଗଣମାଧ୍ୟମ ଆମ ପାଇଁ କହିବ। ସେଥିପାଇଁ ଯୁବପିଢ଼ି ସଜାଗ ହେବା ଦରକାର।

- ଦେବଦତ୍ତ ପୁହାଣ (ଦ୍ୱିତୀୟ ବିଜେତା)



ଗଣତନ୍ତ୍ର ହେଉଛି ବିଶ୍ୱର ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା। ଏହା ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ। କିନ୍ତୁ ସେଥିରେ ଦୋଷତ୍ରୁଟି ଦେଖା ଦେଉଛି। ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ଛାଡିଦେଲେ ଗଣମାଧ୍ୟମର ଭୂମିକା ସମାଜରେ ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଯୁବପିଢ଼ି ଶାରୀରିକ ଓ ମାନସିକ ଦୃଷ୍ଟିରୁ ସୁସ୍ଥ ରହିଲେ ଗଣତନ୍ତ୍ର ସୁଦୃଢ଼ ହେବ।

- ପ୍ରୀତିଛନ୍ଦା ପୃଷ୍ଟି (ଯୁଗ୍ମ ତୃତୀୟ ବିଜେତା)



ସୋସିଆଲ ମିଡିଆ ଦ୍ୱାରା ଏବେ ଯୁବପିଢ଼ି କଳୁଷିତ ହେଉଛନ୍ତି। ଏକ ଉନ୍ନତମାନର ଦେଶ ଓ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ରର ମହତ୍ତ୍ୱ ନ ବୁଝିଲେ ଆମେ ଆଗକୁ ବଢ଼ିପାରିବା ନାହିଁ। ତେଣୁ ଯୁବପିଢ଼ି ବର୍ତ୍ତମାନର ସ୍ଥିତିକୁ ଦେଖି ପଦକ୍ଷେପ ନେବା ଉଚିତ।

- ସ୍ୱୟଂ ସତ୍ୟଶ୍ରୀ ନାୟକ (ଯୁଗ୍ମ ତୃତୀୟ ବିଜେତା)

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଅନ୍ୱେଷା କିରଣ ସାହୁ


ଅର୍ଚ୍ଚନା ବାରିକ


ବିଜୟଲକ୍ଷ୍ମୀ ସାହୁ


ବିଶ୍ୱ ବନ୍ଦିତା ଭୋଇ


ଜ୍ୟୋତିର୍ମୟୀ ପାତ୍ର


ଲିଟିଲ ପ୍ରଧାନ


ପ୍ରୀତିସ୍ମିତା ଦାଶ


ପ୍ରିୟଙ୍କା ବିହାରୀ


ରଣଜିତ ନାୟକ


ସୀମରନ ପଟ୍ଟନାୟକ


ସୋନାଲି ମହାଭୋଇ


ସୌମ୍ୟା ସ୍ୱରୂପ ରାଉତ


ସୁଜିତ କୁମାର ଦେବତା


ଟୁଲୁରାମ ନାଗ

# ଖଣି ପୋଖରୀରେ ବୁଡ଼ି ଯୁବକ ମୃତ

**ସେଲ୍‌ଫି ନେବା ହେଲା କାଳ**

- ଉଦ୍ଧାର ପାଇଲେ ଜଣେ ଯୁବତୀ
- କଟକଣା ଜାରିକଲା ପ୍ରଶାସନ

ଖୋର୍ଦ୍ଧା,୬।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଲି ପାହାଡ଼ (ଶ୍ରୀମନ୍ଦିର ପ୍ରଶାସନ ରେକର୍ଡ ଅନୁସାରେ ଟାଙ୍ଗୁରୀ-୧) ଖଣି ପୋଖରୀରେ ଶୁକ୍ରବାର ଅପରାହ୍ଣରେ ସେଲ୍‌ଫି ନେବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ସିଡିଏ ଅଞ୍ଚଳର ଆଶୁତୋଷ ବେହେରା (୨୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, କଟକ ଅଞ୍ଚଳର ୬ଜଣ ଯୁବତୀ ଯୁବକ ଏହି ପାହାଡ଼ ବୁଲିବାକୁ ଆସିଥିଲେ। ସେଠାରେ ମିଳିମିଶି ରିଲ୍ସ କରିଥିଲେ। ପରେ ଏକାଠି ହୋଇ ଖଣି ପୋଖରୀ ନିକଟରେ ସେଲ୍‌ଫି ନେଉଥିଲେ। ଏହି ସମୟରେ ହଠାତ୍ ଆଶୁତୋଷ ଓ ଜଣେ ଯୁବତୀଙ୍କ ଗୋଡ଼ ଖସିଯିବାରୁ ଉଭୟ ଖଣି ପୋଖରୀରେ ପଡ଼ିଯାଇଥିଲେ। ସମ୍ପୃକ୍ତ ଯୁବତୀ ବୁଡ଼ିଯାଉଥିବାବେଳେ ଅନ୍ୟମାନେ ତାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ବେଳେ ଆଶୁତୋଷଙ୍କୁ ବଞ୍ଚାଇପାରି ନ ଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ। ଏକ ଘଣ୍ଟାର ପରିଶ୍ରମ ପରେ ଆଶୁତୋଷଙ୍କ ମୃତଦେହ ମିଳିଥିଲା। ସେଠାରେ ସଦର ଥାନା ଆଇଆଇସି କାହ୍ନୁଚରଣ ସ୍ୱାଇଁ ଏବଂ ତହସିଲଦାର ବିଭାସ ପାଣିଗ୍ରାହୀ ସଦଳବଳ ପହଞ୍ଚିଥିଲେ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ଉକ୍ତ ପାହାଡ଼ ନିକଟରେ ବୁଲାବୁଲି ଉପରେ କଟକଣା ଜାରି କରାଯାଇଛି।



ପୋଖରୀରୁ ଉଦ୍ଧାର ଯୁବକଙ୍କୁ ନିଆଯାଉଛି।

ପ୍ରକାଶ ଯେ, ଉକ୍ତ ଅଞ୍ଚଳରେ ପାହାଡ଼ ଖୋଳାହେବା ଫଳରେ ବିରାଟ ଗାତ ସୃଷ୍ଟି ହୋଇ ପାଣି ଜମି କୃତ୍ରିମ ହ୍ରଦ ପାଲଟିଛି। ଏହି ଖଣି ପୋଖରୀରେ ଚାରିପଟେ ପାହାଡ଼ ରହିଥିବାବେଳେ ତଳେ ଶିଉଳି ଲଟା, ଅନାବନା ଗଛଲତା ପାଣିରେ ପଡ଼ି ସୂର୍ଯ୍ୟକିରଣ ପ୍ରଭାବରେ ନୀଳବର୍ଣ୍ଣ ଦେଖାଯାଏ। ଚାରିପଟେ ପାହାଡ଼ଘେରା ମଧ୍ୟରେ ଥିବା ଏହି ଅଞ୍ଚଳ ଯୁବତୀ ଯୁବକଙ୍କ ପାଇଁ ରିଲ୍ସ ଓ ସେଲ୍‌ଫି ପଏଣ୍ଟ ପାଲଟିଥିଲା। ଏପରିକି କେତେଜଣ ଯୁବକ ଏହାକୁ ଲଦାଖ ସହ ତୁଳନା କରି ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ଯୋଗୁ ଏହି ସ୍ଥାନର ଗୁରୁତ୍ୱ ବଢ଼ିବା ସହ ଚର୍ଚ୍ଚାକୁ ଆସିଥିଲା। ଧୀରେ ଧୀରେ ଏଠାକୁ ଲୋକଙ୍କ ଆଗମନ ବଢ଼ିଥିଲା। ବିପଦସଙ୍କୁଳ ସ୍ଥାନରେ ଯୁବତୀ, ଯୁବକ, ପ୍ରେମୀଯୁଗଳ ସେଲ୍‌ଫି ନେବା ଓ ରିଲ୍ସ କରିବା ପାଇଁ ଭିଡ଼ ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ଏହାସତ୍ତ୍ୱେ ଅନେକେ ତାହାକୁ ମାନୁ ନ ଥିଲେ।

ଉଲ୍ଲେଖଯୋଗ୍ୟ, ଏକାଧିକ ପାହାଡ଼ରୁ ବେଆଇନ ଭାବେ ଖଣିଖନନ କରିବା ପରେ ମାଫିଆମାନେ ଏହାକୁ ଛାଡ଼ି ଦେଉଛନ୍ତି। ଦୀର୍ଘଦିନ ଖଣିରେ ପାଣି ଜମିବା ଫଳରେ ଏଭଳି ସ୍ଥିତି ଉପୁଜୁଛି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ତାପଙ୍ଗ ଅଞ୍ଚଳରେ ସୃଷ୍ଟି ହୋଇଥିବା ବେଆଇନ ଖଣି ଓ କୃତ୍ରିମ ହ୍ରଦ ପୋତିବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏକ ଅଭିଯୋଗ ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ ୧୨ କୋଟି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନକୁ ଦେବା ପାଇଁ ୨୦୨୨ ଅକ୍ଟୋବରରେ ନିର୍ଦ୍ଦେଶ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED URGENTLY
Wanted Female Massage Therapist for Spa Center, Bhubaneswar.
Contact :
9861550765

ଏକ ସ୍ୱୀକୃତିପ୍ରାପ୍ତ ପଞ୍ଚକର୍ମ ମସାଜ୍ ଥେରାପିଷ୍ଟ ଆବଶ୍ୟକ
ଡ୍ୟୁଟି ସମୟ: ୧ରୁ ୨ ଘଣ୍ଟା।
ଦରମା: ମାସକୁ ୯୦୦୦ରୁ ୧୫୦୦୦।
ଚାକିରି ଅବସ୍ଥାନ: ପାତ୍ରପଡା, ଭୁବନେଶ୍ୱର
ଯୋଗାଯୋଗ ନଂ.
9337550748

BAJIROUT MEMORIAL COLLEGE
BHUBAN, DHENKANAL
WALK-IN-INTERVIEW
(ENGAGEMENT OF GUEST FACULTY)
Candidates having at least 55% of marks at P.G. Level may attend the Walk-in-Interview with all original & Xerox Certificates for the Post of Lecturers in Physics, Mathematics, Sanskrit, History & Pol. Science (One each) on Dt.19.10.2023 (Thursday) at 10.30 A.M. at the Principals Chamber. Salary is Negotiable. The undersigned reserve the right to reject or accept any or all applications of the candidates without assigning any reason thereof.
Sd./- Principal
B.R.M. College, Bhuban

PARADIP PORT AUTHORITY
MARINE DEPARTMENT
No.MD/ACCTS/WK/R-11/2023/1272
Date : 05/10/2023
e-TENDER CALL NOTICE (e-TCN) cum e-Auction
Name of the work : "Manning, Maintenance and commercial operation of Port Craft MPV Pushpagiri on payment of License fee for a period of 03 years (1096) Days. Estimated Cost put to tender: Approx.Rs.1,74,48,006/- plus GST as applicable for 03 years. Last Date & time of submission of tender through on-line bidding is 17:00 hours on Dt.26/10/2023. Technical Bids shall be opened at 15:30 hours on Dt.27/10/2023. For details, please log on to the Website: https://eprocure.gov.in/eprocure/app.
Deputy Conservator, PPA
PPA/PR/51/2023-24, Dt.06/10/2023

ପ୍ରଶାସନ ଏବଂ ମାନବ ସମ୍ବଳ ନିର୍ଦ୍ଦେଶାଳୟ
ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ
ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମନ୍ତ୍ରାଳୟ, ଭାରତ ସରକାର
ଗ୍ରାମୋଦୟ, ୩, ଇର୍ଲା ରୋଡ୍, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ – ୪୦୦୦୫୬
ଟେଲି: ୦୨୨-୨୬୭୧୪୨୬୭, ଇ-ମେଲ୍: adm.kvic@gov.in, ୱେବ୍‌ସାଇଟ୍: www.kvic.gov.in
ଡେପୁଟେସନ୍ ଭିତ୍ତିରେ ଖାଲି ପଦବୀ
କେନ୍ଦ୍ର ସରକାରୀ ଏଜେନ୍ସିଗୁଡ଼ିକ ସମକକ୍ଷ ବେତନ ହାର ପାଉଥିବା କେନ୍ଦ୍ର ସରକାର/ରାଜ୍ୟ ସରକାର/ବୈଧାନିକ କର୍ତ୍ତୃପକ୍ଷ/ସ୍ୱୟଂଶାସିତ ସଂସ୍ଥା ଅଧୀନରେ କାର୍ଯ୍ୟରତ ଉପଯୁକ୍ତ ଅଧିକାରୀମାନଙ୍କଠାରୁ ପେ' ବ୍ୟାଣ୍ଡ-୩ ଟ.୧୫୬୦୦-୩୯୧୦୦ ସହିତ ଟ.୭୬୦୦/-ର ଗ୍ରେଡ୍ ପେ' (ପ୍ରାକ୍-ସଂଶୋଧିତ) (୭ମ ସିପିସି ପେ' ମାଟ୍ରିକ୍ସ ସ୍ତର ୧୨)ରେ ୧୦ (ଦଶ)ଟି ନିର୍ଦ୍ଦେଶକ (ଗ୍ରୁପ୍ ''ଏ'' ପଦବୀ) ପଦବୀ ପୂରଣ କରିବା ପାଇଁ ସ୍ୱଳ୍ପମିଆଦୀ ଚୁକ୍ତି ସମେତ ଡେପୁଟେସନ ଭିତ୍ତିରେ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଉପଯୁକ୍ତ ମାଧ୍ୟମ ଜରିଆରେ ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ୦୪।୧୧।୨୦୨୩। ଉପରୋକ୍ତ ପଦବୀଗୁଡ଼ିକ ନିମନ୍ତେ ଆବେଦନ କରିବା ଲାଗି ଫର୍ମ ଓ ଅନ୍ୟାନ୍ୟ ବିବରଣୀଗୁଡ଼ିକୁ ଆମ ୱେବ୍‌ସାଇଟ୍ ଅର୍ଥାତ୍ www.kvic.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ।
ନିର୍ଦ୍ଦେଶକ (ପ୍ରଶାସନ ଏବଂ ମାନବ ସମ୍ବଳ)

ଆଇଆରଇଏଲ୍ (ଇଣ୍ଡିଆ) ଲିମିଟେଡ୍ IREL (India) Limited
ପୂର୍ବରୁ ଇଣ୍ଡିଆନ୍ ରେଆର୍ ଅର୍ଥସ୍ ଲିମିଟେଡ୍
(ଭାରତ ସରକାରଙ୍କ ଉପକ୍ରମ)
(A Government of India Undertaking)
Unleashing Value
ସିଆଇଏନ୍: ୟୁ୧୫୧୦୦ଏମ୍‌ଏଚ୍‌୧୯୫୦ଜିଓଆଇ୦୦୮୧୮୭ ୱେବ୍‌ସାଇଟ୍: www.irel.co.in
ଆଇଏସ୍‌ଓ ୯୦୦୧:୨୦୧୫, ଆଇଏସ୍‌ଓ ୧୪୦୦୧ : ୨୦୧୫ ଏବଂ ଆଇଏସ୍‌ଓ ୪୫୦୦୧ : ୨୦୧୮ କମ୍ପାନୀ
ସନ୍ଦର୍ଭ: ଏଟିଭିଟି ନଂ. ୨୩-୨୪/୦୭ ଟେଣ୍ଡର ବିଜ୍ଞପ୍ତି ତାରିଖ: ୦୭।୧୦।୨୦୨୩
ଆଇଆରଇଏଲ୍, ଓଏସ୍‌ସିଏମ୍ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ପ୍ରସ୍ତାବର ଅନୁରୋଧ ଆହ୍ୱାନ କରୁଛି।

| ବିଡ୍ ନଂ. | କାର୍ଯ୍ୟ / ସାମଗ୍ରୀର ବର୍ଣ୍ଣନା |
| --- | --- |
| ଜିଇଏମ୍/୨୦୨୩/ବି/୩୯୮୫୯୩୯ | ୮୦୦୦ ଏମ୍‌ଟି କୋଇଲାର ଯୋଗାଣ |
| ଜିଇଏମ୍/୨୦୨୩/ବି/୪୦୨୨୭୫୫ | ମାଇନିଂ ଅଞ୍ଚଳଗୁଡ଼ିକର ବିଭିନ୍ନ ସ୍ଥାନରୁ କଞ୍ଚା ବାଲିର ଖନନ, ବୋଝେଇ ଓ ପରିବହନ |
| ୨୦୨୩_ଆଇଆରଇଏଲ୍_୧୬୯୦୩୯_୧ | ଆଇଆରଇପିଠାରେ ବୈଦ୍ୟୁତିକ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଏଏମ୍‌ସି |

ବିବରଣୀ http://irel.co.in, http://gem.gov.in କିମ୍ବା https://eprocure.gov.in/eprocure/app ରୁ ଟେଣ୍ଡର କାଗଜପତ୍ର ଡାଉନଲୋଡ୍ କରିପାରିବେ। ଉପରୋକ୍ତ ଟେଣ୍ଡରଗୁଡ଼ିକର ସମ୍ବନ୍ଧୀୟ ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।
CBC 48129/12/0028/2324
ସ୍ୱା./- ଜିଏମ୍ ଏବଂ ମୁଖ୍ୟ, ଏମ୍‌ଏମ୍‌ଟି, ଓଏସ୍‌ସିଏମ୍

ଏନ୍‌ବିସିସି (ଇଣ୍ଡିଆ) ଲିମିଟେଡ୍
NBCC
A Navratna CPSE
ସିଆଇଏନ୍: ଏଲ୭୪୮୯୯ଡିଏଲ୧୯୬୦ଜିଓଆଇ୦୦୩୩୩୫
ଏନ୍‌ବିସିସି (ଆଇ) ଲିମିଟେଡ୍, ଏନ୍‌ବିସିସି ଇମେରିଆ, ପ୍ରେସ୍ ଛକ, ମୌଜା: ଗାଡ଼କଣ, ଭୁବନେଶ୍ୱର-୭୫୧୦୧୭ (ଓଡ଼ିଶା)
ଇ-ସଂଗ୍ରହଣ ବିଜ୍ଞପ୍ତି
ଏନ୍‌ଆଇଟି ନଂ. ଏନ୍‌ବିସିସି/ଓଡ଼ିଶା/ପିଏମ୍‌ଜିଏସ୍‌ୱାଇ/୨୦୨୩-୨୪/୦୧ ତାରିଖ: ୦୭।୧୦।୨୦୨୩
ମହାପ୍ରବନ୍ଧକ (ଇଏନ୍‌ଜିଜି), ଏନ୍‌ବିସିସି ଇଣ୍ଡିଆ (ଆଇ) ଲିମିଟେଡ୍, ଭୁବନେଶ୍ୱର ପ୍ୟାକେଜ୍ ନଂ. ଓଆର୍୧୯ଏନ୍୧୯୫ ନିମନ୍ତେ ଅତିରିକ୍ତ ବଳକା ସଡ଼କ ନିର୍ମାଣ କାର୍ଯ୍ୟ ସହିତ ୫ (ପାଞ୍ଚ) ବର୍ଷ ପାଇଁ ତାହାର ନିୟମିତ ରକ୍ଷଣାବେକ୍ଷଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ପ୍ୟାକେଜ୍ ନଂ. ଓଆର୍୧୯ଏଲ୍‌ବିଏନ୍୫୧ଏ ନିମନ୍ତେ କୋରାପୁଟ ଜିଲ୍ଲାରେ ସେତୁର ଅତିରିକ୍ତ ବଳକା କାର୍ଯ୍ୟ, ଯାହାର ଅଟକଳ ମୋଟ ମୂଲ୍ୟ ଟ.୧୦୩୩.୯୬ ଲକ୍ଷ ଅଟେ, ଲାଗି ଇଲେକ୍ଟ୍ରୋନିକ୍ ଟେଣ୍ଡରିଂ ପ୍ରଣାଳୀରେ ରାଜ୍ୟ ପିଡବ୍ଲ୍ୟୁଡି/ସିପିଡବ୍ଲ୍ୟୁଡି/ଏମ୍‌ଇଏସ୍/ରେଳପଥ/ପିଏସ୍‌ୟୁଗୁଡ଼ିକ ସହିତ ପଞ୍ଜୀକୃତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଶତକଡ଼ା ଦର ବିଡ୍ ଆହ୍ୱାନ କରୁଛି। ଓଡ଼ିଶା ବାହାରର ପଞ୍ଜୀକୃତ ବିଡରମାନେ ମଧ୍ୟ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ, ହେଲେ ତାଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକରଣ କରିବାକୁ ହେବ, ଯାହା ବିଡ୍ ଦାଖଲର ଶେଷ ତାରିଖର ଏକମାସ ମଧ୍ୟରେ କିମ୍ବା ଚୁକ୍ତି ସ୍ୱାକ୍ଷର ପୂର୍ବରୁ ହେବା ବାଞ୍ଛନୀୟ। ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ଆହ୍ୱାନ ଜାରି ହେବା ତାରିଖ: ୦୭।୧୦।୨୦୨୩। ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ପ୍ରାପ୍ତିର ଶେଷ ତାରିଖ/ସମୟ: ୨୩।୧୦।୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଅଧିକ ବିବରଣୀ ପାଇଁ ଦୟାକରି www.pmgsytenders.gov.inରେ ଲଗ୍ ଅନ୍ କରନ୍ତୁ।
ଜିଏମ୍ (ଇଏନ୍‌ଜିଜି.), ଏସ୍‌ବିଜି-ମୁଖ୍ୟ (ପିଏମ୍‌ଜିଏସ୍‌ୱାଇ ଓଡ଼ିଶା ଏବଂ ଛତିଶଗଡ଼)
ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍, ଭୁବନେଶ୍ୱର

କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆରଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
ପ୍ରେସ୍ ବିଜ୍ଞପ୍ତି
(ନଂ. ସିଡବ୍ଲ୍ୟୁସି/ଆରଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୮)
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
| --- | --- | --- | --- |
| ୧ | ସିଡବ୍ଲ୍ୟୁ ବଳଜିତପଡ଼ାଠାରେ ପାଚେରି କାନ୍ଥର ପୁନଃ-ନିର୍ମାଣ, ଶ୍ରମିକ ଶୌଚାଳୟର ନିର୍ମାଣ, ସଡ଼କ, ଗୋଦାମର ଉନ୍ନତୀକରଣ ତଥା ଅନ୍ୟାନ୍ୟ ସିଭିଲ କାର୍ଯ୍ୟ। | ୫୬.୭୪ | ୧୨।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ।
ନିର୍ବାହୀ ଯନ୍ତ୍ରୀ

ଡାକ ବିଭାଗ (ସିଭିଲ ୱିଙ୍ଗ୍)
ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:
୧. ଏନ୍‌ଆଇଟି ନଂ.୩୮/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ସତ୍ୟନଗର, ଭୁବନେଶ୍ୱରଠାରେ ପୋଷ୍ଟାଲ୍ ଷ୍ଟୋର୍ସ ଡିପୋର ମରାମତି ଓ ରକ୍ଷଣାବେକ୍ଷଣ। ଅଟକଳ ମୂଲ୍ୟ: ଟ.୬୦,୨୫,୪୮୬.୦୦। ଅମାନତ ରାଶି: ଟ.୧,୨୦,୫୧୦.୦୦। ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।
୨. ଏନ୍‌ଆଇଟି ନଂ.୩୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଟାଇପ୍-III କ୍ୱାର୍ଟର୍ସ, ବ୍ଲକ୍-I, ପୋଷ୍ଟାଲ କଲୋନୀ, ସିଡିଏ, କଟକର ମରାମତି ଓ ରକ୍ଷଣାବେକ୍ଷଣ। ଅଟକଳ ମୂଲ୍ୟ: ଟ.୨୬,୭୮,୮୭୨.୦୦। ଅମାନତ ରାଶି: ଟ.୫୩,୫୭୭.୦୦। ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।
୩. ଏନ୍‌ଆଇଟି ନଂ.୪୦/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଟାଇପ୍-III କ୍ୱାର୍ଟର୍ସ, ବ୍ଲକ୍-II, ପୋଷ୍ଟାଲ କଲୋନୀ, ସିଡିଏ, କଟକର ମରାମତି ଓ ରକ୍ଷଣାବେକ୍ଷଣ। ଅଟକଳ ମୂଲ୍ୟ: ଟ.୨୯,୯୪,୪୪୩.୦୦। ଅମାନତ ରାଶି: ଟ.୫୯,୮୮୯.୦୦। ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍କଳିକା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଆର୍ଟ ଭିଜନ ପକ୍ଷରୁ ୧୯ତମ ସଙ୍ଗମ ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ନବଜାତକଙ୍କ ଫୁଟ୍ ପ୍ରିଣ୍ଟ୍ ନିଆଯିବା ସହ ଟ୍ୟାଗ୍ ଲଗାଯିବ

ଭୁବନେଶ୍ୱର, ୬।୧୦(ଅସମାପିକା ସାହୁ)

 କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ଅଭିଯୋଗ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଡିଏନ୍ଏ ରିପୋର୍ଟ ଆସିବା ପରେ ଅଭିଯୋଗକାରୀ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ସ୍ତ୍ରୀଙ୍କର ପୁଅ ନୁହେଁ, ଝିଅ ହୋଇଥିବା ସ୍ପଷ୍ଟ ହୋଇଛି। ତେବେ ଏଭଳି ଘଟଣା ପାଇଁ ହସ୍ପିଟାଲ ବଦନାମ ହୋଇଥିବାରୁ ଆଗକୁ ଯେପରି ଏହା ନ ଘଟିବ ସେଥିପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ। ଏଣିକି ନବଜାତଙ୍କ ଗୋଡ଼ରେ ଟ୍ୟାଗ୍ ଲାଗିବ। ଜନ୍ମ ହେବା ମାତ୍ରେ ଫୁଟ୍ ପ୍ରିଣ୍ଟ ରଖାଯିବ। ଝିଅ କିମ୍ବା ପୁଅ ହୋଇଥିଲେ ଆଟେଣ୍ଡାଣ୍ଟମାନେ ଡାକ୍ତରଙ୍କ ପାଖରୁ ଖବର ନେଇ ପରିବାରକୁ ଦେବେ। ଫଳରେ ଆଉ ଭୁଲ୍ ମେସେଜ ଯିବ ନାହିଁ ବୋଲି ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ଏଥିସହ ଶିଶୁ ବଦଳ ନେଇ ମିଥ୍ୟା ଅଭିଯୋଗ ଆଣିଥିବା ପ୍ରାଣକୃଷ୍ଣଙ୍କ ଉପରେ କ୍ଷୋଭ ପ୍ରକାଶ କରି ସେ କହିଛନ୍ତି, ଜଣେ ଲୋକଙ୍କ ହୀନ ମାନସିକତା ଓ ଅବାଞ୍ଛିତ ମନ୍ତବ୍ୟ ପାଇଁ ହସ୍ପିଟାଲ ବଦନାମ ହେଲା। ପୋଲିସଠାରୁ ଆରମ୍ଭ କରି କୋର୍ଟ ସମସ୍ତଙ୍କ ସମୟ ନଷ୍ଟ ହେଲା। ଏଭଳି କାର୍ଯ୍ୟ କରି ଯେଉଁ ବ୍ୟକ୍ତି ହସ୍ପିଟାଲକୁ ବଦନାମ କରିଛନ୍ତି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ ବୋଲି ନିର୍ଦ୍ଦେଶକ ସାହୁ କହିଛନ୍ତି। ସେପଟେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି ମନ୍ତବ୍ୟ ପରେ ପ୍ରାଣକୃଷ୍ଣ ନିଜ ପ୍ରତିକ୍ରିୟାରେ କହିଛନ୍ତି, ହସ୍ପିଟାଲରେ ମୋତେ ମିଛ ସୂଚନା ଦିଆଯିବାରୁ ମୁଁ ଡିଏନ୍ଏ ଟେଷ୍ଟ ପାଇଁ ବାଧ କଲି। ସେମାନେ ମୋତେ ଦୁଇ ପ୍ରକାର କଥା କାହିଁକି କହିଲେ। ତେଣୁ ମୁଁ ହସ୍ପିଟାଲ ନାଁରେ ମାନହାନୀ କେସ୍ କରିପାରିବି ବୋଲି ପ୍ରାଣକୃଷ୍ଣ କହିଛନ୍ତି।ସୂଚନାଯୋଗ୍ୟ, କ୍ୟାପିଟାଲ ହସ୍ପିଟାଲରେ ନବଜାତ ଶିଶୁ ଅଦଳବଦଳ ହୋଇଥିବା ନେଇ ଗତ ସେପ୍ଟେମ୍ବର ୨୬ରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ଅଭିଯୋଗ ଆଣିଥିଲେ। ପ୍ରଥମେ ପୁଅ ଜନ୍ମ ହୋଇଥିବା କହି ପରେ ଝିଅ ଦିଆଯାଇଥିବାରୁ ସନ୍ଦେହ କରି କ୍ୟାପିଟାଲ ହସ୍ପିଟାଲ ଓ କ୍ୟାପିଟାଲ ଥାନାରେ ଏପରି ଅଭିଯୋଗ ଆଣିବା ସହ ଡିଏନ୍ଏ ଟେଷ୍ଟ ପାଇଁ ଦାବି କରିଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଗଠିତ ଟିମ୍ ଏହାର ତଦନ୍ତ କରି ପ୍ରାଣକୃଷ୍ଣଙ୍କର ଝିଅ ହୋଇଥିବା ସ୍ପଷ୍ଟ କରିଥିଲା। ହେଲେ ପ୍ରାଣକୃଷ୍ଣ ଡିଏନ୍ଏ ଟେଷ୍ଟ ପାଇଁ ଅଡି ବସିବାରୁ ଥାନା ପକ୍ଷରୁ ଏନେଇ କୋର୍ଟଙ୍କଠାରୁ ଅନୁମତି ଅଣାଯାଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା।




### କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବଦଳ ଘଟଣା

- ବଦନାମ କରିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ : ହସ୍ପିଟାଲ ନିର୍ଦ୍ଦେଶକ
- କ୍ୟାପିଟାଲ ହସ୍ପିଟାଲ ନାଁରେ ମାନହାନି କେସ୍ କରିବି : ଅଭିଯୋଗକାରୀ

# ଓଡ଼ିଶା କୃଷି ଶିଳ୍ପ ନିଗମ, ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ବିଭାଗୀୟ ଅଧିକାରୀମାନେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୬।୧୦(ଅନିଲ ଦାସ)

ସମବାୟ ବିଭାଗ ଅଧୀନ ରାଜ୍ୟ ସମବାୟ ବ୍ୟାଙ୍କ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନ ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସଠାରେ ଏହି ଲାଭାଂଶ ଚେକ୍ ଗ୍ରହଣ କରିଥିଲେ । ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୯ କୋଟି ୭୫ ଲକ୍ଷ ୨୪ ହଜାର ଟଙ୍କାର ଏକ ଚେକ୍ ଲାଭାଂଶ ବାବଦରେ ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମବାୟ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ ଓ ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି. ପ୍ରସାଦ ରାଓ ଦୋରା ଉପସ୍ଥିତ ଥିଲେ । ସେହିପରି ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସମୁଦାୟ ୫ କୋଟି ୬୨ ଲକ୍ଷ ୫୩ ହଜାର ୭୯୪ ଟଙ୍କା ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷଠାରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରିଆସୁଛି।

କୃଷି ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି ଏହି ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । କୃଷି ନିର୍ଦ୍ଦେଶକ ତଥା ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଅଟୋଚାଳକଙ୍କୁ ମାଡ଼ମାରି ୩ ଭାଇ ଗିରଫ

ବାରଙ୍ଗ,୬।୧୦(ଲିଙ୍ଗରାଜ ରାଉତ): ଅଟୋ ଚାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୩ ଭାଇଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମାଜଣା ଗ୍ରାମର ବସନ୍ତ କୁମାର ସାହୁ, ବିନୟ ସାହୁ ଓ ବିଜୟ କୁମାର ସାହୁ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ଫେରାର ଥିବା ପୋଲିସ କହିଛି। ଅଭିଯୋଗ ମୁତାବକ, ଗତ ବୁଧବାର ରାତିରେ ମାଜଣା ଗ୍ରାମର ଅଟୋଚାଳକ ରାଜୀବ ଜେନା ଅଟୋକୁ ଭାଗବତ ମନ୍ଦିର ପାଖରେ ରଖି ଘରକୁ ଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଗାଡିରୁ ବ୍ୟାଟେରି ଚୋରି ହେଉଥିବା ଭୟ ଥିବାରୁ ଖାଇବା ପରେ ସେ ଗାଡି ନିକଟକୁ ଆସିଥିଲେ। ଏହି ସମୟରେ ବଳିଆ ସାହୁ ନାମକ ବ୍ୟକ୍ତି ଗାଡ଼ି ପାଖରୁ ଯାଉଥିଲେ। ସନ୍ଦେହକରି ରାଜୀବ ତାଙ୍କୁ ଡାକିଥିଲେ ମଧ ସେ ଶୁଣି ନ ଥିଲେ। ପରେ ବଳିଆ ଘରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ରାଜୀବ କବାଟ ବାଡେଇବା ପରେ ବଳିଆ ଓ ତା'ର ଭାଇମାନେ ରାଜୀବଙ୍କୁ ଘର ଭିତରକୁ ଟାଣିନେଇ ନିର୍ଦ୍ଧୂମ ମାଡ଼ ମାରିଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡି ପୋଲିସ ପହଞ୍ଚି ରାଜୀବଙ୍କୁ ଉଦ୍ଧାର କରି ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲା। ଶୁକ୍ରବାର ମଧ ବଳିଆ ଓ ତା'ର ଭାଇମାନେ ଆସି ପୁଣି ରାଜୀବଙ୍କୁ ଆକ୍ରମଣ କରିଥିଲେ ବୋଲି ରାଜୀବଙ୍କ ସ୍ତ୍ରୀ ଜ୍ୟୋସ୍ନା ଅଭିଯୋଗପର୍ଦ୍ଦରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୧୭/୨୩)ରୁଜୁକରି ତଦନ୍ତ ଚଳାଇ ଉପରୋକ୍ତ ୩ଭାଇଙ୍କୁ ଗିରଫ କରିଛି।

# କ୍ରିଷ୍ଟାଲ କ୍ରାଉନ୍‌ରେ ୪ ଦିନିଆ ଦାଣ୍ଡିଆ କାର୍ନିଭାଲ




ଖବରଦାତା ସମ୍ମିଳନୀରେ ଦାଣ୍ଡିଆ କାର୍ନିଭାଲ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ନେଟ୍‌ୱର୍କ ଇଭେଣ୍ଟ ଆଣ୍ଡ୍ ପ୍ରମୋଶନ ଓ କ୍ରିଷ୍ଟାଲ କ୍ରାଉନ୍ ପକ୍ଷରୁ ୪ ଦିନିଆ ଦାଣ୍ଡିଆ କାର୍ନିଭାଲ ଆସନ୍ତା ୨୦ରୁ ଆରମ୍ଭ ହେଉଛି। କ୍ରିଷ୍ଟାଲ କ୍ରାଉନ୍‌ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କ୍ରିଷ୍ଟାଲ କ୍ରାଉନର ନିର୍ଦ୍ଦେଶକ ସୂର୍ଯ୍ୟ ପରିଡାଙ୍କ ସମେତ ଜିଏମ ପ୍ରକାଶ ମଙ୍ଗରାଜ, ଅଭିନେତ୍ରୀ ପୁପୁଲ ଭୂୟାଁ ଏବଂ ନେଟଓ୍ୱର୍କ ଇଭେଣ୍ଟ ଆଣ୍ଡ ପ୍ରମୋଶନ୍‌ର ଏମ୍‌ଡି ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ରହି ଦାଣ୍ଡିଆ କାର୍ନିଭାଲ ସମ୍ପର୍କରେ କହିଥିଲେ। ଏହା ୨୩ ତାରିଖ ପର୍ଯ୍ୟନ୍ତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ଠାରେ ଅନୁଷ୍ଠିତ ହେବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର୍ ରହିଛନ୍ତି।

## ୨୦ରୁ ଦାଣ୍ଡିଆ ଲାଇଭ୍ 'ଲେଟସ୍ ନାଚୋ'

ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପୁରୀ ମାଳତିପାଟପୁରସ୍ଥିତ ଓ୍ୱଣ୍ଡର ଓ୍ୱର୍ଲଡ଼ ଓ୍ୱାଟର ପାର୍କ ଆଣ୍ଡ୍ ରିସର୍ଟଠାରେ ୫ ଦିନିଆ ଦାଣ୍ଡିଆ ଲାଇଭ୍ 'ଲେଟସ୍ ନାଚୋ' ଅନୁଷ୍ଠିତ ହେବ। ଓ୍ୱାଟର୍ ପାର୍କର ଅଧକ୍ଷ ନାରାୟଣ ପାତ୍ର ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଏକ ଖବରଦାତା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଲେ, ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚାଲିବ। ଏଥିରେ ଲାଇଭ୍ ଅଭିନେତା, ଡ଼ିଜେ, ଇଡ଼ିଏମ୍ ବିଟ୍, ଗାୟକ ଏବଂ ସୁସ୍ୱାଦୁ ନବରାତ୍ର ସ୍ୱତନ୍ତ୍ର ଖାଦ୍ୟ ଉପଲବ୍ଧ ହେବ। ଟିକେଟର ମୂଲ୍ୟ ୭୯୯ ଟଙ୍କା ଓ ଭିଆଇପିଙ୍କ ପାଇଁ ୧୦୩୯ ରହିଛି। ଏହି ଟିକେଟ୍ ଅନ୍‌ଲାଇନ୍‌ରେ ମଧ ଉପଲବ୍ଧ ହେବ। ସମ୍ମିଳନୀରେ ଓ୍ୱାଟର୍ ପାର୍କର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ର, ଉପସଭାପତି ବିଭୁତେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ରାଧାରମଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୀ ସାର୍ଥକରେ ଆରମ୍ଭ ହେଲା 'ପାର୍ବଣରେ ସୁନାର ବର୍ଷା' ପ୍ରତିଯୋଗିତା

ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)




ପାର୍ବଣ ମହୋତ୍ସବରେ ଜୀ ସାର୍ଥକରେ ହେବ ସୁନାର ବର୍ଷା। ଏଥିପାଇଁ ଆରମ୍ଭ ହୋଇଛି ଲାଲ୍‌ଚାନ୍ଦ ପ୍ରଯୋଜିତ ମେଗା ପ୍ରତିଯୋଗିତା 'ପାର୍ବଣରେ ସୁନାର ବର୍ଷା'। ନଭେମ୍ବର ୨୦ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ୩୦ ମଧ୍ୟରେ ଜୀ ସାର୍ଥକରେ ପ୍ରସାରିତ ଧାରାବାହିକ ଦେଖି ସ୍କ୍ରିନ୍‌ରେ ରହିଥିବା ପ୍ରଶ୍ନର ଉତ୍ତର ଦେଇ ରହିଥିବା ନମ୍ବରରେ ମିସ୍‌ଡ୍ କଲ୍ କରିବାକୁ ହେବ। ପ୍ରତିଦିନ ଠିକ ଉତ୍ତର ଦେଇଥିବା ଜଣେ ଭାଗ୍ୟଶାଳୀ ବିଜେତାଙ୍କୁ ମିଳିବ ଲାଲଚାନ୍ଦ ତରଫରୁ ୧ ଗ୍ରାମ ଓଜନର ସ୍ୱର୍ଣ୍ଣ ମୁଦ୍ରା। ତେବେ ପୁରା ପ୍ରତିଯୋଗିତାରେ ଜଣେ ମେଗା ବିଜେତାଙ୍କୁ ମିଳିବ ଲାଲଚାନ୍ଦ ତରଫରୁ ୨୦ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା। ପ୍ରତିଦିନ ଜୀ. ସାର୍ଥକ ଦେଖନ୍ତୁ, ସ୍ୱର୍ଣ୍ଣ ମୁଦ୍ରା ପାଆନ୍ତୁ। ଦର୍ଶକମାନେ ଏହି ପ୍ରତିଯୋଗିତାର ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ ଜୀ. ସାର୍ଥକର ପୂରା ଟିମ୍ ଆଶା ପ୍ରକାଶ କରିଛି। 'ଆଗରୁ ଦେଖିବା ନିତି ହେବା ଲକ୍ଷପତି' ପ୍ରତିଯୋଗିତା ବହୁତ ସଫଳ ହୋଇଥିଲା। ମନୋରଞ୍ଜନ ସହ ପରିବାର ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାଙ୍କ ଆତ୍ମବିଶ୍ୱାସ ବଢାଇବା ପାଇଁ ଏହିପରି ପ୍ରତିଯୋଗିତା ସବୁ ଏକ ମାଧ୍ୟମ ହେବ ବୋଲି ଚ୍ୟାନେଲ ହେଡ୍ ପ୍ରତୀକ ସିଲ କହିଛନ୍ତି।

## ଶକ୍ତିପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ

କଟକ,୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)- କଟକର ବିଭିନ୍ନ ପୀଠରେ ଶୁକ୍ରବାରଠାରୁ ଷୋଡଷ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ କଟକଚଣ୍ଡୀଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ମା' ଗଡ଼ଚଣ୍ଡୀଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନଦୀ ଓ ପୁଷ୍କରିଣୀରୁ ସହସ୍ର କୁମ୍ଭରେ ଜଳ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ପୂଜା ପାଇଁ ବିଭିନ୍ନ ଶକ୍ତିପୀଠ ମନ୍ତ୍ରପାଠରେ ପ୍ରକମ୍ପିତ ହୋଇଥିଲା।

# ଆଇଟିଆଇ ପରିଦର୍ଶନ କଲେ ବିଶ୍ୱବ୍ୟାଙ୍କ, ଡିଜିଟି ପ୍ରତିନିଧି

କଟକ,୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ) ପରିଦର୍ଶରେ ବିଶ୍ୱବ୍ୟାଙ୍କର ପ୍ରତିନିଧି ଦଳ, ଡିରେକ୍ଟୋରେଟ୍ ଜେନେରାଲ ଅଫ୍ ଟ୍ରେନିଂ(ଡିଜିଟି) ନୂଆଦିଲ୍ଲୀ, ଛତିଶଗଡ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାର ପ୍ରତିନିଧି ଦଳ ଶୁକ୍ରବାର ଆସିଥିଲେ। ସେମାନେ ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ଶିଳ୍ପଭିତ୍ତିକ ଜ୍ଞାନକୌଶଳ ଦେଖି ଖୁସି ହୋଇଥିଲେ। ଏହି ଆଇଟିଆଇ ସେମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସେମାନେ କହିଥିଲେ। ଆଇଟିଆଇର ଅଧକ୍ଷ ସ୍ୱପ୍ନ କୁମାର ମିଶ୍ର ଉକ୍ତ ପ୍ରତିନିଧି ଦଳକୁ ଛାତ୍ରୀଛାତ୍ରଙ୍କ ଦ୍ୱାରା କାଠରେ ନିର୍ମିତ କଲମ ଷ୍ଟାଣ୍ଡ ଉପହାର ଦେଇଥିଲେ। ଏହି ପ୍ରତିନିଧିମାନେ ସରକାରୀ ଆଇଟିଆଇ ରେ ଦୀର୍ଘ ଛଅ ଘଣ୍ଟା ରୁ ଅଧିକ ସମୟରେ ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ ।

## ବଙ୍ଗାଳିସାହି ଛକ ନିକଟରେ ସିରିଜ୍ ଦୁର୍ଘଟଣା, ଜଣେ ଗୁରୁତର




ବାରଙ୍ଗ,୬।୧୦(ଲିଙ୍ଗରାଜ ରାଉତ)

### ମୋ ବସ୍ ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ

ବାରଙ୍ଗ ଥାନା ଅଧୀନ ବଙ୍ଗାଳିସାହି ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ସିରିଜ୍ ଦୁର୍ଘଟଣା ଘଟିଛି। ମୋ ବସ୍ ଧକ୍କାରେ ଟାଟା ଏସିଇ ଅଟୋ ଓ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଛି। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ମୋ ବସ୍ ଭଙ୍ଗାରୁଜା କରିଥିଲେ।

ସୂଚନା ମୁତାବକ, ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ୧୮ନଂ. ରୁଟ୍ ମୋ ବସ୍(ଓଡି ୩୩ ଭି ୪୫୬୫) ବଙ୍ଗାଳିସାହି ଛକ ନିକଟରେ ଆଗରେ ଯାଉଥିବା ଏକ ଟାଟା ଏସିଇ ଅଟୋକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଟାଟା ଏସିଇ ନିୟନ୍ତ୍ରଣ ହରାଇ ଆଗରେ ଯାଉଥିବା ଏକ ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ବାଇକ୍ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ପରେ ମୋ ବସ୍ ଚାଳକଙ୍କ ବେପରୁଆ ଗାଡି ଚାଳନାକୁ ବିରୋଧ କରି ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୋ ବସ୍‌କୁ ଭଙ୍ଗାରୁଜା କରିଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଥିଲା। ଏହି ଘଟଣାରେ ପୋଲିସ ୧୫ରୁ ଉର୍ଦ୍ଧ୍ୱ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

# ଗଙ୍ଗନଗରରେ ହେବ ରାଜସ୍ଥାନୀ ରାଜମହଲ



## ଧରାବତରଣ କରିବେ ମା'

ଭୁବନେଶ୍ୱର,୬।୧୦(ଅନୁରାଧା ମହାରଣା)





ଗଙ୍ଗନଗର ଯୁବ ପରିଷଦ

୧୯୯୦ ମସିହାରୁ ଗଙ୍ଗନଗର ଯୁବପରିଷଦ ପକ୍ଷରୁ ଦୁର୍ଗାପୂଜା ଆୟୋଜିତ ହୋଇଆସୁଛି। ମା'ଙ୍କ ଆବାହନରୁ ବିସର୍ଜନ ପର୍ଯ୍ୟନ୍ତ ସବୁକିଛି ବିଧି ଓ ପରମ୍ପରା ମୁତାବକ କରାଯାଉଥିବାବେଳେ ସହରର ଅନ୍ୟ ପୂଜା କମିଟି ଭଳି ପୂଜା ଆୟୋଜନକୁ ଆକର୍ଷଣୀୟ କରିବା ପାଇଁ ଯୁବ ପରିଷଦ ଅଣ୍ଟା ଭିଡିଛି। ଚଳିତବର୍ଷ ଗଙ୍ଗନଗର ମୁଖ୍ୟ ରାସ୍ତାରେ ରାଜସ୍ଥାନୀ ଢାଞ୍ଚାରେ ନିର୍ମିତ ରାଜମହଲ ସଦୃଶ ତୋରଣ ଆକର୍ଷଣ ସାଜିବ। ୬୦ଫୁଟ୍ ଉଚ୍ଚ ତଥା ୫୦ ଫୁଟ୍ ପ୍ରସ୍ଥର ତୋରଣ ଭିତରେ ୧୫ ଉଚ୍ଚତା ବିଶିଷ୍ଟ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବ। ସାଥିରେ ପୂଜା ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ଗଣେଶ ଓ କାର୍ତ୍ତିକ ମଧ ପୂଜା ପାଇବେ। ମା' ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମଥାରେ କମନୀୟ ଚାନ୍ଦି ମୁକୁଟ ରହିବ। ତେବେ ମୂର୍ତ୍ତି ପ୍ରସ୍ତୁତି କାର୍ଯ୍ୟରେ ବଙ୍ଗୀୟ କାରିଗର ଲାଗିପଡ଼ିଛନ୍ତି। ସେହିପରି ତୋରଣ ପ୍ରସ୍ତୁତି ପାଇଁ ବରମୁଣ୍ଡାର ମୁଖ୍ୟ କାରିଗରଙ୍କ ସହ ସ୍ଥାନୀୟ କାରିଗରମାନେ ଦିନରାତି ଏକ କରିଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ମୂର୍ତ୍ତି ତୋରଣ ପ୍ରସ୍ତୁତି ସାରିବା ପାଇଁ ଚେଷ୍ଟା ଚାଲିଥିବାବେଳେ ସମସ୍ତଙ୍କ ମଧ୍ୟରେ ଏକ ନିଆରା ଉତ୍ସାହ ଦେଖିବାକୁ ମିଳିଛି।

### ପୂଜା ବଜେଟ ୧୫ ଲକ୍ଷ ଟଙ୍କା



ଏଥର ପୂଜା ବଜେଟ ୧୫ ଲକ୍ଷ ଟଙ୍କା ରହିଛି। ଷଷ୍ଠୀରେ ବିନ୍ଦୁସାଗରରୁ ଜଳ ଆସିବା ପରେ ଘଟସ୍ଥାପନା କରାଯିବ। ବିଧି ଅନୁସାରେ ଅଷ୍ଟମୀରେ ଖେଚୁଡ଼ି ଭୋଗ, ନବମୀରେ ଦହି ପଖାଳ ଲାଗି କରାଯିବ। ସପ୍ତମୀରୁ ଦଶମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭଜନ ସମାରୋହଠାରୁ ଆରମ୍ଭ କରି କୁନି କୁନି ପିଲାଙ୍କ ପ୍ରତିଭା ଦେଖିବାକୁ ମିଳିବ। ସେହିଭଳି ରାଜଧାନୀ ଭସାଣି ସୁରକ୍ଷା ସମିତି ପକ୍ଷରୁ ହେବାକୁ ଥିବା ଶୋଭାଯାତ୍ରାରେ ସାମିଲ ହୋଇ ମା'ଙ୍କ ମୂର୍ତ୍ତି କୁଆଖାଇରେ ବିସର୍ଜନ କରାଯିବ। ସେହିପରି ପୂଜା ବୁଲି ଆସୁଥିବା ଲୋକଙ୍କ ପାଇଁ ମୀନାବଜାର ଅନ୍ୟତମ ଆକର୍ଷଣ ସାଜିବ।

-ଲଳିତ ମୋହନ ଗରାବଡୁ, ସାଧାରଣ ସମ୍ପାଦକ

### ପୂଜା ମଣ୍ଡପକୁ ପଲିଥିନ ମନା



ପୂଜା ମଣ୍ଡପକୁ କେହି ଯେପରି ପଲିଥିନରେ ଭୋଗ ନେଇ ନ ଆସନ୍ତି, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଯଦି କେହି ଭୁଲବଶତଃ ପଲିଥିନ ନେଇ ଆସନ୍ତି ତାଙ୍କୁ ଭୋଗ ଡ଼ାଲା ପ୍ରଦାନ କରାଯିବ। ସେହିପରି ନକଲି ଘିଅରେ ଦୀପ କେହି ମଣ୍ଡପ ବାହାରେ ବିକିପାରିବେ ନାହିଁ। ସେଥିପାଇଁ ଆମ କମିଟି ସଜାଗ ରହିବ। ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବାକୁ ସବୁ ବର୍ଷ ଆସନ୍ତି। ଏବର୍ଷ ଆହୁରି ଅଧିକ ଲୋକ ଆସିବେ ବୋଲି ଆଶା।

-ନାରାୟଣ ପ୍ରସାଦ ସାହୁ, ଉପଦେଷ୍ଟା

**ସଂକ୍ଷେପରେ**

## ଉତ୍ତରାୟଣୀଙ୍କ ପୀଠରେ ଷୋଳପୂଜା ଆରମ୍ଭ



ଜଟଣୀ,୬।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀର ଆରାଧ୍ୟ ଦେବୀ ମା’ ଉତ୍ତରାୟଣୀଙ୍କ ପୀଠରେ ଆରମ୍ଭ ହୋଇଛି ଷୋଳପୂଜା। ମୂଳାଷ୍ଟମୀଠାରୁ ମା’ଙ୍କର ଏହି ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇ ବିଜୟା ଦଶମୀରେ ଶେଷ ହେବ। ଶୁକ୍ରାବର ସକାଳେ ମା’ ଉତ୍ତରାୟଣୀଙ୍କୁ ସୁବାସିତ ଜଳରେ ସ୍ନାନ କରାଯିବା ପରେ ନୂତନ ବସ୍ତ୍ର ପରିଧାନ କରିଥିଲେ। ପରେ ମା’ଙ୍କ ନିକଟରେ ବାଲଭୋଗ ଲାଗି ହୋଇଥିଲା। ଏଥି ସହ ପୀଠରେ ଚଣ୍ଡୀ ପାଠ କରାଯାଇଥିଲା। ମଧ୍ୟାହ୍ନରେ ମା’ଙ୍କୁ ଅନ୍ନ ଭୋଗ ଲାଗି ହୋଇ ପହଡ଼ ପଡିଥିଲା। ସନ୍ଧ୍ୟା ଆଳତି ସମୟରେ ମା’ଙ୍କ ନିକଟରେ କାକେରା, ଏଣ୍ଡୁରି ଓ ଖିରୀ ଭୋଗ ଲାଗି ହେବା ପରେ ଉପସ୍ଥିତ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ମା’ଙ୍କ ଆଶୀର୍ବାଦ ପାଇଁ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ଷୋଳଦିନାତ୍ମକ ପୂଜାର ପ୍ରଥମ ଦିବସରେ ମନ୍ଦିର ପୂଜକ ସଞ୍ଜୟ ଦାସ ଓ ସୁଶୀଲ ସାମନ୍ତରାୟ ମା’ଙ୍କର ପୂଜା ନୀତିସମ୍ପନ୍ନ କରିଥିଲେ।

## ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବୋଲଗଡ଼, ୬।୧୦(ଦେବବ୍ରତ ହୋତା)

ସ୍ଥାନୀୟ ମା’ ଭୂଇଁଆଣୀ ପୀଠରେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ଶୁକ୍ରବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହେମନ୍ତ ଚନ୍ଦ୍ର ମହାପାତ୍ରଙ୍କ ଅନୁମତିକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ବୈରିଗଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଇଂ. ସନ୍ଦୀପ ପାଣିଗ୍ରାହୀ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଗାନ୍ଧୀ କୁମାର ସାହୁ ଏବଂ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଅବସରପ୍ରାପ୍ତ କିରାଣି ଶ୍ୟାମସୁନ୍ଦର ସାହୁ ଯୋଗଦେଇଥିଲେ। ଚଳିତ ବର୍ଷର କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହିତ ଶେଷବର୍ଷର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରିନ୍ସେସ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ନୃତ୍ୟଗୁରୁ ସତ୍ୟନାରାୟଣ ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଯୁକ୍ତ ୩ କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଥମ, ଦ୍ୱିତୀୟ ଏବଂ ଶେଷବର୍ଷର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ର ଲକ୍ଷ୍ମଦେବୀ କୃପା ଦତ୍ତ ଧନ୍ୟବାଦ ଦେଇଥିଲେ।

# ପାରାକ୍ୱେଟ୍ କୀଟନାଶକ ବିକିଲେ କାର୍ଯ୍ୟାନୁଷ୍ଠାନ

- କଟକଣା ଲଗାଇଲେ ରାଜ୍ୟ ସରକାର
- ଡିଲର ପଏଣ୍ଟରେ ହେବ ଚଢ଼ାଉ, ସଚେତନତାକୁ ଗୁରୁତ୍ୱ

ଖୋର୍ଦ୍ଧା,୬।୧୦(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ପାରାକ୍ୱେଟ୍ ନାମକ ତୃଣନାଶକ ଔଷଧ ବିକ୍ରି, ଗଚ୍ଛିତ ଓ ଉତ୍ପାଦନ, ବ୍ୟବହାର ଉପରେ ଓଡ଼ିଶା ସରକାର କଟକଣା ଜାରି କରିଛନ୍ତି। ଏ ସଂକ୍ରାନ୍ତରେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ଚନ୍ଦ୍ର ପରିଡ଼ା ଯୋଗଦେଇ ଏହି କୀଟନାଶକର ଭୟାବହତା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ କୃଷି ବିଭାଗ ତରଫରୁ ନୋଟିସ ନମ୍ବର ୨୨୨୩୧/୫.୧୦.୨୩ ପ୍ରକାରେ ଏହି କୀଟନାଶକ ବିକ୍ରି, ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହି ଅବସରରେ ଉପସ୍ଥିତ କୀଟନାଶକ ବିକ୍ରେତାମାନଙ୍କୁ ଜିଲାପାଳ ସୂଚନା ଦେଇ ଏହାର ବିକ୍ରୟ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ବାର୍ତ୍ତା ସମସ୍ତ ଚାଷୀ ଓ ଡିଲରଙ୍କ ନିକଟରେ ପହଞ୍ଚାଇବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା କୃଷି ବିଭାଗ ଅଧୀନରେ କାର୍ଯ୍ୟରତ ସମସ୍ତ କୃଷି ଅଧିକାରୀ ପାରାକ୍ୱେଟ ବିକ୍ରି ଉପରେ କଡ଼ା ନଜର ରଖିବା ସହ ଡିଲର ପଏଣ୍ଟରେ କଡ଼ାକଡ଼ି ଯାଞ୍ଚ କରିବେ। କେଉଁ ଡିଲର ପଏଣ୍ଟରେ କେତେ ପରିମାଣର ପାରାକ୍ୱିଟ ଗଚ୍ଛିତ ଅଛି ତାହାର ସୂଚନା ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ଡିଲର କିମ୍ବା ବ୍ୟବସାୟୀ ଏହି କୀଟନାଶକ ବିକ୍ରି କରୁଥିବା ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କହିଛନ୍ତି। କୃଷି ବିଭାଗର ଯୋଜନା ଅଧିକାରୀ ତୁଷାରକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୋଲଗଡ଼: ମା’ କାଳିକାଙ୍କ ପୀଠରେ ଷୋଡ଼ଶ ଦିବସୀୟ ପୂଜା ଅବସରରେ ଶୁକ୍ରବାର ଅନୁଷ୍ଠିତ କଳସ ଶୋଭାଯାତ୍ରା।

## କାଳିକା ଠାକୁରାଣୀଙ୍କ ଷୋଡ଼ଶ ଦିବସୀୟ ପୂଜା

ବୋଲଗଡ଼,୬।୧୦(ଦେବବ୍ରତ ହୋତା)

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମର ମା’ କାଳିକାଙ୍କ ପୀଠରେ ଷୋଡ଼ଶ ଦିବସୀୟ ପୂଜା ପାଳିତ ହୋଇଛି। ବ୍ରତଧାରୀମାନେ ଘଟ କଳସ ପୋଖରୀ ତୁଠରେ ସ୍ଥାପନ କରି ପୂଜା ପରେ ଗ୍ରାମ ପରିକ୍ରମା କରି ବିଜେସ୍ଥଳୀରେ ପହଞ୍ଚିଥିଲେ। ପରେ ପୂଜକ ସର୍ବେଶ୍ୱର ମହାପାତ୍ର, ଧୂର୍ ମହାପାତ୍ର ଯଜ୍ଞାଚାର୍ଯ୍ୟ ରାମ ରଥ, ରତ୍ନାକର ମହାପାତ୍ର, ଯୋଗେଶ ଚନ୍ଦ୍ର ବ୍ରହ୍ମା ପ୍ରମୁଖ ହୋମ ପୂଜା ଓ ଯଜ୍ଞ କାର୍ଯ୍ୟ କରିଥିଲେ। ଦେବଦେବୀଙ୍କୁ ଆବାହନ ସଂସ୍ଥାପନ କରାଯାଇଥିଲା। ଘଟକଳସ ସ୍ଥାପନ ପରେ ପୂର୍ଣ୍ଣାହୁତି ନାମ କୀର୍ତ୍ତନ କରାଯାଇଥିଲା। ଭାଗୀରଥି ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୩ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

ଖୋର୍ଦ୍ଧା,୬।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ନିଶା କାରବାର ଥମିବାର ନାଁ ଧରୁନି। ବ୍ରାଉନ୍‌ସୁଗାର ସହ ଗଞ୍ଜେଇ କାରବାର ବଢ଼ିଚାଲିଛି। ଗୁରୁଜଙ୍ଗ ମେଲଣପଡିଆ ଅଞ୍ଚଳରେ ଶୁକ୍ରବାର ଅବକାରୀ ପୋଲିସ ଚଢ଼ାଉ କରି ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜିତେନ୍ଦ୍ର ସୁନ୍ଦରାୟ। ତାଙ୍କ ନିକଟରୁ ୩ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩୦ହଜାର ଟଙ୍କା ହେବ। ତେବେ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜିତେନ୍ଦ୍ର ମେଲଣ ପଡିଆଠାରେ ଗଞ୍ଜେଇ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସାଦା ପୋଷାକରେ ଚଢ଼ାଉ କରି ଜିତେନ୍ଦ୍ରଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲା।

# ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ଜଟଣୀ, ୬।୧୦(ରବୀନ୍ଦ୍ର ନାଥ ମହାକୁଡ଼)



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା କଳାକାରମାନେ

ଜଟଣୀ ବ୍ଲକ ପକ୍ଷରୁ ଆୟୋଜିତ ଦୁଇଦିନିଆ ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ ପଞ୍ଚାୟତର ୩୯ଟି ଦଳର ୭୮ କଳାକାର ଅଂଶଗ୍ରହଣ କରିଥିଲେ। ବ୍ଲକସ୍ତରରେ ସୂଚନା ଶିକ୍ଷା ଓ ଯୋଗାଯୋଗ ଉପକ୍ରମର ପ୍ରସାର ନିମନ୍ତେ ଉକ୍ତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ନିରୋଦ କୁମାର ସାମଲ, ବ୍ଲକ କଳା ସଂସ୍କୃତି ଉପସଭାପତି ଦୁର୍ଗାଚରଣ ମାର୍ଥା, ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରିୟା ମାଝି, ସମନ୍ୱୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଧୁମିତା ପରିଜା, ବ୍ଲକ ମିଶନ ଶକ୍ତି ସଂଯୋଜିକା ଦୀପ୍ତିମୟୀ ପ୍ରହରାଜ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୁଲତା ଦେଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଇତିଶ୍ରୀ ସାମଲ ପ୍ରମୁଖ ଶିବିରରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସରକାରଙ୍କ ଯୋଜନାଗୁଡ଼ିକ ସମ୍ପର୍କରେ ଶିବିରରେ ଅଂଶଗ୍ରହଣ କରିଥିବା କଳାକାର ବିଭିନ୍ନ ପଞ୍ଚାୟତସ୍ତରରେ ନିଜ ନିଜ କଳା ମାଧ୍ୟମରେ ସାଧାରଣ ଜନତାଙ୍କୁ ଅବଗତ କରାଇବେ। ଉକ୍ତ ଶିବିରକୁ ଦିଲୀପ କୁମାର ମହାପାତ୍ର ଓ ସୁମନ କୁମାର ମଲ୍ଲିକ ପରିଚାଳନା କରିଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

ବୋଲଗଡ଼,୬।୧୦(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ସାନନୟାପଲ୍ଲୀ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ମୃତା ହେଲେ ଗୀତାଞ୍ଜଳି ସାହୁ (୨୬)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୫୧/୨୩)ରୁଜୁକରି ମୃତାଙ୍କ ସ୍ୱାମୀ ପ୍ରଶାନ୍ତ ପଣ୍ଡାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପ୍ରଶାନ୍ତ ୪ବର୍ଷ ପୂର୍ବେ ବୈଦିକ ରୀତିନୀତିରେ କଣ୍ଟିଲୋ ନିକଟ ପଥରଚକଡା ଗ୍ରାମର ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ବାପଘରୁ ଯୌତୁକ ଆଣିବାକୁ ଶାଶୁଘର ଲୋକେ ଗୀତାଞ୍ଜଳିଙ୍କୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଯୌତୁକ ପାଇଁ ଶାଶୁଘର ଲୋକେ ଗୀତାଞ୍ଜଳିଙ୍କୁ ମାରିଦେଇଛନ୍ତି ବୋଲି ମୃତାଙ୍କ ସାନଭଉଣୀ ସୀତା ସାହୁ ବୋଲଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଥାନା ନିରୀକ୍ଷକ ଜ୍ୟୋତି ପ୍ରକାଶ ପଣ୍ଡା ଓ ବାଙ୍କୋଇ ଫାଣ୍ଡି ଅଧିକାରୀ ସଂଗ୍ରାମ କେଶରୀ ପାଇକରାୟଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ସାନନୟାପଲ୍ଲୀ ଗ୍ରାମରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ୧୩ ସୁଦ୍ଧା ବାଣ ବଜାର ପାଇଁ ସ୍ଥାନ ଚିହ୍ନଟ କର





ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଅନ୍ୟମାନେ।

ଜଟଣୀ,୬।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌର ପ୍ରଶାସନ ପକ୍ଷରୁ ଶୁକ୍ରବାର ପୌର କାର୍ଯ୍ୟାଳୟ ସଭାଗୃହରେ ଖୁଚୁରା ବାଣ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ତହସିଲଦାର ରୁମାନା ଜାଫ୍ରି, ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ, ଅଗ୍ନିଶମ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୧୩ ତାରିଖ ମଧ୍ୟରେ ସହର ବାହାରେ ବାଣ ବଜାର ପାଇଁ ସ୍ଥାନ ଚିହ୍ନଟ କରିବା ପାଇଁ ଖୁଚୁରା ବାଣ ବ୍ୟବସାୟୀ ସଦସ୍ୟଙ୍କୁ ପ୍ରଶାସନ ପକ୍ଷରୁ କୁହାଯାଇଛି।ବାଣ ବ୍ୟବସାୟ ପାଇଁ ଅସ୍ଥାୟୀ ଗୃହ ସମ୍ପୂର୍ଣ୍ଣ ଷ୍ଟିଲରେ କରିବା, ଅଗ୍ନି ନିରାପତ୍ତା ପାଇଁ ଦୋକାନ ନିକଟରେ ବାଲି, ପାଣି ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ମହଜୁଦ ରଖିବା, ପ୍ରତି ଦୋକାନ ମଧ୍ୟରେ ୪ ଫୁଟର ବ୍ୟବଧାନ ରହିବା ନେଇ ଆଲୋଚନା କରାଯାଇଥିଲା।ସରକାରୀ ନୀତିନିୟମ ଓ ଏସ୍‌ଓପି ପାଳନ କରି ବାଣ ବ୍ୟବସାୟ କରିବାକୁ ନେଇ ବିଭିନ୍ନ ଦିଗରେ ଜଟଣୀ ବଜାରରେ ବ୍ୟବସାୟ କରୁଥିବା ଖୁଚୁରା ବାଣ ବ୍ୟବସାୟୀଙ୍କୁ ସଚେତନ କରାଯାଇଥିଲା। ପୌର ପ୍ରଶାସନ ପକ୍ଷରୁ ପରିମଳ ବ୍ୟବସ୍ଥା, ମୋବାଇଲ ଟଏଲେଟ ସହିତ ପାଣି ଟାଙ୍କିର ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ଉପକାରାଗାରରେ ଆଇନ ସଚେତନତା ଶିବିର





ଆଇନ ସଚେତନତା ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ତେବାସୀ।

ଖୋର୍ଦ୍ଧା,୬।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତାଲୁକା ଆଇନସେବା କମିଟି ପକ୍ଷରୁ ଶୁକ୍ରବାର ଉପକାରଗାର ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ତଥା ସିଭିଲ୍ ଜଜ୍ (ସିନିୟର ଡିଭିଜନ) ସୌଦାମିନୀ ସିଂ ଉଦ୍‌ଘାଟନ କରିଥିଲେ। କାରାଗାର ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ଯୁଝାର ସିଂ ଏବଂ ସମ୍ବିତ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ କାରାଗାରରେ ଅନ୍ତେବାସୀଙ୍କୁ ଆଇନ ବିଷୟରେ ସଚେତନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଆଇନସେବା କମିଟି ସମ୍ପାଦକ ବସନ୍ତ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁକ୍ରମ ଚମ୍ପତିଙ୍କ ସମେତ ତାଲୁକା କମିଟି ଓ ଜିଲା ଆଇନସେବା ପ୍ରାଧିକରଣର ଆଇନଜୀବୀ, କର୍ମଚାରୀ ଉପସ୍ଥିତ ଥିଲେ।





କୃଷ୍ଣପ୍ରସାଦ: ସାଇବର ସୁରକ୍ଷା ରଥ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# କୃଷ୍ଣପ୍ରସାଦରେ ଗଡ଼ିଲା ସାଇବର ସୁରକ୍ଷା ରଥ

କୃଷ୍ଣପ୍ରସାଦ, ୬।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ସାଇବର ସୁରକ୍ଷା ଅଭିଯାନ ଅନ୍ତର୍ଗତ ସାଇବର ରଥର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କନ୍ଦାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାଇବର ଅପରାଧ ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା, କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁ, କୃଷ୍ଣପ୍ରସାଦ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ବରିଷ୍ଠ ଇଂଲିଶ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ପ୍ରାଧ୍ୟାପକ ପ୍ରଭାତ କୁମାର ଆଚାର୍ଯ୍ୟ, ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଦୀପକ କୁମାର ବାରିକ, ଏଏସ୍‌ଆଇ ଗଙ୍ଗାଧର ନାୟକ, ଏଏସ୍‌ଆଇ ଶମ୍ଭୁନାଥ ନାୟକ, ମାଲୁଦ ଫାଣ୍ଡି ଅଧିକାରୀ ବିଦ୍ୟାଧର ସାହୁ, ବ୍ଲକ କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ, ଅଧ୍ୟାପକ ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇ ଠକାମିରେ କିଭଳି ନ ପଡ଼ିବେ, ମୋବାଇଲର ବ୍ୟବହାର, ଓଟିପି ଶେୟାର ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବରିଷ୍ଠ କିରାଣି ଦିଲୀପ କୁମାର ଦଳେଇ, ରମାନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ସତର୍କ ଦ୍ୱାରା ସାଇବର ଠକେଇରୁ ବର୍ତ୍ତି ହେବ’

ବେଗୁନିଆ,୬।୧୦(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆରେ ଶୁକ୍ରବାର ଗଡ଼ିଛି ସାଇବର ସୁରକ୍ଷା ସଚେତନତା ରଥ। ସ୍ଥାନୀୟ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ପରିସରରେ ସାଇବର ରଥକୁ ସ୍ୱାଗତ କରାଯିବା ସହ ବୈଠକ ଅନୁଷ୍ଠିତ ହୋଇଥିଲା। ବେଗୁନିଆ ଥାନା ପୋଲିସ ପକ୍ଷରୁ ଆୟୋଜିତ ବୈଠକରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଙ୍ଗାଧର ଦାଶ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁରେନ୍ଦ୍ର ନାଥ ମୁର୍ମୁ ମୁଖ୍ୟ ଅତିଥି ଏବଂ ସାଇବର ସେଲ୍‌ର ମୀନାକ୍ଷୀ ଠାକୁର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସ୍ଥାନୀୟ ବିଡିଓ ଲକ୍ଷ୍ମୀଧର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ଦାସ, ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଏବଂ ବଡ଼ବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ସାଇବର ଠକେଇ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମୋବାଇଲରେ ଅବୈଧ ଆପ୍‌କୁ ବ୍ୟବହାର ନ କରିବା, ବିଭିନ୍ନ ବ୍ୟାଙ୍କର ୟୁପିଆଇ ପିନ୍ କୋଡ୍ ଓ ବ୍ୟକ୍ତିଗତ ଗୁପ୍ତ ତଥ୍ୟ ଅନ୍ୟକୁ ପ୍ରଦାନ ନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ମୋବାଇଲରେ ବିଭିନ୍ନ ଭ୍ରମାତ୍ମକ ମେସେଜ୍ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏଥିପ୍ରତି ସତର୍କ ରହି ଅନ୍ୟମାନଙ୍କୁ ସଚେତନ କରାଇଲେ ରାଜ୍ୟରୁ ସାଇବର ଠକେଇ ହଟିବ ବୋଲି ଅତିଥି ମୁର୍ମୁ କହିଥିଲେ। ସାଇବର ଠକେଇରେ ଯଦି କୌଣସି ବ୍ୟକ୍ତି ପଡ଼ିଛନ୍ତି ତେବେ ତୁରନ୍ତ ଦେୟମୁକ୍ତ ୧୯୩୦ ନମ୍ବରକୁ ଯୋଗାଯୋଗ କରିବାକୁ କୁହାଯାଇଛି। ବୈଠକ ପ୍ରାରମ୍ଭରେ ପୂର୍ଣ୍ଣଚନ୍ଦ୍ର ବେହେରା ଆବାହନୀ ସଙ୍ଗୀତ ଗାନ କରିଥିଲେ। ଲୋକକଳା ଦାସକାଠିଆ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଅଧ୍ୟାପକ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଖେଳ ଶିକ୍ଷକ ବିଜୟ କୁମାର ପଟ୍ଟନାୟକ, ଅଧ୍ୟାପକ ଶ୍ୟାମା ପ୍ରସାଦ ଶତପଥୀ, ଶ୍ରୀନିବାସ ସାହୁ ଓ ସୌମ୍ୟା ଷଡ଼ଙ୍ଗୀଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଥାନା ଉପନିରୀକ୍ଷକ ମାଧବାନନ୍ଦ ବସ୍ତିଆ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୭ ଅକ୍ଟୋବର, ୨୦୨୩



## ତମାଖୁ ଚଢ଼ାଉ ଜାରି

ପୁରୀ,(ଅଜିତ ମହାନ୍ତି): ପୁରୀ ଜିଲା ପ୍ରଶାସନ ଓ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଅଞ୍ଚଳରେ ବେଆଇନ ତମାଖୁ ବ୍ୟବସାୟୀମାନଙ୍କ ଉପରେ ଚଢ଼ାଉ ଜାରି ରହିଛି। ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ହଜାର ଟଙ୍କା ଜରିମାନା ଆଦାୟ ସହ ବିପୁଳ ପରିମାଣର ତମାଖୁ ସାମଗ୍ରୀ ନଷ୍ଟ କରାଯାଇଛି। ତମାଖୁ ବିଜ୍ଞାପନ କରୁଥିବା ଅନେକ ଏଲ୍ଇଡି ହୋର୍ଡିଂ କୁ ଜବତ କରି ନଷ୍ଟ କରାଯାଇଛି, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, ଜିଲା ତମାଖୁ ନିୟନ୍ତ୍ରଣ ଅଧିକାରୀ ଡା. ସୁଶାନ୍ତ କୁମାର ବିଶ୍ୱାଳ ଓ ସମୁଦ୍ରକୂଳ ଥାନା ପୋଲିସ ସାମିଲ ଥିଲେ।

**ସଂକ୍ଷେପରେ**

## ୨୦ରୁ ଡାଣ୍ଡିଆ ଲାଇଭ୍ 'ଲେଟସ୍ ନାଚୋ'

ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପୁରୀ ମାଳତିପାଟପୁରସ୍ଥିତ ୱଣ୍ଡର ୱର୍ଲଡ଼ ୱାଟର ପାର୍କ ଆଣ୍ଡ ରିସର୍ଟଠାରେ ୫ ଦିନିଆ ଡାଣ୍ଡିଆ ଲାଇଭ୍ 'ଲେଟସ୍ ନାଚୋ' ଅନୁଷ୍ଠିତ ହେବ। ୱାଟର୍ ପାର୍କର ଅଧକ୍ଷ ନାରାୟଣ ପାତ୍ର ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଲେ, ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚାଲିବ। ଏଥିରେ ଲାଇଭ୍ ଅଭିନେତା, ଡ଼ିଜେ, ଇଡ଼ିଏମ୍ ବିଟ୍, ଗାୟକ ଏବଂ ସୁସ୍ୱାଦୁ ନବରାତ୍ର ସ୍ୱତନ୍ତ୍ର ଖାଦ୍ୟ ଉପଲବ୍ଧ ହେବ। ଟିକେଟର ମୂଲ୍ୟ ୭୯୯ ଟଙ୍କା ଓ ଭିଆଇପିଙ୍କ ପାଇଁ ୧୦୩୯ ରହିଛି। ଏହି ଟିକେଟ୍ ଅନ୍ଲାଇନ୍ରେ ମଧ୍ୟ ଉପଲବ୍ଧ ହେବ। ସମ୍ମିଳନୀରେ ୱାଟର୍ ପାର୍କର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ର, ଉପସଭାପତି ବିଭୁତେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ରାଧାରମଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟ୍: ଜଣେ ଗିରଫ

ପୁରୀ ୬।୧୦(ଅଜିତ୍ ମହାନ୍ତି):

ସମୁଦ୍ରକୁଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡ଼ରେ ଥିବା ଏକ ଗ୍ୟାରେଜ ମାଲିକଙ୍କ ନିକଟରୁ ପଇସା ଛଡେଇ ନେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ପେଣ୍ଠକଟା ତାରିଣୀ ବସ୍ତିର ଏମ୍ ଜଗା(୨୫)। ପୋଲିସ ଅଭିଯୁକ୍ତ ଠାରୁ ନଗଦ ୧୮ ହଜାର ଟଙ୍କା, ଗୋଟିଏ ଛୁରୀ ଏବଂ ଗୋଟିଏ ମୋବାଇଲ ଜବତ କରିଛି। ଏନେଇ ପୋଲିସ କେସ ନଂ ୨୫୬/୨୩ ରୁଜୁ କରିଛି। ଅଭିଯୁକ୍ତଜଣକ ଜଣେ ପେସାଦାର ଅପରାଧୀ । ତାଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଛି।

## ୬୯ ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ

ଗୋପ,୬।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଉପାନ୍ତ ଅଞ୍ଚଳର ପ୍ରତ୍ୟେକ ଗାଁରେ ଥିବା ଭିନ୍ନକ୍ଷମଙ୍କ ନିକଟରେ ପହଞ୍ଚି ସେବା ଯୋଗାଇଦିଆଯିବ ବୋଲି ବିକାଶ ସ୍ୱେଚ୍ଛାସେବୀ ସଂଗଠନ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂଗଠନ ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ କହିଛନ୍ତି। ସଂଗଠନର ସଦସ୍ୟ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମୁନୁ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ଜେନା, ବିକାଶ ସଂଗଠନର ଯୁଗ୍ମ ସମ୍ପାଦକ ଆଶୁତୋଷ ହୋତା, ପ୍ରୋଗ୍ରାମ ମ୍ୟାନେଜର ସୁଷମା ଆରୋରା, ଏସ୍ଭି ନିର୍ଦ୍ଦାର ପିଓ ମନୋରଞ୍ଜନ ଶତପଥୀ, ଶୁଭଶ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମଙ୍କୁ ସରକାରୀ ଏବଂ ବେସରକାରୀ ସ୍ତରରେ ସହଯୋଗର ହାତ ବଢ଼ାଇବା ଦରକାର ବୋଲି କହିଥିଲେ। ସଂଗଠନ ପକ୍ଷରୁ ୬୯ ଜଣ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର୍, ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ, ୱାକିଙ୍ଗ ଷ୍ଟିକ୍ ସହିତ ଆଉ କେତେକ ଭିନ୍ନକ୍ଷମ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ପ୍ରଧାନ, ରୀତା ମିଶ୍ର, ଗଣେଶ ଚନ୍ଦ୍ର ଦାଶ, ନିରଞ୍ଜନ ମୁଦୁଲି, ଲକ୍ଷ୍ମୀପ୍ରିୟା ଦାଶ, ସୁନନ୍ଦା ବିନିତା ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ୫୭ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ପାଠପଢ଼ା ପାଇଁ ହଇରାଣ ହେଉଛନ୍ତି ଶିଶୁ**

- ୨୨ କେନ୍ଦ୍ରରେ ଶୌଚାଳୟ, ପାଣି ସମସ୍ୟା
- ଆନ୍ଦୋଳନକୁ ଓହ୍ଲାଇଲେ ଅଭିଭାବକ

ପୁରୀ, ୬।୧୦(ଅଜିତ ମହାନ୍ତି):


ଅଭିଭାବକମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପୁରୀ ସହରରେ ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟା ନେଇ ଅଭିଭାବକମାନେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପୁରୀ ସହରରେ ୮୦ଟି ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ରହିଥିବା ବେଳେ ମାତ୍ର ୨୩ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ଅଛି। ତନ୍ମଧ୍ୟରୁ ୨୨ଟିରେ ଶୌଚାଳୟ ଓ ପାନୀୟ ଜଳ ସୁବିଧା ହୋଇନାହିଁ। ଅବଶିଷ୍ଟ ୫୭ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଶିଶୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଭଡ଼ାଘରେ, କ୍ଲବ ଘରେ ଓ କେତେଜଣ ଲୋକଙ୍କ ବାରଣ୍ଡାରେ ଚାଲିଛି। ଅଧିକାଂଶ ଅଙ୍ଗନୱାଡ଼ି କେନ୍ଦ୍ର ବସ୍ତି ଅଞ୍ଚଳରେ ରହିଛି। ପିଲାଙ୍କ ପାଇଁ ଉପଯୁକ୍ତ ପରିବେଶ ଓ ଖେଳପଡ଼ିଆ ଅଭାବ ସାଙ୍ଗକୁ ରୋଷେଇ ସମସ୍ୟା ରହିଛି। ସେହିପରି ଶୌଚାଳୟ ବ୍ୟବସ୍ଥା ନାହିଁ। ବର୍ତ୍ତମାନ ସୁଦ୍ଧା ୫୭ଟି ଅଙ୍ଗନୱାଡ଼ି କେନ୍ଦ୍ରରୁ ୩ଟିର ନିର୍ମାଣ ୯୦ ପ୍ରତିଶତ ସରିଛି। ଅନ୍ୟ ୭ଟି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ୧୦ଟି ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାନ ଅନୁମୋଦନ ପାଇଁ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ଫଳରେ କୋମଳମତି ଶିଶୁମାନେ ହଇରାଣ ହେଉଛନ୍ତି। ଅନେକ ଅଙ୍ଗନୱାଡ଼ି କେନ୍ଦ୍ରର ଷ୍ଟୋର ରୁମ ନ ଥିବାରୁ ପିଲାଙ୍କ ଛତୁଆ ମୂଷା ଖାଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ସାରିବାକୁ ଦାବି କରାଯାଇଛି। ଜିଲାପାଳ ଅଙ୍ଗନୱାଡ଼ି କେନ୍ଦ୍ର କମିଟିର ଚେୟାରମ୍ୟାନ ଉପଜିଲାପାଳଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ଉପଜିଲାପାଳ ୪ ଦିନ ମଧ୍ୟରେ ତହସିଲଦାର, ସଦର ବିଡିଓ, ଡିଏସ୍ଡବ୍ଲ୍ୟୁ, ସିଡିପିଓ, ଡିସିପିଓ ଏବଂ ଅଭିଭାବକମାନଙ୍କୁ ନେଇ ଆଲୋଚନା କରିବାକୁ କୁହାଯାଇଛି। ଦୁର୍ଯ୍ୟୋଧନ ଦାସ, ସୁମିତ୍ରା ବାରିକ, ସୁକାନ୍ତ ପଣ୍ଡା, ଲକ୍ଷ୍ମୀଧର ପ୍ରଧାନ, ନୃସିଂହ ବେହେରା, ଦୀନବନ୍ଧୁ ବେହେରା, ମୋହନ ବେହେରା, କେଶବ ଚନ୍ଦ୍ର ପରିଡ଼ା, ରବୀନ୍ଦ୍ର ପ୍ରସାଦ ସାହୁ, ଉଦୟନାଥ ସାହୁ, ସଚ୍ଚିଦାନନ୍ଦ ବିଶୋଇ, ତ୍ରିଲୋଚନ ମହାନ୍ତି, ବସନ୍ତ କୁମାର ବେହେରା, ପାୟଲ ସ୍ୱାଇଁ, ମାଣିକ ଭୋଇ, ସୁଦର୍ଶନ ସାହୁ, ସୁଦର୍ଶନ ରାଉଳ,ଏମ୍. କ୍ରିଷ୍ଣା ରେଡ୍ଡୀ, ସନ୍ତୋଷ କୁମାର ପ୍ରଧାନ, ପ୍ରହ୍ଲାଦ ମଲ୍ଲିକ, ଜି. ଗୋପୀ, ତପନ କୁମାର ନାୟକ, ଦୀପକ ପ୍ରଧାନ, ଗୀତାଞ୍ଜଳି ଜେନା, ମୋନିକା ପାଟିଲ, ସତ୍ୟନାରାୟଣ ସାହୁ, ଦେବରାଜ ଦାସ, ବିସ୍ମୟ ମିଶ୍ର, କୃପା ରାଓ, ରାଜଶ୍ରୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍ ସଂଯୋଜନା କରିଥିଲା।

# 'ମହାକାଶକୁ ପ୍ରଦୂଷିତ କରିବା ନାହିଁ'



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

**ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ଉଦ୍ଯାପିତ**

ପୁରୀ, ୬।୧୦(ଅଜିତ୍ ମହାନ୍ତି):

ଅନ୍ତରୀକ୍ଷରେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ଓ ତଥ୍ୟ ପ୍ରଦାନ ଆମ ଇସ୍ରୋ ବୈଜ୍ଞାନିକମାନଙ୍କ ଦ୍ୱାରା ଏକ ବିରାଟ ଉପଲବ୍ଧି। ଏହି ଉପଲକ୍ଷେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆୟୋଜିତ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଚନ୍ଦ୍ରୟାନର ସଫଳତା ପାଇଁ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମହାକାଶକୁ ଭଲ ପାଇବା, ପ୍ରାପ୍ତ ତଥ୍ୟକୁ ଜନ କଲ୍ୟାଣରେ ବିନିଯୋଗ କରିବା କିନ୍ତୁ ମହାକାଶକୁ ପ୍ରଦୂଷିତ କରିବା ନାହିଁ ବୋଲି କହିଥିଲେ। ଇସ୍ରୋ ନିର୍ଦ୍ଦେଶକ ଏ. ରାଜରାଜନ କହିଥିଲେ, ଅନ୍ତରୀକ୍ଷ ବିଜ୍ଞାନର ଅନେକ ଅଗ୍ରଗତି ଘଟିଛି। ଆମେ ପୂର୍ବରୁ ବିଫଳ ହୋଇଥିଲେ ମଧ୍ୟ ସେଥିରୁ ସଫଳତାର ସୂତ୍ର ପାଇଛୁ। ପୁରୀରେ ଆୟୋଜିତ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ପ୍ରଭାବିତ ହେବା ସହ ଏହା ସେମାନଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଇସ୍ରୋ ପରିଦର୍ଶନ ପାଇଁ ଛାତ୍ରୀଛାତ୍ରଙ୍କୁ ସେ ଆମନ୍ତ୍ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍ରୋ ଉପନିର୍ଦ୍ଦେଶକ ଆର୍.ସେନ୍ଥିଲ କୁମାର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ପୁରୀର ଅଧ୍ୟକ୍ଷ ଅମିତାଭ ମହାନ୍ତି ପ୍ରମୁଖ ଯୋଗଦେଇ ଅନ୍ତରୀକ୍ଷ ବିଜ୍ଞାନ, ବୈଜ୍ଞାନିକ ଉପଲବ୍ଧି ଓ ବୈଜ୍ଞାନିକମାନଙ୍କ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପୂର୍ବରୁ ରାଜ୍ୟପାଳ ଇସ୍ରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରଦର୍ଶନୀ ବୁଲି ଦେଖିବା ସହ ବିଭିନ୍ନ ମଡେଲ ସମ୍ପର୍କରେ ପଚାରି ବୁଝିଥିଲେ।

## ସଂସ୍କୃତ ବିଭାଗର ପାଠଚକ୍ର

ସାକ୍ଷୀଗୋପାଳ,୬।୧୦ (ଭରତ ରାଉତ)

ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ସଂସ୍କୃତ ବିଭାଗ ଆନୁକୂଲ୍ୟରେ 'ଉପନିଷତସୁ ଭାରତୀୟ ସଂସ୍କୃତି' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଭାଗୀୟ ଅଧ୍ୟାପିକା ପ୍ରଫେସର ସସ୍ମିତା ପ୍ରଧାନ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହିତ ବେଦପାଠ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପାଠଚକ୍ରରେ ଉପନିଷଦଗୁଡ଼ିକରେ ଉଭୟ ଆଧ୍ୟାତ୍ମିକ ଓ ବ୍ରହ୍ମବିଦ୍ୟା ବିଷୟଗୁଡ଼ିକ ବର୍ଣ୍ଣିତ ହୋଇଥିବାରୁ ଭାରତୀୟ ସଂସ୍କୃତି ଉପରେ ଏହାର ପ୍ରଭାବ ରହିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସଂସ୍କୃତ ବିଭାଗର ମୁଖ୍ୟା ପ୍ରାଧ୍ୟାପିକା ସୁଜାତା ମହାପାତ୍ର ବିଷୟବସ୍ତୁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ସାଧନବ୍ୟକ୍ତିତ୍ୱ ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର ପୁରୀ, ବେଦାନ୍ତ ବିଭାଗର ମୁଖ୍ୟ ଅବସରପ୍ରାପ୍ତ ପ୍ରଫେସର୍ ଡ. ପ୍ରଭାତ ରଞ୍ଜନ ମହାପାତ୍ର କହିଥିଲେ, ଭାରତୀୟ ସଂସ୍କୃତିର ମୌଳିକ ତଥା ପ୍ରାମାଣିକ ଉତ୍ସ ହେଉଛି ଉପନିଷେଦ। ବିଭାଗୀୟ ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ସନ୍ଦର୍ଭ ପଠନ କରିଥିଲେ। ପରେ ତୃତୀୟବର୍ଷର ଛାତ୍ରୀମାନେ ସନ୍ଦର୍ଭ ପଠନ କରିଥିଲେ। ପରିଶେଷରେ ତୃତୀୟବର୍ଷର ସମ୍ମାନ ଛାତ୍ର ସାରସ୍ୱତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପ କାର୍ଯ୍ୟ ଶେଷ ପରେ ବି ମିଳୁନି ପାଣି

**ବିଭାଗୀୟ ଅଧିକାରୀ-ଠିକାଦାରଙ୍କ ମଧୁଚନ୍ଦ୍ରିକା**

ବଲଙ୍ଗା, ୬।୧୦(କେଦାରେଶ୍ୱର ନନ୍ଦ):

ସୁଧା ଯୋଜନାରେ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବଲଙ୍ଗା ଗ୍ରାମରେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପାଇପ ବିଛାଯାଇ ଘର ସାମ୍ନାରେ ଷ୍ଟାଣ୍ଡପୋଷ୍ଟ ଲଗାଯାଇଛି। ତେବେ ସେଥିମଧ୍ୟରୁ କେତେଗୁଡ଼ିଏ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିଗଲାଣି। ଫଳରେ ପାନୀୟଜଳ ପାଇଁ ଲୋକେ ହଇରାଣ ହେଉଛନ୍ତି। ଏଥିଲାଗି ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ଦାୟୀ କରିଛନ୍ତି। ଦୀର୍ଘବର୍ଷ ତଳେ ବଲଙ୍ଗା ଗ୍ରାମରେ ଲୁହା ପାଇପ ଦ୍ୱାରା ପାଣି ଷ୍ଟାଣ୍ଡପୋଷ୍ଟ ଯୋଗେ ଯୋଗାଇ ଦିଆଯାଇଥିଲା। ଏବେ ଲୁହାପାଇପ ପୁରୁଣା ହୋଇଥିବାରୁ ସେଥିରେ କଳଙ୍କି ଲାଗିବା ସହ ଶିଉଳି ସୃଷ୍ଟି ହୋଇ ଅପରିଷ୍କାର ପାଣି ଆସୁଛି। ସେହି ପାଣିକୁ ଲୋକେ ପିଇ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନୂଆ ଟାଙ୍କି ନିର୍ମାଣ ସରିଛି, ପାଇପ ବିଛାଯାଇଛି। କିନ୍ତୁ ପାଣି ଛଡ଼ାଯାଉନାହିଁ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପାଣି ଯୋଗାଣ ନ ହେଲେ ରାସ୍ତାରୋକୋ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ପି.କେ ବଳ କହିଛନ୍ତି ଯେ, ଆସନ୍ତା ୧୫ ଦିନ ମଧ୍ୟରେ ବିଦ୍ୟୁତ ସଂଯୋଗ କରି ପାଣି ଯୋଗାଇ ଦେବୁ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ

**ସରପଞ୍ଚ, ସମିତି ସଭ୍ୟ ଯୋଗଦେଲେ ନାହିଁ**

କଣାସ, ୬।୧୦ (ବିଭୂତି ଭୂଷଣ ତ୍ରିପାଠୀ):

ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଣାସ ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ବିଡିଓ ନାରାୟଣ ଚନ୍ଦ୍ର ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଜନସାଧାରଣ କିପରି ବନ୍ୟା ସମୟରେ ହଇରାଣ ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଧିକାରୀମାନଙ୍କୁ ଜନସାଧାରଣ ସହଯୋଗ କରିବାପାଇଁ ବିଡିଓ ଏବଂ ତହସିଲଦାର କହିଥିଲେ। ଉପାଧ୍ୟକ୍ଷ ଜୟସିଂହ କିପରି ବନ୍ୟା ସମୟରେ ଗୋରୁ ଉପବାସ ରହୁଛନ୍ତି, ବନ୍ୟାଘେରରେ ରହୁଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଠିକ୍ ଭାବେ ଦିଆଯାଉ ନ ଥିବା, ପାନୀୟଜଳ ଅଭାବ ଯୋଗୁ ବନ୍ୟାକ୍ଲିଷ୍ଟ ଲୋକେ କଷ୍ଟ ଭୋଗୁଥିବା ପ୍ରଭୃତି ଉଦାହରଣ ଦେବାସହ ଆଗାମୀ ଦିନରେ ସମସ୍ତ ଅଧିକାରୀ ଠିକ୍ ଭାବେ ନିରୀକ୍ଷଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବନ୍ୟାପରେ କ୍ଷୟକ୍ଷତି ଫସଲର ଅନୁଧ୍ୟାନ କରି କୃଷି ଅଧିକାରୀ ତପୋର୍ଟ ଦେବା ପାଇଁ ସେ କହିଥିଲେ। ତେବେ ଏହି ବୈଠକ ମୁଖ୍ୟତଃ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ସେମାନେ କେହି ଯୋଗଦେଇ ନ ଥିଲେ।

# କଂଗ୍ରେସର ଘରକୁ ଘର ଅଭିଯାନ ଆରମ୍ଭ


କଂଗ୍ରେସ ପକ୍ଷରୁ ବାହାରିଥିବା ପଦଯାତ୍ରା ।

ଚାରିଛକ, ୬।୧୦ (ଶିଶିର ସ୍ୱାଇଁ):

ପୁରୀ ଜିଲା ନିମାପଡା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଘରକୁ ଘର ଅଭିଯାନ ଆରମ୍ଭ ହୋଇଯାଇଛି। ନିମାପଡା ବ୍ଲକ ଜାତୀୟ କଂଗ୍ରେସ ସଭାପତି ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ତୁଳସୀପୁର ପଞ୍ଚାୟତରେ ପଞ୍ଚାୟତ ସଭାପତି ରଘୁନାଥ ବେହେରାଙ୍କ ସହଯୋଗରେ ଘର ଘର ଚାଲ, ହାତକୁ ହାତ ଯୋଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରିଣୀ ସଭ୍ୟ ରାମଚନ୍ଦ୍ର ଜେନା, ଅଜୟ କୁମାର ବାରିକି, ବ୍ଲକ ଉପସଭାପତି ବିଜୟ କୁମାର ମଲ୍ଲିକ, ଚରପଦା ପଞ୍ଚାୟତ ସଭାପତି ସନ୍ତୋଷ ବେହେରା, ଅନ୍ଥୁଆର ପଞ୍ଚାୟତ ଉପସଭାପତି ରଶ୍ମିରଞ୍ଜନ ସ୍ୱାଇଁ ଯୋଗଦେଇ ପଞ୍ଚାୟତରେ ଘରକୁ ଘର ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ବେହେରା, ରଶ୍ମିରଞ୍ଜନ ସ୍ୱାଇଁ, ଶରତ ବାରିକ, ବିନୟ ସ୍ୱାଇଁ, ବାବୁଲି ମଲ୍ଲିକ, ପ୍ରମୋଦ ଗୋଛୟତ, ପବିତ୍ର ପ୍ରଧାନ, ସୁଧୀର ପ୍ରଧାନ, ନରେଶ ଗୋଛୟତ, କ୍ଷମାନିଧି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ସାକ୍ଷୀଗୋପାଳ ମନ୍ଦିରରେ ରହିବ ତାଳଧ୍ୱଜ ରଥଚକ

ସାକ୍ଷୀଗୋପାଳ, ୬।୧୦
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):



ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ସାକ୍ଷୀଗୋପାଳ ମନ୍ଦିରରେ ରଖାଯିବ ଶ୍ରୀବଳଭଦ୍ର ଜୀଉଙ୍କ ତାଳଧ୍ୱଜ ରଥର ଗୋଟିଏ ଚକ। ଶ୍ରୀକ୍ଷେତ୍ରରୁ ଶୁକ୍ରବାର ଶାରଦୀୟ ପୂଜା ପ୍ରାରମ୍ଭରେ ରଥ ଚକଟି ସାକ୍ଷୀଗୋପାଳ ମନ୍ଦିରକୁ ଅଣାଯାଇଛି। ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘର ଅନୁରୋଧକ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ରଥ ଚକକୁ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ମନ୍ଦିର ଅଣାଯାଇଛି। ପବିତ୍ରତାର ସହିତ ରଥ ଚକଟି ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ମନ୍ଦିର ଝୁଲଣ ମଣ୍ଡପରେ ସ୍ଥାପନ କରାଯିବ ବୋଲି ଜଣାପଡିଛି। ଶ୍ରୀମନ୍ଦିର ରଥ ନିର୍ମାଣ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖାଯାଇଥିବା ଏହି ଚକଟି ଆନୁଷ୍ଠାନିକଭାବେ ପ୍ରଦାନ କରିଛନ୍ତି।

# 'ବନ୍ୟପ୍ରାଣୀ ସୁରକ୍ଷା, ସଂରକ୍ଷଣ ସମସ୍ତଙ୍କର ଧ୍ୟେୟ ହେଉ'

ଅସ୍ତରଙ୍ଗ, ୬।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ୍/ମମତା ଜେନା)

ବନ୍ୟପ୍ରାଣୀ ବନଖଣ୍ଡ ପୁରୀ ତରଫରୁ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଆନୁକୂଲ୍ୟରେ ୬୯ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ସମସ୍ତଙ୍କ ଧ୍ୟେୟ ହେଉ ଓ ଆମର ମହାନ୍ ଜୈବବିବିଧତା ସୁରକ୍ଷିତ ରହୁ, ଏଥିପାଇଁ ଜନସାଧାରଣ ଆନ୍ତରିକ ଉଦ୍ୟମ ଓ ସହଯୋଗ କରିବାକୁ ବନପାଳ ବଳରାମ ସାହୁ ୬୯ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆହ୍ୱାନ ଦେଇଛନ୍ତି। ପୀର ଜାହାନିଆ ବନପାଳ କାର୍ଯ୍ୟାଳୟଠାର ଆୟୋଜିତ ଏହି ସମାରୋହରେ ଅସ୍ତରଙ୍ଗ ରେଞ୍ଜ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି ସମାବେଶକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଦୁଃଶାସନ ନାୟକ, ପରିବେଶବିତ୍ ବିଜୟ କୁମାର ଭଞ୍ଜ, ବନପାଳ ବିରଜା ମହାପାତ୍ର, ପରିବେଶବିତ୍ ବିଚିତ୍ରାନନ୍ଦ ବିଶ୍ୱାଳ ଯୋଗଦେଇଥିଲେ। ବକ୍ତାମାନେ ୧୯୭୨ ମସିହାରେ ଓଡ଼ିଶା ସରକାରଙ୍କ ବନ୍ୟପ୍ରାଣୀ ସୁରକ୍ଷା ଆଇନ ପ୍ରଣୟନ ସହ, ବନ୍ୟଜନ୍ତୁମାନଙ୍କୁ ସୁରକ୍ଷା ଦେବା ପାଇଁ ଏହି ଆଇନର ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ। ସମସ୍ତଙ୍କର ମିଳିତ ସହଯୋଗରେ ପ୍ରାଣୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ଜରୁରୀ ବୋଲି ସମ୍ମିଳିତ ଭାବେ ମତପ୍ରକାଶ ପାଇଥିଲା। ଜଙ୍ଗଲ,ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ଏହି ସମାବେଶରେ,ବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ଦଳ, ବନ ବିଭାଗର କର୍ମକର୍ତ୍ତା, ବନ ସୁରକ୍ଷା ସମିତିର ସଭ୍ୟଙ୍କ ସମେତ ପ୍ରାୟ ୨୦୦ ପ୍ରତିନିଧି ଯୋଗ ଦେଇଥିଲେ।


ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବିବାଦୀୟ କାଫେ ଗୃହ ନିର୍ମାଣକୁ ବିରୋଧ

**ଅଧିକାରୀଙ୍କୁ ଘେରିଲେ ମହିଳା**

ପିପିଲି, ୬।୧୦ (ପ୍ରଭାତ କୁମାର ମହାପାତ୍ର):


ଉତ୍ତ୍ୟକ୍ତ ମହିଳାଙ୍କୁ ପୋଲିସ ବୁଝାଶୁଝା କରୁଛି ।

ପିପିଲି ଜଗନ୍ନାଥପୁର ପଞ୍ଚାୟତରେ ମିଶନ ଶକ୍ତି କାଫେର ବେଆଇନ୍ ଗୃହ ନିର୍ମାଣକୁ ବିରୋଧ କରି ସ୍ଥାନୀୟ ଶତାଧିକ ମହିଳା ଧାରଣା ଦେଇଥିଲେ। ବେଆଇନ କାଫେ ନିର୍ମାଣକୁ ବିରୋଧ କରି ମହିଳାଙ୍କ ଆନ୍ଦୋଳନ ଚାଲୁଥିବାବେଳେ ଆକ୍ରୋଶର ଶିକାର ହୋଇଥିଲେ ଯାଜପୁର ଅଞ୍ଚଳରୁ ଆସିଥିବା ସରକାରୀ ଅଧିକାରୀ। ପିପିଲି ବ୍ଲକ ବିପିଏମ୍ଙ୍କ ପ୍ରାୟୋଜିତ ବୈଠକରେ ଯୋଗଦେଇ ଯାଜପୁର ଅଞ୍ଚଳର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବ୍ଲକ ଓ ମିଶନ ଶକ୍ତି କର୍ମଚାରୀମାନେ ହଟହଟା ହୋଇଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ ରାଜରାସ୍ତା ଉପରେ ପ୍ରାୟ ଅଧଘଣ୍ଟା କାଳ ମହିଳାଙ୍କ ଦ୍ୱାରା ଅଟକ ରହିଥିଲେ ମହିଳା ଓ ପୁରୁଷ କର୍ମଚାରୀ। ସ୍ଥାନୀୟ ଜନସାଧାରଣ ଓ ପୋଲିସ କର୍ମଚାରୀଙ୍କ ବୁଝାଶୁଝା ପରେ ଆସିଥିବା ସରକାରୀ ଅଧିକାରୀଙ୍କୁ ମହିଳାମାନେ ଛାଡ଼ିଥିଲେ। ଏହାସହିତ ଆନ୍ଦୋଳନକାରୀ ମହିଳାମାନେ ପିପିଲି ଥାନା ଅଧିକାରୀଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଥାଉକି ପିପିଲି ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଗୋଚର ଜମିରେ ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟ ବ୍ଲକ ପ୍ରଶାସନ ବେଆଇନ ଭାବେ ଚାଲୁ ରଖୁଥିବା ବେଳେ ଏହି କାର୍ଯ୍ୟକୁ ଉକ୍ତ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି। ସେହିପରି ଜଗନ୍ନାଥପୁର ପଞ୍ଚାୟତରେ ମିଶନ କାଫେ ନିର୍ମାଣ କାର୍ଯ୍ୟକୁ ହାଇକୋର୍ଟଙ୍କ ରହିତାଦେଶ ରହିଥିବା ବେଳେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ମିଳିତ ଭାବେ ଏହି ନିର୍ଦ୍ଦେଶକୁ ବେଖାତିର କରି ନିର୍ମାଣ ଜାରି ରଖିଥିଲେ। ଏହି ଆନ୍ଦୋଳନରେ ସୋନିଲତା ସେଠୀ, କବିତା ବେହେରା, ଚନ୍ଦ୍ରକାନ୍ତି ବେହେରା, ସବିତା ବେହେରା, ପାର୍ବତୀ ମଳିକ, କେତକୀ ବେହେରା, ଉମା ସେଠୀ, ମୀନା ସେଠୀ, ମିନତୀ ମଳିକ, ମମତା ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଶକ୍ତିପୀଠରେ ଷୋଡ଼ଶ ଉପଚାର ପୂଜା

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): କଟକର ବିଭିନ୍ନ ପୀଠରେ ଶୁକ୍ରବାରଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ କଟକଚଣ୍ଡୀଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ମା' ଗଡ଼ଚଣ୍ଡୀଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନଦୀ ଓ ପୁଷ୍କରିଣୀରୁ ସହସ୍ର କୁମ୍ଭରେ ଜଳ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ପୂଜା ପାଇଁ ବିଭିନ୍ନ ଶକ୍ତିପୀଠ ମଣ୍ଡପରେ ପ୍ରକମ୍ପିତ ହୋଇଥିଲା।

**ସଂକ୍ଷେପରେ**

## ନାବାଳିକା ଉଦ୍ଧାର, ଯୁବକ ଗିରଫ

ଖୁଣ୍ଟୁଣୀ, ୬।୧୦(ସଚ୍ଚିଦାନନ୍ଦ ପଣ୍ଡା)

ନାବାଳିକା ଅପହରଣ ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ କୋଚିଲା ନୂଆଗାଁ ଗ୍ରାମର ବିଜୟ ସାମଲ। ଏଥିସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୨୮ ତାରିଖରେ ବିଜୟ ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ଘର ନିକଟରୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ମାଆ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୧/୨୩) ରୁଜୁ କରିଥିଲା। ସମ୍ପୃକ୍ତ ଯୁବକ ଓ ନାବାଳିକା ଚୌଦ୍ୱାର ଅଞ୍ଚଳରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ବିଜୟଙ୍କୁ ଗିରଫ କରିଥିଲା।

## ମୋ ଦେଶ ମୋ ମାଟି ପାଇଁ ଅମୃତ ମାଟି ସଂଗ୍ରହ

ଫୁଲନଖରା,୬।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦଙ୍କ ଉଦ୍ଦେଶ୍ୟରେ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ପାଇଁ ଦେଶର ପ୍ରତ୍ୟେକ କୋଣ ଅନୁକୋଣରୁ ଅମୃତ ମାଟି ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକ ସଦର ଭାଜପା ପକ୍ଷରୁ ଅମୃତ ମାଟି ସଂଗ୍ରହ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ୫୭ ନମ୍ବର ୱାର୍ଡ ଗୋପାଳପୁର ଅଞ୍ଚଳର ଶ୍ରୀକରୁଆଁ, ଗୁରୁବାରି ସାହି ଆଦି ସ୍ଥାନରେ ପଦଯାତ୍ରା ହୋଇଥିଲା। ଏଥିରେ ଘରକୁ ଘର ବୁଲି ଅମୃତ ମାଟି ସଂଗ୍ରହ କରାଯାଇଥିଲା। ଅନୁସୂଚିତ ଜାତି ରାଜ୍ୟ ସଂଯୋଜକ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଦିଲ୍ଲୀପ ମଲ୍ଲିକ, ଜିଲା ଉପ ସଭାପତି ସ୍ୱାଧୀନଚେତା ମହାନ୍ତି, ଆଲୋକ ଚନ୍ଦ୍ର ମହାନ୍ତି, ମଣ୍ଡଳ ସଭାପତି ପ୍ରମୋଦ ଓଝା, ମହିଳା ମୋର୍ଚ୍ଚା ମଣ୍ଡଳ ସଭାପତି ମାମିନା ମହାନ୍ତି, ସୋନିଆ ଶର୍ମା, ଦୀପକ ମଲ୍ଲିକ, ଅନିଲ ପରିଡା, ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଭାଜପା ଚୌଦ୍ୱାର ମଣ୍ଡଳର ବୈଠକ

ଚୌଦ୍ୱାର,୬।୧୦(ଆଶୁତୋଷ ଦାସ)

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ସ୍ଥାନୀୟ ଏକ ମଣ୍ଡପରେ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଓ ଜିଲା ବୁଦ୍ଧିଜୀବୀ ପ୍ରକୋଷ୍ଠ ସଂଯୋଜକ ବିକ୍ରମ ଦାସ ଯୋଗଦେଇ ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଶହୀଦ୍ ସ୍ମାରକୀ ପାଇଁ ଅମୃତ କଳସ ଯାତ୍ରା, ମାଟି ସଂଗ୍ରହ ତଥା ଅମୃତ ବାଟିକା ନିମନ୍ତେ ମୋ ମାଟି ମୋ ଦେଶ ଅଭିଯାନ ଆଦି କିପରି ଭାବେ ପ୍ରତ୍ୟେକ ବୁଥ୍‌ସ୍ତରରେ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲା ଉପ ସଭାପତି ପ୍ରଶାନ୍ତ କୁମାର ହୋତା, ଚିରଞ୍ଜୀବୀ ଖଣ୍ଡାୟତରାୟ, ପ୍ରକାଶ ଚନ୍ଦ୍ର ବଡ଼ଜେନା, ସନ୍ତୋଷ କୁମାର ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ସୁଷମା ବଡ଼ଜେନା, କମଳ ମହାନ୍ତିଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ସଞ୍ଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

କଣ୍ଟାପଡା,୬।୧୦(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିରତାର ଅକ୍ୟୁପେସନାଲ ଥେରାପି ଓ ଫିଜିଓଥେରାପି ବିଭାଗର ମିଳିତ ପ୍ରଚେଷ୍ଟାରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର ସାହୁ, ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ମହାପାତ୍ର, ଶିବାଦତ୍ତ ଚାନ୍ଦ ଓ ରାଜକିଶୋର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନରେ ଚିକିତ୍ସାରତ ମସ୍ତିଷ୍କ ପକ୍ଷାଘାତ ରୋଗୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶୀଘ୍ର ଆରମ୍ଭ ହେବ ବାଲିଯାତ୍ରା ପ୍ରସ୍ତୁତି

କଟକ,୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)



ସିଏମ୍‌ସି କାଉନସିଲ ବୈଠକରେ ମେୟର, ଡେପୁଟି ମେୟର ଓ କମିଶନରଙ୍କ ସହ କର୍ପୋରେଟରମାନେ।

**ସିଏମ୍‌ସି କାଉନସିଲ ବୈଠକ**

କଟକ ମହାନଗର ନିଗମ(ସିଏମ୍‌ସି)ର ୧୮ ତମ କାଉନସିଲ ବୈଠକ ସ୍ଥାନୀୟ ବିଜୁଭବନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ଅଧ୍ୟକ୍ଷତା କରିଥିଲେ। ଗତବର୍ଷ ବାଲିଯାତ୍ରା ପ୍ରସ୍ତୁତି ବିଳମ୍ବକୁ ନେଇ ଅନେକ ଅଭିଯୋଗ ଉଠିଥିଲା। ଏଥିପାଇଁ ଚଳିତବର୍ଷ ଶୀଘ୍ର ପ୍ରସ୍ତୁତି ଆରମ୍ଭ ହେବ। ସବୁ କାମ ପାଇଁ ଟେଣ୍ଡର ଶୀଘ୍ର ହେବ। ସ୍ୱଚ୍ଛତାର ସହ ଚଳିତବର୍ଷ ସବୁ କାମ ହେବ ବୋଲି ମେୟର କହିଛନ୍ତି। ପୂଜା ପୂର୍ବରୁ ୱାର୍ଡ ସମସ୍ୟା ଓ ବାଲିଯାତ୍ରା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ବିଶେଷକରି ବିଭିନ୍ନ ୱାର୍ଡରେ ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ମରାମତି, ବିଦ୍ୟୁତ୍ ସେବା, ପରିମଳ ଓ ନାଳ ସଫା ପାଇଁ ବିଭିନ୍ନ ବିଭାଗ ସହ ଆଲୋଚନା ହୋଇଥିଲା। ବିଜେଡି କର୍ପୋରେଟର ତାପସ ସାମନ୍ତରାୟ କହିଛନ୍ତି, ଆବଶ୍ୟକ ନ ଥିବା କର୍ମଚାରୀଙ୍କୁ ସିଏମ୍‌ସି ପକ୍ଷରୁ ଗାଡି ଯୋଗାଇ ଦିଆଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ, ପ୍ଲାନିଂ ବିଭାଗର କେତେଜଣ କର୍ମଚାରୀ ଗାଡ଼ିରେ ବୁଲୁଛନ୍ତି। ସେମାନଙ୍କର କାର୍ଯ୍ୟ କ'ଣ ଏବଂ ସେମାନେ କାହିଁକି ସରକାରୀ ଟଙ୍କାରେ କାର୍ ଚଢୁଛନ୍ତି ବୋଲି ତାପସ ପ୍ରଶ୍ନ କରିଥିଲେ। ଏଥିସହ ରାସ୍ତା ମରାମତି ଓ ମେଢ ଯିବା ରାସ୍ତାରୁ ତାରଗୁଡ଼ିକୁ ହଟାଇବା ପାଇଁ ସେ କହିଥିଲେ। ସେହିପରି ୪୪ନଂ. ୱାର୍ଡ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ କହିଛନ୍ତି, କାଉନ୍‌ସିଲରେ ଦିଆଯାଉଥିବା ରୋଜୋଲ୍ୟୁଶନ ୭ ଦିନ ପୂର୍ବରୁ କର୍ପୋରେଟରଙ୍କୁ ଦିଆଯାଉ। ଫଳରେ ରିଜୋଲ୍ୟୁଶନକୁ ପଢି ଅନୁଧ୍ୟାନ କରିବାକୁ ସାମୟ ମିଳିବ। ୪୩ ନଂ. ୱାର୍ଡ କର୍ପୋରେଟର ପ୍ରମିଳା ମହାନ୍ତି କହିଥିଲେ, ବୈଠକରେ ସମସ୍ତେ ସମସ୍ୟା ପ୍ରସଙ୍ଗ ଉଠାଉଛନ୍ତି। ହେଲେ କେତେ ସମସ୍ୟା ସମାଧାନ ହେଲା ସେ ଦିଗରେ କେହି ଧ୍ୟାନ ଦେଉନାହାନ୍ତି। ୪୧ ନଂ. ୱାର୍ଡ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ ଯୋଗଦେଇ ତାଙ୍କ ୱାର୍ଡରେ ଭେଣ୍ଡିଂଜୋନ, ସ୍କୁଲ କାନ୍ଥ ମରାମତି, ୱାର୍ଡ ଅଫିସ ନିର୍ମାଣ ଆଦି ସମସ୍ୟା ଜଣାଇଥିଲେ । ୫୮ନଂ. ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା ଜାତୀୟ ରାଜପଥ ପାର୍ଶ୍ୱରେ ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ।

### ସିଏନ୍‌ବିଟିରେ ବ୍ୟାଟେରି ଗାଡ଼ି ବ୍ୟବସ୍ଥା କରାଯାଉ

କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରେ ପାର୍କିଂ ବ୍ୟବସ୍ଥା ନେଇ କର୍ପୋରେଟର ଲିଜାରାଣୀ ରାଉତ କ୍ଷୋଭ ପ୍ରକାଶ କରିଥିଲେ। କାର, ବାଇକ୍ ସାଇକେଲ ପାଇଁ ଟଙ୍କା ନିଆଯାଉଛି, ଯାହା ଅତି ଦୁଃଖର ବିଷୟ। ସେହିପରି ବହୁ ଦୂରରେ ଗାଡ଼ି ପାର୍କିଂ କରାଯାଉଛି। ତେଣୁ ବୃଦ୍ଧାବୃଦ୍ଧମାନେ ଏତେ ଦୂର ଚାଲି ଚାଲି ଯାଇ ବସ୍ ଧରିବା କଷ୍ଟକର ହେଉଛି। ତେଣୁ ବୟସ୍କ ବ୍ୟକ୍ତିଙ୍କ ପାଇଁ ବ୍ୟାଟେରି ଚାଳିତ ଗାଡ଼ି ବ୍ୟବସ୍ଥା କରାଯାଉ ବୋଲି ସେ ବୈଠକରେ ପ୍ରସ୍ତାବ ଦେଇଥିଲେ।

### ବେଆଇନ ହୋର୍ଡିଂ ଉଚ୍ଛେଦ ନେଇ କର୍ପୋରେଟର ଅସନ୍ତୁଷ୍ଟ

ଗୁରୁବାର ସହରର ବିଭିନ୍ନ ସ୍ଥାନରେ ଥିବା ବେଆଇନ ହୋର୍ଡିଂ ଉଚ୍ଛେଦକୁ ନେଇ ବୈଠକରେ ସିଏମ୍‌ସିର ଅଧିକାରୀଙ୍କୁ ଜଣେ କର୍ପୋରେଟର ପ୍ରଶ୍ନ କରିଥିଲେ। ତାଙ୍କୁ କୌଣସି ସୂଚନା ନ ଦେଇ ଏପରି କରାଯାଇଛି ବୋଲି ସେ କହିଥିଲେ। ଏନେଇ ସମ୍ପୃକ୍ତ ଅଧିକାରୀ କହିଥିଲେ, ତାଙ୍କର ଏହା କାର୍ଯ୍ୟ। ବେଆଇନ ହୋର୍ଡିଂ ଉଚ୍ଛେଦ ନେଇ ଅନେକ ଅଭିଯୋଗ ପରେ ସେ ଏପରି ପଦକ୍ଷେପ ନେଇଥିବା କହିଥିଲେ । ଯଦି ତାଙ୍କ କାର୍ଯ୍ୟରେ କିଛି ଭୁଲ ରହିଛି ତେବେ ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିବାକୁ ମେୟର ଓ କମିଶନରଙ୍କୁ କହିଥିଲେ। ଅପରପକ୍ଷରେ କାଉନସିଲରେ ଅନେକ କର୍ପୋରେଟର ବେଆଇନ ହୋର୍ଡିଂକୁ ଉଚ୍ଛେଦ ନେଇ ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀଙ୍କୁ କୃତଜ୍ଞତା ଜଣାଇଥିବାବେଳେ କେବଳ ଜଣେ କର୍ପୋରେଟର ଏନେଇ ପ୍ରଶ୍ନ ଉଠାଇଛନ୍ତି।

ଏଥିସହ ଡ୍ରେନେଜ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯାଉ ବୋଲି ସେ କହିଥିଲେ। ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ କର୍ପୋରେଟରମାନେ ଉପସ୍ଥିତ ଥିଲେ।

## ୩.୧୫ ଲକ୍ଷ ଟଙ୍କା ଚୋରି, ୨ ଗିରଫ

କଟକ ସଦର,୬।୧୦(ସୁଶାନ୍ତ କୁମାର ଜେନା)

ଟଙ୍କା ଚୋରି ଅଭିଯୋଗରେ କନ୍ଦରପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ଗଣ୍ଡପଲି ଗ୍ରାମର ଏ. ନରେଶ(୩୨) ଓ ଏ. ଅଦୁକାଣ୍ଡୁଲୁ(୩୦)। ୨୦୨୨ ଡିସେମ୍ବର ୩୦ରେ ଏହି ଥାନା ଅନ୍ତର୍ଗତ କମାପୁର ଗ୍ରାମର ବ୍ରଜକିଶୋର ପ୍ରଧାନ ନାମକ ବ୍ୟକ୍ତି କନ୍ଦରପୁର ଷ୍ଟେଟ୍ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇଥିଲେ। ପରେ ଗାଡ଼ି ଡିକିରେ ଟଙ୍କା ରଖି ଘରକୁ ଯିବା ବାଟରେ ପରିସ୍ରା କରିଥିଲେ। ଫେରିଲାବେଳକୁ ଗାଡ଼ି ଡିକିରୁ ଟଙ୍କା ଚୋରି ହୋଇଯାଇଥିଲା। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୪୭/୨୨) ରୁଜୁ ହୋଇଥିଲା। ସେହିପରି ଏହି ଥାନା ଅନ୍ତର୍ଗତ ଫକୀରପଡା ଗ୍ରାମର ଶଙ୍କର୍ଷଣ କାଣ୍ଡି ୨୦୨୨ ନଭେମ୍ବର ୩ରେ କନ୍ଦରପୁର ଷ୍ଟେଟ୍ ବ୍ୟାଙ୍କରୁ ୧୫ ହଜାର ଟଙ୍କା ଉଠାଇଥିଲେ। ପରେ ବ୍ୟାଗରେ ଟଙ୍କା ରଖି ଘରକୁ ଫେରିଲାବେଳେ କନ୍ଦରପୁର ବଜାରରୁ ଫଳ କିଣିଥିଲେ। କୌଶଳକ୍ରମେ ଅଭିଯୁକ୍ତ ଦ୍ୱୟ ସାଇକେଲରୁ ଟଙ୍କାବ୍ୟାଗ ନେଇ ପଳାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୯୯/୨୨) ରୁଜୁ କରିଥିଲା। ଉଭୟ ମାମଲାର ତଦନ୍ତବେଳେ ସିସିଟିଭି ଫୁଟେଜ୍‌ରୁ ଉଭୟଙ୍କ ଉପସ୍ଥିତି ସମ୍ପର୍କରେ ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ଦ୍ୱୟ ବିଭିନ୍ନ ଅଞ୍ଚଳରେ ଥିବା ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଉଥିବା ଲୋକଙ୍କ ଉପରେ ନଜର ରଖିବା ସହିତ କୌଶଳକ୍ରମେ ଚୋରି କରିଥାନ୍ତି। ସିସିଟିଭି ଫୁଟେଜ ରାଜ୍ୟର ବିଭିନ୍ନ ଥାନାକୁ ସ୍ଥାନୀୟ ପୋଲିସ ପଠାଇଥିଲା। ସୂଚନା ମିଳିବା ପରେ ଥାନା ଅଧିକାରୀ ବିପିନ ବିହାରୀ ହୋତା ଗଞ୍ଜାମ ଯାଇ ଗୁରୁବାର ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

## ଆଇଟିଆଇ ପରିଦର୍ଶନ କଲେ ବିଶ୍ୱବ୍ୟାଙ୍କ, ଡିଜିଟି ପ୍ରତିନିଧି



ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନରେ ଆସିଥିବା ବିଶ୍ୱବ୍ୟାଙ୍କ, ଡିଜିଟି ପ୍ରତିନିଧି ଦଳ।

କଟକ,୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ) ପରିଦର୍ଶନରେ ବିଶ୍ୱବ୍ୟାଙ୍କର ପ୍ରତିନିଧି ଦଳ, ଡିରେକ୍ଟୋରେଟ୍ ଜେନେରାଲ ଅଫ୍ ଟ୍ରେନିଂ(ଡିଜିଟି) ନୂଆଦିଲ୍ଲୀ, ଛତିଶଗଡ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାର ପ୍ରତିନିଧି ଦଳ ଶୁକ୍ରବାର ଆସିଥିଲେ। ସେମାନେ ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ଶିଳ୍ପଭିତ୍ତିକ ଜ୍ଞାନକୌଶଳ ଦେଖି ଖୁସି ହୋଇଥିଲେ। ଏହି ଆଇଟିଆଇ ସେମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସେମାନେ କହିଥିଲେ। ଆଇଟିଆଇର ଅଧ୍ୟକ୍ଷ ସ୍ୱପ୍ନ କୁମାର ମିଶ୍ର ଉକ୍ତ ପ୍ରତିନିଧି ଦଳକୁ ଛାତ୍ରୀଛାତ୍ରଙ୍କ ଦ୍ୱାରା କାଠରେ ନିର୍ମିତ କଲମ ଷ୍ଟାଣ୍ଡ ଉପହାର ଦେଇଥିଲେ। ଏହି ପ୍ରତିନିଧିମାନେ ସରକାରୀ ଆଇଟିଆଇରେ ଦୀର୍ଘ ଛଅ ଘଣ୍ଟାରୁ ଅଧିକ ସମୟରେ ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ।

## କୀଟନାଶକ ଦୋକାନରେ ଚଢ଼ାଉ

କଟକ ସଦର,୬।୧୦(ସୁଶାନ୍ତ କୁମାର ଜେନା)

ଅନାବନା ଗଛ ଓ ଘାସ ନଷ୍ଟ ପାଇଁ ବ୍ୟବହୃତ ପାରାକ୍ୱାଟ ନାମକ ଏକ ଔଷଧ ବିକ୍ରି ଉପରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରତିବନ୍ଧକ ଲଗାଇଛି। ଏହି କୀଟନାଶକ ବିକ୍ରି ବନ୍ଦ ଓ ଜନସଚେତନତା ପାଇଁ କଟକ ସଦର ବ୍ଲକ କୃଷି ବିଭାଗ ପକ୍ଷରୁ ୪୨ ମୌଜା, କନ୍ଦରପୁର, କିଶୋର ନଗର ଅଞ୍ଚଳର ସରକାରୀ ଅନୁମୋଦିତ କୀଟନାଶକ ଔଷଧ ଦୋକାନରେ ଗୁରୁବାର ଚଢ଼ାଉ କରାଯାଇଥିଲା। ଅନେକ ସ୍ଥାନରେ ପ୍ରତିବନ୍ଧିତ କୀଟନାଶକକୁ ନଷ୍ଟ କରାଯାଇଥିଲା। ସୂଚନା ଅନୁଯାୟୀ, ରାଜ୍ୟ ସରକାର ପତ୍ରସଂଖ୍ୟା ୨୨୧୪୧/୫।୧୦।୨୦୨୩ରେ ଉକ୍ତ କୀଟନାଶକ ବିକ୍ରି ଉପରେ ୬୦ ଦିନ ପାଇଁ ପ୍ରତିବନ୍ଧକ ଲଗାଯାଇଛି। ଏ ସମ୍ପର୍କରେ ସରକାରଙ୍କ ଦ୍ୱାରା ଅନୁମୋଦିତ କୀଟନାଶକ ଔଷଧ ଦୋକାନୀମାନଙ୍କୁ ସଚେତନ କରିବା ସହ ଏହାର ଷ୍ଟକ ନଷ୍ଟ କରିବା ପାଇଁ ସମସ୍ତ ବ୍ଲକ କୃଷି ଅଧିକାରୀଙ୍କୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏହି ଚଢାଉ କରାଯାଇଥିଲା। ଏହି କୀଟନାଶକର ଅପକାରିତା ସମ୍ପର୍କରେ ଜାଣିବା ପାଇଁ ଗ୍ରାମ କୃଷି କର୍ମଚାରୀଙ୍କୁ ଯୋଗାଯୋଗ କଲେ ସବିଶେଷ ତଥ୍ୟ ଜଣାଇ ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ଜାଫନା ରାୟ ସୂଚନା ଦେଇଛନ୍ତି। ଏହି ରାସାୟନିକ କୀଟନାଶକ ମାଟିରେ ପ୍ରୟୋଗ କରାଗଲେ ଅନାବନା ଘାସ ନଷ୍ଟ ହୁଏ। ହେଲେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ବହୁଦିନ ପର୍ଯ୍ୟନ୍ତ ମାଟିରେ ରହିଥାଏ। ଏହି କୀଟନାଶକ ପ୍ରୟୋଗ କରାଯାଇଥିବା ଜମିରୁ ଉତ୍ପାଦିତ ଶସ୍ୟ, ପରିବା, ଘାସ ଦ୍ୱାରା ଗାଈ କ୍ଷୀର ଆକାରରେ ମଣିଷ ଦେହକୁ ଚାଲି ଆସି କ୍ଷତି ପହଞ୍ଚାଇଥାଏ।

## ଇଣ୍ଡିଆ ମେଣ୍ଟର ବୈଠକ

କଟକ ସଦର,୬।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ପଞ୍ଚାୟତ ଏରଞ୍ଚସ୍ଥିତ ଗୋପବନ୍ଧୁ ଜରାଶ୍ରମ କାର୍ଯ୍ୟାଳୟରେ ଇଣ୍ଡିଆ ମେଣ୍ଟର ବୈଠକ ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଚ୍ଛାୟତଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାକ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ମନମୋହନ ପତି ସଭାପତିତ୍ୱ କରି ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ଏବଂ ସମ୍ବିଧାନ ବିରୋଧୀ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ରାଜନେତାଙ୍କ ମୁଖା ଖୋଲିବା ପାଇଁ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରରେ ଇଣ୍ଡିଆ ମେଣ୍ଟର ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି କଟକ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିବ। ଏହି ବୈଠକରେ କଂଗ୍ରେସ, ସିପିଏମ୍ ଓ ଆମ୍ ଆଦ୍‌ମୀ ପାର୍ଟିର ପ୍ରମୁଖ ବରିଷ୍ଠ ନେତା ପ୍ରାଣକୃଷ୍ଣ ଭୋଇ, ଅଭୟ କୁମାର ସ୍ୱାଇଁ, ପ୍ରଭାତ କୁମାର ଖଟୁଆ, ସୁବ୍ରତ ଦାସ, ସିରାଜ ଉଦ୍ଦିନ ଖାଁ, ରବିନାରାୟଣ ନାୟକ, ପ୍ରଫୁଲ୍ଲ କୁମାର ଜେନା, ଅଜୟ କୁମାର ମଲ୍ଲିକ, ଶୁକଦେବ ସାମଲ, ପ୍ରଫୁଲ୍ଲ ସାହାଣୀ, ଉମାଶଙ୍କର କୁଅଁର ଓ ଶରତ କୁମାର ପରିଡ଼ା ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

କଟକ,୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ଧରି ଚାଲିଥିବା ହଷ୍ଟେଲ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆସନ୍ତା ୬ମାସ ମଧ୍ୟରେ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ପ୍ରତିଶ୍ରୁତି ଦେବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏଥିସହ କର୍ମଚାରୀଙ୍କୁ ଇପିଏଫ୍, ଇଏସ୍‌ଆଇ ଏବଂ ବାସଗୃହ ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଶୁକ୍ରବାର ଗୋଟିଏ ଦିନ ପାଇଁ ବିଭିନ୍ନ ହଷ୍ଟେଲରେ ମେସ୍ ବ୍ୟବସ୍ଥା ବନ୍ଦ କରାଯାଇଥିଲା। ଫଳରେ ଅନ୍ତେବାସୀମାନେ ଖାଇବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯଦି ୬ ମାସ ମଧ୍ୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରିଦିଆଯିବ ବୋଲି ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘ ସଭାପତି ପ୍ରକାଶ କୁମାର ଦାଶ ସୂଚନା ଦେଇଛନ୍ତି ।

## ଦିଲ୍ଲୀ ଭାରତ ମଣ୍ଡପମ୍‌ରେ ରେଭେନ୍‌ଶା ବିଦ୍ୟାର୍ଥୀ



କଟକ,୬।୧୦ (କାର୍ତ୍ତିକ ସାହୁ)

ଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର କୋଣଅନୁକୋଣରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଗତ ସେପ୍ଟେମ୍ବର ୨୬ରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେଶରୁ ୩୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଆସ୍ଥା ପଣ୍ଡା, ଅତିଶା ମହାପାତ୍ର, ପ୍ରାଚୁର୍ଯ୍ୟା ମିଶ୍ର, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ବିଦ୍ୟାର୍ଥୀ ଅଧାପିକା ମାଳିନୀପ୍ରଭା ସେଠୀଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଚନ୍ଦ୍ରୟାନ-୩, ଆଦିତ୍ୟ ଏଲ-୧, ବନ୍ଦେ ଭାରତ ଟ୍ରେନ୍, ଜି-୨୦ ଶିଖର ସମ୍ମିଳନୀ, ସ୍ୱଚ୍ଛ ଭାରତ ଆଦି ବିଷୟରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ଆଗାମୀ ୨୦୪୭ ସୁଦ୍ଧା ଭାରତକୁ ତୃତୀୟ ସର୍ବବୃହତ ଅର୍ଥନୈତିକ ରାଷ୍ଟ୍ର ରୂପେ ପରିଣତ କରାଯିବା ବିଷୟରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲା।




ଗଣମାଧ୍ୟମ ଓ ଖବରଦାତାମାନଙ୍କୁ ଦମନ ଉଦ୍ୟମ ବିରୋଧରେ ନାଗରିକ ସମାଜ କଟକ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ।



କଟକ ତେଲେଙ୍ଗା ବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶ୍ରୀମଦ୍ ଭାଗବତ ଜନ୍ମ ମହୋତ୍ସବରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମ।

# ଡିସେମ୍ବର ସୁଦ୍ଧା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

## ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ୫-ଟି ସଚିବ

ପୁରୀ,୬।୧୦(ଅଜିତ୍ ମହାନ୍ତି)

୫-ଟି ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର ଭୋରରୁ ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ପରିକ୍ରମା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମାରାଥନ ଭାବେ ସେ ଭୋର ୪ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ।

୫-ଟି ସଚିବ ଭୋର ପ୍ରାୟ ୪ଟାରେ ପୁରୀରେ ପହଞ୍ଚି ପ୍ରଥମେ ଶ୍ରୀମନ୍ଦିର ସମ୍ମୁଖରେ ନୀଳଚକ୍ର ଦର୍ଶନ କରିବା ସହ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିଥିଲେ। ପରେ ଶ୍ରୀମନ୍ଦିର ଚାରିପାଖେ ଚାଲୁଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ପ୍ରକଳ୍ପର ନକ୍ସା ଦେଖିଥିଲେ। ୫-ଟି ସଚିବ ପ୍ରଥମେ ଦୋଳବେଦି କୋଣକୁ ଯାଇ ସେଠାରେ ଚାଲିଥିବା କାର୍ଯ୍ୟ ଦେଖିଥଲେ। ସେହିପରି ଶ୍ରୀମନ୍ଦିର ଚାରିପଟେ ଉଚ୍ଛେଦ ହୋଇଥିବା ମଠ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧାନ କରିଥିଲେ। ମଠର ଐତିହ୍ୟ ଓ ପରମ୍ପରାକୁ ନଜରରେ ରଖାଯାଇ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଶ୍ରୀମନ୍ଦିର ସଂଲଗ୍ନ ରାସ୍ତା ବା ଛକ ଯେପରିକି ବାନାମ୍ବର ଛକ, ଶନିମନ୍ଦିର ଗଳି, କୃଷ୍ଣ ସିନେମା ରୋଡ୍, ଦୋଳବେଦି କୋଣ, ଧାନକୁଟି ସାହି, ନୂତନ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ ପ୍ରଭୃତି ସ୍ଥାନ ବୁଲି ଦେଖିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଶ୍ରୀମନ୍ଦିର ନିକଟରେ ସେବାୟତ ଏବଂ ଭକ୍ତଙ୍କ ଦୁଇଚକିଆ ଗାଡ଼ି ପାର୍କିଂ ନେଇ ଜିଲାପାଳଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ପରିକ୍ରମା ମାର୍ଗର ଆଉଟର ଆକ୍ସେସ୍ ରୋଡକୁ ଜବରଦଖଲମୁକ୍ତ କରାଯିବା ନେଇ ପଦକ୍ଷେପ ନିଆଯିବ। ଭକ୍ତମାନେ ଯେପରି ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ କରି ସୁଖଦ ଅନୁଭବ ନେଇ ଫେରିବେ ତାହାକୁ ନଜରରେ ରଖାଯାଇ କାର୍ଯ୍ୟ କରାଯିବ। ସକାଳ ୫ଟା ୩୦ରେ ୫-ଟି ସଚିବ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପାଖକୁ ଯାଇ ପିଲିଗ୍ରିମ ସେଣ୍ଟର କାର୍ଯ୍ୟ ଅନୁଧାନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଗାଡ଼ି ଏଠାରେ ପାର୍କିଂ କରାଯିବା ପାଇଁ ବ୍ୟବସ୍ଥା ହେଉଛି। ପରେ ସକାଳ ୬ଟା ୩୦ରେ ୫-ଟି ସଚିବ ଶ୍ରୀସେତୁ କାର୍ଯ୍ୟର ସମୀକ୍ଷା କରିଥିଲେ। ତେବେ ନୂଆବର୍ଷ ପୂର୍ବରୁ ଅର୍ଥାତ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ୫-ଟି ସଚିବ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସକାଳ ୭ଟାରେ ସେ ମୂଷା ନଦୀ କାର୍ଯ୍ୟର ସମୀକ୍ଷା କରିଥିଲେ। ନୂଆବର୍ଷରେ ପୁରୀ ବୁଲିବାକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ଯେପରି ସୁବିଧାରେ ଦର୍ଶନ କରିବା ସହ ଏକ ସୁଖଦ ଅନୁଭବ ନେଇ ଫେରିପାରିବେ ସେଥିପାଇଁ ପଦକ୍ଷେପ ନିଆଯାଉଛି। ଏହି ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଉପଜିଲାପାଳ ଭବତାରଣ ସାହୁ, ଅନ୍ୟ ଅଧିକାରୀ, ପୂର୍ତ୍ତ ବିଭାଗ ସଚିବ ଏବଂ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୨୨ କେଜି ଗଞ୍ଜେଇ ଜବତ, ରାଜସ୍ଥାନୀ ଯୁବକ ଗିରଫ

**ଭୁବନେଶ୍ୱର,୬।୧୦ (ସୂର୍ଯ୍ୟକାନ୍ତ ବେହେରା):** ବସ୍‌ରେ ଗଞ୍ଜେଇ ଚୋରାଚାଲଣ କରିବା ପୂର୍ବରୁ ଭରତପୁର ଥାନା ପୋଲିସ ବରମୁଣ୍ଡା ଟେଲ୍‌କୋ କଲୋନୀ ଅଞ୍ଚଳରେ ଥିବା ଏକ ବସ୍‌ଷ୍ଟାଣ୍ଡରେ ଚଢାଉ କରି ଜଣେ ଅଣ ଓଡିଆ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ସେ ହେଲେ ରାଜସ୍ଥାନର ମେଘନାଜ ଲାଭା। ତାଙ୍କଠାରୁ ୨୨ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ବେଆଇନ ଗଞ୍ଜେଇ ଗଜପତି ଅଞ୍ଚଳରୁ ସଂଗ୍ରହ କରି ରାଜସ୍ଥାନକୁ ଚାଲାଣ କରୁଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି ।

### ସମୁଦ୍ରରେ ଭାସିଯାଉଥିବା ୪ ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୬।୧୦(ଅଜିତ ମହାନ୍ତି):** ସମୁଦ୍ରରେ ଭାସିଯାଉଥିବାବେଳେ ୪ଜଣ ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡମାନେ ଉଦ୍ଧାର କରିଛନ୍ତି। ସେମାନେ ହେଲେ ଝାଡ଼ଖଣ୍ଡର ଲଲନ ପ୍ରସାଦ (୪୫), ବିହାର ଜାହାନଦାବାଦ ଜିଲାର ରାକେଶ ଶର୍ମା(୧୬), ହାଜିପୁରର ଅଭିଷେକ ପାଣ୍ଡେ (୧୭) ଏବଂ ନାଳନ୍ଦା ଅଞ୍ଚଳର ଅମନ ଶର୍ମା (୧୭)। ସକାଳ ୮ଟା ୨୦ରେ ବେଳାଭୂମିର ୩ନଂ ସେକ୍ଟର ସମୁଦ୍ରରେ ଲଲନ ପ୍ରସାଦ ଗାଧୋଉଥିବା ବେଳେ ଏକ ଲହଡି ମାଡ଼ରେ ଭାସିଯାଇଥିଲେ। ଅପରାହ୍ନରେ ସ୍ନାନ କରିବାବେଳେ ବିହାରର ସମ୍ପୃକ୍ତ ୩ ପର୍ଯ୍ୟଟକ ଭାସିଯାଇଥିଲେ। ସମସ୍ତଙ୍କୁ ଲାଇଫ ଗାର୍ଡମାନେ ଉଦ୍ଧାର କରି କୂଳକୁ ଆଣିଥିଲେ। ସେହିପରି ଜଣେ ବ୍ୟକ୍ତିଙ୍କୁ ବାତ ମାରିବାରୁ ସେ ଅଚେତ ହୋଇପଡ଼ିଥିଲେ। ଲାଇଫଗାର୍ଡମାନେ ପ୍ରାଥମିକ ଚିକିତ୍ସା କରିବାରୁ ତାଙ୍କ ଜୀବନ ରକ୍ଷା ପାଇଯାଇଥିଲା।

### ୯ଜଣ ପାଇବେ ସଂସ୍କୃତି ମିତ୍ର ସମ୍ମାନ

**ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ନାଟ୍ୟ ଅନୁଷ୍ଠାନ ପଞ୍ଚମ ବେଦର ୨୨ତମ ବାର୍ଷିକ ଉତ୍ସବ ଆସନ୍ତା ୧୧ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ୯ଜଣଙ୍କୁ ସଂସ୍କୃତି ମିତ୍ର ସମ୍ମାନ ପ୍ରଦାନ କରାଯିବ। ନାଟ୍ୟକାର ଡ. ନରେନ୍ଦ୍ର ମିଶ୍ର, ପ୍ରଶାସକ ସଂଗ୍ରାମ କେଶରୀ ସ୍ୱାଇଁ, ସଙ୍ଗଠକ ତଥା ଅଭିନେତା ଲକ୍ଷ୍ମୀଧର ପୂଜାପଣ୍ଡା, ବରିଷ୍ଠ ଅଭିନେତା ରଘୁନାଥ ବେହେରା, ଅଭିନେତା ସୁରେନ୍ଦ୍ର ପାଢ଼ୀ, ଓଡ଼ିଶୀ ନୃତ୍ୟଗୁରୁ ଡ. ଶ୍ରୀନିବାସ ଘଟୁଆରୀ, ସମାଜସେବୀ କିଶୋର ଚନ୍ଦ୍ର ଦେବୁରୀ, ସୁଚେତା ପ୍ରିୟଦର୍ଶିନୀ, ସାମ୍ବାଦିକା ବନ୍ଦନା ସେଠୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ନାଟ୍ୟକାର କୁଞ୍ଜ ରାୟଙ୍କ ଦ୍ୱାରା ହରେନ୍ ସାହୁଙ୍କ ଦିଗ୍‌ଦର୍ଶନ ଓ ପ୍ରକାଶ ମହାରଣାଙ୍କ ନିର୍ଦ୍ଦେଶିତ ନାଟକ କାଳାନ୍ତର ପରିବେଶିତ ହେବ। ଶୁକ୍ରବାର ଏ ନେଇ ଅନୁଷ୍ଠାନର ସଭାପତି ହରେନ୍ ସାହୁ ଓ ସମ୍ପାଦକ ପ୍ରକାଶ ମହାରଣା ସୂଚନା ଦେଇଛନ୍ତି।



ମୁକ୍ତି କଣ୍ଟେମ୍ପୋରାରି ଥିଏଟର ଗ୍ରୁପ୍ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ନାଟକ 'ପୂର୍ଣ୍ଣ ପୁରୁଷ'ର ଏକ ଦୃଶ୍ୟ।

## ବକେୟା ଟଙ୍କା ମାଗିବାରୁ ବାର୍ ଡ୍ୟାନ୍ସର୍‌ଙ୍କୁ ମାଡ଼

### ରଙ୍ଗିଲା ବାର୍ ନାଁରେ ଏତଲା

ଭୁବନେଶ୍ୱର,୬।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅଶୋକ ନଗରସ୍ଥିତ ରଙ୍ଗିଲା ବାର୍ ନାଁରେ ଦୁଇଜଣ ଯୁବତୀ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଯୁବତୀଦ୍ୱୟ ସେଠାରେ ବାର୍ ଡ୍ୟାନ୍ସର୍ ଭାବେ କାମ କରି ଛାଡ଼ି ଦେଇଥିଲେ। ତେବେ ବକେୟା ଟଙ୍କା ମାଗିବାକୁ ଯାଇଥିବାବେଳେ ସେମାନଙ୍କୁ ସେଠାରେ ଗାଳିଗୁଲଜ ସହ ସଂଘବଦ୍ଧ ଭାବେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସେମାନେ କାମ କରୁଥିବାବେଳେ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରାଯାଇଥିଲା ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲା ରହୁଥିବା ନେଇ ଉଭୟ ଯୁବତୀ ଗଣମାଧ୍ୟମ ସାମ୍ନାରେ କହିଛନ୍ତି। ତେବେ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୪୧, ୩୨୩, ୨୯୪, ୫୦୬, ୩୪ରେ ଏକ ମାମଲା (ନଂ.୫୯୦/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ମାମଲାରେ ପୋଲିସ ରଙ୍ଗିଲା ବାର୍ ମାଲିକ ମୋହନଙ୍କ ସମେତ ବ୍ୟାଣ୍ଡ୍ ଲିଡର୍ ପାର୍ଥ, ବାପିଙ୍କୁ ଅଭିଯୁକ୍ତ ଦର୍ଶାଇଛି। ସୂଚନା ଅନୁଯାୟୀ, ଯୁବତୀଙ୍କଦ୍ୱୟଙ୍କ ମଧ୍ୟରୁ ଜଣଙ୍କ ଘର ପଶ୍ଚିମବଙ୍ଗରେ। ସେଠାରେ କାମ କରୁଥିବାବେଳେ ଶାରୀରିକ ସମ୍ପର୍କ ରଖି ଖୁସି କରିବାକୁ ବାଧ କରାଯାଉଥିଲା। ଏହାକୁ ନେଇ ବିବାଦ ପରେ ଉଭୟ ସେଠାରୁ କାମ ଛାଡ଼ି ଦେଇଥିଲେ। ବୁଧବାର ସକାଳେ ଉଭୟଙ୍କ ମଧ୍ୟରୁ ଜଣଙ୍କର ବକେୟା ୫୦ ହଜାର ଟଙ୍କା ମାଗିବାକୁ ଯାଇଥିବା ବେଳେ ବାର୍‌ରେ ଯୁକ୍ତିତର୍କ ହୋଇଥିଲା। ଯୁବତୀଦ୍ୱୟଙ୍କୁ ଗାଳିଗୁଲଜ ସହ ସଂଘବଦ୍ଧ ଭାବେ ମାଡ଼ ମରାଯାଇ ତଡ଼ି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ତେବେ ଏନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସିଡିଏମ୍‌ଓଙ୍କୁ ଲଜିଷ୍ଟିକ୍ ସହାୟତା ମିଳିବ

ଭୁବନେଶ୍ୱର, ୬।୧୦
(ଅସମାପିକା ସାହୁ)

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କ୍ଷେତ୍ର ସ୍ତରରେ ଯାଞ୍ଚ ନିମନ୍ତେ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲଜିଷ୍ଟିକ୍ ସହାୟତା ଯୋଗାଇ ଦିଆଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିଷ୍ପତ୍ତି ନେଇଛି। ବିଭାଗର ସଚିବ ଶାଳିନୀ ପଣ୍ଡିତ ଶୁକ୍ରବାର ସମସ୍ତ ଜିଲା ଚିକିତ୍ସାଧିକାରୀ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ରାଉରକେଲା ଆର୍‌ଜିଏଚ୍ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏଥିପାଇଁ ମୋଟ ୯୬ଟି ଗାଡ଼ି ଭଡ଼ାରେ ଆଣିବାକୁ ଅନୁମତି ଦିଆଯାଇଛି। ୩୦ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକ ୨ଟି ଲେଖାଏ ଏବଂ ୩୨ ଉପ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକ ଗୋଟିଏ ଲେଖାଏ ଗାଡ଼ି ଭଡ଼ାରେ ଆଣିପାରିବେ। ସେହିପରି କ୍ୟାପିଟାଲ ଓ ଆର୍‌ଜିଏଚ୍ ହସ୍ପିଟାଲ ମଧ୍ୟ ଦୁଇଟି ଲେଖାଏ ଗାଡ଼ି ଆଣିପାରିବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୋନୁ



@ ଲିକୁନ୍



@ ତୁଷାର



@ ସୁମନ୍ତ



@ ନକୁଲ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଖାଦ୍ୟାଭ୍ୟାସରେ ସାମିଲ ହେଉ ମାଣ୍ଡିଆ'

## ଏନ୍‌ଆର୍‌ଆର୍‌ଆଇରେ ରାଷ୍ଟ୍ରୀୟ ମିଲେଟ୍ ଏକ୍ସପୋ

କଟକ,୬।୧୦ (କାର୍ତ୍ତିକ ସାହୁ)

କ୍ଷୁଦ୍ରଶସ୍ୟ ମାଣ୍ଡିଆ ପ୍ରତିକୂଳ ପରିସ୍ଥିତିରେ ବଢ଼ିପାରେ। ମାଣ୍ଡିଆ ଅନୁର୍ବର ଜମି, କମ୍ ପାଣି ଓ କମ୍ ପୋଷକତତ୍ତ୍ୱରେ ବଢ଼ିପାରୁଥିବାରୁ ଦୁର୍ଭିକ୍ଷ ସମୟରେ ଖାଦ୍ୟ ଯୋଗାଇପାରିବ। ଏସିଆ ଭୂଖଣ୍ଡରେ ପ୍ରଥମେ ମାଣ୍ଡିଆ ଚାଷ ହୋଇଥିଲା। ସେଥିପାଇଁ ଏହାକୁ ଆଦି ଅନ୍ନ ଓ ଏବେ ଶ୍ରୀଅନ୍ନ ବୋଲି କୁହାଯାଉଛି। ମାଣ୍ଡିଆର ଖାଦ୍ୟଗୁଣ ଅତ୍ୟନ୍ତ ମୂଲ୍ୟଯୁକ୍ତ ହୋଇଥିବାରୁ ସମସ୍ତଙ୍କ ଖାଦ୍ୟାଭ୍ୟାସରେ ମାଣ୍ଡିଆ ସାମିଲ ହେଉ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମତବ୍ୟକ୍ତ କରିଛନ୍ତି। ଥାଞ୍ଜାବୁରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫୁଡ୍ ଟେକ୍ନୋଲୋଜି ଏଣ୍ଟ୍ରେପ୍ରେନ୍ୟୁଅରସିପ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଓ କଟକସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ଏମ୍‌କେସିଜି ପ୍ଲାଟିନମ୍ ଜୁବିଲି ଅଡିଟୋରିମ୍‌ରେ ନ୍ୟାଶନାଲ ମିଲେଟ୍ ଏକ୍ସପୋ-୨୦୨୩ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଉଳ ଯୋଗଦେଇ କହିଥିଲେ, ମାଣ୍ଡିଆ ଖାଦ୍ୟ ଏବେ ଏକ ଆନ୍ଦୋଳନରେ ପରିଣତ ହୋଇଛି।



ରାଷ୍ଟ୍ରୀୟ ମିଲେଟ୍ ଏକ୍ସପୋରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ମୁଖ୍ୟବକ୍ତା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫୁଡ୍ ଟେକ୍ନୋଲୋଜି ଏଣ୍ଟ୍ରେପ୍ରେନ୍ୟୁଅରସିପ୍ ଆଣ୍ଡ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର ଭି. ପାଲାନିମୁଥୁ କହିଥିଲେ, ମାଣ୍ଡିଆ ଶସ୍ୟ ଗରିବ ଓ ଧନୀ ଉଭୟ ଲୋକଙ୍କ ଖାଦ୍ୟ। ଏହାର ଖାଦ୍ୟଗୁଣ ଅତ୍ୟନ୍ତ ଉଚ୍ଚମାନର। ଏହାକୁ ଖାଇବା ଦ୍ୱାରା ଶରୀରରେ କର୍କଟ, ହୃଦ୍‌ରୋଗ ହେବାର ଆଶଙ୍କା କମିଥାଏ। ଏଥିରେ ବହୁ ପରିମାଣର ତନ୍ତୁଜାତୀୟ ପଦାର୍ଥ ଓ ପୁଷ୍ଟିସାର ରହିଛି। ତେଣୁ ସବୁବର୍ଗର ଲୋକ ଏହାକୁ ଖାଇବା ଆବଶ୍ୟକ। ସମ୍ମାନିତ ଅତିଥି ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କହିଥିଲେ, ଭାରତ ସରକାର ମାଣ୍ଡିଆ ଶସ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କୃଷକମାନେ ଅଧିକ ପରିମାଣ ଜମିରୁ ଏହି ଶସ୍ୟ ଉତ୍ପାଦନ କରିବା ଦରକାର। ଆଗରୁ ଗରିବ ଲୋକେ ମାଣ୍ଡିଆ ଖାଉଥିଲେ, ହେଲେ ଏବେ ଧନୀଲୋକ ମାଣ୍ଡିଆ ଖାଉଛନ୍ତି। ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଲେଣି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଲେଟ୍ ମିଶନ ଯୋଜନା ଜରିଆରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟସାମଗ୍ରୀର ବିକ୍ରିକୁ ପ୍ରାଧାନ୍ୟ ଦିଆଯାଉଛି। ଜଳବାୟୁ ପରିବର୍ତ୍ତନ ସହ ପ୍ରତିକୂଳ ପ୍ରଭାବ ଯୋଗୁ ଦେଶରେ ଧାନ ଉତ୍ପାଦନର ଆର୍ଥିକ କ୍ଷତିର ମୁକାବିଲା କରିବା ପାଇଁ ଢିପ ଏବଂ ଶୁଷ୍କ ଅଞ୍ଚଳରେ ମାଣ୍ଡିଆ ଚାଷ ଉପରେ ଡ. ନାୟକ ଗୁରୁତ୍ୱାରୋପ କରିଛନ୍ତି। ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍ ରିସର୍ଚ୍ଚ (ଆଇଆଇଏମ୍‌ଆର)ର ନିର୍ଦ୍ଦେଶକ ଡ. ତାରା ସତ୍ୟବତୀ ଅନ୍‌ଲାଇନ୍‌ରେ ଯୋଡ଼ି ହୋଇଥିଲେ। ବିର୍ସା ଏଗ୍ରିକଲଚର ଆଣ୍ଡ୍ ଟେକ୍ନୋଲୋଜି ୟୁନିଭର୍ସିଟିର ପୂର୍ବତନ କୁଳପତି ଓ.ଏନ୍. ସିଂହ ଉତ୍ତର ଭାରତରେ ବହୁଳ ଭାବେ ମାଣ୍ଡିଆ ଉତ୍ପାଦନ ହେଉଛି ବୋଲି କହିଥିଲେ।

ଏହି ଅବସରରେ ଥାଞ୍ଜାବୁରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫୁଡ୍ ଟେକ୍ନୋଲୋଜି ଏଣ୍ଟ୍ରେପ୍ରେନ୍ୟୁଅରସିପ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଏବଂ ଏନ୍‌ଆର୍‌ଆର୍‌ଆଇ ମଧ୍ୟରେ ମାଣ୍ଡିଆ ଶସ୍ୟର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏଥିସହ ସ୍ମରଣିକା ଓ ମାଣ୍ଡିଆ ସମ୍ପର୍କିତ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଦୁଇଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇ ମିଲେଟ୍ ଉତ୍ପାଦନ ପ୍ରଯୁକ୍ତିବିଦ୍ୟାରେ ବୈଷୟିକ ପ୍ରଗତି, ଉଦ୍ୟୋଗୀ, ପୁଷ୍ଟିକର ପ୍ରୋତ୍ସାହନ, ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୁକ୍ତ କରାଇବା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରୁ ବହୁ କୃଷକ, କୃଷିଜୀବୀ ମହିଳା, ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେହିପରି ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଓଡ଼ିଶା ମିଲେଟ୍ ମିଶନ, କେଭିକେ ରାଜ୍ୟ ଲାଇନ ବିଭାଗ ଏବଂ ଏଗ୍ରି ଷ୍ଟାର୍ଟ ଅପ୍‌ର ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସଚିବ ଡ. ଏମ୍. ଶିବଶଙ୍କରୀ ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜକ କମିଟିର କୋ-ଚେୟାରମ୍ୟାନ୍ ଡ. ଜି.ଏ.କେ. କୁମାର ଏକ୍ସପୋ ସମ୍ପର୍କରେ ସୂଚନା ଦେଇଥିବାବେଳେ ବୈଜ୍ଞାନିକ ଡ. ଭି. ଚନ୍ଦ୍ରଶେଖର ଧନ୍ୟବାଦ ଅର୍ପଣ କରିଥିଲେ।

# ସିଟ୍ରୋନ୍‌ର ଅଲ୍ ନ୍ୟୁ ସି୩ ଏୟାରକ୍ରସ୍ ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର,୬।୧୦ (ଅଭୟ ଦାଶ)




ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ (ଇଭି) ତଥା ଫ୍ରେଞ୍ଚ କାର୍ ନିର୍ମାତା ସିଟ୍ରୋନ୍‌ର ବହୁ ପ୍ରତୀକ୍ଷିତ ସି ୩ ଏୟାରକ୍ରସ୍ ଏସ୍‌ୟୁଭିର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ନୂଆ ସିଟ୍ରୋନ୍ ସି୩ ଏୟାରକ୍ରସ୍ ଏସ୍‌ୟୁଭିରେ ୯୦%ରୁ ଅଧିକ ସ୍ଥାନୀୟକରଣ ଏବଂ ଏହାକୁ ଭାରତୀୟ ଉପଭୋକ୍ତାଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏପରିକି ଏହାର ସମସ୍ତ ଭାରିଆଣ୍ଟରେ ୧.୨ ଲିଟର ଜେନ୍ ୩ ଟର୍ବୋ ପ୍ୟୋର୍‌ଟେକ୍୧୧୦ ଇଞ୍ଜିନ୍ (୧୧୦ପିଏସ୍ ପାୱାର, ୧୯୦ଏନ୍‌ଏମ୍ ଟର୍କ) ଷ୍ଟାଣ୍ଡାର୍ଡ ଫିଚର ଭାବେ ଉପଲବ୍ଧ ରହିଛି। ଏପରିକି ସେଗ୍‌ମେଣ୍ଟର ସ୍ୱତନ୍ତ୍ର ୫+୨ ସିଟ୍ ଫ୍ଲେକ୍ସି-ପ୍ରୋ ଭାରିଆଣ୍ଟ ଅତିରିକ୍ତ ୩୫,୦୦୦ ଟଙ୍କାରେ ଉପଲବ୍ଧ ହେଉଛି। ଅପରପକ୍ଷରେ ସିଟ୍ରୋନ୍ ସି୩ ଏୟାରକ୍ରସ୍ ଏସ୍‌ୟୁଭିରେ ସିଟ୍ରୋନ୍ ଆଡ୍‌ଭାନ୍ସଡ୍ କମ୍ଫର୍ଟ ରହିଛି, ଯାହା ବିବିଧ ସଡ଼କ ସ୍ଥିତିରେ ସର୍ବୋତ୍ତମ ଶ୍ରେଣୀର ଚାଳନା, ନିୟନ୍ତ୍ରଣ ଓ ଆରାମ ପ୍ରଦାନ କରୁଛି। ସି୩ ଏୟାରକ୍ରସ୍ ଏସ୍‌ୟୁଭିରେ ୧୭.୭୮ସେମି ଇଣ୍ଟେଲି- ସ୍ମାର୍ଟ ଟିଏଫ୍ଟି କ୍ଲଷ୍ଟର, ୨୬ସେମି ଇନ୍‌ଫୋଟେନ୍‌ମେଣ୍ଟ ସ୍କ୍ରିନ୍ ସହ ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଓ ଆପଲ୍ କାର୍ ପ୍ଲେ, ଇଏସ୍‌ପି ସହ ଆଡ୍‌ଭାନ୍ସଡ୍ ଟେକ୍ ସୁଟ୍, ହିଲ୍ ହୋଲ୍ଡ, ଟିପିଏମ୍ଏସ୍ ଓ ଇଞ୍ଜିନ୍ ଷ୍ଟାର୍ଟ/ଷ୍ଟପ୍ ଭଳି ଅନ୍ତର୍ନିହିତକାରୀ ଫିଚର ରହିଛି। ଏ ସମ୍ପର୍କରେ ଷ୍ଟେଲାଣ୍ଟିସ୍ ଇଣ୍ଡିଆର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ରୋଲାଣ୍ଡ ବୌଚାରା କହିଛନ୍ତି,ଭାରତୀୟ ଗ୍ରାହକଙ୍କ ପାଇଁ ନିର୍ମିତ ଆମର ନୂଆ ସି୩ ଏୟାରକ୍ରସ୍ ଏସ୍‌ୟୁଭିର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହି ଏସ୍‌ୟୁଭିକୁ ସିଟ୍ରୋନ୍‌ର ଡିଏନ୍‌ଏ- ଆରାମ ଓ ଉଦ୍ଭାବନର ପ୍ରମୁଖ ଉପାଦାନ ସହିତ ନିର୍ମାଣ କରାଯାଇଛି। ଏହା ଗତ ସେପ୍ଟେମ୍ବରରେ ବୁକିଂ ଆରମ୍ଭ ହେବା ପରଠାରୁ ଦେଶବ୍ୟାପୀ ଅତ୍ୟଧିକ ସକାରାତ୍ମକ ପ୍ରତିକ୍ରିୟା ହାସଲ କରିଛି। ଆମେ ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ଆମର ଉତ୍ପାଦନ ବୃଦ୍ଧି କରିଛୁ।

# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର, ୬।୧୦

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୪ (୩୬୪.୦୬) ପଏଣ୍ଟ ବୃଦ୍ଧି ଘଟି ୬୫,୯୯୬ (୬୫,୯୯୫.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୮ (୧୦୭.୭୫) ପଏଣ୍ଟ ବଢ଼ି ୧୯,୫୫୩ (୧୯,୬୫୩.୫୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ବୃଦ୍ଧି ଘଟିଥିଲା ବେଳେ ଏନ୍‌ଏସ୍‌ଇ ନିଫ୍ଟି ମିଡ୍ କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଥିଲା।

# ରାଜ୍ ଇଲେକ୍ଟ୍ରୋନିକ୍ସର ପାର୍ବଣ ଅଫର

ଭୁବନେଶ୍ୱର, ୬।୧୦

RAJ ELECTRONICS

ରାଜ୍ୟର ୧ ନମ୍ବର ରିଟେଲ ଚେନ୍ ଷ୍ଟୋର ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ପାର୍ବଣ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷର ପାର୍ବଣ ସେଲିଂରେ ଆକର୍ଷଣୀୟ ୪୦% ପର୍ଯ୍ୟନ୍ତର ରିହାତି ଏବଂ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତର କ୍ୟାଶ୍‌ବ୍ୟାକ୍ ଅଫର ଗ୍ରାହକମାନଙ୍କୁ ଦିଆଯାଉଛି। ଏହା ସହ ବିନା ସୁଧରେ ସହଜ ଫାଇନାନ୍ସ ଏବଂ କମ୍ କିସ୍ତିର ସୁବିଧା ଆଦି ରହିଛି। ସେହିଭଳି ଗ୍ରାହକମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଉତ୍ପାଦଗୁଡ଼ିକୁ ବିନା ସୁଧରେ ନେବା ସହ କମ୍ ମୂଲ୍ୟର କିସ୍ତିରେ ଋଣ ପରିଶୋଧ କରିବା ଭଳି ସୁବିଧା ଷ୍ଟୋର ପକ୍ଷରୁ ଯୋଗାଇ ଦିଆଯାଉଛି। ଅପରପକ୍ଷରେ ଚଳିତ ବର୍ଷର ପୂଜା ଅଫର ଅଧିକ ଆକର୍ଷଣୀୟ ହେବାକୁ ଯାଉଛି ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। କାରଣ ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ବର୍ଷର ପାର୍ବଣ ଅଫରର ଶୁଭାରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ରାଜ୍ ଇଲେକ୍ଟ୍ରୋନିକ୍ସର ଏମ୍‌ଡି ପ୍ରକାଶ ବିଶ୍ୱାଳ କହିଥିଲେ, ଚଳିତ ବର୍ଷ ପାର୍ବଣ ଉପଲକ୍ଷେ ଆକର୍ଷଣୀୟ ଅଫରର ଶୁଭାରମ୍ଭ ସହ ଗ୍ରାହକଙ୍କୁ ଉଚ୍ଚ ମାନର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସୁବିଧା ଯୋଗାଇଦେବାକୁ ଯୋଜନା କରାଯାଇଛି।

# ଅକ୍ଟୋବର ୮ରୁ ଜିଓ ଉତ୍ସବ

ଭୁବନେଶ୍ୱର, ୬।୧୦




ରିଲାଏନ୍ସ ରିଟେଲର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ଜିଓ ମାର୍ଟର ବହୁ ପ୍ରତୀକ୍ଷିତ ତଥା ପାର୍ବଣ ସ୍ୱତନ୍ତ୍ର 'ଜିଓ ଉତ୍ସବ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଉତ୍ସବ ୨୦୨୩ ଅକ୍ଟୋବର ୮ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି। ଏପରିକି ପ୍ଲାଟ୍‌ଫର୍ମର ଏହି ସ୍ୱତନ୍ତ୍ର ସେଲ୍ ଜରିଆରେ ଗ୍ରାହକମାନେ ଆକର୍ଷଣୀୟ ଅଫର ଓ ରିହାତି ଜିଓ ମାର୍ଟର ସମସ୍ତ ସାମଗ୍ରୀ ଉପରେ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ପାର୍ବଣ ଉପଲକ୍ଷେ ପ୍ରତି କ୍ରୟ ଉପରେ ୫୦ରୁ ୮୦% ପର୍ଯ୍ୟନ୍ତ ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ବିଶେଷକରି ଇଲେକ୍ଟ୍ରୋନିକ୍ସ, ହୋମ୍ ଆଣ୍ଡ କିଚେନ, ଫ୍ୟାଶନ ଆଣ୍ଡ ଲାଇଫ ଷ୍ଟାଇଲ, ବିୟୁଟି, ଏଫ୍ଏମ୍‌ସିଜି, ଗ୍ରୋସେରି ଏବଂ କଞ୍ଜୁମର ଡୁରାବଲ୍ସ ଉପରେ ଆକର୍ଷଣୀୟ ଅଫର ଓ ରିହାତି ସୁବିଧା ରହିଛି। ଅପରପକ୍ଷରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ୍ ଉପରେ ୭୦% ରିହାତି ଥିବାବେଳେ ସ୍ମାର୍ଟଫୋନ୍‌ଗୁଡ଼ିକର ଏକ୍ସଚେଞ୍ଜ ଉପରେ ୧୫,୦୦୦ ଟଙ୍କାର ରିହାତି ଦିଆଯାଉଛି।

# 'ଆଇ ଭେଷ୍ଟେବଲ'ର ଶୁଭାରମ୍ଭ

ଭୁବନେଶ୍ୱର, ୬।୧୦

ଷ୍ଟାର୍ଟଅପ୍‌ଓଡ଼ିଶା ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଇନୋଭେଶନ ଫାଉଣ୍ଡେଶନର ମିଳିତ ସହଯୋଗରେ ଏକ ଅଭିନବ କାର୍ଯ୍ୟକ୍ରମ 'ଆଇ ଭେଷ୍ଟେବଲ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍‌ଇ ବିଭାଗ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍ ଓଡ଼ିଶାର ଏକ ପଦକ୍ଷେପ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନକୁ ଚିହ୍ନିତ କରିଛି, ଯାହା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଇନୋଭେଶନ ଫାଉଣ୍ଡେଶନ ସହ ଏକ ତ୍ୱରାନ୍ୱିତ କାର୍ଯ୍ୟକ୍ରମ ଆଇ ଭେଷ୍ଟେବଲ ଇନ୍‌କ୍ୟୁବେଟର ଭାବେ ଆରମ୍ଭ ହୋଇଛି। ଏପରିକି ୩ରୁ୫ ମାସର ଏହି ବ୍ୟାପକ କାର୍ଯ୍ୟକ୍ରମ ହେଉଛି ଷ୍ଟାର୍ଟଅପ୍‌ର ଅଭିବୃଦ୍ଧି ଓ ସଫଳତାର ସମ୍ଭାବନାକୁ ବଢ଼ାଇବା ଲାଗି ଜ୍ଞାନ ସମୃଦ୍ଧତା, ଉତ୍ସ ପ୍ରବେଶ, ଅର୍ଥ ସୁଯୋଗ ଓ ନେଟ୍‌ୱର୍କିଂ ଉପାୟର ଏକ ଅମୂଲ୍ୟ ମିଶ୍ରଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ୨୪ଟି ପ୍ରତିଶ୍ରୁତିମୂଳକ ଷ୍ଟାର୍ଟଅପ୍‌ର ଏକ ସ୍ୱତନ୍ତ୍ର କୋହର୍ଟ ତ୍ୱରାନ୍ୱିତ କାର୍ଯ୍ୟକ୍ରମର ଏହି ସଂସ୍କରଣରେ ଅଂଶଗ୍ରହଣ କରିବାକୁ ଯତ୍ନର ସହ ଚୟନ କରାଯାଇଛି। ମନୋନୀତ ଷ୍ଟାର୍ଟଅପ୍ ମଧ୍ୟରେ ୩୦% କ୍ଲିନ୍‌ଟେକ ପାଇଁ ଉତ୍ସର୍ଗୀକୃତ ହୋଇଥିଲାବେଳେ ଅବଶିଷ୍ଟ ଏଗ୍ରିଟେକ୍, ଫୁଡ୍‌ଟେକ୍ ଓ ସାମାଜିକ କ୍ଷେତ୍ର ରହିଛି। ଏହା ସହ ସହାୟକ ବଜାର ଅନୁସନ୍ଧାନ, ଗ୍ରାହକ ଅଧିଗ୍ରହଣ, ଆଇନଗତ ଅନୁପାଳନ ଓ ଆର୍ଥିକ ଯୋଜନା ପାଇଁ ଉତ୍ସର୍ଗୀକୃତ କର୍ମଶାଳା ଅନ୍ତର୍ଭୁକ୍ତ ରହିଛି। ଏହି ଉତ୍ସାହୀ ଯାତ୍ରା ଏକ ଗ୍ରାଣ୍ଡ ଡେମୋ ଡେ'ରେ ଶେଷ ହେବ,ଯେଉଁଠାରେ ଷ୍ଟାର୍ଟଅପ୍‌ଗୁଡ଼ିକ ସେମାନଙ୍କ ଅଗ୍ରଗତି ପ୍ରଦର୍ଶନ ସହ ଦର୍ଶକଙ୍କ ନିକଟରେ ସେମାନଙ୍କ ବ୍ୟବସାୟର ବ୍ଲୁ ପ୍ରିଣ୍ଟ ଉପସ୍ଥାପନ କରିବେ। ଏ ସମ୍ପର୍କରେ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟ କହିଛନ୍ତି, ଓଡ଼ିଶାର ନୂତନ ଉଦ୍ୟୋଗୀ ଇକୋସିଷ୍ଟମ ପ୍ରତିପୋଷଣ ଦିଗରେ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିନିଧିତ୍ୱ କରୁଛି। ଏପରିକି ଉକ୍ତ କାର୍ଯ୍ୟକ୍ରମ ସଫଳ ଉଦ୍ୟୋଗୀଙ୍କୁ ନିଶ୍ଚୟ ପ୍ରୋତ୍ସାହିତ କରିବ। ସେହିଭଳି ଅଭିନବ ଚିନ୍ତାଧାରା ସାଙ୍ଗକୁ ଉପଯୁକ୍ତ ଦିଗ୍‌ଦର୍ଶନ ପ୍ରତିଷ୍ଠାତାମାନଙ୍କ ସମ୍ଭାବନାକୁ ସଫଳ ରୂପାୟିତ କରିବ। ଏହିପରି କାର୍ଯ୍ୟକ୍ରମ ଉଦ୍ୟୋଗ ଓ ନୂତନତା ବୃଦ୍ଧି ଲାଗି ଓଡ଼ିଶାର ପ୍ରତିବଦ୍ଧତାର ପ୍ରମାଣ ବୋଲି କୁହାଯାଉଛି।

# ବେଦାନ୍ତ ଆଲୁମିନିୟମର ନୂତନ ଉତ୍ପାଦ

## ଉନ୍ନତମାନର ଓ୍ୱାୟାର ରଡ୍ ରେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର, ୬।୧୦




ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ଓ୍ୱାୟାର ରଡ୍' ରେଞ୍ଜର ଆନୁଷ୍ଠାନିକ ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ନୂତନ ଉତ୍ପାଦକ ଟି୪, ଏଏଲ୫୯ ଓ ୮ଏକ୍ସଏକ୍ସଏକ୍ସ ସିରିଜକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ଏପରିକି କମ୍ପାନୀ ଶକ୍ତି ଓ ଟ୍ରାନ୍ସମିଶନ ଉଦ୍ୟୋଗ ପାଇଁ ଉନ୍ନତମାନର ଓ୍ୱାୟାର ରଡ୍ ରେଞ୍ଜର ପ୍ରସ୍ତୁତ କରିଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଚାଲିଥିବା କେବୁଲ ଓ ଓ୍ୱାୟାର ମେଳା-୨୦୨୩ର ଉଦ୍‌ଘାଟନୀ ଦିବସରେ କମ୍ପାନୀ ନୂତନ ଉତ୍ପାଦ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲା। ଅତୁଳନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ ଲାଗି ଏହି ଉତ୍ପାଦ କ୍ରମାଗତ କାଷ୍ଟିଂ ପ୍ରଯୁକ୍ତି ବ୍ୟବହାର କରାଯାଇ ପ୍ରସ୍ତୁତ ହୋଇଛି। ଏହି ଉତ୍ପାଦଗୁଡ଼ିକ ଅଟୋମୋବାଇଲ, ବିଲ୍ଡିଂ, ଭିତ୍ତିଭୂମି ଓ ଇଲେକ୍ଟ୍ରୋନିକ୍ସର ପ୍ରମୁଖ ପ୍ରୟୋଗରେ ବ୍ୟବହାର କରାଯିବ। ସେହିଭଳି ଟି୪ ଆଲୟ ରଡ୍ ଗ୍ରାହକମାନଙ୍କୁ ଲୋ ସାଗ୍ ଉଚ୍ଚ ଶକ୍ତି, ଉଚ୍ଚ ଡ୍ରଇଂ ଓ ଅଧିକ ସ୍ଥାୟିତ୍ୱ ସୁବିଧା ପ୍ରଦାନ କରିବ। ଏହି ଗୁଣଗୁଡ଼ିକ ହାଇ ଭୋଲ୍‌ଟେଜ ଟ୍ରାନ୍ସମିଶନ ଗ୍ରୀଡ୍ ଓ ଅପ୍ଟିକାଲ ଫାଇବର କମ୍ପୋଜିଟ୍ ଓଭରହେଡ୍ ତାର ତିଆରିରେ ବ୍ୟବହାର ପାଇଁ ଉପଯୋଗୀ ହୋଇଥାଏ। ସେହିପରି ଏଏଲ୍ ୫୯ ଆଲୟ ରଡ୍ ଏକ ଉଚ୍ଚ ଶକ୍ତି ଓଜନ ଅନୁପାତ, ଉନ୍ନତ ଶକ୍ତି ନିର୍ବାପନ ଓ ଉଚ୍ଚ କରେଣ୍ଟ ଶକ୍ତି ଧାରଣରେ ସହାୟତା କରିଥିବାବେଳେ ୮ଏକ୍ସଏକ୍ସଏକ୍ସ ସିରିଜ ତାର ରଡ୍‌ଗୁଡ଼ିକ ଅସାଧାରଣ କଳଙ୍କି ପ୍ରତିରୋଧକ ଗୁଣ ପ୍ରଦାନ କରିଥାଏ। ଏହା ନିର୍ମାଣ, ପରିବହନ ଓ ସ୍ଥାପତ୍ୟ କ୍ଷେତ୍ର ପାଇଁ ବହୁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ବୈଦ୍ୟୁତିକ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଭାବେ ଆଲୁମିନିୟମ ବିଶ୍ୱସ୍ତରରେ ନିର୍ମଳ ଶକ୍ତିକୁ ଅନ୍ତର୍ଭୁକ୍ତ କରିବାକୁ ସକ୍ଷମ କରିଥାଏ। ଏହା ବ୍ୟତୀତ ଭବିଷ୍ୟତକୁ ତ୍ୱରାନ୍ୱିତ କରିବାରେ ମଧ୍ୟ ଏହା ଏକ ପ୍ରମୁଖ ଭୂମିକା ବହନ କରିଥାଏ। ଏପରିକି ଆମେ କ୍ରମାଗତ ଭାବେ ଅଫରଗୁଡ଼ିକ ଶିଳ୍ପ ବିକାଶ ଦିଗରେ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରି ଆସୁଛୁ। ବିଶେଷକରି ଶକ୍ତି ଓ ଟ୍ରାନ୍ସମିଶନ ଉଦ୍ୟୋଗ ଲାଗି ନିର୍ଭରଯୋଗ୍ୟ ଅଂଶୀଦାର ଭାବେ ଆମର ସମ୍ପର୍କକୁ ଆହୁରି ମଜଭୁତ କରିଛି। ଆମେ ବର୍ତ୍ତମାନ ଆଲୟ ରଡ୍ ଟି୪, ଏଏଲ୍ ୫୯, ୮ଏକ୍ସଏକ୍ସଏକ୍ସ ସିରିଜ ପ୍ରଦାନ କରିଥିବାରୁ ବେଶ୍ ଉତ୍ସାହିତ ଅଛୁ।

# ଲୁଇସ ଫିଲିପ୍‌ର ଲକ୍‌ଜୁରିୟସ ସ୍ନିକର ରେଞ୍ଜ

ଭୁବନେଶ୍ୱର, ୬।୧୦




ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡ୍‌ର ଅଗ୍ରଣୀ ବ୍ରାଣ୍ଡ ଲୁଇ ଫିଲିପ୍‌ର ନୂତନ ଉତ୍ପାଦ ତଥା ଲକ୍‌ଜୁରିୟସ୍ ସ୍ନିକର ରେଞ୍ଜର ଶୁଭାରମ୍ଭ ସହ ଲୁଇ ଫିଲିପ୍ ଉତ୍ପାଦ ପୋର୍ଟଫୋଲିଓର ସମ୍ପ୍ରସାରଣ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଏହି ସ୍ନିକର୍ସଗୁଡ଼ିକ ଷ୍ଟାଇଲ୍, ଆରାମ ଓ ସୋଫିଷ୍ଟିକେଶନର ନୂତନ ପରିଭାଷା ସୃଷ୍ଟି କରିଛି ଓ ଏହାକୁ ସ୍ୱତନ୍ତ୍ର ଭାବେ କସ୍‌ମୋପଲିଟାନ୍ ଓ ଫ୍ୟାଶନ ପ୍ରତି ରୁଚି ରହୁଥିବା ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଲୁଇ ଫିଲିପ୍ ସ୍ନିକର୍ସ ଫୁଟ୍‌ୱେର ଫ୍ୟାଶନରେ ଏକ ନୂତନ ଯୁଗର ଶୁଭାରମ୍ଭ କରିଛି। ଏହା ସହ ଏଥିରେ ଉନ୍ନତ କାରିଗରି ସହିତ ଆଧୁନିକ ଡିଜାଇନ ଓ ଟେକ୍‌ନୋଲୋଜିର ମଧ୍ୟ ବ୍ୟବହାର କରାଯାଇଛି। ଏ ସମ୍ପର୍କରେ ଲୁଇ ଫିଲିପ୍‌ର ସିଓଓ ଫରିଦା କାଲିୟଦାନ୍ କହିଛନ୍ତି, ଆମର ଉତ୍ପାଦ ପୋର୍ଟଫୋଲିଓରେ ଏହି ନୂତନ ଯୋଗ ସହ ଆମେ ଆମର ଗ୍ରାହକମାନଙ୍କ ପାଇଁ ପରିବର୍ତ୍ତିତ ଫ୍ୟାଶନ ପସନ୍ଦର ଚାହିଦାକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛୁ, ଯଦ୍ୱାରା ସେମାନେ ଷ୍ଟାଇଲ୍,ଆରାମ ଓ କାରିଗରିର ଏକ ଅତୁଳନୀୟ ସମାହାର ଲାଭ କରିପାରିବେ। ଆମେ ଆମର ଲକ୍‌ଜୁରିୟସ୍ ସ୍ନିକର ରେଞ୍ଜକୁ ଶୁଭାରମ୍ଭକରି ଅତ୍ୟନ୍ତ ଆନନ୍ଦିତ । ଯେଉଁଥିରେ ଅତୁଳନୀୟ ବ୍ରାଣ୍ଡର ଟାଇମଲେସ୍ ସୋଫିଷ୍ଟିକେଶନ ଓ ଅତୁଳନୀୟ କ୍ୱାଲିଟି ରହିଛି। ସ୍ନିକରର ପ୍ରତି ଉପାଦାନ, ପ୍ରିମିୟମ ସାମଗ୍ରୀଠାରୁ ଆରମ୍ଭ କରି ଅତୁଳନୀୟ ଷ୍ଟିଚିଂ ଆଦିକୁ ଉତ୍କୃଷ୍ଟ ଭାବେ ପ୍ରସ୍ତୁତ କରାଯାଇଛି, ଯାହାକି ଆମର ଗ୍ରାହକଙ୍କୁ ଏକ ଲକ୍‌ଜୁରିର ଭାବନା ପ୍ରଦାନ କରିବ।

# ଧୋନୀ ଜିଓ ମାର୍ଟର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର, ୬।୧୦




ରିଲାଏନ୍ସ ରିଟେଲର ଅଗ୍ରଣୀ ପ୍ଲାଟ୍‌ଫର୍ମ ଜିଓ ମାର୍ଟ ପକ୍ଷରୁ ପୂର୍ବତନ ଭାରତୀୟ କ୍ରିକେଟର ତଥା ଲୋକପ୍ରିୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ବିଶେଷକରି ଚଳିତ ପାର୍ବଣ ସମୟରେ ଜିଓ ମାର୍ଟର ଫେଷ୍ଟିଭ କ୍ୟାମ୍ପେନିଂର ପ୍ରଚାର ଓ ପ୍ରସାର ସହ ପ୍ଲାଟ୍‌ଫର୍ମକୁ ଅଧିକ ଲୋକାଭିମୁଖୀ କରିବାରେ ଧୋନୀ ବେଶ୍ ସହାୟକ ହେବେ ବୋଲି କମ୍ପାନୀ ପକ୍ଷରୁ ମତବ୍ୟକ୍ତ କରାଯାଇଛି। ଏ ସମ୍ପର୍କରେ ଜିଓ ମାର୍ଟର ସିଇଓ ସନ୍ଦୀପ ଭାରାଗାଣ୍ଟି କହିଛନ୍ତି, ଧୋନୀଙ୍କ ଭଳି ବ୍ୟକ୍ତିତ୍ୱ ଓ ଲୋକପ୍ରିୟ ଚେହେରା ଜିଓ ମାର୍ଟର ଆଭିମୁଖ୍ୟ ସହ ସମ୍ପୂର୍ଣ୍ଣ ଭାବେ ଖାପ ଖାଉଛନ୍ତି। ଏପରିକି ଆମର ଚଳିତ ପାର୍ବଣ ଅଭିଯାନ ପାଇଁ ଧୋନୀ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଏସ୍‌ବିଆଇର ନୂତନ ଅଭିଯାନ

ଭୁବନେଶ୍ୱର, ୬।୧୦

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ନୂତନ ଅଭିଯାନ 'ମୋବାଇଲ ହାଣ୍ଡ୍‌ହେଲ୍‌ଡ ଡିଭାଇସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ସେବାକୁ ଲୋକମାନଙ୍କ ପାଖରେ ସୁବିଧାରେ ପହଞ୍ଚାଇବା ଲାଗି ଏଭଳି ଏକ ଅଭିଯାନର ଅୟମାରମ୍ଭ ହୋଇଯାଇଛି। ଏପରିକି ବ୍ୟାଙ୍କର ଏଫ୍‌ଆଇ ଗ୍ରାହକମାନଙ୍କ ଲାଗି ଉକ୍ତ ମୋବାଇଲ୍ ହାଣ୍ଡ୍‌ହେଲ୍‌ଡ ଡିଭାଇସ୍‌ର ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଚେୟାରମ୍ୟାନ ଦିନେଶ ଖାରା କହିଛନ୍ତି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଭିଳାଷ ପୂରଣ କରିବା ପାଇଁ ସମାଜର ସବୁବର୍ଗ ବିଶେଷକରି ବ୍ୟାଙ୍କ ପହଞ୍ଚ ନ ଥିବା ସ୍ଥାନରେ ବ୍ୟାଙ୍କ ସେବାକୁ ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ। ମୋବାଇଲ୍ ହାଣ୍ଡ୍‌ହେଲ୍‌ଡ ଡିଭାଇସ୍‌ର ଶୁଭାରମ୍ଭ ସହ ଗ୍ରାହକମାନେ ସେମାନଙ୍କ ଅଞ୍ଚଳରେ ରହି ଏକ ନିରବଚ୍ଛିନ୍ନ ବ୍ୟାଙ୍କ କାରବାର ଅନୁଭୂତି ହାସଲ କରିପାରିବେ। ଗ୍ରାହକମାନଙ୍କ ପାଖରେ ବ୍ୟାଙ୍କ ସେବା ସୁବିଧାରେ ପହଞ୍ଚାଇବାକୁ ପ୍ରୟାସ ଜାରି ରହିବ। ଏହି ପ୍ରଯୁକ୍ତି ପ୍ରେରିତ ଅଭିଯାନ ଡିଜିଟାଇଜେଶନ ଜରିଆରେ ସାମାଜିକ କଲ୍ୟାଣ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସଶକ୍ତ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରୁଛି। ଅପରପକ୍ଷରେ ଉକ୍ତ ଅଭିଯାନକୁ ଖାରା ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି,ଯାହା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସଶକ୍ତ କରିବ ଏବଂ ଲୋକଙ୍କ ପାଖରେ ଆବଶ୍ୟକ ବ୍ୟାଙ୍କ ସେବା ପହଞ୍ଚାଇବ।

# ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ତାଲିକାରେ ସୋଆର ୨୨ଗବେଷକ




ଭୁବନେଶ୍ୱର, ୬।୧୦

ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକଙ୍କ ତାଲିକାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ୨୨ଜଣ ବିଶିଷ୍ଟ ଗବେଷକ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ୨୦୨୩ ନିମନ୍ତେ ଆମେରିକାର ପ୍ରତିଷ୍ଠିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଷୟବସ୍ତୁ ଆଧାରକୁ ନେଇ ପ୍ରକାଶିତ ୨% ବୈଜ୍ଞାନିକମାନଙ୍କ ତାଲିକାରେ ସୋଆର ଏହି ଗବେଷକମାନେ ସାମିଲ ହୋଇଛନ୍ତି। ଏପରିକି ୨୦୨୧ରେ ଷ୍ଟାନ୍‌ଫୋର୍ଡ ଦ୍ୱାରା ପ୍ରସ୍ତୁତ ଏହି ସମ୍ମାନଜନକ ତାଲିକାରେ ସୋଆର ୧୩ଜଣ ଗବେଷକ ସ୍ଥାନ ପାଇଥିବାବେଳେ ୨୦୨୨ରେ ୧୬ଜଣ ଗବେଷକ ଉକ୍ତ ତାଲିକାରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଗତ ୩ବର୍ଷ ଧରି ସୋଆର ୯ଜଣ ଗବେଷକ ଏହି ତାଲିକାରେ ନିଜ ସ୍ଥାନ ବଜାୟ ରଖିଛନ୍ତି। ଏହି ଗବେଷକମାନେ ହେଲେ ସୋଆର ପ୍ରଥମ କୁଳପତି ତଥା ନିର୍ଦ୍ଦେଶକ (ଗବେଷଣା) ପ୍ରଫେସର (ଡ.) ପ୍ରଦୀପ୍ତ କିଶୋର ଦାଶ, ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ, ସୋଆର ପୂର୍ବତନ କୁଳପତି ତଥା ବର୍ତ୍ତମାନର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ), ପ୍ରଫେସର (ଡା.) ଅଶୋକ କୁମାର ମହାପାତ୍ର, ପ୍ରଫେସର କୁଳମଣି ପରିଡ଼ା, ପ୍ରଫେସର ଲାଲା ବିହାରୀ ଶୁକ୍ଲା, ପ୍ରଫେସର ଆର୍.ଏନ୍.ପି. ଚୌଧୁରୀ,ପ୍ରଫେସର ଗୌତମ ରଥ, ପ୍ରଫେସର ନିହାରବାଳା ଦେବୀ, ଡ. ମନୋଜ କୁମାର ନାୟକ ଏବଂ ଡ. ସତ୍ୟରଞ୍ଜନ ମିଶ୍ର ବୋଲି ସୋଆ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୦୨୨ ତାଲିକାରେ ଅନ୍ତର୍ଭୁକ୍ତ ଥାଇ ୨୦୨୩ର ଏହି ସମ୍ମାନଜନକ ତାଲିକାରେ ପୁଣି ସାମିଲ ହୋଇଥିବା ଗବେଷକମାନେ ହେଲେ ପ୍ରଫେସର ରାଜଶ୍ରୀ ଦାଶ, ପ୍ରଫେସର ବିନୋଦ କୁମାର ସାହୁ, ଡ. ମନୋହର ମିଶ୍ର, ଡ. ସୁଲଗ୍ନା ପଟ୍ଟନାୟକ ଓ ଡ. ଦୀପ୍ତିପ୍ରଭା ସାହୁ ସାମିଲ ଅଛନ୍ତି। ତେବେ ପ୍ରଥମ ଥର ପାଇଁ ଏହି ତାଲିକାରେ ସୋଆର ପ୍ରଫେସର ରେଣୁ ଶର୍ମା, ପ୍ରଫେସର ସୌରଭ ପଣ୍ଡା, ଡା. ଶୁଭଶ୍ରୀ ଚୌଧୁରୀ, ଡା. ଶେଷଦେବ ସାହୁ, ଡା. ମୃତ୍ୟୁଞ୍ଜୟ ସାହାଣୀ, ଡା. ଭିନୀତ କୁମାର ରାୟ ଏବଂ ଡା. ସତ୍ୟବ୍ରତ ସୁବୁଦ୍ଧି ପ୍ରମୁଖ ସାମିଲ ହୋଇଛନ୍ତି। ଅପରପକ୍ଷରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇଥିବା ସମସ୍ତ ୨୨ଜଣ ଗବେଷକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ରହିଥିବା ଗବେଷଣା କାର୍ଯ୍ୟକୁ ଏହି ସମ୍ମାନ ଅଧିକ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି।

# ବାର୍ଷିକ ଉତ୍ସବରେ କର୍ମଚାରୀଙ୍କୁ ବାସଗୃହ ଜମି ଉପହାର

## ଅରୁନ୍ଧତୀ ଜୁଏଲର୍ସର ୨୩ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୬।୧୦




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ୨୩ ତମ ବାର୍ଷିକ ଉତ୍ସବ 'ବିଶ୍ୱାସ' ଶୁକ୍ରବାର ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁଙ୍କ ସମେତ ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ବିଭିନ୍ନ କ୍ଷେତ୍ରରେ ଶୀର୍ଷ ପ୍ରଦର୍ଶନ କରିଥିବା ଅରୁନ୍ଧତୀ ଗ୍ରୁପ୍‌ର ୭୮ଜଣ କର୍ମଚାରୀଙ୍କୁ ଉପହାର ସ୍ୱରୂପ ୧୨୦୦ ବର୍ଗଫୁଟର ବାସଗୃହ ଜମି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ଦୀର୍ଘ ୨୧ବର୍ଷ ଧରି ଅରୁନ୍ଧତୀ ପରିବାର ସହ ଯୋଡ଼ିହୋଇ ନିରନ୍ତର ଓ ନିଷ୍ଠାପର ଭାବେ କାମ କରି ଆସୁଥିବା କର୍ମଚାରୀମାନଙ୍କୁ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଉପହାର ସ୍ୱରୂପ ୧୨୦୦ ବର୍ଗଫୁଟର ବାସଗୃହ ଜମି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରିଥିଲେ। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମେହେର କହିଥିଲେ, ଆମ କର୍ମଚାରୀମାନେ ନିରନ୍ତର ଓ ନିଷ୍ଠାପର ଭାବେ ଗ୍ରାହକମାନଙ୍କୁ ଆତ୍ମୀୟତା ଓ ନମ୍ରତା ଭରା ସେବା ପ୍ରଦାନ କରିଥାନ୍ତି। ଫଳରେ ଅରୁନ୍ଧତୀ ଆଜି ରାଜ୍ୟର କୋଣ ଅନୁକୋଣରେ ବେଶ୍ ପରିଚିତ ଓ ଆଦୃତ ହୋଇପାରିଛି। ଓଡ଼ିଶାବାସୀଙ୍କର ଭଲ ପାଇବା ଯୋଗୁ ଆମେ ରାଜ୍ୟର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ ହୋଇପାରିଛୁ।

ସେହିଭଳି ବାର୍ଷିକ ଉତ୍ସବର ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ଗ୍ରୁପ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏପରିକି ଗୀତିକାର ନାଭ୍ୟାଙ୍କ ସୁମଧୁର ସ୍ୱର ଓ ଡିଜେ ୱାସିମ୍‌ଙ୍କ ରିମିକ୍ସ ସଙ୍ଗୀତ ଉପସ୍ଥିତ ୧୦୦୦ରୁ ଊର୍ଦ୍ଧ୍ୱ ଅରୁନ୍ଧତୀ ଗ୍ରୁପ୍‌ର କର୍ମଚାରୀ ଓ ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲାବେଳେ ଆଙ୍କର ଶୋଭନା ମଞ୍ଚ ପରିଚାଳନା କରିଥିଲେ । ଗୋଟିଏ ବର୍ଷ ଭିତରେ ୩ଟି ଜାତୀୟ ସମ୍ମାନ ସହ ୧୦ରୁ ଊର୍ଦ୍ଧ୍ୱ ସମ୍ମାନରେ ସମ୍ମାନିତ ହୋଇ ସହ ଓଡ଼ିଶା ମାଟି ପାଇଁ ଅନେକ ଗର୍ବ ଓ ଗୌରବ ଆଣିପାରିଛି। ଆଗାମୀ ଦିନରେ ଅରୁନ୍ଧତୀ ସେହି ଉତ୍ସର୍ଗୀକୃତ ମନୋଭାବ ରଖି ସେବା ଯୋଗାଇଦେବା ଅମର ଆଣିବା ପ୍ରାଥମିକତା ରହିବ।

## ସଂକ୍ଷେପରେ

### ହାବିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୬।୧୦ (ସୂର୍ଯ୍ୟକାନ୍ତ ବେହେରା):** ହାବିଲଦାରଙ୍କୁ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ବାବୁନା ପାତ୍ର। ତେବେ ଏହି ଘଟଣାରେ ଏକାଧିକ ବ୍ୟକ୍ତି ଫେରାର ଥିବାରୁ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନାନୁସାରେ ଗୁରୁବାର ରାତି ପ୍ରାୟ ୧୧ଟାରେ ହାବିଲଦାର ନିରାକାର ଖଟୁଆ ସମନ ବାଣ୍ଟି ସାରି ଥାନାକୁ ଫେରୁଥିବା ସମୟରେ ଶିଖରଚଣ୍ଡୀ ଛକ ନିକଟରେ କିଛି ଅସାମାଜିକ ବ୍ୟକ୍ତିମାନଙ୍କ ମଧ୍ୟରେ ଝଗଡା ହୋଇଥିବା ଦେଖି ସେ ସେଠାକୁ ଯାଇଥିଲେ। ସେମାନଙ୍କୁ ଝଗଡା ନକରି ଥାନାକୁ ଯାଇ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ଏବଂ ତାଙ୍କର କିଛି ସହଯୋଗୀ ନିରାକାରଙ୍କୁ ବିରୋଧ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ।



### ମା'ଚର୍ଚ୍ଚିକାଙ୍କ ପୀଠରେ ନବରାତ୍ର ପୂଜାରମ୍ଭ

**ବାଙ୍କୀ, ୬।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ଦୁର୍ଗାପୂଜା ଉପଲକ୍ଷେ ବାଙ୍କୀସ୍ଥିତ ମା'ଚର୍ଚ୍ଚିକାଙ୍କ ଷୋଳପୂଜା ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଛି। ଏହା ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପି ଚାଲିବ। ଏହି ଅବସରରେ ମା'ଭକ୍ତଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେବେ। ଶୁକ୍ରବାର ମା'ଚର୍ଚ୍ଚିକାଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି। ତାଙ୍କୁ ଶୈଳପୁତ୍ରୀ ବେଶରେ ସଜ୍ଜିତ କରାଯାଇଛି। ଏହି ବେଶ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଛି।

### ୩ ଲୁଟେରାଙ୍କୁ ମାଡ଼ ପରେ ପୋଲିସରେ ଜିମା

**ଭୁବନେଶ୍ୱର,୬।୧୦ (ସୂର୍ଯ୍ୟକାନ୍ତ ବେହେରା):** ରାତି ନୁହେଁ ଦିନ ଦ୍ୱିପ୍ରହରରେ ମାତିଲେଣି ଲୁଟେରା। ଖାରବେଳନଗର ଥାନା ଅନ୍ତର୍ଗତ ରୂପାଲି ଛକରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଶୁକ୍ରବାର ମଧ୍ୟାହ୍ନରେ ଛିଡା ହୋଇଥିବା ଜଣେ ବୃଦ୍ଧଙ୍କଠାରୁ ୩ ଜଣ ଦୁର୍ବୃତ୍ତ ମୋବାଇଲ ନେଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ କାବୁ କରି ଉତ୍ତମ ମଧ୍ୟମ ଦେବା ସହ ପୋଲିସ ଜିମାରେ ଦେଇଛନ୍ତି। ଏନେଇ ପୋଲିସ ଅଭିଯୁକ୍ତମାନଙ୍କଠାରୁ ୨ଟି ମୋବାଇଲ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମଧ୍ୟାହ୍ନ ଭୋଜନ ପାଚିକାଙ୍କ ବିକ୍ଷୋଭ ସମାବେଶ




**ଭୁବନେଶ୍ୱର,୬।୧୦(ଅନୁରାଧା ମହାରଣା)**

ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ବିକ୍ଷୋଭ ସମାବେଶ କରାଯାଇଛି। ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ହଜାର ହଜାର ପାଚକ ପାଚିକା ଦାବି ପୂରଣରେ ବିଳମ୍ବ ହେଉଥିବାରୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ପାଚକ ପାଚିକାଙ୍କ ଦରମା ୧ହଜାର ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ମାତ୍ର ସେମାନଙ୍କୁ ୧୪୦୦ ଟଙ୍କା ମିଳୁଛି। ତେଣୁ ସରକାରଙ୍କ ଘୋଷିତ ସର୍ବନିମ୍ନ ୩୩୩ ଟଙ୍କା ଦୈନିକ ମଜୁରି ଲାଗୁ କରାଯାଉ। ସେହିପରି ସମସ୍ତଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ଚିକିତ୍ସା ଭତ୍ତା, ଜୀବନ ବୀମା, ଭବିଷ୍ୟନିଧି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଅବସର ପରେ ପେନସନ ଲାଗୁ, ପ୍ରତ୍ୟେକ ମାସ ପ୍ରଥମ ସପ୍ତାହରେ ଦରମା ପ୍ରଦାନ ସହ ଖରାଛୁଟିରେ ଦରମା ଦେବାକୁ ଦାବି କରାଯାଇଛି।

## ହତ୍ୟା ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଅଟକ

**ଭୁବନେଶ୍ୱର,୬।୧୦(ସତ୍ୟଜିତ୍ ରାଉତ)**

ବଡ଼ଗଡ଼ ଥାନା ଅନ୍ତର୍ଗତ ଗୌତମ ନଗର ବସ୍ତିରେ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଧରିବାକୁ ଯାଇଥିବା ୩ଜଣ ପୋଲିସକୁ କେତେଜଣ ମହିଳା ଘର ଭିତରେ ଅଟକ ରଖିଛନ୍ତି। ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ପୋଲିସ ଅଟକ ରହିଥିବା ସୂଚନା ମିଳିଛି। ଅଭିଯୁକ୍ତଙ୍କୁ ଛାଡ଼ ନଚେତ୍ ଆମେ ପୋଲିସକୁ ଛାଡ଼ିବୁ ନାହିଁ ବୋଲି କହି ମହିଳାମାନେ ଅଡ଼ି ବସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ ମସିହାରେ ଗୌତମ ନଗର ବସ୍ତିରେ ପୂର୍ବ ବିବାଦକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ପୋଲିସ ପି. ନରସିମ୍ହାଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ୪ଜଣ ପୋଲିସ କର୍ମଚାରୀ ଗୌତମନଗର ବସ୍ତିରେ ଚଢ଼ାଉ କରି ଅଭିଯୁକ୍ତ ରାମଚନ୍ଦ୍ର ଗୁରୁଙ୍କୁ ଗିରଫ କରିବାକୁ ଚେଷ୍ଟା କରୁଥିବାବେଳେ କେତେଜଣ ମହିଳା ସେମାନଙ୍କୁ ଘେରି ଯାଇଥିଲେ। ପରେ ଜଣେ ପୋଲିସ ଏଏସ୍‌ଆଇ ଏବଂ ୨ଜଣ କନଷ୍ଟେବଳଙ୍କୁ ଏକ ଘର ଭିତରେ ବନ୍ଦ କରିଦେଇଥିଲେ। ଏନେଇ ଖବର ପାଇବାପରେ ପୋଲିସ ଏସ୍‌ଆଇ ସୁବ୍ରତ ଦାସ ଏବଂ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ସହକର୍ମୀଙ୍କୁ ମୁକ୍ତ କରିବାକୁ ଚେଷ୍ଟା କରିଥିଲେ ହେଁ ସ୍ଥାନୀୟ ମହିଳା ଏବଂ ପୁରୁଷ ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଛାଡ଼ିଲେ ଆମେ ପୋଲିସକୁ ଛାଡ଼ିବୁ ବୋଲି ଜିଦ୍ ଧରି ବସିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ବଡ଼ଗଡ଼ ଏସ୍‌ଆଇ ଦାସ ଲୋକଙ୍କୁ ବୁଝାଶୁଝା କରୁଥିବା ଜଣାପଡ଼ିଛି।

## 'ଧର୍ମ, ଈଶ୍ୱର ଓ ଧର୍ମଗ୍ରନ୍ଥ' ପୁସ୍ତକ ଉନ୍ମୋଚନ

**ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ସମାଜର କଲ୍ୟାଣ ଓ ମାନବିକ ସଂହତି ପ୍ରତିଷ୍ଠା ପାଇଁ ସବୁକାଳରେ ଈଶ୍ୱରଙ୍କ ଆବିର୍ଭାବ ହୋଇଥାଏ। ଈଶ୍ୱରଙ୍କ ଏହି ମାନବିକ କଲ୍ୟାଣକୁ ବିଭିନ୍ନ ଧର୍ମ ମାଧ୍ୟମରେ ବିତରଣ କରାଯାଇ ବିଶ୍ୱ ଐକ୍ୟ ପ୍ରତିଷ୍ଠା ପାଇଁ ଚେଷ୍ଟା କରାଯାଇଛି। ଈଶ୍ୱରଙ୍କ ଏହି ଜନହିତୈଷୀ କାର୍ଯ୍ୟର ପ୍ରଚାର, ପ୍ରସାର ଓ ଲୋକମାନଙ୍କ ମନ ଭିତରେ ଈଶ୍ୱରଙ୍କ ପ୍ରତି ଆସ୍ଥା ଅତୁଟ ରଖିବା ପାଇଁ ଧର୍ମଗ୍ରନ୍ଥ ହେଉଛି ପ୍ରମୁଖ ମାଧ୍ୟମ ବୋଲି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପ୍ରକାଶ କରିଛନ୍ତି। ଶୁକ୍ରବାର ନୀଳକଣ୍ଠନଗରଠାରେ ପ୍ରଫେସର ବିଜୟ କୁମାର ନନ୍ଦଙ୍କ ରଚିତ ଏବଂ ଓଡ଼ିଶା ବୁକ ଏମ୍ପୋରିୟମ୍ ଦ୍ୱାରା ପ୍ରକାଶିତ 'ଧର୍ମ, ଈଶ୍ୱର, ଓ ଧର୍ମଗ୍ରନ୍ଥ' ପୁସ୍ତକର ଉନ୍ମୋଚନ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏଭଳି କହିଛନ୍ତି। ସମ୍ମାନିତ ଅତିଥି କଥାକାର ଗୌରହରି ଦାସ ଉପସ୍ଥିତ ଥିଲେ। ସାହିତ୍ୟିକ ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ରାଜଲକ୍ଷ୍ମୀ କର ସ୍ୱାଗତ ଭାଷଣ ଓ ଓଡ଼ିଶା ବୁକ ଏମ୍ପୋରିୟମ୍‌ର ପ୍ରକାଶକ ଶିବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର ସୂଚନା ଭବନରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଲେଖକ କିଶୋର ସ୍ୱାଇଁଙ୍କ ପୁସ୍ତକ 'ମାନସ ମନ୍ଥନ'ର ଲୋକାର୍ପଣ କରୁଛନ୍ତି।

## 'ମୋ ମାଟି ମୋ ଦେଶ' ଅମୃତ କଳସ ଯାତ୍ରା

**ପୁରୁଣା ଭୁବନେଶ୍ୱର, ୬।୧୦ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବରମୁଣ୍ଡା ଗ୍ରାମରେ ଶୁକ୍ରବାର 'ମୋ ମାଟି ମୋ ଦେଶ' ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ ଯୋଗଦେଇଥିଲେ। ଗ୍ରାମର ନୀଳକଣ୍ଠେଶ୍ୱରଙ୍କ ମନ୍ଦିରରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୱାର୍ଡ ନଂ. ୫୦ ଅଞ୍ଚଳରେ ଘର ଘର ବୁଲି କଳସରେ ମାଟି ସଂଗ୍ରହ ପରେ ବରମୁଣ୍ଡା ଗ୍ରାମର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅମୃତ କଳସ ଯାତ୍ରାରେ ୱାର୍ଡ ନଂ. ୫୦ର କର୍ପୋରେଟର ରାମଚନ୍ଦ୍ର ରଣସିଂହ, ଜିଲା ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ଚିତ୍ରସେନ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଜଗବନ୍ଧୁ ସ୍ୱାଇଁ, ସଂଗ୍ରାମ ନାୟକ, ସୁରେଶ ଦାସ, ଅମିୟ ପାଇକରାୟ, ଅଭିଷେକ ପରିଡ଼ା, ରାଜେନ୍ଦ୍ର ରାଉତରାୟ, ଶ୍ରୀନିବାସ ସ୍ୱାଇଁ, ରାଜେନ୍ଦ୍ର ମହାନ୍ତି, ସୁକାନ୍ତ ସେଠୀ, ରାକେଶ ପୃଷ୍ଟି, ଜ୍ଞାନରଞ୍ଜନ ମହାରଣା, ଭଗବାନ ରଣସିଂହ, ଜ୍ଞାନରଞ୍ଜନ ମହାନ୍ତି, ଗୌତମ ରାୟ, ଶାନ୍ତାସୁନ୍ଦର ମହାନ୍ତିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ପ୍ରକାଶ ଯେ, ଦେଶର ଏକତା, ଅଖଣ୍ଡତା ପାଇଁ ଯବାନମାନେ ପ୍ରାଣବଳି ଦେଉଛନ୍ତି। ଯବାନଙ୍କ ସ୍ମୃତି ପାଇଁ ଏହି ମାଟି ସଂଗ୍ରହ କରାଯାଉଛି। ଏହି ମାଟି ଦିଲ୍ଲୀ ଯିବ। ସେଠାରେ ଶହୀଦଙ୍କ ପାଇଁ ଏକ ବଡ଼ ସ୍ମାରକୀ ହେବ।



ରମୁଣ୍ଡା ଗ୍ରାମରେ ଅନୁଷ୍ଠିତ 'ମୋ ମାଟି ମୋ ଦେଶ' ଅମୃତ କଳସ ଯାତ୍ରା।



ସୂଚନା ଭବନରେ ଶୁକ୍ରବାର ଅନୁଷ୍ଠିତ ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।


**TPCODL**

**ଟିପି ସେଣ୍ଟ୍ରାଲ ଓଡ଼ିଶା**
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ଭରତପୁର ଗ୍ରାମ, ଜିଏ କଲୋନୀ, ଇନ୍‌ଫୋସିଟି ଅଞ୍ଚଳରେ ପ୍ରୋଜେକ୍ଟ କାମ ପାଇଁ ଆଜି ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍


## ସରକାରୀ କ୍ୱାର୍ଟର୍ସରୁ ପୁଣି ଚୋରି

**ଭୁବନେଶ୍ୱର,୬।୧୦ (ସୂର୍ଯ୍ୟକାନ୍ତ ବେହେରା)**

**ରାଜଧାନୀରେ ମାତିଲେ ଅପରାଧୀ**

ପାର୍ବଣ ଋତୁରେ ରାଜଧାନୀରେ ମାତିଛନ୍ତି ଅପରାଧୀ ଗ୍ୟାଙ୍ଗ୍। ୟୁନିଟ-୮ ଅଞ୍ଚଳରେ ଥିବା ଏକ ସରକାରୀ କ୍ୱାର୍ଟର୍ସ ନଂ.୨ ଆର୍ ୬/୮ରୁ ଦୁର୍ବୃତ୍ତମାନେ ପୁଣି କଳାକନା ବୁଲାଇଛନ୍ତି। ଘର ପଛପଟ କବାଟ ଭାଙ୍ଗି ଭିତରେ ପଶି ଆଲମାରିରୁ ପାଖାପାଖି ୬ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଏନେଇ ଲୁଟର ଶିକାର ହୋଇଥିବା ବ୍ୟବସାୟୀ ବସନ୍ତ କୁମାର ସେନାପତି ଘଟଣା ସଂକ୍ରାନ୍ତରେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କର ୨ଟି ସୁନା ଚୁଡି, ୩ ଯୋଡା ସୁନା କାନଫୁଲ ଏବଂ ୨ଟି ସୁନା ମୁଦି ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ବସନ୍ତଙ୍କ ସ୍ତ୍ରୀ ଲୋକସେବା ଭବନର ଜଣେ କର୍ମଚାରୀ। ବସନ୍ତ ପିଲାଙ୍କୁ ସ୍କୁଲ୍‌ରେ ଛାଡ଼ିବାକୁ ଯାଇଥିବାବେଳେ ସ୍ତ୍ରୀ କର୍ମକ୍ଷେତ୍ରକୁ ଚାଲିଯାଇଥିଲେ। ଏହାର ସୁଯୋଗନେଇ ଦୁର୍ବୃତ୍ତମାନେ ଏପରି କାଣ୍ଡ ଘଟାଇଥିବା ଜଣାପଡିଛି। ଗତ ୬ ମାସ ତଳେ ଦୁର୍ବୃତ୍ତମାନେ ଉକ୍ତ ଘରୁ ୧୫ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ପୋଲିସ ସେମାନଙ୍କୁ ଏଯାଏ ଧରିପାରି ନ ଥିବାବେଳେ ଏବେର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ବଡ଼ ଚ୍ୟାଲେଞ୍ଜ ହୋଇଛି। ବାରମ୍ବାର ଚୋରି ହେବା ସତ୍ତ୍ୱେ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ବାଲିଅନ୍ତା ବ୍ଲକ ଅଧୀନ ପୂରଣ ପ୍ରଧାନ ପଞ୍ଚାୟତରେ ଶୁକ୍ରବାର ବିଜେଡି ପକ୍ଷରୁ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରା।

**ବାଲକାଟୀ,୬।୧୦(ମନୋଜ କୁମାର ମଣ୍ଡଳ)**

ବାଲିଅନ୍ତା ବ୍ଲକ ଅଧୀନ ପୂରଣ ପ୍ରଧାନ ପଞ୍ଚାୟତରେ ଶୁକ୍ରବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀର ବିଜେଡିର ମୁଖ୍ୟ ସଙ୍ଗଠକ କମଳ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଭୁବନେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର ଓ ଦଳୀୟ ମୁଖପାତ୍ର ଈପ୍‌ସିତା ସାହୁ ଯୋଗଦେଇଥିଲେ। ଏହି ପଦଯାତ୍ରା ବୋଧଖଣ୍ଡି ମେଳକ, ବର ଡିହସାହି, ମଲିକ ସାହି, ସତକାବାଦ ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଇତ୍ୟବସରରେ ୧୭ନଂ. ଜିଲା ପରିଷଦ ସଭ୍ୟ କୁନମୁନ ଲେଙ୍କା, ୫ ଜିଲା ପରିଷଦ ସଦସ୍ୟ ବିଭିନ୍ନ ପଞ୍ଚାୟତର କର୍ମୀଙ୍କ ସମେତ ବାଲିଅନ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ନାରୀନେତ୍ରୀ ପୁଷ୍ପଲତା ଦାସ, ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣୀ, ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଜେନା, ପୂର୍ବତନ ସରପଞ୍ଚ ମାନସ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ସ୍ଥାନୀୟ ବିଧାୟକଙ୍କ ଅନୁପସ୍ଥିତି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ତାମିଲନାଡୁରୁ ଯୁବତୀଙ୍କୁ ଅପହରଣ କରି ଯୁବକ ଗିରଫ

**ବାରଙ୍ଗ,୬।୧୦(ଲିଙ୍ଗରାଜ ରାଉତ)**

ତାମିଲନାଡୁରୁ ଯୁବତୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଭୂୟାନପାଳର ନିରଞ୍ଜନ ଦାସ (୨୨)। ପ୍ରକାଶ ଯେ, ଜଗତ୍‌ସିଂହପୁର ନୂଆରତନପୁର ଗ୍ରାମର ଜଣେ ଯୁବତୀଙ୍କ ବାପାମା ତାମିଲନାଡୁରେ ରହୁଥିଲେ। ଫଳରେ ଯୁବତୀ ଜଣଙ୍କ ଅଜାଙ୍କ ଘରେ ରହୁଥିଲେ। ପରବର୍ତ୍ତୀ ସମୟରେ ନିରଞ୍ଜନ ସମ୍ପୃକ୍ତ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହା ଜାଣିବା ପରେ ଅଜା ଘର ଲୋକେ ଯୁବତୀଙ୍କୁ ତାମିଲନାଡୁରେ ତାଙ୍କ ବାପାମା' ପାଖରେ ଛାଡିଦେଇ ଆସିଥିଲେ। ଏହା ଜାଣିବା ପରେ ନିରଞ୍ଜନ ମଧ ତାମିଲନାଡୁରେ ପହଞ୍ଚି ଯୁବତୀଙ୍କୁ ସାଙ୍ଗରେ ଧରି ଟ୍ରେନ୍‌ରେ କଟକ ଆସୁଥିଲେ। ଶୁକ୍ରବାର ବାରଙ୍ଗ ରେଳ ଷ୍ଟେଶନରେ ଓହ୍ଲାଇ ବାରଙ୍ଗ ବଜାରରେ ବୁଲୁଥିଲେ। ଏହି ସମୟରେ ଯୁବତୀଙ୍କ ପରିବାର ଲୋକ ପିଛା କରି ଉଭୟଙ୍କୁ ଧରି ବାରଙ୍ଗ ଥାନାକୁ ହସ୍ତାନ୍ତର କରିଥିଲେ। ଯୁବତୀଙ୍କ ମାମୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୬୪/୨୩) ରୁଜୁକରି ନିରଞ୍ଜନଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ଯୁବତୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


**बैंक ऑफ महाराष्ट्र Bank of Maharashtra** भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ୍: bom1182@mahabank.co.in

**ଦଖଲ ନୋଟିସ୍** [ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ସାଙ୍କେତିକ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ୧) **ଋଣଗ୍ରହୀତା: ମେସର୍ସ କ୍ଲାରିଅନ୍ ଇ ସର୍ଭିସ ପ୍ରା. ଲିଃ., ଠିକଣା:** ପ୍ଲଟ୍ ନଂ.: ୫୫୧/୨୧୭୨, ସାମନ୍ତରାପୁର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ / **ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: କ) ଶ୍ରୀ ଦୀପକ କୁମାର ଜେନା,** ପିତା: ଶ୍ରୀ ଶତ୍ରୁଘନ ଜେନା, **ଠିକଣା:**ସା/ପୋ: ତଳଜଙ୍ଗ, ପୁରୀ, ଓଡ଼ିଶା-୭୫୨୦୦୨, **ଖ) ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, | **ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓରକୋଲ, ସର୍ଭେଖାତା ନଂ.: ୧୮୩/୩୯, ପ୍ଲଟ୍ ନଂ.: ୩୧୦/୪୯୬, ଜିଲ୍ଲା: ପୁରୀ, ଜମିର କ୍ଷେତ୍ର: ୨୯୮୨ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୯୯୪ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୨୯୮୨ ବର୍ଗଫୁଟ (ବିଲ୍ଟ ଅପ୍), ଜି+୨ ଫ୍ଲୋର୍‌ରେ ଥିବା ୯ଟି ରୁମ୍ (କୋଠରୀ) ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗୁରୁବାରି ସେଠୀଙ୍କ ସମ୍ପତ୍ତି, ଉତ୍ତର: ଶରତ ଗୁରୁ ଏବଂ ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଶ୍ରୀଧର ନାଏକଙ୍କ ସମ୍ପତ୍ତି | ତା.୧୬.୦୬.୨୦୨୩ରିଖ ସୁଦ୍ଧା ଟ.୧,୩୨,୨୨,୯୨୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୦୬.୨୦୨୩ / ୦୩.୧୦.୨୦୨୩ |
| ପୁରୀ, ଓଡ଼ିଶା-୭୫୨୧୦୪, ୨) **ଋଣଗ୍ରହୀତା: ମେସର୍ସ ବିବିପି ଆଣ୍ଡ ଅସୋସିଏଟ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, ୩) **ଋଣଗ୍ରହୀତା: ଶ୍ରୀମତୀ ପ୍ରାଞ୍ଜଳି କିରଣ ଛୋଟରାୟ,** ସ୍ୱାମୀ: ଶ୍ରୀ କିଶୋର କୁମାର ଛୋଟରାୟ / **ସହ-ଋଣଗ୍ରହୀତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଉଭୟଙ୍କ **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ | | | |
| **ଋଣଗ୍ରହୀତା: ଶ୍ରୀ ବିଶ୍ୱରଞ୍ଜନ ମହାରଣା,** ପିତା: କୃତିବାସ ମହାରଣା / **ସହ-ଋଣଗ୍ରହୀତା: ଶ୍ରୀମତୀ ରଶ୍ମିତା ମହାରଣା,** ସ୍ୱାମୀ: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ଉଭୟଙ୍କ **ଠିକଣା-** ଦେଙ୍କୁରି, ବେଣିପୁର, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା, ପିନ୍-୭୫୪୨୯୨ | **ଶ୍ରୀ ବିଶ୍ୱରଞ୍ଜନ ମହାରଣା ଏବଂ ଶ୍ରୀମତୀ ରଶ୍ମିତା ମହାରଣା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୧/ଏ, ତଳ ମହଲା, ସାଇ ବିଜୟା ପ୍ୟାଲେସ୍, ୟୁନିଟ୍ ନଂ.: ୩୩, ଖାତା ନଂ.: ୯୨୮/୧୦୧୫, ପ୍ଲଟ୍ ନଂ.: ୧୧୭/୨୯୭୮/୩୬୦୫, କ୍ଷେତ୍ର: ଏକର ୦.୦୫୪ ଡିସିମିଲି ଏବଂ ଖାତା ନଂ.: ୯୨୮/୯୭୬, ପ୍ଲଟ୍ ନଂ.: ୧୧୮/୩୫୭୧, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୮୯ ଡିସିମିଲି,** ମୌଜା: ଝାରପଡା, ଭୁବନେଶ୍ୱର (ଏକ ବାସୋପଯୋଗୀ ଫ୍ଲାଟ୍/ଆପାର୍ଟମେଣ୍ଟ ଯାହାକି ୨ଟି ରୁମ୍ (କୋଠରୀ)କୁ ନେଇ ଗଠିତ ଯାହାର ପରିମିତ କ୍ଷେତ୍ର: ୯୭୫ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୦୫୦ ବର୍ଗଫୁଟ(ବିଲ୍ଟ ଅପ୍)), ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ପ୍ଲଟ୍, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୨୦୧/ବି, ଦକ୍ଷିଣ: ଖୋଲା ସ୍ଥାନ | ତା.୨୦.୦୪.୨୦୨୩ରିଖ ସୁଦ୍ଧା ଟ.୨୦,୮୧,୩୫୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୦.୦୪.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ମେସର୍ସ ସୁହାଗନ (ସ୍ୱତ୍ୱାଧିକାରୀ ଫାର୍ମ), ଠିକଣା-** ସପ୍ ନଂ.: ୨୨, ସବ୍‌ୱେ, ମାର୍କେଟ ବିଲ୍ଡିଂ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୯, **ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ସ୍ୱାଇଁ,** ସ୍ୱାମୀ: ଶ୍ରୀ ଅମିତ୍ କୁମାର ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସ୍ୱାଇଁ,** ପିତା: ଅରକ୍ଷିତ ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ | **ଶ୍ରୀ ଅମିତ୍ କୁମାର ସ୍ୱାଇଁ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୨୧୦୫, ପ୍ଲଟ୍ ନଂ.: ୧୮୦/୩୭୧୩ ଏବଂ ପ୍ଲଟ୍ ନଂ.: ୧୮୬/୩୭୫୧, ଲେଆଉଟ୍ ପ୍ଲଟ୍ ନଂ.: ୧୧/୨୮, ଲିଙ୍ଗିପୁର, ଇନ୍ଦିରା ହାଉସିଂ କଲୋନୀ, ଭୁବନେଶ୍ୱର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା, ସବ୍-ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ପରିମିତ କ୍ଷେତ୍ର: ୧୪୮୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୧/୨୭, ପଶ୍ଚିମ: ପ୍ଲଟ୍ ନଂ.: ୧୧/୨୯, ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଚେକ ନାଳ | ତା.୦୬.୦୬.୨୦୨୩ରିଖ ସୁଦ୍ଧା ଟ.୪୧,୫୭,୬୦୮/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୨୩ / ୦୩.୧୦.୨୦୨୩ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୩.୧୦.୨୦୨୩

ମୁଖ୍ୟ ପ୍ରବନ୍ଧକ/ସହାୟକ ମହାପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**ଉଗ୍ରସେନ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ପ୍ରଭାରୀ ନିଯୁକ୍ତ**

ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର): କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ରଞ୍ଜନ ଚୌଧୁରୀ ଯୁବନେତା ଉଗ୍ରସେନ ଭୂୟାଁଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଭୂୟାଁ ବ୍ଲକ ଅଞ୍ଚଳର ୪୧ ପଞ୍ଚାୟତଗ୍ରସ୍ତ କରି କଂଗ୍ରେସ ସଙ୍ଗଠନକୁ ସୁଦୃଢ କରିବା ସହ ନିଷ୍ଠାର ସହକାର୍ଯ୍ୟ କରିବେ ବୋଲି ଚୌଧୁରୀ ଆଶାପୋଷଣ କରିଛନ୍ତି। ଭୂୟାଁଙ୍କ ଘର କଟକ ସଦର ବ୍ଲକ ପରମହଂସ ଗ୍ରାମରେ। ସେ କଟକ ସଦର ବ୍ଲକ ପଛୁଆ ବର୍ଗର ସଭାପତି ଓ ଜିଲା କଂଗ୍ରେସ କମିଟିର ସଭ୍ୟ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଷ୍ଟ୍ରକ୍‌ଚରରୁ ଲକ୍ଷାଧିକ ଟଙ୍କାର ତାର ଚୋରି

ମାହାଙ୍ଗା,୬।୧୦(ଯଯାତି ସିଂହ)

ମାହାଙ୍ଗା ବ୍ଲକ ସଦର ମହକୁମାସ୍ଥିତ ବଣ୍ଡୁଆଠାରେ ଥିବା ଟିପିସିଓଡିଏଲ ଅଧୀନ ମାହାଙ୍ଗା ବିଦ୍ୟୁତ୍ ସେକ୍ସନ୍ କାର୍ଯ୍ୟାଳୟ ପରିସରରେ ଥିବା ବିଦ୍ୟୁତ୍ ଷ୍ଟ୍ରକଚରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ କାର୍ଯ୍ୟାଳୟର କନିଷ୍ଠ ପରିଚାଳକ (ଜେଇ) ଇଂ.ବିଭୁତି ଭୂଷଣ ପ୍ରଧାନ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୧୪/୧୫ ଜଣ ଦୁର୍ବୃତ୍ତ ଫାଟକ କୋଲପ କାଟି ପଶିବାପରେ ଷ୍ଟ୍ରକଚର ଦାୟିତ୍ୱରେ ଥିବା ୨ କର୍ମଚାରୀଙ୍କ ଆଖି ଓ ପାଟିକୁ ବାନ୍ଧି ଦେଇଥିଲେ। ସେଠାରେ ଥିବା ୨ ଡ୍ରମ ବିଦ୍ୟୁତ ତାର ଚୋରି କରି ନେଇଥିଲେ। ଏହାର ମୂଲ୍ୟ ୪ ଲକ୍ଷ ୯୨ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି।

### ଉପଜିଲାପାଳ, ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଡମପଡ଼ା, ୬।୧୦(ସତ୍ୟରଞ୍ଜନ ସାହୁ)

ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଓ ଡମପଡ଼ା ତହସିଲଦାର ପ୍ରମୋଦ ନାୟକଙ୍କୁ ଶୁକ୍ରବାର ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଉପଜିଲାପାଳ, ତହସିଲ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଏହାକୁ ପରିଚାଳନା କରିଥିଲେ।

### ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ମାଣିଆବନ୍ଧ/ବଡ଼ମ୍ବା, ୬।୧୦
(ଅଖିଳ କୁମାର ସାହୁ/ମାୟାଧର ମଲ୍ଲିକ)

ବଡ଼ମ୍ବା ବିଜେଡିପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ପଞ୍ଚାୟତର ବିଧାରପୁରଛକଠାରୁ ବାହାରିଥିବା ପଦଯାତ୍ରା ମୁକ୍ତନଗର, ବୀରବରପୁର ଦେଇ ଅଭିମାନପୁର ଶିବ ମନ୍ଦିରଠାରେ ପହଞ୍ଚିଥିଲା। ଏହାକୁ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ପଦଯାତ୍ରା ସମୟରେ ବିଭିନ୍ନ ସାହି ଓ ଛକରେ ପଥପ୍ରାନ୍ତ ସଭା କରାଯାଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କ ଲୋକମାନଙ୍କୁ ଜଣାଇବା ପାଇଁ ବିଧାୟକ ମିଶ୍ର କହିଥିଲେ। ଏଥିରେ କଟକ ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ମଗୁଲି ସାହୁ, ସୁଶାନ୍ତ ଜେନା, ସ୍ଥାନୀୟ ସରପଞ୍ଚ ସବିତା ନାଏକ, ସମିତି ସଭ୍ୟା ସୋମାରାଣୀ ନାଏକ, କୁଆଁରପାଳ ସରପଞ୍ଚ ମନୋଜ ପରିଡ଼ା, ସମିତିସଭ୍ୟ ହରିହର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଅନୁସୂୟା ନାଏକ, ନାରୀନେତ୍ରୀ ସସ୍ମିତା ସ୍ୱାଇଁ, ପ୍ରକାଶ ପଣ୍ଡା, ସଞ୍ଜୟ କୁମାର ପଣ୍ଡା, ରମେଶ କୁଣ୍ଡ, ପ୍ରମୋଦ ପାତ୍ର, ରମେଶ ସିଂଙ୍କ ସମେତ ଶତାଧିକ କର୍ମୀ ଓ ପଞ୍ଚାୟତ ଜନପ୍ରତିନିଧିମାନେ ଯୋଗଦେଇଥିଲେ।

# ୧୩ ଦିନ ପରେ ବି ପୋଲିସ ହାତ ଖାଲି



ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

**ବ୍ୟବସାୟୀଙ୍କୁ ହତ୍ୟା ମାମଲା**

- ଆନ୍ଦୋଳନ ପାଇଁ ଚେତାବନୀ
- କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି ,୬।୧୦ (ଅଶୋକ କୁମାର ମହାପାତ୍ର)

ସାଲେପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ଅନ୍ତର୍ଗତ ମାତକତପୁର ଗ୍ରାମର ବ୍ୟବସାୟୀ ଦୋଳଗୋବିନ୍ଦ ଦାସଙ୍କ ହତ୍ୟାକାଣ୍ଡକୁ ୧୩ ଦିନ ବିତିଲାଣି। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି ହୋଇଛି। ଗତ ୨୩ ତାରିଖ ରାତିରେ ମାତକତପୁର ଗ୍ରାମର ବ୍ୟବସାୟୀ ଦୋଳଗୋବିନ୍ଦ ଦାସ ତାଙ୍କ ଦୋକାନରେ ଶୋଇଥିଲା ବେଳେ ଦୁର୍ବୃତ୍ତମାନେ ତାଙ୍କ ଦୋକାନ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ସେମାନେ ତାଙ୍କୁ ହତ୍ୟାକରି କେନାଲରେ ଭସାଇ ଦେଇଥିଲେ। ୨୪ ତାରିଖ ସକାଳେ ମହାଜନପୁର ବଳ ସାହି ନିକଟରୁ ଦାସଙ୍କ ମୃତଦେହ ମିଳିଥିଲା। ଏସମ୍ପର୍କରେ ଦାସଙ୍କ ପୁତୁରା କମଳାକାନ୍ତ ଦାସ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନକାରୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଏପରିକି ଘଟଣାସ୍ଥଳକୁ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରିଦର୍ଶନରେ ଆସିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଜିଗ୍ନିପୁର,ବରାଦୋ,କେନ୍ଦୁପାଟଣା ଆଦି ପଞ୍ଚାୟତର ଶତାଧିକ ଲୋକେ ସାଲେପୁର ଥାନା ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଭାବେ ଦାବି କରିଛନ୍ତି। ୭ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ଅକ୍ଟୋବର ୧୩ରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ସେମାନେ କଟକ ଜିଲାପାଳ, ଗ୍ରାମାଞ୍ଚଳ ଏସ୍‌ପି ଓ ୫ଟି ସଚିବଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସୂଚନା ଯୋଗ୍ୟ, ଯେ ଏହି ଥାନା ଅନ୍ତର୍ଗତ କୁଳିଆ ବଜାରରେ ଅକ୍ଟୋବର ୪ ରାତିରେ ଦୁର୍ବୃତ୍ତମାନେ ଅନୁରୂପ ଭାବେ ବ୍ୟବସାୟୀ ହରେକୃଷ୍ଣ ପୃଷ୍ଟିଙ୍କୁ ହତ୍ୟାକରିଥିଲା ବେଳେ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଆକ୍ରମଣ କରି ଗୁରୁତର କରିଥିଲେ। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କୁହନ୍ତି, ଉଭୟ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ଏନେଇ ଅଭିଜ୍ଞ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ମା' ଭଟ୍ଟାରିକାଙ୍କ ଷୋଳ ଦିନାତ୍ମକ ପୂଜାରମ୍ଭ

ବଡ଼ମ୍ବା/ଆଠଗଡ଼,୬।୧୦
(ମାୟାଧର ମଲ୍ଲିକ/ ସତ୍ୟପ୍ରସାଦ ରଥ)



ମା' ଭଟ୍ଟାରିକାଙ୍କ ସୁନାବେଶ।

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ଷୋଳ ଦିନାତ୍ମକ ପୂଜା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଏକ ଆୟୁଧ ଶୋଭାଯାତ୍ରା କରାଯାଇଥିଲା। ମା'ଙ୍କ ଆୟୁଧକୁ ଶୋଭାଯାତ୍ରାରେ ନିଆଯାଇ ପୀଠରେ ପହଞ୍ଚାଯାଇଥିଲା। ଶୋଭାଯାତ୍ରା ପୀଠରେ ପହଞ୍ଚିବା ପରେ ରୀତିନୀତି ପୂର୍ବକ ଭଟ୍ଟାରିକାଙ୍କ ମାଜଣା, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଓ ବଲ୍ଲଭ ଆଦି କରାଯାଇ ବିଭିନ୍ନ ପ୍ରକାର ଭୋଗ ଲାଗି କରାଯାଇଥିଲା। ସେହିପରି ସନ୍ଧ୍ୟା ଆଳତି, ବଡ଼ସିଂହାର ଜପ କରାଯାଇଥିଲା। ଷୋଳ ଦିନାତ୍ମକ ପୂଜା ଶୁଭାରମ୍ଭ ଅବସରରେ ମା'ଙ୍କ ସୁନାବେଶ ହୋଇଥିଲା। ଏହି ବେଶ ଦେଖିବା ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଧାୟକ ଦେବୀ ପ୍ରସାଦ ମିଶ୍ର ଆୟୁଧ ଶୋଭାଯାତ୍ରାରେ ସାମିଲ ହେବା ସହିତ ସୁନାବେଶ ଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବଡ଼ମ୍ବା ଦେବତ୍ତୋର କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରା ପରିଚାଳନା କରିଥିଲେ। ସେହିପରି ଆଠଗଡସହର କନ୍ତୋଲଗ୍ରାମସ୍ଥିତ ଗଡ଼ଜାତର ଅଧିଷ୍ଠାତ୍ରୀ ଦେବୀ ମା'ଦକ୍ଷିଣ ଚଣ୍ଡୀ ମନ୍ଦିର, ମା'ବାଉତୀ ମନ୍ଦିର ଓ ଉତ୍ତରାଚଣ୍ଡୀ ମନ୍ଦିରରେ ଗଡଜାତୀୟ ପରମ୍ପରା ରୀତି ନୀତି ଅନୁଯାୟୀ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଦକ୍ଷୀଣ ଚଣ୍ଡୀମନ୍ଦିରରେ ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ମା'ଙ୍କ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଉତ୍ତରାଚଣ୍ଡୀ ମନ୍ଦିରରେ ବଡ଼ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ମନୋରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଉଛି।

# ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତି ଦେଖିଲେ ଶୈଳବାଳା ଛାତ୍ରୀ

କଟକ,୬।୧୦ (କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଛାତ୍ରୀମାନେ ଷ୍ଟଡି ଟୁରରେ ଶୁକ୍ରବାର ଭ୍ରମଣ କରିଛନ୍ତି। ସେମାନେ ଜଗତ୍‌ପୁରସ୍ଥିତ ଶାଶ୍ୱତ ପ୍ଲାଷ୍ଟ କାରଖାନା ବୁଲି ଦେଖିଥିଲେ। ଡ. ସାଗରିକା ବେହେରା, ଡ. ଶଶିକାନ୍ତ ନାୟକ, ଜ୍ୟୋସ୍ନାରାଣୀ ବାରିକ, ରାଜେଶ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀର ବିଭିନ୍ନ ପର୍ଯ୍ୟାୟକୁ ଅନୁଧ୍ୟାନ କରିଥିଲେ।

ଏଥିପାଇଁ ବ୍ୟବହୃତ କଞ୍ଚାମାଲର ଭାଗମାପ ଉପରେ ଛାତ୍ରୀମାନେ ଅବଗତ ହୋଇଥିଲେ। ସେହିପରି ରିଲିଆନ୍ସ ଡିଟରଜେଣ୍ଟ ଆଣ୍ଡ୍ ଡିସ୍‌ଇନ୍‌ଫେକଟାଣ୍ଟ କମ୍ପାନୀ ମଧ୍ୟ ବୁଲି ଦେଖିବା ସହ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଓ ବିଭାଗ ମୁଖ୍ୟ ଡ. ସ୍ୱପ୍ନଶଙ୍କର ନାୟକ ଛାତ୍ରୀମାନଙ୍କୁ ଶିକ୍ଷାଞ୍ଚଳ ପରିଭ୍ରମଣ ପାଇଁ ଉତ୍ସାହିତ କରିଥିଲେ।



ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମାନେ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତି ଦେଖୁଛନ୍ତି।

## ପୋଖରିରେ ବୁଡ଼ି ଯୁବକ ମୃତ

ମାହାଙ୍ଗା,୬।୧୦ (ଯଯାତି ସିଂହ)

ଘରକୁ ଫେରୁଥିବାବେଳେ ପୋଖରୀରେ ପଡ଼ିଯିବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଧର ଗ୍ରାମର ସ୍ୱର୍ଗତ ବିକାଶ ଜେନାଙ୍କ ପୁଅ ପ୍ରଭଞ୍ଜନ (୧୮)। ସେ ଗୁରୁବାର ରାତିରେ ବାଲିଚନ୍ଦ୍ରପୁରରୁ ଘରକୁ ଫେରୁଥିଲା ବେଳେ ମାଣିତ୍ରୀଠାରେ ସାଇକେଲ ସହ ଏକ ପୋଖରୀରେ ପଡ଼ିଯାଇଥିଲେ। ଖବରପାଇ କୁଆଁପାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରଭଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମାହାଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଛି। ମା'ବାପା ଛେଉଣ୍ଡ ପ୍ରଭଞ୍ଜନଙ୍କ ମୃତ୍ୟୁ ପରେ ତାଙ୍କର ଏକମାତ୍ର ଭଉଣୀ ଅସହାୟ ଅବସ୍ଥାରେ ଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମା'ଚର୍ଚ୍ଚିକାଙ୍କ ପୀଠରେ ନବରାତ୍ର ପୂଜାରମ୍ଭ

ବାଙ୍କୀ, ୬।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଦୁର୍ଗାପୂଜା ଉପଲକ୍ଷେ ବାଙ୍କୀସ୍ଥିତ ମା'ଚର୍ଚ୍ଚିକାଙ୍କ ଷୋଳପୂଜା ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଛି। ଏହା ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପି ଚାଲିବ। ଏହି ଅବସରରେ ମା'ଭକ୍ତଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେବେ। ଶୁକ୍ରବାର ମା'ଚର୍ଚ୍ଚିକାଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି। ତାଙ୍କୁ ଶୈଳପୁତ୍ରୀ ବେଶରେ ସଜ୍ଜିତ କରାଯାଇଛି। ଏହି ବେଶ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଛି।



TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ଭରତପୁର ଗ୍ରାମ, ଜିଏ କଲୋନୀ, ଇନ୍‌ଫୋସିଟି ଅଞ୍ଚଳରେ ପ୍ରୋଜେକ୍ଟ କାମ ପାଇଁ ଆଜି ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

### କ୍ରିଷ୍ଟାଲ କ୍ରାଉନ୍‌ରେ ୪ ଦିନିଆ ଡାଣ୍ଡିଆ କାର୍ନିଭାଲ

ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ନେଟ୍‌ୱର୍କ ଇଭେଣ୍ଟ ଆଣ୍ଡ୍ ପ୍ରମୋଶନ ଓ କ୍ରିଷ୍ଟାଲ କ୍ରାଉନ୍ ପକ୍ଷରୁ ୪ ଦିନିଆ ଡାଣ୍ଡିଆ କାର୍ନିଭାଲ ଆସନ୍ତା ୨୦ରୁ ଆରମ୍ଭ ହେଉଛି। କ୍ରିଷ୍ଟାଲ କ୍ରାଉନ୍‌ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କ୍ରିଷ୍ଟାଲ କ୍ରାଉନର ନିର୍ଦ୍ଦେଶକ ସୂର୍ଯ୍ୟ ପରିଡାଙ୍କ ସମେତ ଜିଏମ ପ୍ରକାଶ ମଙ୍ଗରାଜ, ଅଭିନେତ୍ରୀ ପୁପୁଲ ଭୂୟାଁ ଏବଂ ନେଟ୍‌ୱର୍କ ଇଭେଣ୍ଟ ଆଣ୍ଡ୍ ପ୍ରମୋଶନର ଏମ୍‌ଡି ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ରହି ଡାଣ୍ଡିଆ କାର୍ନିଭାଲ ସମ୍ପର୍କରେ କହିଥିଲେ। ଏହା ୨୩ ତାରିଖ ପର୍ଯ୍ୟନ୍ତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ଠାରେ ଅନୁଷ୍ଠିତ ହେବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର୍ ରହିଛନ୍ତି।

### ଗ୍ରାମାଞ୍ଚଳ ସୁପର ମୀନାବଜାର ଉଦ୍‌ଘାଟିତ

କଟକ ସଦର,୬।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାରଠାରେ ଗ୍ରାମାଞ୍ଚଳ ସୁପର ମୀନାବଜାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଉଦ୍‌ଘାଟନ କରି କହିଥିଲେ, ସହର ଭଳି ଗ୍ରାମାଞ୍ଚଳରେ ଲୋକମାନଙ୍କର ମନୋରଞ୍ଜନ ପାଇଁ ଏଭଳି ଆୟୋଜନ ଏକ ଉଚିତ୍ ପଦକ୍ଷେପ। କନକଦୁର୍ଗା ଯଜ୍ଞକମିଟି ଦ୍ୱାରା ଆୟୋଜିତ ଏହି ମୀନାବଜାର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଆୟୋଜନରେ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଶତପଥୀ, ରବୀନ୍ଦ୍ର ସାହୁ, ସୁକାନ୍ତ ମଲ୍ଲିକ, ସୁଧୀର ଶତପଥୀ, ନିରଞ୍ଜନ ଶତପଥୀ, ଅଶୋକ ଶତପଥୀ ଓ ଫକୀର ଭୋଇ ପ୍ରମୁଖ ସହଯୋଗ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଏହି ମୀନାବଜାରରେ ଯୋଗଦେଇଛନ୍ତି।

### ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଶିଳାନ୍ୟାସ

ମାଣିଆବନ୍ଧ, ୬।୧୦ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଙ୍କଡାଯୋଡ଼ି ପଞ୍ଚାୟତରେ ଶୁକ୍ରବାର ଏକ ନୂତନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ରାଜ କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ସୀତା ଦାସ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଏହି କେନ୍ଦ୍ର ଖୋଲିଲେ ପଞ୍ଚାୟତର ଜନସାଧାରଣଙ୍କୁ ତ୍ୱରିତ ଓ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି ମୁଖ୍ୟଅତିଥି ସରପଞ୍ଚ ଦାସ କହିଥିଲେ। ପ୍ରାୟ ୨୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଜଣେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ), ଜଣେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହେବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋଲକ ସାହୁ, ଯୋଗୀନାଥ ସାହୁ, ଲକ୍ଷ୍ମୀଧର ବସ୍ତି, ଧନେଶ୍ୱର ନାୟକ, ବଳଭଦ୍ର ହାତୀ, ବୈକୁଣ୍ଠ ନାୟକ, ୱାର୍ଡ ସଭ୍ୟ ନିଶିକାନ୍ତ ନାୟକ, ଗୋକୁଳ ମୁଖି, ସୁଶାନ୍ତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା: ପାରମ୍ପରିକ ବାଦ୍ୟରେ ହେବ ଭସାଣି ଉତ୍ସବ

ଆଠଗଡ଼, ୬।୧୦(ସତ୍ୟପ୍ରସାଦ ରଥ)



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଡିଜେ, ମାତ୍ରାଧିକ ଶବ୍ଦ ସୃଷ୍ଟି କରୁଥିବା ଯନ୍ତ୍ର ବ୍ୟବହାର ନିଷିଦ୍ଧ**

ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଯାତ୍ରା ଓ ଭସାଣି ସମୟରେ ଚଳିତ ବର୍ଷ ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ଓ ମାତ୍ରାଧିକ ଶବ୍ଦରେ କମ୍ପନ ସୃଷ୍ଟି କରୁଥିବା ଯନ୍ତ୍ର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏଥିସହ ପାରମ୍ପରିକ ବାଦ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ପୂଜା ପୂର୍ବରୁ ସହରର ସମସ୍ତ ୱାର୍ଡରୁ ଅଳିଆ ଆବର୍ଜନା ସଫେଇ କରିବାକୁ ସ୍ଥିର କରାଯାଇଛି। ରାସ୍ତା ଉପରେ ଗଦା ହୋଇଥିବା ବାଲି, ଗୋଡି ଆଦି ଅବରୋଧ ହଟାଇବା ପାଇଁ ବିଜ୍ଞାପିତ ଅଞ୍ଚଳ ପରଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ସମୟରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ଏ ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉପଜିଲାପାଳଙ୍କୁ ଅବଗତ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ପୂର୍ବରୁ ସହରର ରାସ୍ତାଘାଟଗୁଡ଼ିକୁ ଠିକ ଭାବେ ମରାମତି କରିବା ପାଇଁ ରାସ୍ତା ଓ କୋଠାବାଡ଼ି ବିଭାଗକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ବିଭାଗ ପୂଜା ସମୟରେ ପ୍ରସ୍ତୁତ ରହିବା ସହ ଅବକାରୀ ବିଭାଗ ପକ୍ଷରୁ ମଦ ଦୋକାନଗୁଡ଼ିକୁ ସିଲ କରିବା ସହ ବେଆଇନ ମଦ କାରବାରକୁ ରୋକିବା ପାଇଁ ବ୍ୟାପକ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ପୂର୍ବରୁ ଆବଶ୍ୟକ ମରାମତି କାର୍ଯ୍ୟ ଶେଷ କରି ପୂଜା ସମୟରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ବିଭାଗକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସାପୁଅ ନଦୀ ସନ୍ନିକଟରେ ଅସ୍ଥାୟୀ ବିସର୍ଜନ ପୁଷ୍କରିଣୀ କରି ମୂର୍ତ୍ତିଗୁଡିକ ବିସର୍ଜନ କରାଯିବ। ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଆରକ୍ଷୀ ବିଭାଗକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଠଗଡ଼ର ଏହି ପାରମ୍ପରିକ ଗଣପର୍ବ ଦୁର୍ଗାପୂଜାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ପାଳନ କରିବାକୁ ସମସ୍ତ ପୂଜାକମିଟିର କାର୍ଯ୍ୟକର୍ତ୍ତାମାନଙ୍କୁ ଉପଜିଲାପାଳ ଅନୁରୋଧ କରିଥିଲେ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରବୀନ୍ଦ୍ର କୁମାର ମଲ୍ଲିକ, ତହସିଲଦାର ଆଠଗଡ଼ ପ୍ରିୟବ୍ରତ ଦାସ, ଆଠଗଡ ଏନଏସି ନିର୍ବାହୀ ଅଧିକାରୀ ଦୀପ୍ତିମୟୀ ବେହେରା,ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି ଦିନେଶ ସାହୁ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବଜାର କମିଟି,ସାହି ପୂଜା କମିଟିର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ୍: bom1182@mahabank.co.in

ଦଖଲ ନୋଟିସ୍
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ସାଙ୍କେତିକ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| ୧) **ଋଣଗ୍ରହୀତା: ମେସର୍ସ କ୍ଲାରିଅନ୍ ଇ ସର୍ଭିସ ପ୍ରା. ଲି., ଠିକଣା:** ପ୍ଲଟ୍ ନଂ.: ୫୫୧/୨୧୭୨, ସାମନ୍ତରାପୁର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ / **ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: କ) ଶ୍ରୀ ଦୀପକ କୁମାର ଜେନା,** ପିତା: ଶ୍ରୀ ଶତ୍ରୁଘନ ଜେନା, **ଠିକଣା:**ସା/ପୋ: ତଳଜଙ୍ଗ, ପୁରୀ, ଓଡ଼ିଶା-୭୫୨୦୦୨, **ଖ) ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, | **ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓରକୋଲ, ସର୍ଭେଖାତା ନଂ.: ୧୮୩/୩୯, ପ୍ଲଟ୍ ନଂ.: ୩୧୦/୪୯୬, ଜିଲ୍ଲା: ପୁରୀ, ଜମିର କ୍ଷେତ୍ର: ୨୯୮୨ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୯୯୪ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୨୯୮୨ ବର୍ଗଫୁଟ (ବିଲ୍ଟ ଅପ୍), ଜି+୨ ଫ୍ଲୋରରେ ଥିବା ୯ଟି ରୁମ୍ (କୋଠରୀ) ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗୁରୁବାରି ସେଠୀଙ୍କ ସମ୍ପତ୍ତି, ଉତ୍ତର: ଶରତ ଗୁରୁ ଏବଂ ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଶ୍ରୀଧର ନାଏକଙ୍କ ସମ୍ପତ୍ତି | ତା.୧୬.୦୬.୨୦୨୩ରିଖ ସୁଦ୍ଧା **ଟ.୧,୩୨,୨୨,୯୨୧/-** + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୦୬.୨୦୨୩ / ୦୩.୧୦.୨୦୨୩ |
| ପୁରୀ, ଓଡ଼ିଶା-୭୫୨୧୦୪, ୨) **ଋଣଗ୍ରହୀତା: ମେସର୍ସ ବିବିପି ଆଣ୍ଡ୍ ଅସୋସିଏଟ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, ୩) **ଋଣଗ୍ରହୀତା: ଶ୍ରୀମତୀ ପ୍ରାଞ୍ଜଳି କିରଣ ଛୋଟରାୟ,** ସ୍ୱାମୀ: ଶ୍ରୀ କିଶୋର କୁମାର ଛୋଟରାୟ / **ସହ-ଋଣଗ୍ରହୀତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଉଭୟଙ୍କ **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ | | | |
| **ଋଣଗ୍ରହୀତା: ଶ୍ରୀ ବିଶ୍ୱରଞ୍ଜନ ମହାରଣା,** ପିତା: କୃତିବାସ ମହାରଣା / **ସହ-ଋଣଗ୍ରହୀତା: ଶ୍ରୀମତୀ ରଶ୍ମିତା ମହାରଣା,** ସ୍ୱାମୀ: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ଉଭୟଙ୍କ **ଠିକଣା-** ଦେକୁରି, ବେଣିପୁର, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା, ପିନ୍-୭୫୪୨୯୨ | **ଶ୍ରୀ ବିଶ୍ୱରଞ୍ଜନ ମହାରଣା ଏବଂ ଶ୍ରୀମତୀ ରଶ୍ମିତା ମହାରଣାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୧/ଏ, ତଳ ମହଲା, ସାଇ ବିଜୟା ପ୍ୟାଲେସ୍, ୟୁନିଟ୍ ନଂ.: ୩୩, ଖାତା ନଂ.: ୯୨୮/୧୦୧୫, ପ୍ଲଟ୍ ନଂ.: ୧୧୭/୨୯୭୮/୩୬୦୫, କ୍ଷେତ୍ର: ଏକର ୦.୦୫୪ ଡିସିମିଲି ଏବଂ ଖାତା ନଂ.: ୯୨୮/୯୭୬, ପ୍ଲଟ୍ ନଂ.: ୧୧୮/୩୫୭୧, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୮୯ ଡ଼ିସିମିଲି,** ମୌଜା: ଝାରପଡା, ଭୁବନେଶ୍ୱର (ଏକ ବାସୋପଯୋଗୀ ଫ୍ଲାଟ୍/ଆପାର୍ଟମେଣ୍ଟ ଯାହାକି ୨ଟି ରୁମ୍ (କୋଠରୀ)କୁ ନେଇ ଗଠିତ ଯାହାର ପରିମିତ କ୍ଷେତ୍ର: ୯୭୫ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୦୫୦ ବର୍ଗଫୁଟ(ବିଲ୍ଟ ଅପ୍)), ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ପ୍ଲଟ୍, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୨୦୧/ବି, ଦକ୍ଷିଣ: ଖୋଲା ସ୍ଥାନ | ତା.୨୦.୦୪.୨୦୨୩ରିଖ ସୁଦ୍ଧା **ଟ.୨୦,୮୧,୩୫୬/-** + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୦.୦୪.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ମେସର୍ସ ସୁହାଗନ (ସ୍ୱତ୍ୱାଧିକାରୀ ଫାର୍ମ), ଠିକଣା-** ସପ୍ ନଂ.: ୨୨, ସବ୍‌ୱେ, ମାର୍କେଟ ବିଲ୍ଡିଂ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୯, **ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ସ୍ୱାଇଁ,** ସ୍ୱାମୀ: ଶ୍ରୀ ଅମିତ୍ କୁମାର ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସ୍ୱାଇଁ,** ପିତା: ଅରକ୍ଷିତ ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ | **ଶ୍ରୀ ଅମିତ୍ କୁମାର ସ୍ୱାଇଁଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୨୧୦୫, ପ୍ଲଟ୍ ନଂ.: ୧୮୦/୩୭୧୩ ଏବଂ ପ୍ଲଟ୍ ନଂ.: ୧୮୬/୩୭୫୧, ଲେଆଉଟ୍ ପ୍ଲଟ୍ ନଂ.: ୧୧/୨୮, ଲିଙ୍ଗିପୁର, ଇନ୍ଦିରା ହାଉସିଂ କଲୋନୀ, ଭୁବନେଶ୍ୱର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା, ସବ୍-ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ପରିମିତ କ୍ଷେତ୍ର: ୧୪୮୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୧/୨୭, ପଶ୍ଚିମ: ପ୍ଲଟ୍ ନଂ.: ୧୧/୨୯, ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଡେନ ନାଳ | ତା.୦୬.୦୬.୨୦୨୩ରିଖ ସୁଦ୍ଧା **ଟ.୪୧,୫୭,୬୦୮/-** + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୨୩ / ୦୩.୧୦.୨୦୨୩ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୩.୧୦.୨୦୨୩
ମୁଖ୍ୟ ପ୍ରବନ୍ଧକ/ସହାୟକ ମହାପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ବିଜେଡିର ଜନସମ୍ପର୍କ ସଭା

ପୁରୀ,(ଅଜିତ ମହାନ୍ତି): ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଜିଲା ସଂସ୍କୃତି ଭବନରେ ପୁରୀ ନଗର ୨୫ ନମ୍ବର ୱାର୍ଡରେ ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ସଭାରେ ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଜିଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ବରିଷ୍ଠ ନେତା ରବି ନାରାୟଣ ସାମନ୍ତରାୟ, ଓଡ଼ିଶା ମୋ ପରିବାରର ସହସଂଯୋଜକ ଭଗବାନ ପଡ଼ିଆରୀ, ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା, ଅରୁଣ ମିଶ୍ର, ବିଜୁ ଛାତ୍ର ଜନତା ଦଳର ନଗର ସଭାପତି ସାଗର ପାତ୍ର, ଜିଲା ଛାତ୍ର ସମ୍ପାଦକ ରାଜେଶ ତ୍ରିପାଠୀ, କାମରାଜ ରାଓ, ଗୋପୀ ରାଓ, କାଶୀ ରାଓ, ଭାସ୍କର ରେଡ୍ଡୀ, ଜିତେନ୍ଦ୍ର ନାୟକ, ସୁକାନ୍ତ ନାୟକ, ରତ୍ନାକର ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧୦।୨୦୨୩

| ୨,୯୭,୬୧୬ ଟଙ୍କା | |
|---|---|
| ସୁନା | ୩.୬୦୦ ଗ୍ରାମ୍ |
| ରୁପା | ୨୨.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ଷୋଳପୂଜା ଆରମ୍ଭ

ସାକ୍ଷୀଗୋପାଳ, ୬।୧୦ (ଭରତ ରାଉତ): ସତ୍ୟବାଦୀର ଶାସନ ଗ୍ରାମ ସହିତ ବିଭିନ୍ନ ଗ୍ରାମରେ ଅବସ୍ଥାପିତ ଦେବୀ ଓ ଠାକୁରାଣୀମାନଙ୍କ ପୀଠରେ ଷୋଳପୂଜା ଆରମ୍ଭ ହୋଇଯାଇଛି। ଶ୍ରୀରାମଚନ୍ଦ୍ରପୁରରେ ବଡ଼ ଓ ସାନ ହରଚଣ୍ଡୀ, ବିରରାମଚନ୍ଦ୍ରପୁରରେ ମଣିନାଗଦୁର୍ଗା, ବୀରଗୋବିନ୍ଦପୁରରେ କନକଦୁର୍ଗା, ଜୟପୁରରେ ମହାମାୟା, ନରେନ୍ଦ୍ରପୁରରେ ପଦ୍ମାବତୀ, ବିଶ୍ୱନାଥପୁରରେ କ୍ଷେତ୍ରପାଳୀ, ନୂଆସୋମେଶ୍ୱରପୁର, ଦାସବିଦ୍ୟାଧରପୁର ଆଦି ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀମାନଙ୍କ ମନ୍ଦିରରେ ପୂଜା ଆରମ୍ଭ ହୋଇଯାଇଛି। ଏହି ଷୋଡ଼ ଦିନାତ୍ମକ ପୂଜା ନିମନ୍ତେ ଠାକୁରାଣୀଙ୍କ ସନ୍ଧ୍ୟା ଦର୍ଶନ ପାଇଁ ମନ୍ଦିରରେ ଭିଡ଼ ପରିଲକ୍ଷିତ ହେଉଥିବା ସହିତ ଗ୍ରାମଗୁଡିକ ଚଳଚଞ୍ଚଳ ହୋଇଉଠିଛି।

### ସାକ୍ଷୀଗୋପାଳ ମନ୍ଦିର ସିଂହାରୀ ସେବକଙ୍କ ପରଲୋକ

ସାକ୍ଷୀଗୋପାଳ, ୬।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ): ସାକ୍ଷୀଗୋପାଳ ମନ୍ଦିର ସିଂହାରୀ ସେବକ ଶ୍ରୀଧର ମହାପାତ୍ରଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ମୃତ୍ୟୁ ଖବର ମିଳିବାପରେ ସେବାୟତମାନଙ୍କ ସହିତ ସାକ୍ଷୀଗୋପାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସେବାୟତ ସଂଘ କର୍ମକର୍ତ୍ତା, ଆତ୍ମୀୟମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରମ୍ପରା ଅନୁଯାୟୀ ସାକ୍ଷୀଗୋପାଳଙ୍କ ରୋଷଶାଳା ଚୁଲିରୁ ଅଗ୍ନି ସଂଗ୍ରହ କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ଶ୍ରୀପତି ମହାପାତ୍ର ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁତ୍ର ଶ୍ରୀବତ୍ସ ମହାପାତ୍ର, ପୁତୁରା, ନାତି, କନ୍ୟା ଓ ଜାମାତା ଉପସ୍ଥିତ ରହିଥିଲେ। ୧୯୭୦ ମସିହାରେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରେ ସେ ଜୟଶ୍ରୀ ହୋଟେଲ ସ୍ଥାପନ କରି ଅଞ୍ଚଳରେ ବେଶ୍ ପରିଚିତି ଲାଭ କରିଥିଲେ।

### ଗଡ଼ିଲା ପାର୍ବଣ ରଥ

ସାକ୍ଷୀଗୋପାଳ, ୬।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ): ସାକ୍ଷୀଗୋପାଳ ଅଞ୍ଚଳର ବିଭିନ୍ନ ଶକ୍ତିପୀଠରେ ପାର୍ବଣ ରଥ ପରିକ୍ରମା କରିଛି। ଶାରଦୀୟ ପୂଜାରେ ଯୋଗ ଦେବାପାଇଁ ଆଖପାଖରେ ରହିଥିବା ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଛି। ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମଣିନାଗଦୁର୍ଗା ସୁସଜ୍ଜିତ ରଥରେ ବିଜେ କରି ସାକ୍ଷୀଗୋପାଳ ବାସୁକେରା ଗ୍ରାମରେ ଦେବୀ ଜାଗୁଳେଇ, ଚନ୍ଦନପୋଖରୀ ନିକଟସ୍ଥ ମା' ମାଳେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଭୋଗ ନୈବେଦ୍ୟ, ଆଳତି ଅନୁଷ୍ଠିତ ହୋଇଥିଲା। ସେହିପରି ଦେବୀ ମହାମାୟା ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରି ମହାପ୍ରସାଦ ଗ୍ରହଣ କରିଥିଲେ। ପରେ ସେକ ସାହିରେ ମା' ଜାଗେଶ୍ୱରୀଙ୍କ ନିକଟରୁ ଆଜ୍ଞାମାଳ ଗ୍ରହଣ କରି ନିମନ୍ତ୍ରଣ ଦେଇଥିଲେ। ପାର୍ବଣ ରଥ ଶୋଭାଯାତ୍ରାରେ ସେବାୟତମାନଙ୍କ ସହ ଗ୍ରାମ ପରିଚାଳନା କମିଟି ସଦସ୍ୟ ଓ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ।

### ଉଦ୍ୟାନ ବିଭାଗର କର୍ମଶାଳା

କଣାସ, ୬।୧୦ (ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଉଦ୍ୟାନ ବିଭାଗ ପକ୍ଷରୁ ମହିଳାଙ୍କ ଆର୍ଥିକ ସ୍ୱଚ୍ଛଳତା ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଅଜୟ ପ୍ରଧାନ, ବ୍ଲକ କୃଷି ଅଧିକାରୀ ସାଗର ସାହୁ, ବ୍ଲକ ଉଦ୍ୟାନ ଅଧିକାରୀ ମନୋଜ ସାହୁ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ମହିଳାମାନେ ନିଜ ବାଡି ବଗିଚା ଓ ଜମିରେ ବିଭିନ୍ନ ଫଳଗଛ ଲଗାଇ କିପରି ଆର୍ଥିକ ଅଭିବୃଦ୍ଧି କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

# ବିଭିନ୍ନ ଦେବୀ ପୀଠରେ ଷୋଡ଼ଶ ପୂଜା ଆରମ୍ଭ

ପୁରୀ, ୬।୧୦(ଅଜିତ ମହାନ୍ତି):

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଅବସରରେ ଶୁକ୍ରବାରଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏଥିସହ ଶ୍ରୀମନ୍ଦିର ଭିତରବେଢା ପରିସରସ୍ଥ ମା' ଭୁବନେଶ୍ୱରୀ, ମା' ବଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ ଏବଂ କିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ୍ୟ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହୋଇଛି। ପୂଜା ଆରମ୍ଭ ହେବା ପୂର୍ବରୁ ଶୁକ୍ରବାର ପୂର୍ବାହ୍ନରେ ଶ୍ରୀନଅରରେ ଶ୍ରୋତ୍ରିୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ବରଣ ପରେ ଶ୍ରୋତ୍ରିୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଷୋଳପୂଜା ପାଇଁ ଶ୍ରୀକ୍ଷେତ୍ରର ସମସ୍ତ ଶକ୍ତି ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ସେହିପରି ପୂଜା ଆରମ୍ଭ ହେବା ପୂର୍ବରୁ ବ୍ରାହ୍ମଣ ବରଣ ଲାଗି ଶ୍ରୀନଅର ପରିସର

## ବ୍ରାହ୍ମଣ ବରଣ କଲେ ଗଜପତି ମହାରାଜା



ଚଳଚଞ୍ଚଳ ହୋଇଉଠିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତା ଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ପରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁଗୁଆ, ନଡ଼ିଆ ପ୍ରଦାନ କରିଥିଲେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିଥିଲେ। ବ୍ରାହ୍ମଣମାନେ ବରଣ ହେବା ପରେ ପୀଠଗୁଡ଼ିକରେ ପୂଜା କାର୍ଯ୍ୟ ଆରମ୍ଭ କରିଛନ୍ତି। ବିମଳା ଦେବୀ ପୀଠର ପୂଜକ ଭାବେ ବିକ୍ରମ ରଥଙ୍କୁ ବରଣ କରାଯାଇଥିବାବେଳେ ବିମଳା ଦେବୀ ପୀଠର ପରିଚ୍ଛା ଭାବେ ସୁନିଲ ମହାପାତ୍ରଙ୍କୁ ଚୟନ କରାଯାଇଛି। ବିମଳା ଦେବୀ ପୀଠର ଛାମୁଚଣ୍ଡୀ ପାଠକ ଭଗବାନ ତ୍ରିପାଠୀ, ବିଷ୍ଣୁ ସହସ୍ରନାମ ପାଠକ ସରୋଜ କୁମାର ମିଶ୍ର, ଦୁର୍ଗା ସହସ୍ରନାମ ପାଠକ ପ୍ରଫୁଲ୍ଲ କୁମାର ଚଇନି, ଭୁବନେଶ୍ୱରୀ ସହସ୍ରନାମ ପାଠକ ପ୍ରଦୀପ୍ତ କୁମାର ମିଶ୍ର, ଦେବୀ ସହସ୍ରନାମ ପାଠକ ଗଦାଧର ଦାଶ, ସ୍ୱସ୍ତି ବାଚକ ବସନ୍ତ କୁମାର ମିଶ୍ର (ଖ), ମନ୍ତ୍ରଯାପକ ବିମଳ ରଥ, ବ୍ରହ୍ମାବରଣ (୩ ଦିନ ପାଇଁ) ରାମଚନ୍ଦ୍ର ମିଶ୍ର, ଭୁବନେଶ୍ୱରୀ ପୀଠର ପୂଜକ ରବିଚରଣ ରଥ, ଚଣ୍ଡୀପାଠକ ବିଶ୍ୱନାଥ ମିଶ୍ର, ମା' ବାଟମଙ୍ଗଳା ପୀଠର ପୂଜକ ଚକ୍ରଧର ମିଶ୍ର, ଚଣ୍ଡୀ ପାଠକ ବିରଞ୍ଚି ନାରାୟଣ ମିଶ୍ର, ମା' ଉତ୍ତରାୟଣୀ ପୀଠର ପୂଜକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଚଣ୍ଡୀ ପାଠକ ବିଚିତ୍ରାନନ୍ଦ ମିଶ୍ର, ଦକ୍ଷିଣକାଳୀ ପୀଠର ପୂଜକ ହିମାଂଶୁ ତ୍ରିପାଠୀ, ଚଣ୍ଡୀ ପାଠକ ଦୁର୍ଗାପ୍ରସାଦ ମିଶ୍ର, ଆଲାମଚଣ୍ଡୀ ପୀଠର ପୂଜକ ଓ ଚଣ୍ଡୀ ପାଠକ ନିଳାଦ୍ରୀ ବିହାରୀ ମିଶ୍ର, ପଞ୍ଚମୁଖୀ ଠାକୁରାଣୀ ପୀଠର ପୂଜକ ନୀଳକଣ୍ଠ ମିଶ୍ର, ଚଣ୍ଡୀପାଠକ ପ୍ରକାଶ ଚନ୍ଦ୍ର କର, ଚର୍ଚ୍ଚିକା ଠାକୁରାଣୀ ପୀଠର ପୂଜକ ଉଦୟନାଥ ମହାପାତ୍ର, ଚଣ୍ଡୀପାଠକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଏବଂ ପୁଷ୍ପାଳକ ମନୋଜ ପୁଷ୍ପାଳକଙ୍କୁ ଷୋଡ଼ଶ ଦିନାତ୍ମକ ପୂଜା ପାଇଁ ବରଣ କରାଯାଇଛି।

## ୫୫ ବର୍ଷରେ ଅସ୍ତରଙ୍ଗ ଦୁର୍ଗାପୂଜା



ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ପୂଜାର୍ଚ୍ଚନା ସହ ମାଟି ଅନୁକୂଳ କରାଯାଉଛି ।

ଅସ୍ତରଙ୍ଗ, ୬।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ): ମା'ଙ୍କ ଆବାହନ ପାଇଁ ସହସ୍ର କୁମ୍ଭାଭିଷେକ ପୂଜାଠାରୁ ଆରମ୍ଭ ହୋଇଛି ମାଟି ଅନୁକୂଳ। ସେଥିପାଇଁ ପୁରୀ ଜିଲା ଅସ୍ତରଙ୍ଗ ଦେବୀ ନଦୀ ଶାଖା ଭଉଁରିଆ ନଦୀ ତୁଠ ଚଳଚଞ୍ଚଳ ହୋଇଉଠିଛି। ଅସ୍ତରଙ୍ଗ ଦୁର୍ଗାପୂଜା କମିଟି ପକ୍ଷରୁ ବାଜା, ମୃଦଙ୍ଗ, ରୋଶଣୀ କରି ମା'ଙ୍କ ମୂର୍ତ୍ତି ତିଆରି ପାଇଁ ନଦୀକୂଳରେ ମାଟି ଅନୁକୂଳ କରାଯାଇଛି। ହୋମ, ମନ୍ତ୍ରପାଠରେ ମା'ଙ୍କ ଆବାହନ କରାଯାଇଛି। ଅସ୍ତରଙ୍ଗ ଦୁର୍ଗାପୂଜା ୫୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତଥର ମା'ଙ୍କ ପୂଜା ବେଶ୍ ଆକର୍ଷଣୀୟ ହେବ ବୋଲି ଜଣାଯାଇଛି। ମା'ଙ୍କ ମାଟି ଅନୁକୂଳ କାର୍ଯ୍ୟରେ ପୂଜକ ରାମଚନ୍ଦ୍ର ମିଶ୍ର, ମଙ୍ଗରାଜ କର, ଆଶୁତୋଷ ମିଶ୍ର, କ୍ଷେତ୍ରବାସୀ ପଣ୍ଡା, ପୁରନ୍ଦର ବେହେରା, ମା' ଦୁର୍ଗା କ୍ଲବ ଉପଦେଷ୍ଟା ଦୁଷ୍ମନ୍ତ ପରିଡା, ଯୁଗଳ କିଶୋର ମହାନ୍ତି, ପବିତ୍ର ମହାନ୍ତି, ରାକେଶ ମହାନ୍ତିଙ୍କ ସହ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ।

# କ୍ରିଷ୍ଟାଲ କ୍ରାଉନ୍‌ରେ ୪ ଦିନିଆ ଡାଣ୍ଡିଆ କାର୍ନିଭାଲ




ଭୁବନେଶ୍ୱର,୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ନେଟ୍‌ୱର୍କ ଇଭେଣ୍ଟ ଆଣ୍ଡ୍ ପ୍ରମୋଶନ ଓ କ୍ରିଷ୍ଟାଲ କ୍ରାଉନ୍ ପକ୍ଷରୁ ୪ ଦିନିଆ ଡାଣ୍ଡିଆ କାର୍ନିଭାଲ ଆସନ୍ତା ୨୦ରୁ ଆରମ୍ଭ ହେଉଛି। କ୍ରିଷ୍ଟାଲ କ୍ରାଉନ୍‌ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କ୍ରିଷ୍ଟାଲ କ୍ରାଉନର ନିର୍ଦ୍ଦେଶକ ସୂର୍ଯ୍ୟ ପରିଡାଙ୍କ ସମେତ ଜିଏମ ପ୍ରକାଶ ମଙ୍ଗରାଜ, ଅଭିନେତ୍ରୀ ପୁପୁଲ ଭୂୟାଁ ଏବଂ ନେଟୱର୍କ ଇଭେଣ୍ଟ ଆଣ୍ଡ୍ ପ୍ରମୋଷଶନର ଏମ୍‌ଡି ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ରହି ଡାଣ୍ଡିଆ କାର୍ନିଭାଲ ସମ୍ପର୍କରେ କହିଥିଲେ। ଏହା ୨୩ ତାରିଖ ପର୍ଯ୍ୟନ୍ତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ଠାରେ ଅନୁଷ୍ଠିତ ହେବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର୍ ରହିଛନ୍ତି।

# ମା' ବିମଳାଙ୍କ ଷୋଳପୂଜା ଆରମ୍ଭ

ପୁରୀ, ୬।୧୦(ଅଜିତ ମହାନ୍ତି):

ଶୁକ୍ରବାରଠାରୁ ମା' ବିମଳାଙ୍କ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ପରେ ଶ୍ରୀଦେବୀ (ମହାଲକ୍ଷ୍ମୀ) ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ସାତପାହାଚ ନିକଟ ପାଲିଙ୍କିରେ ବିଜେ କରିଥିଲେ। ପରେ ଲକ୍ଷ୍ମୀ ମନ୍ଦିର ଖଟଶେଜକୁ ବିଜେ ହୋଇଥିଲେ। ସେଠାରେ ମାଜଣା, ବନକଲାଗି, ବେଶ କରାଯାଇଥିଲା। ପୂଜାପଣ୍ଡା ଲକ୍ଷ୍ମୀବ୍ରତ କଥା ଶୁଣାଇଥିଲେ। ଭୋଗ ବନ୍ଦାପନା ହୋଇ ମଧ୍ୟାହ୍ନ ଧୂପ ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବାହୁଡ଼ା ବିଜେ କରିଥିଲେ। ଅପରପକ୍ଷରେ ସକାଳଧୂପ ସରିବା ପରେ ଭଣ୍ଡାରରୁ ଦୁର୍ଗାଦେବୀ ସିଂହାସନକୁ ବିଜେ କରିଥିଲେ। ସେଠାରେ ଆଜ୍ଞାମାଳ ପାଇ ସୋମନାଥ ମନ୍ଦିରକୁ ବିଜେ ହୋଇଥିଲେ। ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଆଚାର୍ଯ୍ୟ ବ୍ରହ୍ମାବରଣ ହୋଇ ଦୁର୍ଗାଙ୍କୁ ଏକହଜାର ଗରା ଜଳରେ ଅଭିଷେକ କରାଇଥିଲେ। ଶ୍ରୀଅଙ୍ଗ ପୋଛା, ନବବସ୍ତ୍ର ଲାଗି, ବେଶ, ପ୍ରସାଦ ଲାଗି, ଶୀତଳ ଭୋଗ, ବନ୍ଦାପନା ନୀତି ପରେ ସହସ୍ର କୁମ୍ଭାଭିଷେକ ବିଧି ସମ୍ପନ୍ନ ହୋଇଥିଲା। ମା' ଦୁର୍ଗା ବିଗ୍ରହ ଭଣ୍ଡାର ଦ୍ୱାରଠାରେ ବିଜେ ହେବା ପରେ ମାଧବ ସିଂହାସନରୁ ଆଜ୍ଞାମାଳ ପାଇ ଆସି ଦୁର୍ଗାଙ୍କ ସହିତ ଏକତ୍ର ଭଦ୍ରାସନରେ ବସିଥିଲେ। ପରେ ରୁନ୍ଧା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏକତ୍ର ରୁନ୍ଧା ଅବସ୍ଥାରେ ଦୁର୍ଗାମାଧବ ରତ୍ନସିଂହାସନକୁ ଯାଇ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇଥିଲେ। ପରେ ଜୟ ବିଜୟ ଦ୍ୱାର ବାଟ ଦେଇ ଝୁଲଣ ମଣ୍ଡପଠାରେ ପାଲିଙ୍କିରେ ବିଜେ ହୋଇ ବିମଳା ମନ୍ଦିରକୁ ଯାଇଥିଲେ। ସେଠାରେ ଖଟ ଉପରେ ଦୁର୍ଗାମାଧବ ବିଜେ ହେବା ପରେ ଶୀତଳ ଭୋଗ ମଣୋହି ଓ ବନ୍ଦାପନା ହୋଇଥିଲା। ତିନି ଧୂପ ସରି ଭିତରେ ଚନ୍ଦନ ଲାଗି ନୀତି ପରେ ଦୁର୍ଗାମାଧବ ପାଲିଙ୍କିରେ ଆସି ଭଣ୍ଡାରଘରେ ବିଜେ କରିଥିଲେ। ୧୬ ଦିନ ଏହିପରି ରୁନ୍ଧା ଅବସ୍ଥାରେ ରହିବା ପରେ ଦଶହରା ଦିନ ରୁନ୍ଧା ଖୋଲାଯାଏ। ଷୋଳ ପୂଜାର ପ୍ରଥମ ୮ ଦିନ ଦୁର୍ଗାମାଧବ ରୁନ୍ଧା ଅବସ୍ଥାରେ ବିମଳାଙ୍କ ମନ୍ଦିରକୁ ଯାଇଥିବା ବେଳେ ପରବର୍ତ୍ତୀ ୮ ଦିନ ଦୋଳମଣ୍ଡପ ସାହିର ନାରାୟଣୀ ମନ୍ଦିରକୁ ବିଜେ କରନ୍ତି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ଭରତପୁର ଗ୍ରାମ, ଜିଏ କଲୋନୀ, ଇନ୍‌ଫୋସିଟି ଅଞ୍ଚଳରେ ପ୍ରୋଜେକ୍ଟ କାମ ପାଇଁ ଆଜି ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ଧାନମିଲ୍‌ରୁ ବାହାରୁଥିବା କେମିକାଲ ପାଣିକୁ ନେଇ ଅସନ୍ତୋଷ

ଚାରିଛକ, ୬।୧୦ (ଶିଶିର ସ୍ୱାଇଁ):

ପୁରୀ ଜିଲା ନିମାପଡା ବ୍ଲକ ଅନ୍ତର୍ଗତ ଚଣିଜଙ୍ଗ ପଞ୍ଚାୟତ ଅଳକୁଣ୍ଡଠାରେ ଥିବା ତାରିଣୀ ଧାନମିଲ୍‌ରୁ ଦୈନିକ ବହୁ ପରିମାଣରେ କେମିକାଲମିଶା ପାଣି ଚାଷ ହେଉଥିବା ବିଲରେ ମିଶୁଛି। ଫଳରେ ଚାଷ କାର୍ଯ୍ୟ କରିବାକୁ ଆସୁଥିବା ଚାଷୀମାନେ ବିଭିନ୍ନ ପ୍ରକାର ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ଅଞ୍ଚଳକୁ ଚାଷ କାର୍ଯ୍ୟ କରିବା ପାଇଁ ବାହାର ଶ୍ରମିକମାନେ ଆସିବାକୁ ଭୟ କରୁଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି କେମିକାଲମିଶା ପାଣି ରାସ୍ତା ପାର୍ଶ୍ୱରେ ଜମି ରହିବା ଯୋଗୁଁ ପ୍ରବଳ ଦୁର୍ଗନ୍ଧ ହେଉଥିବା ଶିକ୍ଷକ ନେତ୍ରାନନ୍ଦ ବାରିକଙ୍କ ସହ କେତେଜଣ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଆଖପାଖ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଡେଙ୍ଗୁ, ମ୍ୟାଲେରିଆ ଓ ବିଭିନ୍ନ ପ୍ରକାର ବାୟୁଜନିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଶିକ୍ଷକ ନେତ୍ରାନନ୍ଦ ବାରିକ ପୂର୍ବରୁ ସ୍ଥାନୀୟ ପ୍ରଶାସନ, ପୁରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ବି ଉକ୍ତ ରାଇସ୍ ମିଲ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯଦି ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହୁଏ ଶିକ୍ଷକ ବାରିକଙ୍କ ସମେତ ପାଖାପାଖି ଅନେକ ଲୋକ ଘର ଛାଡ଼ିବେ ବୋଲି କ୍ଷୋଭର ସହ କହିଛନ୍ତି। ଏ ଦିଗରେ ରାଜ୍ୟ ପ୍ରଦୂଷଣ ବିଭାଗ, ୫-ଟି ସଚିବ ଓ ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି। ଯଦି ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ କୌଣସି ଆଇନଗତ ପଦକ୍ଷେପ ନିଆନଯାଏ ତେବେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

# ମେଡିକାଲରେ ପ୍ରତିଦିନ ଡ୍ୟୁଟି ଚାର୍ଟ ଲଗାଯିବାକୁ ଦାବି

ପୁରୀ,୬।୧୦(ଅଜିତ ମହାନ୍ତି): ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟମିତ ଡ୍ୟୁଟି ଚାର୍ଟ ଲଗାଯାଉ ନ ଥିବାରୁ ରୋଗୀମାନେ ସମସ୍ୟାରେ ପଡୁଥିବା ଅଭିଯୋଗ ହେଉଛି। ସାମାଜିକ କର୍ମୀ ଦିଲୀପ ବରାଳ ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି କି, ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟମିତ ଡ୍ୟୁଟି ଚାର୍ଟ ଲଗାଯାଉନାହିଁ। ଫଳରେ କେଉଁ ଡାକ୍ତରଙ୍କ କେତେ ବେଳେ ଡ୍ୟୁଟି ରୋଗୀମାନେ ଜାଣିପାରୁନାହାନ୍ତି। ଅପରପକ୍ଷରେ ଡ୍ୟୁଟି ଚାର୍ଟ ନ ଲାଗିବାରୁ ଡାକ୍ତରମାନେ ଠିକ ଭାବେ ଡ୍ୟୁଟି କରୁଥିବା ଅଭିଯୋଗ ହେଉଛି। ଅନେକ ଡାକ୍ତର କେବଳ ଉପସ୍ଥାନରେ ଦସ୍ତଖତ କରିବା ପାଇଁ ଆସି ଅଳ୍ପ ସମୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହି ଘରକୁ ଫେରିଯାଇଛନ୍ତି ତାଙ୍କ ସମ୍ପର୍କୀୟ ସେହିପରି ଅନେକ ଡାକ୍ତର ସପ୍ତାହକୁ ଦୁଇରୁ ତିନି ଦିନ କେବଳ ସକାଳ ବେଳା ଡ୍ୟୁଟି କରୁଛନ୍ତି। ଅପରାହ୍ନରେ ଡ୍ୟୁଟି ନ କରି ନିଜ ଘରେ ରୋଗୀ ଦେଖି ଅର୍ଥ ରୋଜଗାର କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ତେଣୁ ରୋଗୀଙ୍କ ଅବଗତି ନିମନ୍ତେ ଡ୍ୟୁଟି ଚାର୍ଟ ଲଗାଯାଉ ବୋଲି ବରାଳ ଦାବି କରିଛନ୍ତି।

# ବିପଦସଙ୍କୁଳ ଗୃହରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର

କୋଣାର୍କ ୬।୧୦(ଜ୍ୟୋତିରାଜ ମହାନ୍ତି):

କୋଣାର୍କ ଥାନା ଅଧୀନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ସନ୍ତରସସ୍ଥିତ ଯୋଗେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧିକାଂଶ ଶ୍ରେଣୀଗୃହର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଛାଡୁଥିବା ଦେଖିବାକୁ ମିଳିଛି। ଏହା ଛାତ୍ରୀଛାତ୍ରମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟିକରିଛି। ଏହି ବିପଦସଙ୍କୁଳ



ଜରାଜୀର୍ଣ୍ଣ ହୋଇପଡିଥିବା ଯୋଗେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

### ୫-ଟିରେ ରୂପାନ୍ତରଣ ଦାବି

ଗୃହରେ ପାଠପଢା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି କାଦୁଆନୂଆଗାଁ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା ଓ ସନ୍ତରସ ଗ୍ରାମର ଯୁବନେତା କୃଷ୍ଣ ଚନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ରୂପାନ୍ତରିତ ଯୋଜନାରେ ସନ୍ତରସ ଗ୍ରାମର ଯୋଗେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରିବାକୁ ଦାବି କରାଯାଇଛି। ଏଥିସହ ବିପଦସଙ୍କୁଳ ବିଦ୍ୟାଳୟ ଗୃହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ୫-ଟି ସଚିବ, ପୁରୀ ଜିଲାପାଳଙ୍କୁ ସନ୍ତରସ ଗ୍ରାମବାସୀଙ୍କ ସମେତ କାଦୁଆନୂଆଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା ଓ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଦାବି କରିଛନ୍ତି।

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ: bom1182@mahabank.co.in
बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक
ଦଖଲ ନୋଟିସ୍
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ସାଙ୍କେତିକ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ୧) ଋଣଗ୍ରହୀତା: ମେସର୍ସ କ୍ଲାରିଅନ୍ ଇ ସର୍ଭିସ ପ୍ରା. ଲିଃ., ଠିକଣା: ପ୍ଲଟ୍ ନଂ.: ୫୫୧/୨୧୭୨, ସାମନ୍ତରାପୁର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ / ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, ଠିକଣା: ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: କ) ଶ୍ରୀ ଦୀପକ କୁମାର ଜେନା, ପିତା: ଶ୍ରୀ ଶତ୍ରୁଘନ ଜେନା, ଠିକଣା:ସା/ପୋ: ତଳଜଙ୍ଗ, ପୁରୀ, ଓଡ଼ିଶା-୭୫୨୦୦୨, ଖ) ଶ୍ରୀ କିଶୋର କୁମାର ଛୋଟରାୟ, ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଠିକଣା: ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, ୨) ଋଣଗ୍ରହୀତା: ମେସର୍ସ ବିବିପି ଆଣ୍ଡ୍ ଅସୋସିଏଟ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, ଠିକଣା: ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ଛୋଟରାୟ, ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଠିକଣା: ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, ୩) ଋଣଗ୍ରହୀତା: ଶ୍ରୀମତୀ ପ୍ରାଞ୍ଜଳି କିରଣ ଛୋଟରାୟ, ସ୍ୱାମୀ: ଶ୍ରୀ କିଶୋର କୁମାର ଛୋଟରାୟ / ସହ-ଋଣଗ୍ରହୀତା: ଶ୍ରୀ କିଶୋର କୁମାର ଛୋଟରାୟ, ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଉଭୟଙ୍କ ଠିକଣା: ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ / ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ, ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, ଠିକଣା: ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ | ଶ୍ରୀ କିଶୋର କୁମାର ଛୋଟରାୟ, ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓରକୋଲ, ସର୍ଭେ/ଖାତା ନଂ.: ୧୮୩/୩୯, ପ୍ଲଟ୍ ନଂ.: ୩୧୦/୪୯୬, ଜିଲ୍ଲା: ପୁରୀ, ଜମିର କ୍ଷେତ୍ର: ୨୯୮୨ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୯୯୪ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୨୯୮୨ ବର୍ଗଫୁଟ (ବିଲ୍ଟ ଅପ), ଜି+୨ ଫ୍ଲୋର୍‌ରେ ଥିବା ୯ଟି ରୁମ୍ (କୋଠରୀ) ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗୁରୁବାରି ସେଠୀଙ୍କ ସମ୍ପତ୍ତି, ଉତ୍ତର: ଶରତ ଗୁରୁ ଏବଂ ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଶ୍ରୀଧର ନାଏକଙ୍କ ସମ୍ପତ୍ତି | ତା.୧୬.୦୬.୨୦୨୩ରିଖ ସୁଦ୍ଧା ଟ.୧,୩୨,୨୨,୯୨୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୦୬.୨୦୨୩ / ୦୩.୧୦.୨୦୨୩ |
| ଋଣଗ୍ରହୀତା: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ପିତା: କୃତିବାସ ମହାରଣା / ସହ-ଋଣଗ୍ରହୀତା: ଶ୍ରୀମତୀ ରଶ୍ମିତା ମହାରଣା, ସ୍ୱାମୀ: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ଉଭୟଙ୍କ ଠିକଣା- ଦେକୁରି, ବେଣିପୁର, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା, ପିନ୍-୭୫୪୨୯୨ | ଶ୍ରୀ ବିଶ୍ୱରଞ୍ଜନ ମହାରଣା ଏବଂ ଶ୍ରୀମତୀ ରଶ୍ମିତା ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୧/ଏ, ତଳ ମହଲା, ସାଇ ବିଜୟା ପ୍ୟାଲେସ୍, ୟୁନିଟ୍ ନଂ.: ୩୩, ଖାତା ନଂ.: ୯୨୮/୧୦୧୫, ପ୍ଲଟ୍ ନଂ.: ୧୧୭/୨୯୭୮/୩୬୦୫, କ୍ଷେତ୍ର: ଏକର ୦.୦୫୪ ଡିସିମିଲି ଏବଂ ଖାତା ନଂ.: ୯୨୮/୯୭୬, ପ୍ଲଟ୍ ନଂ.: ୧୧୮/୩୫୭୧, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୮୯ ଡ଼ିସିମିଲି, ମୌଜା: ଝାରପଡା, ଭୁବନେଶ୍ୱର (ଏକ ବାସୋପଯୋଗୀ ଫ୍ଲାଟ୍/ଆପାର୍ଟମେଣ୍ଟ ଯାହାକି ୨ଟି ରୁମ୍ (କୋଠରୀ)କୁ ନେଇ ଗଠିତ ଯାହାର ପରିମିତ କ୍ଷେତ୍ର: ୯୭୫ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୦୫୦ ବର୍ଗଫୁଟ(ବିଲ୍ଟ ଅପ)), ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ପ୍ଲଟ୍, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୨୦୧/ବି, ଦକ୍ଷିଣ: ଖୋଲା ସ୍ଥାନ | ତା.୨୦.୦୪.୨୦୨୩ରିଖ ସୁଦ୍ଧା ଟ.୨୦,୮୧,୩୫୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୦.୦୪.୨୦୨୩ / ୦୩.୧୦.୨୦୨୩ |
| ଋଣଗ୍ରହୀତା: ମେସର୍ସ ସୁହାଗନ (ସ୍ୱତ୍ୱାଧିକାରୀ ଫାର୍ମ), ଠିକଣା- ସପ୍ ନଂ.: ୨୨, ସବ୍‌ୱେ, ମାର୍କେଟ ବିଲ୍ଡିଂ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୯, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ସ୍ୱାଇଁ, ସ୍ୱାମୀ: ଶ୍ରୀ ଅମିତ୍ କୁମାର ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ / ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସ୍ୱାଇଁ, ପିତା: ଅରକ୍ଷିତ ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ | ଶ୍ରୀ ଅମିତ୍ କୁମାର ସ୍ୱାଇଁଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୨୧୦୫, ପ୍ଲଟ୍ ନଂ.: ୧୮୦/୩୭୧୩ ଏବଂ ପ୍ଲଟ୍ ନଂ.: ୧୮୬/୩୭୫୧, ଲେଆଉଟ୍ ପ୍ଲଟ୍ ନଂ.: ୧୧/୨୮, ଲିଙ୍ଗିପୁର, ଇନ୍ଦିରା ହାଉସିଂ କଲୋନୀ, ଭୁବନେଶ୍ୱର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା, ସବ୍-ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ପରିମିତ କ୍ଷେତ୍ର: ୧୪୮୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୧/୨୭, ପଶ୍ଚିମ: ପ୍ଲଟ୍ ନଂ.: ୧୧/୨୯, ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଡେକ ନାଳ | ତା.୦୬.୦୬.୨୦୨୩ରିଖ ସୁଦ୍ଧା ଟ.୪୧,୫୭,୬୦୮/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୨୩ / ୦୩.୧୦.୨୦୨୩ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୩.୧୦.୨୦୨୩
ମୁଖ୍ୟ ପ୍ରବନ୍ଧକ/ସହାୟକ ମହାପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ବିଜେଡି ସମ୍ବଲପୁର ଜିଲା କମିଟିରେ ୫ ଉପଦେଷ୍ଟା ନିଯୁକ୍ତ

ଭୁବନେଶ୍ୱର,(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ସମ୍ବଲପୁର ଜିଲା କମିଟିରେ ୫ଜଣ ଉପଦେଷ୍ଟା ନିଯୁକ୍ତ କରିଛନ୍ତି। ଶୁକ୍ରବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ପ୍ରମିଳା ବହିଦାର, ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ପ୍ରମୋଦ ରଥ ଏବଂ ରାଜକିଶୋର ଦାସଙ୍କୁ ସମ୍ବଲପୁର ଜିଲା କମିଟିର ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି।


### ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାହୁଲ ଗାନ୍ଧୀଙ୍କ ବିକୃତଚିତ୍ର ପ୍ରଦର୍ଶନ ବିରୋଧରେ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଶୁକ୍ରବାର ମୋଦି ସରକାରଙ୍କ ଘୃଣା ଓ ହିଂସା ରାଜନୀତି ପ୍ରତିବାଦରେ ବିକ୍ଷୋଭ କରାଯାଇଛି। ଭାଜପା ଓ ମୋଦି ସରକାରଙ୍କ ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଛବିକୁ ମଳିନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଯେଉଁ ହୀନ ଉଦ୍ୟମ କରାଯାଇଛି ତାକୁ ଭୁବନେଶ୍ୱର ଜିଲା କଂଗ୍ରେସ ଦୃଢ଼ ନିନ୍ଦା କରିଛି। ରାହୁଲ ଗାନ୍ଧୀଙ୍କୁ ରାବଣ ରୂପେ ଚିତ୍ରଣ କରିବା ଘୃଣା, ହିଂସା ଓ ଈର୍ଷା ରାଜନୀତିର ଉଦାହରଣ ବୋଲି ବିଶ୍ୱଜିତ କହିଛନ୍ତି। ଭାରତକୁ ଯୋଡ଼ିବା, ଭାରତର ବିଭିନ୍ନ ଧର୍ମ, ବର୍ଣ୍ଣ, ଭାଷା, ଜାତି ଓ ଅଞ୍ଚଳର ଲୋକଙ୍କୁ ଭାରତୀୟତା ସମ୍ପର୍କରେ ଯୋଡ଼ି ରଖିବା ପାଇଁ ରାହୁଲ ଯେଉଁ ଭାରତ ଯୋଡ଼ୋ ଯାତ୍ରା କରିଥିଲେ ତାହା ଐତିହାସିକ ଏବଂ ଭାରତର ଏକତା ଓ ଅଖଣ୍ଡତା ପାଇଁ ଅଭିପ୍ରେତ। ରାହୁଲଙ୍କ ଜନପ୍ରିୟତା ଏବଂ ସାଧାରଣ ଲୋକଙ୍କୁ ଦେଉଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେମ ଉପରେ ଈର୍ଷାନ୍ୱିତ ହୋଇ ଭାଜପା ପକ୍ଷରୁ ଏଭଳି ହୀନ ଉଦ୍ୟମ କରାଯାଇଥିବା ସେ କହିଛନ୍ତି। ଜିଲା କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଦୀର୍ଘ ସମୟ ରାସ୍ତା ଅବରୋଧକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସହଯୋଗୀ ଅମିତ ଶାହା, ରାଜନାଥ ସିଂ, ନିର୍ମଳା ସୀତାରମନ, ସ୍ମୃତି ଇରାନୀ, ପ୍ରଜ୍ଞା ଠାକୁର, ସାକ୍ଷୀ ମହାରାଜ, ଅନୁରାଗ ଠାକୁର ପ୍ରମୁଖ ୧୦ ଜଣଙ୍କ ମୁଣ୍ଡର ଚିତ୍ର ସହ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଔପଦାରେ ଅସନ୍ତୁଷ୍ଟଙ୍କ ମେଳି

ଔପଦା,୬।୧୦(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅସନ୍ତୁଷ୍ଟ ଶତାଧିକ ବିଜେଡି ନେତା ଓ କର୍ମୀ ମେଳି କରି ନେତୃତ୍ୱ ପରିବର୍ତ୍ତନ ପାଇଁ ନାରା ଦେଇଛନ୍ତି। ଏହି ମେଳିରେ ଏମାନେ କହିଛନ୍ତି, ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଦୀର୍ଘ ୨୩ବର୍ଷ ଧରି ସଂଗ୍ରାମ କରିଚାଲିଥିବା ବେଳେ ଏଠାକାର ବିଜେଡି ନେତାମାନେ ବିକାଶ ପରିବର୍ତ୍ତେ ବିନାଶ କରୁଛନ୍ତି। ବିଜେଡିର ପୁରୁଣା ନେତାଙ୍କଠାରୁ ଆରମ୍ଭ କରି ମହିଳା, ଯୁବକ ଓ ବିଜୁ ପ୍ରେମୀଙ୍କୁ ଏଠାରେ ଅଣଦେଖା କରାଯାଉଥିବା ଓ ଅଞ୍ଚଳର ସମସ୍ୟା ସମ୍ପର୍କରେ କର୍ମୀମାନେ ବଖାଣିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ସୁପ୍ରିମୋ ନୀଳଗିରି ପାଇଁ ଯାହାକୁ ପ୍ରାର୍ଥୀ କରିବେ ତାଙ୍କୁ ନେତା ଭାବେ ସମର୍ଥନ କରିବେ ବୋଲି ଏମାନେ କହିଥିଲେ। ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ଅନିରୁଦ୍ଧ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳିରେ ପୂର୍ବତନ ସମିତିସଭ୍ୟ ଗୟାଧର ସେଠୀ, ଶୁଭେନ୍ଦୁ ପଣ୍ଡା, ଯୁବନେତା କପିଳ ସାମଲ, ରମାକାନ୍ତ ନାୟକ, ପୂର୍ବତନ ବ୍ଲକ ବିଜେଡି ମହିଳା ସଭାପତି ସୁମତି ମହାନ୍ତି, ବ୍ଲକ ବିଜେଡି ଯୁବ ସଭାପତି ଆଦିତ୍ୟ ନାରାୟଣ ବେହେରା, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଦେବେନ୍ଦ୍ର ଦାଶ, ଯୁବନେତା ରତିକାନ୍ତ ନାୟକ ଏକାଠି ହୋଇଥିଲେ। ତେବେ ଏହି ସମ୍ମିଳନୀକୁ ଭଣ୍ଡୁର କରିବା ପାଇଁ କେତେକ ନେତା ହୀନଚକ୍ରାନ୍ତ କରୁଥିବା କହି ଉପସ୍ଥିତ ନେତା ଓ କର୍ମୀମାନେ ନୀଳଗିରିରୁ ବିଦେଶୀ ହଟାଅ ବୋଲି ନାରା ଦେଇଥିଲେ।


CLASSIFIED DISPLAY

MORE SPACE * SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି



### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



୰ବିରଞ୍ଚି ନାରାୟଣ ଦାସ

ବମିଖାଲ, ଭୁବନେଶ୍ୱର

ତୁମେ ମୋ' ଜୀବନ କୋଟି ଦୁର୍ଲଭ ରତ୍ନ
ସାଇତି ରଖିଛି ତୁମ ସ୍ମୃତିକୁ କରି ଯେ ଯତ୍ନ।
ବିରହ ପରେ ଜାଣିଲି ମୂଲ୍ୟ ମୁଁ
ସାଥି ହୋଇ ଚାଲିବାର।
ତୁମେ ପାଖେ ନାହିଁ ଖୋଜୁଛି ତୁମକୁ
ଅମାନିଆ ମନ ମୋର।

ତୁମର ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ ।

ଧ-୭୫୦୪୭

### ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



୰ମାଳତୀ ଲତା ପଣ୍ଡା

N6-505, Jaydev Vihar

ତିରୋଧାନ: ୧୧।୧୦।୨୦୨୦

ମା, ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

:ଶୋକସନ୍ତପ୍ତ:

ଝିଅ: ଜ୍ୟୋତ୍ସ୍ନା, ମିଟୁ, ଟୁଟୁ ଓ ଟିଲି, ଜ୍ୱାଇଁ: ଦିଗମ୍ବର, ବିଭୂତି, ସୌମେନ୍ଦ୍ର ଓ ଅମ୍ଳାନ, ପୁଅ ଓ ବୋହୂ: କୁନା ଓ ଝିଲି, ନାତି, ନାତୁଣୀ ଓ ନାତୁଣୀବୋହୂ

ଧ-୧୪୯୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଲକ୍ଷ୍ମୀପ୍ରିୟା ଘଡ଼ାଇ

ପଥରେ ପଥିକ ପାଦ ଥାପୁ ଥାପୁ
ସରି ସରି ଯାଏ ଦିନ
ପଥ ଖୋଜେ ଯେଉଁ ପଥିକ ପାଦକୁ
ସେ ଏକା ସଂସାରେ ଧନ୍ୟ

ଶୋକାତୁର ବୃନ୍ଦ: ଜ୍ୟୋତିରଞ୍ଜନ, ତପନ, କ୍ଷୀତିନ୍ଦ୍ର, ପୁତ୍ରବଧୂ: ଅମଲତା, ମାମିନା, ସବିତା, ଝିଅ: ଅଙ୍କିତା, ବର୍ଷା, ଜ୍ୱାଇଁ: ବିଶ୍ୱଜିତ୍, ନାତି/ନାତୁଣୀ: ଆୟୁଷ୍ମାନ, ଦିବ୍ୟାଂଶି, ଇପ୍ସିତା, ବନ୍ଧୁ ଓ ପରିବାରବଗ ।

ଧ-୧୫୧୧

# Classified Everyday

**0674-2580101, 2549949**



REAL ESTATE

## SALE

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233

Duplex sale at Bhubaneswar @ 57 lakhs only. Contact: 9777433701. D-75232

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ପୁରୀ ସାକ୍ଷୀଗୋପାଳରେ 34000 ବର୍ଗଫୁଟ ଫାର୍ମହାଉସ୍ 40ଟି ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକିବାକୁ ଚାହୁଁଛି। 7008833643. D-75228

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

କଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

Commercial 3600Sqft. @5400 Pandara and 40,000sqft. @500 Balijatrapadia, 7008711445, 6372801963. D-1488

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- 9658562429. D-75224

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244. D-1464

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

Khurda-Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



CONSTRUCTION

Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring- SNV Construction- 9439295469. D-75226



Office Space available at Esplanade Mall, Rasulgarh (1432sqft.). Contact: 9776505301. D-1498



Newly open Spa positively Health benefit with expert. Contact: 7749976301. D-1469

Full body massage by expert therapist positively health benefits. 9938843929. D-75153

Spa Kerala body Massage only best Therapist @699/- Bhubaneswar. 9337672475. D-1438

Relax, Refresh your body, Mind at Saikrupa Spa with best therapies. 8984068077. D-1502

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

## AFFIDAVIT



By an affidavit before Notary Public, BBSR, I, Sri Manas Ranjan Pattnaik, S/o- Late Rama Chandra Pattnaik, Resident of Pujariput, Dist.- Koraput- 764020, Odisha to State that, my actual name is Manas Ranjan Pattnaik which is mentioned in my Aadhaar Card bearing No. xxxx xxxx 7100 and other valuable documents. But in my Matriculation Certificate bearing Sl. No.-E8911013508 and Roll No.- 09E158, my name is inadvertently mentioned as Manasa Ranjan Patnaik. That I do declare that Manas Ranjan Pattnaik and Manasa Ranjan Patnaik is one and same person i.e. myself.

Sd/-Deponent D-1510

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

(I, Sarita Panda, W/o. Soumya Ranjan Panda, Plot No.89/20A, At: Bank Colony, near Jagannath Ashram, Tankapani Road, PS: Badagada, Bhubaneswar-751018, Odisha declare that, by this affidavit vide No. 58 AA 119381, Dtd. 12.07.2022 that now onwards, I shall be known as SARITA SAMANTARAY for all future purpose). D-1496

I, Litton Behra, Vill- Niranjanpur, Dist.- Khorda, Jatni, Odisha-752050 declare by this affidavit No.- 13AA977655, date- 30.09.23 that now onwards I shall be known as Litton Behera for all future purposes. D-1491

I, Muralidhar Behra, Vill- Niranjanpur, Dist.- Khorda, Jatni, Odisha-752050 declare by this affidavit No.- 13AA977655, date 30.09.23 that now onwards I shall be known as Muralidhar Behera for all future purposes. D-1492

I, Sarojini Behra, Vill- Niranjanpur, Dist.- Khorda, Jatni, Odisha-752050, declare by this affidavit No.- 13AA977655, date 30.09.2023 that now onwards I shall be known as Sarojini Behera for all future purposes. D-1493

I, Lopamudra Das, W/o-Jitendra Kumar Mohanty, resident of Ward No-39, Nuasahi, Plot No-438/2, PO/PS-Nayapalli, Dist.- Khordha, Pin-751012, Odisha declare by this Affidavit No.43 dated- 06.10.2023 that now onwards I shall be known as LOPAMUDRA DAS for all future purposes. D-75155



Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819. D-75154

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

IN THE COURT OF CIVIL JUDGE JUNIOR DIVISION, BHUBANESWAR
C. S.No.80/2009
Suresh Chandra Mishra ....Plaintiff
-Vrs -
Gagan Bihari Pradhan & Others. ....Defendants.

NOTICE U/O 5 RULE 20 OF CPC

To
Sudhanshu Bala Swain, aged about-73 years, W/o. Late-Prafulla Kumar Swain, At-Vill-Kota Pokhari, P.O.- Khalisahi, P.S.- Khandapada Gada, Dist.-Nayagarh, Ph- 9338216737.

It is noticed to you that the above mentioned Civil Suit bearing CS No.80/2009 has been filed by the Plaintiff for mandatory injunction and permanent injunction in which you are avoiding to receive summons and attend the court. Take notice that the above mentioned case is posted on 17.10.2023 at 10.30 AM for your appearance in person or through pleader duly instructed and you are directed to produce all the relevant documents upon which you intend to support your defense. Take notice that in default of your appearance on the date fixed before this Court, the suit will be heard and determined in your absence in accordance with law.

Give under my hand and the seal of the Court of this 23rd day of August, 2023.

Sd.- CIVIL JUDGE JUNIOR DIVISION, BHUBANESWAR. D-1504

### ରୁପାଳି ମଧୁସ୍ମିତା ମଲ୍ଲିକ୍‌ଙ୍କ ପିଏଚ୍.ଡି. ଲାଭ



ଅଧ୍ୟାପିକା ରୁପାଳି ମଧୁସ୍ମିତା ମଲ୍ଲିକ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ନିଜର ଗବେଷଣାତ୍ମକ ସନ୍ଦର୍ଭ ''ସାମ୍ପ୍ରତିକ ଓଡ଼ିଆ କବିତା ଓ କବି ରଞ୍ଜିତା ନାୟକ'' ବିଷୟରେ ଗବେଷଣା କରି ସମ୍ମାନ ସୂଚକ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ସମାଲୋଚକ ଓ ସାହିତ୍ୟିକ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ କୁଳପତି ରୂପେ କାର୍ଯ୍ୟରତ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଥିଲେ ତାଙ୍କ ମାର୍ଗ ଦର୍ଶକ। ତାଙ୍କ ଗବେଷଣା ନିବନ୍ଧଟି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ରୁପାଳି ମଧୁସ୍ମିତା ମଲ୍ଲିକ୍ ବର୍ତ୍ତମାନ କଟକ ଜିଲ୍ଲାର କଟକ କଲେଜରେ ଅଧ୍ୟାପିକା ରୂପେ କାର୍ଯ୍ୟରତ। ଡକ୍ଟର ମଲ୍ଲିକ୍ ଜଗତ୍‌ସିଂହପୁର ଜିଲ୍ଲା ବଡ଼ଗାଁ ପଞ୍ଚାୟତର ନାରଦିଆ ଗ୍ରାମର ଅବସରପ୍ରାପ୍ତ ପଞ୍ଚାୟତିରାଜ ପାନୀୟ ଜଳ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ ଶ୍ରୀଯୁକ୍ତ ରାମଚନ୍ଦ୍ର ମଲ୍ଲିକ୍ ଓ ଶ୍ରୀମତୀ କାନନବାଳା ମଲ୍ଲିକ୍‌ଙ୍କ ଜ୍ୟେଷ୍ଠ କନ୍ୟା ଓ ଯାଜପୁର ଜିଲ୍ଲାର କୋଟପୁର ପଞ୍ଚାୟତର ମମଦାବାଦ ଗ୍ରାମର ନିବାସୀ ଶ୍ରୀଯୁକ୍ତ ଦୁଃଖୀଶ୍ୟାମ ମଲ୍ଲିକ୍ ଓ କମଳା ମଲ୍ଲିକ୍‌ଙ୍କ କନିଷ୍ଠ ପୁତ୍ରବଧୂ ଅଟନ୍ତି। ଡକ୍ଟର ମଲ୍ଲିକ୍‌ଙ୍କ ସ୍ୱାମୀ ମନୋଜ କୁମାର ମଲ୍ଲିକ୍ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀରେ ସହକାରୀ ପ୍ରଫେସର ଭାବରେ କାର୍ଯ୍ୟ କରନ୍ତି। ଏହି ସଫଳତାର ସମସ୍ତ ଶ୍ରେୟ ଡକ୍ଟର ମଲ୍ଲିକ୍ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଅର୍ପଣ କରିଛନ୍ତି। ତାଙ୍କର ପିତା, ମାତା, ଗୁରୁଜନ, ଭାଇ, ଭଉଣୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ଅଧ୍ୟାପକ ଏବଂ ସମ୍ମାନସ୍ପଦ ଅଧିକାରୀ ତଥା ନିଜର ଶୁଭେଚ୍ଛୁ କର୍ମୀଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୫୦୬

### ପିଏଚ୍.ଡି. ଲାଭ



ଅଧ୍ୟାପକ ବାଗ୍ମୀ ରଞ୍ଜନ ଷାଣ୍ଢ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ନିଜର ଗବେଷଣାତ୍ମକ ନିବନ୍ଧ ''ଗୋପୀନାଥଙ୍କ କଥା ସାହିତ୍ୟରେ ଅନୁନ୍ନତ ସମ୍ପ୍ରଦାୟ'' ବିଷୟରେ ଗବେଷଣା କରି ସମ୍ମାନସୂଚକ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ସମାଲୋଚକ ଓ ସାହିତ୍ୟିକ ଏବଂ ସମ୍ପ୍ରତି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ କୁଳପତି ରୂପେ କାର୍ଯ୍ୟରତ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଥିଲେ ତାଙ୍କ ମାର୍ଗ ଦର୍ଶକ। ଗବେଷକ ଏହି ସନ୍ଦର୍ଭରେ କଥାକାର ଗୋପୀନାଥ ମହାନ୍ତିଙ୍କ ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି। ଏହି ସନ୍ଦର୍ଭର ପରୀକ୍ଷକ ଥିଲେ ବିଶିଷ୍ଟ ନାଟ୍ୟକାର ଏବଂ ସମାଲୋଚକ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନାରାୟଣ ସାହୁ ପରୀକ୍ଷକ ପ୍ରଫେସର ସାହୁଙ୍କ ଦ୍ୱାରା ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ବାଗ୍ମୀ ରଞ୍ଜନ ଷାଣ୍ଢ ବଲାଙ୍ଗୀର ଜିଲ୍ଲାର ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଉପରଝର ଗ୍ରାମର ଶ୍ରୀ ନାୟକ ଷାଣ୍ଢ ଏବଂ ସ୍ୱର୍ଗତା ଶ୍ରୀମତୀ ଫୁଲ ଷାଣ୍ଢଙ୍କ କନିଷ୍ଠ ପୁତ୍ର। ସେ ବର୍ତ୍ତମାନ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ କାର୍ଯ୍ୟରତ। ଗବେଷକ ୟୁ.ଜି.ସି. ଦ୍ୱାରା ପରିଚାଳିତ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ଜେ.ଆର୍.ଏଫ୍. ପାଇଁ ମଧ ମନୋନୀତ ହୋଇଛନ୍ତି। ଏହି ସଫଳତାର ସବୁ ଶ୍ରେୟ ସେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଅର୍ପଣ କରିଛନ୍ତି। ତାଙ୍କର ପିତା, ମାତା, ଗୁରୁଜନ, ଭାଇ, ଭଉଣୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ଅଧ୍ୟାପକ ଏବଂ ସମ୍ମାନସ୍ପଦ ଅଧିକାରୀ ତଥା ନିଜର ଶୁଭେଚ୍ଛୁ କର୍ମୀଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୫୦୭


ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



අ

# ବିଶ୍ୱକପରେ ପିତା-ପୁତ୍ର

ଅନେକ ଖେଳାଳିଙ୍କ ପାଇଁ କେବଳ ବିଶ୍ୱକପ୍ ଖେଳିବା ସ୍ୱପ୍ନ ହୋଇଥାଏ। ତେବେ କ୍ରିକେଟରେ ଏକାଧିକ ପିତା-ପୁତ୍ର ଯୋଡି ବିଶ୍ୱକପ୍ ଖେଳିଛନ୍ତି। ଭାରତରେ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଆରମ୍ଭ ହୋଇଥିବା ବେଳେ ଏମିତି କିଛି ପିତା-ପୁତ୍ର ଯୋଡିଙ୍କ ଉପରେ ଆଲୋଚନା। ଚଳିତ ବିଶ୍ୱକପ୍‌ରେ ୩ ଜଣ ଖେଳାଳି ଏମିତି ଅଛନ୍ତି ଯେଉଁମାନେ ନିଜ ପିତାଙ୍କ ସାମ୍ରାଜ୍ୟ ଆଗକୁ ବଢାଇଛନ୍ତି। ଟମ୍ ଲଥାମ, ସାମ୍ କୁରାନ ଓ ମିଚେଲ୍ ମାର୍ଶ ଚଳିତ ବର୍ଷର ବିଶ୍ୱକପ୍ ଦଳରେ ସାମିଲ ଅଛନ୍ତି। ଅନେକ ପୂର୍ବତନ ଖେଳାଳିଙ୍କ ପୁତ୍ରମାନେ କ୍ରିକେଟ ତ ଖେଳିଛନ୍ତି ତେବେ ବିଶ୍ୱକପ୍ ଖେଳିବାର ସୁଯୋଗ ପାଇନାହାନ୍ତି। ତେବେ ପିତା-ପୁତ୍ର ଭାବେ ଏଭଳି ବିରଳ କ୍ଲବରେ ସାମିଲଥିବା କେତେକ ଖେଳାଳିଙ୍କୁ ନେଇ ଏକ ଆଲେଖ୍ୟ...



ଟମ୍ ଲଥାମ୍

## ରୋଜର ବିନ୍ନି-ଷ୍ଟୁଆର୍ଟ ବିନ୍ନି

ଭାରତର ପ୍ରଥମ ବିଶ୍ୱକପ୍ ବିଜେତା ଦଳରେ ହାଇଏଷ୍ଟ ଉଇକେଟ ଟେକର ତଥା ବର୍ତ୍ତମାନ ଭାରତୀୟ କ୍ରିକେଟ ବୋର୍ଡର ସଭାପତି ରୋଜର ବିନ୍ନି ଓ ତାଙ୍କ ପୁଅ ଷ୍ଟୁଆର୍ଟ ବିନ୍ନି ଭାରତ ପାଇଁ ବିଶ୍ୱକପ୍ ଖେଳିଛନ୍ତି। ରୋଜର ୧୯୮୩ ବିଶ୍ୱକପ୍‌ରେ ୧୮ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ୨୦୧୪ରେ ଭାରତୀୟ ଦଳ ପାଇଁ ପଦାର୍ପଣ କରିଥିଲେ ଷ୍ଟୁଆର୍ଟ ବିନ୍ନି। ୨୦୧୫ ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ୨୦୧୬ରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ବିନ୍ନି।

## ଜିଓଫ୍ ମାର୍ଶ-ଶନ୍ ମାର୍ଶ-ମିଚେଲ ମାର୍ଶ

ଅଷ୍ଟ୍ରେଲିଆର ଏହି ପିତା-ପୁତ୍ର ଯୋଡିରେ ୩ ଜଣ ଯାକ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ବେଳେ ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ଜିଓଫ୍ ମାର୍ଶ ୧୯୮୭ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିଲେ। ଦୁଇଟି ଶତକ ସହ ସେ ୮ ମ୍ୟାଚ୍‌ରୁ ସ୍କୋର କରିଥିଲେ ୪୨୮ ରନ୍। ୨୦୧୫ରେ ବିଶ୍ୱବିଜେତା ରହିଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିଥିଲେ ମିଚେଲ୍ ମାର୍ଶ। ଉକ୍ତ ସଂସ୍କରଣରେ ସେ ୩ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ସେହିପରି ୨୦୦୮ରେ ପଦାର୍ପଣ କରିଥିବା ଶନ୍ ମାର୍ଶ ୨୦୧୯ ଦିନିକିଆ ବିଶ୍ୱକପ ଦଳରେ ସାମିଲ ଥିଲେ। ଶନ୍ ଏହା ପରଠାରୁ ଦିନିକିଆ କ୍ରିକେଟ ଖେଳି ନ ଥିବା ବେଳେ ମିଚେଲ ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳର ଅଂଶ ରହିଛନ୍ତି।

## କେଭିନ୍ କୁରାନ୍-ଟମ୍ କୁରାନ୍- ସାମ୍ କୁରାନ

ଇଂଲଣ୍ଡର ଏହି ପିତା-ପୁତ୍ର ଯୋଡିରେ ୩ ଜଣ ଯାକ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ବେଳେ ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ତେବେ କେଭିନ୍ କୁରାନ୍ ଜିମ୍ବାୱେ ପାଇଁ ଖେଳିଥିବା ବେଳେ ଟମ୍ ଓ ସାମ୍ ଇଂଲଣ୍ଡ ପାଇଁ ବିଶ୍ୱକପ୍ ଖେଳିଛନ୍ତି। କେଭିନ୍ ୧୯୮୩ ଓ ୮୭ ବିଶ୍ୱକପ୍‌ରେ ଜିମ୍ବାୱେ ପାଇଁ ଖେଳିଥିବା ବେଳେ ଉଭୟ ଟମ୍ କୁରାନ ଓ ସାମ୍ କୁରାନ ୨୦୧୯ ବିଶ୍ୱକପ୍‌ରେ ଖେଳିଥିଲେ। ସାମ୍ କୁରାନ ଇଂଲଣ୍ଡର ଚଳିତ ବିଶ୍ୱକପ୍ ଦଳରେ ମଧ୍ୟ ସାମିଲ ଅଛନ୍ତି।

## କ୍ରିସ୍ ବ୍ରଡ୍-ଷ୍ଟୁଆର୍ଟ ବ୍ରଡ୍

ବର୍ତ୍ତମାନ ମ୍ୟାଚ୍ ରେଫରି ରହିଥିବା କ୍ରିସ୍ ବ୍ରଡ୍ ୧୯୮୭ରେ ଇଂଲଣ୍ଡ ପାଇଁ ଦିନିକିଆ ବିଶ୍ୱକପ ଖେଳିଥିଲେ। ଇଂଲଣ୍ଡ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ରହିଥିବା ବେଳେ ଷ୍ଟୁଆର୍ଟ ବ୍ରଡ୍ ୨୦୦୭, ୨୦୧୧ ଓ ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ପକ୍ଷରୁ ଖେଳିଥିଲେ। ୨୦୧୬ରେ ବ୍ରଡ୍ ଶେଷଥର ପାଇଁ ଦିନିକିଆ କ୍ରିକେଟ ଖେଳିଥିବା ବେଳେ ଚଳିତ ବର୍ଷ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି।

## ରଡ୍ ଲଥାମ୍-ଟମ୍ ଲଥାମ୍

ନ୍ୟୁଜିଲାଣ୍ଡର ପିତା-ପୁତ୍ର ଯୋଡି ଭାବରେ ବିଶ୍ୱକପ୍ ଖେଳିଛନ୍ତି ରଡ୍ ଲଥାମ ଓ ଟମ୍ ଲଥାମ୍। ୧୯୯୨ ବିଶ୍ୱକପ୍‌ରେ ରଡ୍ ନ୍ୟୁଜିଲାଣ୍ଡ ଦଳ ପକ୍ଷରୁ ଖେଳିଥିବା ବେଳେ ଟମ୍ ୨୦୧୫ ଓ ୨୦୧୯ ବିଶ୍ୱକପ୍ ଖେଳିଛନ୍ତି। ସେହିପରି ଚଳିତ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ କେନ୍ ୱିଲିୟମସନ୍‌ଙ୍କ ଅନୁପସ୍ଥିତିରେ ସେ ନ୍ୟୁଜିଲାଣ୍ଡର ନେତୃତ୍ୱ ମଧ୍ୟ ନେଇଛନ୍ତି।



କେଭିନ୍ କୁରାନ୍, ଟମ୍ କୁରାନ୍, ସାମ୍ କୁରାନ୍



ଜିଓଫ୍ ମାର୍ଶ, ଶନ୍ ମାର୍ଶ, ମିଚେଲ ମାର୍ଶ

# ଭାରତ-ଆଫଗାନିସ୍ତାନ ଫାଇନାଲ

**ଏସିଆନ ଗେମ୍ସ କ୍ରିକେଟ**

ହାଙ୍ଗଝୋ, ୬।୧୦ (ପି.ଟି.)

ବାଂଲାଦେଶକୁ ୯ ଉଇକେଟରେ ହରାଇ ଭାରତ ଏସିଆନ ଗେମ୍ସ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯିବାକୁଥିବା ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦଳ ଆଫଗାନିସ୍ତାନକୁ ଭେଟିବ। ଆଫଗାନିସ୍ତାନ ଅନ୍ୟ ସେମିଫାଇନାଲରେ ୪ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଟାଇଟଲ ଫେଭରାଇଟ୍ ଭାରତର ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଟସ୍ ଜିତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ବୋଲରମାନେ ଶୃଙ୍ଖଳିତ ବୋଲିଂ କରି ବାଂଲାଦେଶକୁ ୯୬/୯ ସ୍କୋରରେ ସୀମିତ କରିଦେଇଥିଲେ। ସହଜ ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୯.୨ ଓଭରରେ ହାସଲ କରିନେଇଥିଲା। ପ୍ରତିଭାସମ୍ପନ୍ନ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଓଭରରେ କୌଣସି ରନ ନ କରି ଆଉଟ ହୋଇଯାଇଥିଲେ। ଏହି ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଅଧିନାୟକ ଗାଏକ୍ୱାଡ (୨୬ ବଲ୍‌ରୁ ୪୦*ରନ; ୪x୪, ୩x୬) ଏବଂ ତିଳକ ବର୍ମା (୨୬ବଲ୍‌ରୁ ୫୫* ରନ; ୨x୪, ୬x୬) ୬୪ ବଲ୍‌ବାକି ଥାଇ ଭାରତକୁ ବିଜୟୀ କରାଇଥିଲେ। ଉଦୀୟମାନ ଅଲରାଉଣ୍ଡର ବର୍ମା ୨୫ ବଲ୍‌ରୁ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଇନିଂସରେ ପରଭେଜ ହୋସେନ ଇମନ ୨୩, ଜାକର ଅଲି ୨୪* ଏବଂ ରକିବୁଲ ହସନ ୧୪ ରନ କରିପାରିଥିଲେ। ଭାରତର ସବୁଠାରୁ ସଫଳ ବୋଲର ଭାବେ ସାଇ କିଶୋର ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ୱାଶିଂଟନ ସୁନ୍ଦର ତାଙ୍କ ଫୁଲ୍ କୋଟା ଓଭରରେ ୧୫ ରନ ଦେଇ ୨ ଉଇକେଟ ନେଇଥିବା ବେଳେ ଅର୍ଶଦୀପ ସିଂ, ତିଳକ ବର୍ମା, ରବି ବିଷ୍ଣୋଇ ଓ ଶାହବାଜ ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୯୬/୯ (ଜାକର ଅଲି-୨୪*, ପରଭେଜ ହୋସେନ ଇମନ-୨୩; ସାଇ କିଶୋର-୩/୧୨, ୱାଶିଂଟନ ସୁନ୍ଦର-୨/୧୫)। ଭାରତ ୯.୨ ଓଭରରେ ୯୭/୧ (ତିଳକ ବର୍ମା-୫୫*, ଋତୁରାଜ ଗାଏକ୍ୱାଡ-୪୦*)।



ଏସିଆନ୍ ଗେମ୍ସରେ ଅର୍ଦ୍ଧଶତକ ହାସଲ ପରେ ତିଳକ ବର୍ମା ନିଜ ଦେହରେ ଚିତା କୁଟାଇଥିବା ମା'ବାପାଙ୍କ ଛବି ପ୍ରଦର୍ଶନ କରୁଛନ୍ତି।

# ପାକିସ୍ତାନର ସହଜ ବିଜୟ

ହାଇଦ୍ରାବାଦ, ୬।୧୦

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୮୧ ରନରେ ନେଦରଲାଣ୍ଡ୍‌ସକୁ ହରାଇ ଅଭିଯାନ ଆରମ୍ଭ କରିଛି। ପାକିସ୍ତାନ ୪୯ ଓଭରରେ ୨୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିବାବେଳେ ନେଦରଲାଣ୍ଡ୍‌ସ ଇନିଂସ ୪୧ ଓଭରରେ ୨୦୫ରେ ସୀମିତ ରହିଥିଲା। ନେଦରଲାଣ୍ଡ୍‌ସ ପକ୍ଷରୁ ଓପନର ବିକ୍ରମଜିତ ସିଂ (୫୨ ରନ, ୪ ଚୌକା, ୧ ଛକା) ଓ ମିଡିଲ ଅର୍ଡର ବ୍ୟାଟର ବାସ୍ ଡି ଲିଡ୍ (୬୭ ରନ, ୬ ଚୌକା, ୨ ଛକା)ଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନେ ପାକିସ୍ତାନ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଶେଷ ଭାଗରେ ଲୋଗାନ ଭାନ୍ ବିକ୍ ୨୮ ରନକରି ଅପରାଜିତ ରହିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ହାରିସ ରୌଫ ସର୍ବାଧିକ ୩ଟି ଓ ହାସନ ଅଲୀ ୨ଟି ଉଇକେଟ ନେଇଥିଲେ।

ଟସ୍ ଜିତି ନେଦରଲାଣ୍ଡ୍‌ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ୩୮ ରନ ମଧ୍ୟରେ ୩ଟି ଉଇକେଟ ହରାଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ମହମ୍ମଦ ରିଜୱାନ ଓ ସୌଦ ଶକିଲ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ୧୨୦ ରନ ଯୋଗ କରିବାପରେ ଶକିଲ ୬୮ ରନକରି ଆଉଟ ହୋଇଥିଲେ। ରିଜୱାନ ମଧ୍ୟ ସେହି ୬୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ମହମ୍ମଦ ନୱାଜ ୩୯, ଶଦାବ ଖାଁ ୩୨ ରନ କରିବାରୁ ପାକିସ୍ତାନ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ନେଦରଲାଣ୍ଡ୍‌ସ ପକ୍ଷରୁ ବାସ୍ ଡି ଲିଡ୍ ସର୍ବାଧିକ ୪ଟି, କଲିନ ଆକରମାନ ୨ଟି ଏବଂ ଆର୍ଯ୍ୟନ ଦତ୍ତ, ଲୋଗାନ ଭାନ୍ ବେକ୍ ଓ ପଲ୍ ଭାନ୍ ମିକେରେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୯ ଓଭରରେ ୨୮୬/ଅଲ୍‌ଆଉଟ (ମହମ୍ମଦ ରିଜୱାନ-୬୮, ସୌଦ ଶକିଲ-୬୮, ବାସ୍ ଡି ଲିଡ୍-୪/୬୨, କଲିନ ଆକରମାନ-୨/୩୯, ଆର୍ଯ୍ୟନ ଦତ୍ତ-୧/୪୮, ଲୋଗାନ ଭାନ୍ ବେକ୍-୧/୩୦, ପଲ୍ ଭାନ୍ ମିକେରେନ-୧/୪୦)। ନେଦରଲାଣ୍ଡ୍‌ସ ୪୧ ଓଭରରେ ୨୦୫/ଅଲ୍‌ଆଉଟ (ବାସ୍ ଡି ଲିଡ୍-୬୭, ବିକ୍ରମଜିତ ସିଂ-୫୨, ହାରିସ ରୌଫ-୩/୪୩, ହାସନ ଅଲୀ-୨/୩୩, ଶାହିନ ଶାହା ଆଫ୍ରିଦି-୧/୩୭, ଇଫତିକାର ଅହମଦ-୧/୧୬, ମହମ୍ମଦ ନୱାଜ-୧/୩୧, ଶଦାବ ଖାଁ-୧/୪୫)।



ଶତକୀୟ ଭାଗୀଦାରି ଅବସରରେ ସୌଦ ଶକିଲ ଓ ମହମ୍ମଦ ରିଜୱାନ।



# ଜୀବନସାଥୀ ଖୋଜୁଛନ୍ତି କ୍ରିତି

ମୁମ୍ବାଇ

ନିଜର ଆକ୍ଟିଂ ଟ୍ୟାଲେଣ୍ଟକୁ ନେଇ ବଲିଉଡ ଦୁନିଆରେ ଏକ ଭିନ୍ନ ପରିଚୟ ତିଆରି କଲେଣି ନାୟିକା କ୍ରିତି ସାନନ। ୨୦୧୪ରେ ଫିଲ୍ମ 'ହିରୋପନ୍ତୀ' ଜରିଆରେ ବଲିଉଡରେ ଡେବ୍ୟୁ କରିବା ପରେ ସେ ସିନେପ୍ରେମୀଙ୍କୁ ପୈସା ଓ୍ୱସୁଲ ମନୋରଞ୍ଜକ ଫିଲ୍ମ ଦେଇ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ଏହାର ପ୍ରମାଣ ହେଉଛି ସେ ଜିତିଥିବା ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ୨୦୨୩। ନିକଟରେ ଅଭିନେତ୍ରୀ ତାଙ୍କ ରିଲେଶନଶିପ ଷ୍ଟାଟସ୍ ବିଷୟରେ କହିଥିଲେ ଯେ ସେ କେମିତି ଜୀବନ ସାଥୀ ଚାହାଁନ୍ତି। ବଲିଉଡ ଅଭିନେତା ଟାଇଗର ଶ୍ରଫଙ୍କ ସହ କ୍ରିତି ସାନନଙ୍କ ରିଲେସନ ଅଛି ବୋଲି ଗୁଜବ ରହିଛି। ତଥାପି, ସେମାନଙ୍କ ମଧ୍ୟରୁ କେହି ଏହା କେବେ ନିଶ୍ଚିତ କରିନାହାଁନ୍ତି। ପିଙ୍କଭିଲ୍ଲା ସହିତ ଏକ ପୁରୁଣା ସାକ୍ଷାତ୍କାରରେ କ୍ରିତୀଙ୍କ ଭଉଣୀ ନୁପୁର ପ୍ରକାଶ କରିଥିଲେ ଯେ କ୍ରିତି ଏପର୍ଯ୍ୟନ୍ତ ଦୁଇଜଣ ଯୁବକଙ୍କୁ ଡେଟ୍ କରିଛନ୍ତି ଏବଂ ତାଙ୍କର ଦୀର୍ଘ ସମ୍ପର୍କ ୨.୫ ବର୍ଷ ଧରି ଚାଲିଥିଲା। ନିକଟରେ ଯେତେବେଳେ ଅଭିନେତ୍ରୀ ଇଣ୍ଡିଆ ଟୁଡେ କନକ୍ଲେଭ ମୁମ୍ବାଇ ୨୦୨୩ରେ ଯୋଗ ଦେଇଥିଲେ, ଶେଷରେ ସେ ତାଙ୍କ ସମ୍ପର୍କ ସ୍ଥିତି ବିଷୟରେ କହିଥିଲେ। କ୍ରିତି ପରିସ୍ଥିତିକୁ ସ୍ପଷ୍ଟ କରି କହିଛନ୍ତି, ସର୍ବପ୍ରଥମେ ମୁଁ ଆପଣଙ୍କୁ କହିବି ଯେ ମୁଁ ସିଙ୍ଗଲ। ବାସ୍ତବରେ, ମୁଁ କିଛି ସମୟ ପାଇଁ ଏକାକୀ ଅଛି। ସେ କେଉଁ ପ୍ରକାର ପାର୍ଟନର ଚାହୁଁଛନ୍ତି ବୋଲି ପଚରାଯିବାରୁ ଅଭିନେତ୍ରୀ କହିଥିଲେ, ସେ ଜଣେ ରୋମାଣ୍ଟିକ ବ୍ୟକ୍ତି। ମୁଁ ଯେମିତି ପାର୍ଟନର ଚାହୁଁଛି, ମୁଁ ଭାବୁଛି ମୁଁ ବହୁତ ରୋମାଣ୍ଟିକ ଅଟେ। ମୁଁ ପ୍ରେମରେ ରହିବାକୁ ଚାହେଁ। ତାଙ୍କ ଫ୍ୟୁଚର ହଜ୍‌ବ୍ୟାଣ୍ଡଙ୍କ ଗୁଣ ବିଷୟରେ କହି ଅଭିନେତ୍ରୀ କହିଛନ୍ତି, ମୁଁ ଚାହୁଁଛି ଯାହା ନିକଟରେ ବହୁତ ସାରା ଭଲପାଇବା ଥିବ ସଚ୍ଚୋଟତା ଥିବ। ମୁଁ ଉଚ୍ଚାଭିଳାଷୀ ଏବଂ ପ୍ରେରଣାଦାୟୀ ଲୋକମାନଙ୍କ ପ୍ରତି ଆକର୍ଷିତ, ଏବଂ ମୋତେ ଯିଏ କୌଣସି ପ୍ରକାରେ ପ୍ରେରଣା ଦିଏ। ମୁଁ ସବୁବେଳେ ଜଣେ ଜୀବନସାଥୀ ଭିତରେ ସେହି ପ୍ରେରଣା ଚାହେଁ। ହଁ, ଆଶା କରୁଛି ମୋ ଠାରୁ ଲମ୍ବା ହେତୁ ଅନେକ ଲୋକ ଅଯୋଗ୍ୟ ହେବେ। ହେଲେ କ୍ରିତି ଏମିତି ଜଣେ ଜୀବନସାଥୀ ଚାହାଁନ୍ତି ଯାହାଙ୍କ ନିକଟରେ ଗୋଟିଏ ଭଲ ହୃଦୟ ଥିବ, ବହୁତ ଭଲ ପାଇବା ଥିବ, ବିଲକୁଲ ସଚ୍ଚା ଓ ଇମାନଦାର ହୋଇଥିବେ।

# କୁମ୍ଭକର୍ଣ୍ଣ ପରି ଶୋଉଥିବା ମହିଳା



ଆପଣ କୁମ୍ଭକର୍ଣ୍ଣଙ୍କ ବିଷୟରେ ଶୁଣିଥିବେ ନିଶ୍ଚୟ। ଯିଏ ଗୋଟିଏ ବର୍ଷରେ ୬ ମାସ ପର୍ଯ୍ୟନ୍ତ ଶୁଅନ୍ତି। ସେ ଭଗବାନ ବ୍ରହ୍ମାଙ୍କଠାରୁ ଏପରି ବର ପାଇଥିଲେ। ଥରେ ସେ ଶୋଇବାକୁ ଗଲେ, ତାଙ୍କ ନିଦ କେବେ ଭାଙ୍ଗୁ ନ ଥିଲା। ପୁରାଣରେ ଏହା ବର୍ଣ୍ଣିତ ରହିଛି। କିନ୍ତୁ ଆମେରିକାରେ ଜଣେ ମହିଳା ଅଛନ୍ତି, ଯାହାଙ୍କ ନିଦ ମଧ୍ୟ କୁମ୍ଭକର୍ଣ୍ଣଙ୍କ ପରି। ସେ ୨ ସପ୍ତାହ ପର୍ଯ୍ୟନ୍ତ ଶୋଇରହିଥାନ୍ତି। ଏହି ଶୋଇବା ହେତୁ ସେ ନିଜ ଜନ୍ମଦିନକୁ ମଧ୍ୟ ଭୁଲି ଯାଇଥିଲେ। ପରିବାର ସଦସ୍ୟ ଆସି ଏକ ପାର୍ଟି କରିଥିଲେ କିନ୍ତୁ ସେ ନିଜେ ତାଙ୍କ ଜନ୍ମଦିନ ଭୋଜିରେ ଯୋଗ ଦେଇ ପାରି ନ ଥିଲେ। ଆପଣ ଭାବୁଥିବେ ଏହା କାହିଁକି ଘଟିଲା ? ତେବେ ଜାଣନ୍ତୁ ପ୍ରକୃତରେ ସେ କାହିଁକି ଏତେ ସମୟ ଶୁଅନ୍ତି। ବାସ୍ତବରେ ସେ ବିୟୁଟି ସିଣ୍ଡ୍ରୋମ ରୋଗରେ ପୀଡ଼ିତ। ଯେଉଁଥିପାଇଁ ତାଙ୍କୁ ନିରନ୍ତର ଶୋଇବାକୁ ପଡ଼ିଥାଏ। ୨୪ ବର୍ଷୀୟା ବେଲା ଆଣ୍ଡୁ ଜଣେ ନର୍ସ, କିନ୍ତୁ ଏହି ବିରଳ ରୋଗ ହେତୁ ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବେଲା କହିଛନ୍ତି, କିଛି ବର୍ଷ ପୂର୍ବେ ଡାକ୍ତରମାନେ କହୁଥିଲେ ମୋର ଧ୍ୟାନ ଖୋଜିବାରେ ଅସୁବିଧା ଅଛି, ଯେଉଁଥିପାଇଁ ମୁଁ ଏହିପରି କରେ। କିନ୍ତୁ ଗତ ମାସରେ ମୁଁ ଜାଣିବାକୁ ପାଇଲି ଯେ ମୋର କ୍ଲିନ-ଲେଭିନ ସିଣ୍ଡ୍ରୋମ ନାମକ ଏକ ସମସ୍ୟା ମଧ୍ୟ ଅଛି। ଏହି କାରଣରୁ ସେ ନିରନ୍ତର ଶୋଇଥାନ୍ତି। ବେଳେବେଳେ ସେ ୨ ସପ୍ତାହ ପର୍ଯ୍ୟନ୍ତ ନିଦରୁ ଉଠିପାରନ୍ତି ନାହିଁ। ଏହି ରୋଗ ହେତୁ ସେ ଭୟଭୀତ । ମୁଁ ନିଜକୁ ଭୂତ ବୋଲି ମନେ କରେ ବୋଲି ବେଲା କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ବେଲା ବର୍ତ୍ତମାନ ଫ୍ୟାନ୍ସ ମେଗ ଷ୍ଟୋନଙ୍କ ସହ ଡିଭନରେ ରୁହନ୍ତି। ସେ ପ୍ରଥମେ ୨୦୧୬ରେ ଏହା ଅନୁଭବ କରିଥିଲେ, ଯେତେବେଳେ ସେ ଏକ ପାର୍ଟିରେ ପିଇଥିଲେ ; ଏହା ପରେ, ଯେତେବେଳେ ସେ ଘରକୁ ଆସି ଶୋଇବାକୁ ଗଲେ, ସେ ୧୦ ଦିନ ପର୍ଯ୍ୟନ୍ତ ଉଠି ନ ଥିଲେ। ସେବେଠାରୁ ଏହା ଅନେକ ଥର ଘଟିଛି ଯେ ପ୍ରତି ଚାରି ସପ୍ତାହରେ ଥରେ ସେ ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ନିରନ୍ତର ଶୋଇଥା'ନ୍ତି। ଫ୍ୟାନ୍ସ ମେଗ କହିଛନ୍ତି, ଯେତେବେଳେ ବେଲା ଶୋଇଥାନ୍ତି, ସେତେବେଳେ ସେ ଏକ ଭୟଙ୍କର ନିଦ୍ରାକୁ ଚାଲିଯାନ୍ତି। ପାଖରେ ବିସ୍ଫୋରଣ ହେଲେ ମଧ୍ୟ ତାଙ୍କୁ ଜଣାପଡ଼େ ନାହିଁ। କିଛି ଦିନ ପୂର୍ବରୁ ବ୍ରିଟେନରେ ମଧ୍ୟ ସମାନ ଘଟଣା ସାମ୍ନାକୁ ଆସିଥିଲା। ରୋଡା ରୋଡ୍ରିଗେଜ ଡିଆଜ ନାମକ ଜଣେ ୨୧ ବର୍ଷୀୟା ଯୁବତୀଙ୍କର ଏହି ରୋଗ ହୋଇଥିଲା। ସେ ତିନି ସପ୍ତାହ ପର୍ଯ୍ୟନ୍ତ ନିରନ୍ତର ଶୋଇଥିଲେ। ଥରେ ଏହି କାରଣରୁ ସେ ସ୍ନାତକୋତ୍ତର ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ମିଡିଆ ରିପୋର୍ଟ ଅନୁଯାୟୀ, ଥରେ ସେ ଶୋଇପଡିବା ପରେ ସେ ଅତି କମ୍‌ରେ ୨୧ ଘଣ୍ଟା ଶୋଇବା ଜାରି ରଖିଥାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ଉପଶମ ନାହିଁ। ଡାକ୍ତରଙ୍କ କହିବା ଅନୁଯାୟୀ, ଏହା ଏକ ସ୍ନାୟୁଗତ ରୋଗ ଏବଂ ସ୍ଲିପିଂ ବିୟୁଟି ସିଣ୍ଡ୍ରୋମର ପ୍ରଭାବ ବୟସ ସହିତ କମିଯାଏ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHENKANAL**
E-mail:eerwdivisiondhenkanal@yahoo.co.in, Contact No.06762-286706, 9437255309
Lr. No. 3808 Date:05.10.2023
**OFFICE ORDER**
**No. O-1218:**Due to unavoidable circumstances total 09 Nos. road works i.e., Sl.No. 01,02,03,04,05,08,09,14 & 20 vide e-procurement Notice No.06/Road Works/2023-24 are hereby cancelled & also in Sl.No. 11 of Col.No.6 the eligible class of contractor is hereby changed 'C' & 'B' instead of 'D' & 'C' followed by the Procurement Officer Executive Engineer, R.W. Division, Dhenkanal.
Sd./- Executive Engineer
R.W. Division, Dhenkanal
OIPR-25101/11/0010/2324



**STATE SELECTION BOARD**
**DEPARTMENT OF HIGHER EDUCATION, GOVT. OF ODISHA**
**BHUBANESWAR - 09**
No. 1174/SSB **NOTICE** Date: 06.10.2023
No. N-85: It is for information of all candidates who have applied for the Post of Post Graduate Teachers in pursuance of Advt. No.01/2023 that the portal of State Selection Board shall remain open from 07.10.2023 (11.00 A.M.) to 09.10.2023 (5.00 P.M) in order to enable them to enter their percentage of marks secured in B.Ed. and P.G. Examinations by effecting necessary conversion of their C.G.P.A.
Similarly, candidates who have committed minor mistakes in their online application form can also rectify the same by following the instructions given in the notice in the official website of the State Selection Board: **ssbodisha.ac.in** within the same period.
OIPR-11015/11/0011/2324 Sd./- Secretary


# ଫିଜିକ୍ସରେ ଅମିତାଭଙ୍କ ଲାଗିଥିଲା ବ୍ୟାକ୍



ମୁମ୍ବାଇ

ସୋନି ଟିଭିରେ ପ୍ରସାରିତ ଲୋକପ୍ରିୟ କାର୍ଯ୍ୟକ୍ରମ 'କୌନ ବନେଗା କରୋଡପତି'ରେ ଛାତ୍ରଜୀବନକୁ ମନେ ପକାଇଛନ୍ତି ବିଗ ବି ଅମିତାଭ ବଚ୍ଚନ। ସେ ଗ୍ରାଜୁଏଶନରେ ଫିଜିକ୍ସ(ପଦାର୍ଥ ବିଜ୍ଞାନ)କୁ ଅନର୍ସରେ ବାଛିଥିଲେ। ହେଲେ ଏହି ବିଷୟ ତାଙ୍କୁ ସେତେଟା ସହଜ ଲାଗୁ ନ ଥିଲା। ଏହାକୁ ନେଇ ସେ ସବୁବେଳେ ଚିନ୍ତାରେ ରହୁଥିଲେ। ଭୁଲ ଅନର୍ସ ବାଛିଥିବା ନେଇ ମନ ଦୁଃଖ କରୁଥିଲେ। ତିନି ବର୍ଷ ଧରି ସେହି ପାଠ୍ୟକ୍ରମକୁ ପଢ଼ିବାକୁ ପଡ଼ିଥିଲା। ପରେ ଗ୍ରାଜୁଏଶନ ଶେଷ ଦୁଇ ମାସ କେବଳ ଉପରଠାଉରିଆ ଭାବେ ତାକୁ ମନେ ରଖିଥିଲେ। ହେଲେ ପରୀକ୍ଷାରେ ସେ ପାସ ହେବା ପରିବର୍ତ୍ତେ ଉକ୍ତ ବିଷୟରେ ବ୍ୟାକ ଲାଗିଥିଲା। ପରେ ସେ ପୁନର୍ବାର ପରୀକ୍ଷା ଦେଇ ପାସ କରିଥିବା ଅମିତାଭ କହିଛନ୍ତି। କେବିସିରେ ୨୦୧୫ ଗିନିଜ ବୁକ ଅଫ ଓ୍ୱାର୍ଲଡ ରେକର୍ଡ ସୃଷ୍ଟି କରିଥିବା ଆଶିଷ ପ୍ରତିଯୋଗୀ ଭାବେ ଭାଗ ନେଇଥିଲେ। ତାଙ୍କ ସମ୍ମୁଖରେ ଅମିତାଭ ପୁରୁଣା ଦିନକୁ ମନେ ପକାଇଛନ୍ତି।


**GOVT. OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, BOLANGIR**
OFFICE ORDER NO. 4811, DATED 05.10.2023
**1st Corrigendum Notice to Bid Identification No.EEBLGR-online-11/2023-24**
**No.O-1216:**Due to unavoidable circumstances, the date and time of online tender notified vide this office Bid Identification No. EEBLGR-online-11/2023-24 dated 29.09.2023 is hereby re-scheduled and tender for the work at Sl.No.9,10 & 15 is hereby cancelled.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Bolangir | EEBLGR- on-line-11/2023-24 | 12.10.2023 at 11.00 A.M. | 27.10.2023 upto 5.00 P.M. | 26.10.2023 upto 1.00 PM | 30.10.2023 at 11.00 A.M. |

| Sl.No. | Name of Work | Value of Works (Rs.in lakh) | EMD (Rs.) | Class of Contractor | Cost of document (Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 9 | S/R to NH-201 to Tulandi Via-Chhatama-khana road for the year 2023-24 | 4.04 | 4040/- | 'D' & 'C' | 2000/- | 1 (One) Calendar Month |
| 10 | S/R to Risida Tusura road for the year 2023-24 | 6.73 | 6730/- | 'D' & 'C' | 4000/- | 1 (One) Calendar Month |
| 15 | S/R to Ramsingha to Simulia road for the year 2023-24 | 1.85 | 1850/- | 'D' & 'C' | 600/- | 1 (One) Calendar Month |

OIPR-25068/11/0017/2324 Sd./- Executive Engineer, R.W.Division, Bolangir



**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO II, BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
Bid Identification No- C.C. (R&B) - 02
**e – Procurement Notice No. 34 of 2023-24**
No. B-1030: The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for One Number Works to be received in online bidding, single cover system as detailed in: **https://tendersorissa.gov.in**. The details of bid documents will be available in the above website from **16.10.2023 to 5.00 P.M. of 31.10.2023**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 01.11.2023 in the Office of the Superintending Engineer, Bhubaneswar (R&B), Division No-II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum / Corrigendum, if required, will be available only in the Website.
Sd./- Superintending Engineer,
BBSR (R&B) Division No.II, BBSR
OIPR-34088/11/0017/2324



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
E-mail Id: eerw_deogarh@yahoo.co.in
No. O-1208 **E-Procurement Notice**
**Bid Identification No. SEDGH-Online-06/2023-24**
1. No. of Building Works : (02 Nos.)
2. Estimated Cost : Rs.18.34 lakhs & Rs.20.14 lakhs
3. Mode of submission of tender : Tender shall be submitted online in **www.tendersodisha.gov.in**.
4. Availability of tender for online bidding : 10.10.2023, 10.00 A.M. to 16.10.2023 upto 5.00 P.M.
5. Date and time of opening of tender : 17.10.2023, 11.00 A.M.
6. Other details can be seen from the website **www.tendersodisha.gov.in**.
7. Corrigendum/Addendum if any shall only be published in the above website.
Sd./- Superintending Engineer
R.W. Division, Deogarh
OIPR-25087/11/0009/2324


# ଯାତାୟାତର ମାଧ୍ୟମ କୁକୁର



ଆପଣ ଏପରି ଏକ ଦେଶ ବିଷୟରେ କେବେ କଳ୍ପନା କରିଛନ୍ତି କି? ଯେଉଁଠି ଗାଡ଼ି ରାସ୍ତା ନାହିଁ କି ରେଳରାସ୍ତା ମଧ୍ୟ ନାହିଁ। ଲୋକମାନେ କୁକୁର ଉପରେ ବସି ଯାତ୍ରା କରିଥାନ୍ତି। ଏପରି ଏକ ଦେଶ ହେଉଛି ଗ୍ରୀନ୍‌ଲାଣ୍ଡ। ଆର୍କଟିକ୍‌ର ଏକ ଅଞ୍ଚଳ ଯେଉଁଠାରେ ଚାରିଆଡ଼େ ବରଫ ପଡ଼ିଥାଏ। ଏହା ସ୍ୱୟଂଶାସିତ ଦେଶ, କିନ୍ତୁ ମୁଖ୍ୟତଃ ଡେନ୍‌ମାର୍କ ଦ୍ୱାରା ନିୟନ୍ତ୍ରିତ। କ୍ଷେତ୍ର ଦୃଷ୍ଟିରୁ ଗ୍ରୀନ୍‌ଲାଣ୍ଡ ହେଉଛି ଦ୍ୱାଦଶ ବୃହତ୍ତମ ଦେଶ ଏବଂ ବ୍ରିଟେନଠାରୁ ୧୦ଗୁଣ ବଡ଼। ଏହାର ୨୦ ଲକ୍ଷ ବର୍ଗ କିଲୋମିଟରରେ କେବଳ ପଥର ଏବଂ ବରଫ ପଡ଼ିଥାଏ। ଏଠାରେ ଜନସଂଖ୍ୟା ମାତ୍ର ୫୮ ହଜାର। ଗ୍ରୀନ୍‌ଲାଣ୍ଡରେ ପରିବହନର ମୁଖ୍ୟ ମାଧ୍ୟମ ହେଉଛି ଗ୍ରୀଷ୍ମ ଋତୁରେ ଡଙ୍ଗା ଏବଂ ଶୀତଦିନେ କୁକୁର ଟାଣୁଥିବା ସ୍ଲେଜ୍ ଗାଡ଼ି। ଲୋକମାନେ ଏହା ଉପରେ ବସି ସେମାନଙ୍କ ଯାତ୍ରାକୁ ସଫଳ କରିଥାନ୍ତି। ଅବଶ୍ୟ କିଛି ବର୍ଷ ହେବ ଏଠାରେ ହେଲିକପ୍ଟର ଏବଂ ବିମାନ ଚଳାଚଳ କରୁଛି।


ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.CAD-2323
obcc (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
**(A Government of Odisha Undertaking under Works Department)**
No. 9148 Date:05.10.2023
File: SMT-1956/1957
**NOTICE INVITING TENDER**

| | 1 | 2 | 3 | 4 | 5 | 6 | 7 |
|---|---|---|---|---|---|---|---|
| Sl. No. | Name of Work | Bid Identification No. | Date of availability of bid document in e-Procurement portal | Last date and time of receipt of online bid | Bid Processing Fee (online mode) | Period of Completion | Class of Contractor |
| 1 | Development of Ghanteswari Temple at Chipilima in Sambalpur District, Odisha on Turnkey basis | 55/Tender/ OBCC/2023-24 | From 13.10.2023 | On or before 5.30 PM of 31.10.2023 | Rs.11,800/- (including GST) | 10 (Ten) Calendar Months | 'A' Class and Special Class |
| 2 | Development of Huma Temple at Huma in Sambalpur District, Odisha on Turnkey basis | | From 13.10.2023 | On or before 5.30 PM of 31.10.2023 | Rs.11,800/- (including GST) | 8 (Eight) Calendar Months | 'A' Class |

3.Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in. 4. OBCC has the right to accept or reject the Notice/ RFP without assigning any reasons thereof.
Sd./- Chief General Manager-III
OIPR-34161/11/0065/2324



**GOVERNMENT OF ODISHA** No. A-628
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
At/P.O.: Laxmiposi, Dist.: Mayurbhanj
Mail Id: cebmsbb2019@gmail.com
**Government of Odisha "e" PROCUREMENT NOTICE**
**Bid Identification No. 24/23-24 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | Raising and strengthening of Bhangamuhana Saline Embankment (Extention Portion) |
| 2 | Estimated Cost | Rs.1457.23 Lakh |
| 3 | Bid Security/E.M.D. | Rs.14,57,300/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" & "Special" Class |
| 6 | Date & Time of availability of bid document in the portal | 09.10.2023 at 10.00 A.M. |
| 7 | Last date/time for receipt of bid in the portal | 30.10.2023 upto 5.00 P.M. |
| 8 | Date of Opening of Bid | 31.10.2023 at 11.00 A.M. |
| 9 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal **"https://tendersodisha.gov.in"**.
Sd./- Chief Engineer & Basin Manager
OIPR-32074/11/0039/2223



**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
**No.B-1026: E-mail:ceroads.bbsr@gmail.com**
**EOI Identification No. CE-DPI & R-02/2023-24**

| Sl. No. | Item | Description |
|---|---|---|
| 1 | Name of Work | Engagement of Consultants for supply of personnel to Assist Departmental Engineers in Construction Supervision and Quality Monitoring of road and bridge projects under works Department, Government of Odisha |
| 2 | Nature of Work | Consultancy Service |
| 3 | Availability of bid document in the website https://tenderodisha.gov.in | 10.00 AM of 11.10.2023 to 4.00 PM of 30.10.2023 |
| 4 | Date of Opening of Bid | 4.30 PM on 30.10.2023 |

The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/ cancellation of tender can also be seen in the said website.
Sd./- Chief Engineer (DPI & Roads)
Odisha (I/C)
OIPR-34111/11/0042/2324



**Government of Odisha**
**Office of the Panchayat Samiti**
**Tileibani, Dist-Deogarh**
No.i-418: **Identification No:- BDOTileibani//2023-24**
**E-mail: ori-tileibani@nic.in**
1 Type of works : Higher Secondary building Works under Samagra Sikshya
2 Total No. of Works : (01) No.
3 Estimated Cost : Rs.71,61,800.00
4 Class of Contractor : "B" Class
5 Period of Completion : 6 (six) calendar months
6 Date of Bidding : 06.10.2023 at 10.00 A.M. to15.10.2023 upto 1.00 P.M.
7 Last Date of receipt of Bid Documents : 15.10.2023 upto 1.00 PM
8 Date & Time of opening of tender : 16.10.2023 at 11.00 AM
Bid documents consisting of specification & schedule of quantities (BOQ) and the set of terms and conditions of contract (DTCN) along with other necessary documents can be obtained/download from district NIC website www.deogarh.nic.in and Sealed Bids must be enclosed with appropriate cost in shape of a non-refundable Demand Draft of Rs.10000/-(Ten thousand only )only for the work, separately issued from any scheduled bank payable at Tileibani in favour of Block Development Officer,Tileibani. Interested bidders may obtain further information at the same address.
**Sd./- Block Development Officer, Tileibani**
OIPR-19114/11/0001/2324



**OFFICE OF THE CHIEF ENGINEER & BASIN MANAGER,**
**BRAHMANI BASIN, SAMAL, PIN-759037**
e-mail: cebmbbs@gmail.com
**No. CEBM-BBS-W-119/2022- 5171/ Dated 26.09.2023**
**1st corrigendum to Tender Notice**
**Bid Identification No. BBS-HID-UGPL-02 of 2023-24**
**e-Procurement No.-CEBBS-HID-02/2023-24**
**No.A-630:Name of the Work:** Construction of Under Ground Pipeline System of Hadua Irrigation Project, Narasinghpur in District of Cuttack, Odisha including its distribution network, up to 1 Ha Chak with Outlet management System having total planned Culturable Command Area of 3641 Ha. to supply irrigation water from Hadua Dam with provision for booster pump on EPC mode of contract (Turn Key Basis) including power connectivity, Electro-Mechanical components, PIM and operation & maintenance of complete commissioned system for 5 years.
- **Notice Inviting Tender (NIT). Sl. No.5. Period of Completion**
The period of completion may be read as 30 (Thirty) Calendar months including monsoon season instead of 24 (Twenty-Four) Calendar months including monsoon season.
- **Bid Document. Voi-I. Section-II. Instruction to Bidder. File-III. Sl. No.3, Page No.21/32**
The aforesaid clause may be read as **"A construction programme for completion of the project in 30 calendar months is to be furnished".**
**All other terms and conditions remain unchanged.**
Sd./- Chief Engineer & Basin Manager
Brahmani Basin, Samal
OIPR-32480/11/0004/2324



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V,BHUBANESWAR**
**INVITATION FOR BIDS (IFB)**
E-mail ID:cebuildings_orissa@yahoo.co.in, cebuildings@rediffmail.com
Tel:(0674)- 2391523
File No-No-B-IV-H-(H&D)-24/20 Lr.No.40838 Bhubaneswar, the 27th Sept.2023
No.B-1029: **Invitations for Bids**
**Bid Identification No.C.E. (B)-29/2023-24**

| | | | |
|---|---|---|---|
| 1. | The Chief Engineer, Buildings,Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the work, "Construction of 50 Bedded integrated Ayush Hospital and Staff Quarters at Balasore for the year 2023-24" amounting to Rs.11,11,00,155/- (Approximate) as detailed below. | | |
| 2. | Nature of Work | : | Building Work |
| 3. | No. of Work | : | 1 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | 'A'/ Special Class |
| 6. | Availability of Bid Documents in the website | : | From dt.07.10.2023 to 17.00 Hours of dt.25.10.2023 |
| 7. | Date of Opening of Bid | : | Dt.26.10.2023 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Chief Engineer, Buildings
Odisha, Bhubaneswar
OIPR-34117/11/0070/2324

# ବାପାଙ୍କ ଆଶୀର୍ବାଦ ସର୍ବଦା ଅନୁଭବ କରେ: ଅମିତ

## ଚାଇନାର ହାଙ୍ଗଝୋରେ ଥିବା ଅମିତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

**ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହାର ଜଣେ ପ୍ରମୁଖ ସଦସ୍ୟଭାବେ ଓଡ଼ିଶାର ଅମିତ ରୋହିଦାସ ପାଇଛନ୍ତି ସ୍ୱର୍ଣ୍ଣିମ ସଫଳତା। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳରେ ଖେଳିଥିବା ଅମିତ ଏବେ ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତି ନିଜ କ୍ୟାରିୟରକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଛନ୍ତି। ଶୁକ୍ରବାର ଜାପାନ ବିପକ୍ଷ ଫାଇନାଲ ଖେଳିବା ପରେ ଥକି ପଡ଼ିଥିଲେ ମଧ୍ୟ ଅମିତ ଫୋନ୍‌ରେ କଥା ହେବାବେଳେ କହିଥିଲେ ମନର କଥା। ବଡ଼ ସଫଳତା ପାଇବାବେଳେ ସର୍ବଦା ବାପାଙ୍କ କଥା ମନେପଡ଼େ। ସେ ଆଜି ଥିଲେ ନିଶ୍ଚିତ ବହୁତ ଖୁସି ହୋଇଥାନ୍ତେ ବୋଲି ଭାବାବେଗର ସହ କହିଥିଲେ ଅମିତ...**

*-ସାକ୍ଷାତ: ତପନ କୁମାର ସ୍ୱାଇଁ*

**● ଏସିଆଡ୍‌ରେ ସ୍ୱର୍ଣ୍ଣ ବିଜୟ ନେଇ କେତେ ଆଶା ରହିଥିଲା, ପାଇବା ପରେ କିପରି ଅନୁଭବ ହେଉଛି ?**

➤ଆମେ ପ୍ରତିଯୋଗିତାକୁ ଉଚ୍ଚ ଆଶାନେଇ ଆସିଥିଲୁ। ସ୍ୱର୍ଣ୍ଣ ପଦକ ଜିତିଲେ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ହୋଇପାରିବ ବୋଲି ଜାଣିଥିଲୁ। ତେଣୁ ଏହା ହିଁ ଆମର ଇଚ୍ଛାଥିଲା। ଜିତିବାର ଖୁସି ଅବର୍ଣ୍ଣନୀୟ। ମୁଁ ବହୁତ ଖୁସି। ଏହା ମୋର ସ୍ୱପ୍ନ ମଧ୍ୟ ରହିଥିଲା।

**● ଅଲିମ୍ପିକ୍ସରେ ବ୍ରୋଞ୍ଜ ପରେ ଏସିଆଡ୍‌ରେ ସ୍ୱର୍ଣ୍ଣ, ନିଜ କ୍ୟାରିୟର ଏବେ କେଉଁ ମୋଡ଼ରେ ରହିଛି ବୋଲି ଭାବୁଛନ୍ତି ?**

➤ମୁଁ କ୍ୟାରିୟରରେ ଷ୍ଟେପ୍ ପରେ ଷ୍ଟେପ୍ ଆଗକୁ ବଢୁଛି। ଦେଶବାସୀ ଓ ଭଗବାନଙ୍କ ଆଶୀର୍ବାଦ ଯୋଗୁ ଆଜି ଏପରି ସଫଳତା ପାଇପାରିଛି। ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବାର ଅନୁଭୂତି ଭିନ୍ନ ଥିଲା, ଏବେ ଏସିଆଡ୍ ସ୍ୱର୍ଣ୍ଣ ବିଜୟର ଖୁସି ମଧ୍ୟ ଭିନ୍ନ। ଏହି ଅନୁଭୂତିକୁ ନେଇ ଆଗକୁ ଆହୁରି ସଫଳତା ପାଇବାକୁ ମୁଁ ଲକ୍ଷ୍ୟ ରଖିଛି।

**● ଜାପାନ ବିପକ୍ଷ ଫାଇନାଲର ଅନୁଭୂତି କିପରି ରହିଲା ?**

➤ଲିଗ୍ ପର୍ଯ୍ୟାୟର ଖେଳ ଓ ଫାଇନାଲ ଭିନ୍ନ କଥା। ଲିଗ୍ ପର୍ଯ୍ୟାୟରେ ଟିକେ ଏପଟ ସେପଟ ହୋଇଗଲେ ଚଳିବ, ମାତ୍ର ଫାଇନାଲ ହେଉଛି ଫାଇନାଲ। ସାମାନ୍ୟ ତ୍ରୁଟି ବଡ଼ ବିପର୍ଯ୍ୟୟ ଆଣିପାରେ। ତେଣୁ ଆମେ ଅତି ସତର୍କ ହୋଇ ଖେଳିଥିଲୁ। ଫାଇନାଲପରି ବଡ଼ ମ୍ୟାଚର ଅନୁଭୂତି ନିଶ୍ଚିତ ସ୍ୱତନ୍ତ୍ର।

**● ଭାରତ ବିଜୟରେ ଅମିତଙ୍କ ଗୋଲର ବଡ଼ ଭୂମିକା ଥିଲା, କ'ଣ କହିବେ ?**

➤ଫାଇନାଲ ପୂର୍ବରୁ ଆମ ରଣନୀତି ସେପରି ଥିଲା। ସୁଯୋଗ ପାଇବାମାତ୍ରେ ଗୋଲ ଦେବାପାଇଁ ଚେଷ୍ଟା କରିବା ଥିଲା ମୁଖ୍ୟ ଲକ୍ଷ୍ୟ। ତେଣୁ ମୋ ପାଇଁ ଏପରି ଏକ ସୁଯୋଗ ଆସିଲା। ତା'ର ସଦୁପଯୋଗ କରିପାରିଥିବାରୁ ମୁଁ ବହୁତ ଖୁସି। ମୋ ଗୋଲ ଦଳର ବିଜୟରେ ସହାୟକ ହୋଇପାରିଲା। ଏହାଠାରୁ ବଡ଼ ଖୁସି ଆଉ କିଛି ନାହିଁ।

**● ସଫଳତାର ଶ୍ରେୟ କାହାକୁ ଦେବେ ?**

➤ମୁଁ ସମଗ୍ର ଦେଶ ଓ ମୋ ରାଜ୍ୟବାସୀଙ୍କୁ ସଫଳତାର ଶ୍ରେୟ ଦେବାକୁ ଚାହିଁବି। ଓଡ଼ିଶା ସରକାର ହକିକୁ ବହୁତ ପ୍ରୋତ୍ସାହନ ଦେଉଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ହକି ଇଣ୍ଡିଆ ଏବଂ ହକି ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଉଛି। ମୋ ପରିବାରକୁ ମଧ୍ୟ ଶ୍ରେୟ ଦେବି। ସ୍ୱର୍ଣ୍ଣ ପଦକ ଜିତିବାପରେ ବାପାଙ୍କ କଥା ବହୁତ ମନେ ପଡୁଛି। ସେ ମୋତେ ସବୁବେଳେ ଉତ୍ସାହିତ କରି ଆସୁଥିଲେ। ଆଜିଥିଲେ ସେ ନିଶ୍ଚିତ ବହୁତ ଖୁସି ଅନୁଭବ କରିଥାନ୍ତେ। ତେବେ ତାଙ୍କ ଆଶୀର୍ବାଦ ସବୁବେଳେ ମୋ ସହିତ ଅଛି। ମୁଁ ଏହା ପ୍ରତି ମୁହୂର୍ତ୍ତରେ ଅନୁଭବ ମଧ୍ୟ କରୁଛି। ସେ ଯେଉଁଠି ବି ଥିବେ ନିଶ୍ଚିତ ମୋ ସଫଳତାରେ ଖୁସି ଅନୁଭବ କରୁଥିବେ।

*(ବି.ଦ୍ର: ଅମିତଙ୍କ ବାପା ଗୋପାଳ ରୋହିଦାସ ୨୦୨୦ରେ ପରଲୋକ ଗମନ କରିଛନ୍ତି)*


ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ଅମିତ୍ ରୋହିଦାସ।

## ଏସିଆଡ୍ ସ୍ୱର୍ଣ୍ଣ ଜିତିବାରେ ୫ମ ଓଡ଼ିଆ

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ ହକିରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫଳରେ ଭାରତୀୟ ଦଳକୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ମିଳିଯାଇଛି। ଭାରତୀୟ ଦଳର ସଦସ୍ୟଭାବେ ଅମିତ ରୋହିଦାସ ସ୍ୱର୍ଣ୍ଣିମ ସଫଳତାରେ ଭାଗୀଦାର ହୋଇଛନ୍ତି। ଓଡ଼ିଶାର ଚତୁର୍ଥ ପୁରୁଷ ହକି ଖେଳାଳିଭାବେ ଅମିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ପାଇଛନ୍ତି। ଓଭରଅଲ୍ ଓଡ଼ିଶାର ୫ମ ଖେଳାଳିଭାବେ ସେ ଏସିଆଡ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ୧୯୯୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲା। ସେତେବେଳେ ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ୧-୧ ଗୋଲରେ ବରାବର ରହିବାରୁ ଶୁଟ୍ ଆଉଟରେ ଭାରତ ୪-୨ ଗୋଲରେ ବିଜୟୀ ହୋଇଥିଲା। ଏହାପରେ ୨୦୧୪ରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଏହି ସଫଳତାର ସାଥି ରହିଥିଲେ। ଏହି ସଂସ୍କରଣରେ ମଧ୍ୟ ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାରୁ ଶୁଟ୍‌ଆଉଟରେ ଭାରତ ୪-୨ ଗୋଲରେ ପାକିସ୍ତାନକୁ ହରାଇ ଚାମ୍ପିୟନ ହୋଇଥିଲା। ହକିକୁ ବାଦ୍ ଦେଲେ ୧୯୫୧ ଏସିଆନ ଗେମ୍ସରେ ଭାରତୀୟ ଫୁଟବଲ ଦଳର ସଦସ୍ୟଭାବେ ସେକ୍ ଅବଦୁଲ ମଜିଦ ବଚନ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ସର୍ବପ୍ରଥମ ଓଡ଼ିଆ ଖେଳାଳି। ହାଙ୍ଗଝୋ ଏସିଆନ ଗେମ୍ସର ହକି ଫାଇନାଲ ଏକପାଖିଆ ହୋଇ ଯାଇଥିବାବେଳେ ଭାରତର ୫-୧ ବିଜୟରେ ଅମିତ ରୋହିଦାସ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏସିଆନ ଗେମ୍ସରେ ଏହାକୁ ମିଶାଇ ଓଡ଼ିଶାର ୨୩ ପ୍ରତିଯୋଗୀ ମୋଟ ୩୧ ପଦକ ହାସଲ କରିଛନ୍ତି। ଏହା ମଧ୍ୟରୁ ମହିଳା ଓ ପୁରୁଷ ହକିରୁ ସର୍ବାଧିକ ୨୨ଟି ପଦକ ଆସିଛି।

## ବଜରଙ୍ଗ ପଦକ ଶୂନ୍ୟ

**ହାଙ୍ଗଝୋ, ୬।୧୦ (ପି.ଟି.):** ସିଲେକ୍ସନ ଟ୍ରାଏଲ୍ ବିନା ଏସିଆନ ଗେମ୍ସରେ ଭାଗ ନେଇଥିବା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ଏସିଆନ ଗେମ୍ସରୁ ବିନା ପଦକରେ ଲଜ୍ଜାଜନକ ବିଦାୟ ନେବାକୁ ପଡ଼ିଛି। ଅନ୍ୟପକ୍ଷରେ ପ୍ରତିଭାସମ୍ପନ୍ନ ଅମନ ଶେରାୱତଙ୍କ ସମେତ ଅନ୍ୟ ୩ ଭାରତୀୟ ବ୍ରୋଞ୍ଜ ଜିତିବାରେ ସଫଳ ହୋଇଛନ୍ତି। ଚଳିତବର୍ଷ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂଙ୍କ ବିପକ୍ଷରେ ବିକ୍ଷୋଭ ପ୍ରଦର୍ଶନରେ ବହୁ ସମୟ ବ୍ୟୟ କରିଥିବା ବଜରଙ୍ଗ ଦୁଇଟି ବିଜୟ ସହ ଭଲ ଆରମ୍ଭ କରିଥିଲେ। ମାତ୍ର ଇରାନର ରହମନ ଆମୋଜାଦଖାଲିଲି ଓ ଜାପାନର କାଇକି ୟାମାଗୁଚିଙ୍କଠାରୁ ପରାଜିତ ହୋଇଯାଇଥିଲେ। ସୂଚନାଯୋଗ୍ୟ, ବିଶାଳ କାଲିରମନ ଏସିଆନ ଗେମ୍ସ ଟ୍ରାଏଲ୍ସ ଜିତିଥିଲେ। ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱରେ ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) ଆଡହକ୍ କମିଟି କିନ୍ତୁ ବଜରଙ୍ଗଙ୍କୁ ସିଧାସଳଖ ଏଣ୍ଟ୍ରି ଦେଇଥିଲେ। ତାଙ୍କର ଏହି ନିଷ୍ପତ୍ତି କୁସ୍ତି ମହଲରେ ସମାଲୋଚିତ ହୋଇଥିଲା। ବାଜୱାଙ୍କ ନେତୃତ୍ୱାଧୀନ ପ୍ୟାନେଲର ନିଷ୍ପତ୍ତି ଭୁଲ ଥିଲା ବୋଲି ପ୍ରମାଣିତ ହୋଇଥିଲା। ବିକ୍ଷୋଭରେ ସାମିଲଥିବା ଅନ୍ୟ ଜଣାଶୁଣା କୁସ୍ତିଯୋଦ୍ଧା ଭିନେଶ ଫୋଗଟଙ୍କୁ ମଧ୍ୟ ଟ୍ରାଏଲ୍ସରୁ ଛାଡ଼ ମିଳିଥିଲା। ମାତ୍ର ସେ ଆଘାତପ୍ରାପ୍ତ ହେବାରୁ ତାଙ୍କ ସ୍ଥାନରେ ଭାଗ ନେଇଥିବା ଅନ୍ତିମ ପଙ୍ଘାଲ ବ୍ରୋଞ୍ଜ ଜିତିବାରେ ସଫଳ ହୋଇଛନ୍ତି।

# ତୀରନ୍ଦାଜୀରେ ରୌପ୍ୟ ଓ ବ୍ରୋଞ୍ଜ

**ହାଙ୍ଗଝୋ, ୬।୧୦ (ପି.ଟି.)**

ଏସିଆନ ଗେମ୍ସରେ ୧୩ ବର୍ଷ ବ୍ୟବଧାନରେ ପଦକ ଜିତିବାରେ ସଫଳ ହୋଇଛି ଭାରତୀୟ ତୀରନ୍ଦାଜୀ ଦଳ। ଶୁକ୍ରବାର ରିକର୍ଭ ଟିମ୍ ଇଭେଣ୍ଟରେ ଭାରତୀୟ ପୁରୁଷ ଓ ମହିଳା ଦଳ ଯଥାକ୍ରମେ ଏକ ରୌପ୍ୟ ଓ ଏକ ବ୍ରୋଞ୍ଜ ପଦକ ହାସଲ କରିଛି। ୨୦୧୦ ପରେ ଏସିଆନ ଗେମ୍ସରେ ଭାରତର ଏହା ହେଉଛି ପ୍ରଥମ ପଦକ। ଆଘାତଜନିତ ସମସ୍ୟାରେ ସଂଘର୍ଷ ଚଳାଇଥିବା ଅଙ୍କିତା ଭକତ, ସିମରନଜିତ୍ କୌର ଓ ଭଜନ କୌରଙ୍କୁ ନେଇ ଭାରତୀୟ ଦଳ ସକାଳ ସେସନରେ ବ୍ରୋଞ୍ଜ ପଦକ ଜିତିଥିଲା। ୫ମ ସିଡ୍ ମାନ୍ୟତାପ୍ରାପ୍ତ ଏହି ମହିଳା ତ୍ରୟ ସେମାନଙ୍କ ଭିଏତ୍‌ନାମ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୬-୨ (୫୬-୫୨, ୫୫-୫୬, ୫୭-୫୦, ୫୧-୪୮)ରେ ବିଜୟ ହାସଲ କରିଥିଲେ। ୨୦୧୦ ଗୁଆଙ୍ଗଝୋପରଠାରୁ ଏହି କାଟେଗୋରିରେ ଭାରତର ଏହା ଏସିଆନ ଗେମ୍ସ ପଦକ। ପରେ ଅତନୁ ଦାସ, ତୁଷାର ଶିଲ୍‌କେ ଓ ଧୀରଜ ବୋମାଦେବରା ଏକ ରୌପ୍ୟ ପଦକ ଲାଭ କରିଥିଲେ। ସେମାନେ ସେମିଫାଇନାଲରେ ବାଂଲାଦେଶର ସାଗୋର ଇସ୍‌ଲାମ, ହାକିମ୍ ରୁବେଲ୍ ଓ ରୁମାନ ଶାନାଙ୍କୁ ୫-୩ (୫୮-୫୧, ୫୭-୫୪, ୫୬-୫୮, ୫୭-୫୭)ରେ ପରାସ୍ତ କରିଥିଲେ। କିନ୍ତୁ ହେଭିୱେଟ ଦକ୍ଷିଣ କୋରିଆ ବିପକ୍ଷ ସ୍ୱର୍ଣ୍ଣପଦକ ମୁକାବିଲାରେ ସେମାନେ ୫-୧ (୫୫-୬୦, ୫୭-୫୭, ୫୫-୫୬)ରେ ହାରିଯାଇଥିଲେ।

### ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୮୭ | ୧୦୪ | ୬୩ | ୩୫୪ |
| ଜାପାନ | ୪୭ | ୫୭ | ୬୫ | ୧୬୯ |
| ଦ.କୋରିଆ | ୩୬ | ୪୯ | ୮୪ | ୧୬୯ |
| **ଭାରତ** | **୨୨** | **୩୪** | **୩୯** | **୯୫** |
| ଉଜ୍‌ବେକିସ୍ତାନ | ୨୦ | ୧୮ | ୨୬ | ୬୪ |
| ଚାଇନିଜ ତାଇପେ | ୧୭ | ୧୬ | ୨୫ | ୫୮ |
| ଉ.କୋରିଆ | ୧୧ | ୧୮ | ୧୦ | ୩୯ |
| ଥାଇଲାଣ୍ଡ | ୧୦ | ୧୪ | ୩୦ | ୫୪ |
| ବାହାରିନ | ୧୦ | ୩ | ୫ | ୧୮ |
| କାଜାଖସ୍ତାନ | ୯ | ୧୮ | ୪୧ | ୬୮ |

### ସିପକଟାକ୍ରରେ ପଦକ

ଭାରତ ଏସିଆନ ଗେମ୍ସ ମହିଳା ସିପକଟାକ୍ରରେ ପ୍ରଥମ ଥର ଏକ ପଦକ ଜିତିବାରେ ସଫଳ ହୋଇଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ପାୱାରହାଉସ୍ ଥାଇଲାଣ୍ଡଠାରୁ ପରାଜିତ ହେବାପରେ ରେଗୁ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଛି। ଆୟେକପାମ୍ ମାଇପାକ୍ ଦେବୀ, ଓଇନାମ ଚାଓବା ଦେବୀ, ଖୁସ୍‌ବୁ, ଏଲାଙ୍ଗବାମ୍ ଲିରେନ୍‌ଟୋମ୍ବି ଦେବୀ ସେମାନଙ୍କ ସେମିଫାଇନାଲ ମ୍ୟାଚ ୧୦-୨୧, ୧୩-୨୧ରେ ହାରିଯାଇଥିଲେ।



ଏସିଆନ ଗେମ୍ସରେ ଶୁକ୍ରବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ପୁରୁଷ କବାଡ଼ି ମ୍ୟାଚ୍।

# ସିଆଇଏସ୍‌ସିଇ ଫୁଟ୍‌ବଲ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ସିଆଇଏସ୍‌ସିଇ ନ୍ୟାଶନାଲ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଅନ୍ତର୍ଗତ ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଆରମ୍ଭ ହୋଇଛି। ଆୟୋଜକ ବିଦ୍ୟାଳୟ ରୁଚିକା ହାଇସ୍କୁଲର ପ୍ରିନ୍ସିପାଲ ଲୀନା ଖୁରାନା ଏବଂ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ଗୁରପ୍ରୀତ୍ ସିଂ ଖୁରାନା ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ସିଆଇଏସ୍‌ସିଇ ପର୍ଯ୍ୟବେକ୍ଷକ ଅଭିରା ଦାସ, ଆଞ୍ଚଳିକ କ୍ରୀଡା ନିର୍ଦ୍ଦେଶକ ପି.ସେଲ୍ଭି ଏବଂ ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲର ଅଧ୍ୟକ୍ଷ ସୂର୍ଯ୍ୟ ପ୍ରକାଶ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ଜୋନାଲ ସ୍ପୋର୍ଟ୍ସ ସଂଯୋଜକ ସିନିୟର ଡୋରେଟ୍ ଓ ସିନିୟର ଜେସେଲିଆ, ଓଡ଼ିଶା ରିଜିଓନାଲ ସ୍ପୋର୍ଟ୍ସର ସବ୍ କମିଟି ସଦସ୍ୟ ବ୍ରଦର୍ ଥୋମାସ୍ ଜନ୍ ଏବଂ ମ୍ୟାଚ୍ କମିଶନର ଦୁର୍ଗା ମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆରମ୍ଭରେ ଓଡ଼ିଶୀ ନୃତ୍ୟ ଓ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କର୍ଣ୍ଣାଟକ ବନାମ ମହାରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଡ୍ର ରହିଥିଲା। ୨ୟ ମ୍ୟାଚ୍‌ରେ ପଶ୍ଚିମ ବଙ୍ଗ ୧-୦ ଗୋଲରେ ଛତିଶଗଡକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ତାମିଲନାଡୁ ୧-୦ରେ ଆନ୍ଧ୍ର ପ୍ରଦେଶ, ୪ର୍ଥ ମ୍ୟାଚ୍‌ରେ ଉତ୍ତର ଭାରତ ୨-୦ରେ ୟୁଏଇକୁ ପରାସ୍ତ କରିଥିଲା।

# ପ୍ରଥମ ଥର ୧୦୦ ପଦକ ଛୁଇଁବ ଭାରତ

**ହାଙ୍ଗଝୋ, ୬।୧୦ (ପି.ଟି.)**

ଚଳିତ ଏସିଆନ ଗେମ୍ସରେ ଭାରତ ଐତିହାସିକ ସଫଳତା ହାସଲ କରିବାକୁ ଯାଉଛି। ପ୍ରଥମଥର ପାଇଁ ଭାରତ ପଦକ ସଂଖ୍ୟାରେ ଶତକ ସ୍ପର୍ଶ କରିବା ନିଶ୍ଚିତ ହୋଇଯାଇଛି। ଶୁକ୍ରବାର ଭାରତୀୟ ରେସଲରମାନେ ୩ ପଦକ ଜିତିଥିବାବେଳେ ସିପକ୍‌ଟାକ୍ରରୁ ପ୍ରଥମଥର ପାଇଁ ବ୍ରୋଞ୍ଜ ପଦକ ଆସିଛି। ଭାରତୀୟ ପୁରୁଷ ହକି ଦଳ ପ୍ରତୀକ୍ଷାର ଅବସାନ ଘଟାଇ ସ୍ୱର୍ଣ୍ଣିମ ସଫଳତା ପାଇଛି। ବର୍ତ୍ତମାନ ସୁଦ୍ଧା ଭାରତ ୨୨ ସ୍ୱର୍ଣ୍ଣ, ୩୪ ରୌପ୍ୟ ଓ ୩୯ ବ୍ରୋଞ୍ଜ ସହିତ ୯୫ଟି ପଦକ ହାସଲ କରିସାରିଛି। ଏହା ବ୍ୟତୀତ କବାଡ଼ିରେ ୨ଟି, ଆର୍ଚେରୀରେ ୩ଟି, ହକି, ବ୍ୟାଡ୍‌ମିଣ୍ଟନ ଓ କ୍ରିକେଟରୁ ଗୋଟିଏ ଲେଖାଏ ଏହିପରି ଆଉ ୬ଟି ପଦକ ପାଇବା ନିଶ୍ଚିତ ହୋଇଛି। ତେଣୁ ଶନିବାର ଭାରତ ଗେମ୍ସ ଇତିହାସରେ ପ୍ରଥମଥର ପାଇଁ ପଦକରେ ଶତକ ପୂରଣ କରିବାକୁ ଯାଉଛି। ପ୍ରତିଯୋଗିତାର ଅନ୍ତିମ ଦିବସରେ ୪ ରେସଲର ପ୍ରତିଦ୍ୱନ୍ଦ୍ୱିତା କରିବେ। ତେଣୁ ପଦକ ସଂଖ୍ୟା ବଢ଼ିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ଇଣ୍ଡୋନେସିଆରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ ସଂସ୍କରଣରେ ଭାରତ ୭୦ଟି ପଦକ ପାଇଥିଲା। ଏହା ମଧ୍ୟରେ ୧୬ ସ୍ୱର୍ଣ୍ଣ, ୨୩ ରୌପ୍ୟ ଓ ୩୧ ବ୍ରୋଞ୍ଜ ସାମିଲ ଥିଲା। ଏହା ଏସିଆନ ଗେମ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥର ଏହାକୁ ଅନେକ ପଛରେ ପକାଇ ସାରିଛନ୍ତି ଭାରତୀୟ ପ୍ରତିଯୋଗୀ। ଚଳିତ ସଂସ୍କରଣରେ କେବଳ ଶୁଟରମାନେ ୨୨ଟି ଓ ଆଥଲେଟିକ୍ସ ଫିଲ୍ଡରୁ ୨୯ ପଦକ ଆସିଛି। ଏମାନେ ୫୧ ପଦକ ହାସଲ କରିବାରୁ ଭାରତ ଗତ ବୁଧବାର ଶ୍ରେଷ୍ଠ ସଫଳତାର ମ୍ୟାଜିକ ସଂଖ୍ୟାକୁ ଅତିକ୍ରମ କରି ଯାଇଥିଲା। ଭାରତୀୟ ପ୍ରତିନିଧି ଦଳ ଏଥର ଅନେକ ଇଭେଣ୍ଟରେ ଆଶ୍ଚର୍ଯ୍ୟ କଲାଭଳି ପ୍ରଦର୍ଶନ କରିଥିଲେ। ସୁତୀର୍ଥା ମୁଖାର୍ଜୀ ଓ ଅହିକା ମୁଖାର୍ଜୀ ମହିଳା ଟେବୁଲ ଟେନିସ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଏମାନେ ଶକ୍ତିଶାଳୀ ଚାଇନାକୁ ସେମିଫାଇନାଲରେ ଚକ୍‌ମା ଦେଇଥିଲେ। ସେହିପରି ପାରୁଲ ଚୌଧାରୀ ଅତି ଚମତ୍କାର ପ୍ରଦର୍ଶନ କରି ମହିଳା ୫୦୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସଂଘର୍ଷପୂର୍ଣ୍ଣ ରେସ୍‌ରେ ସେ ଜାପାନର ରିରିକା ହିରୋନାକାଙ୍କୁ ପଛରେ ପକାଇ ଦେଇଥିଲେ। ଓଡ଼ିଶାର କିଶୋର କୁମାର ଜେନା ୮୬.୭୭ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରି କିଛି ସମୟ ପାଇଁ ସୁପରଷ୍ଟାର ନୀରଜ ଚୋପ୍ରାଙ୍କ ଆଗରେ ରହିଥିଲେ। ଏହା ଚଳିତ ପ୍ରତିଯୋଗିତାର ଅନ୍ୟତମ ଅବିସ୍ମରଣୀୟ ଘଟଣା ଥିଲା। ଶେଷରେ ନୀରଜ ସ୍ୱର୍ଣ୍ଣ ଓ କିଶୋର ରୌପ୍ୟ ପଦକ ଜିତିଥିଲେ। ପୁରୁଷ ଡବଲ୍ସ ୧୦୦୦ ମିଟର କାନୋଇଂରେ ଅର୍ଜୁନ ସିଂ ଓ ସୁନୀଲ ସିଂ ସାଲାମଙ୍କ ଐତିହାସିକ ବ୍ରୋଞ୍ଜ, ମିକ୍ସଡ ୩୫ କିମି ରେସ୍ ୱାକ୍‌ରେ ମଞ୍ଜୁ ରାଣୀଙ୍କ ତୃତୀୟ ସ୍ଥାନ ହାସଲ ଅନ୍ୟ ଗୋଟିଏ ଗୋଟିଏ ଉଦାହରଣ ଥିଲା।

### ଇଭେଣ୍ଟ ଅନୁସାରେ ଭାରତର ପଦକ

| ଇଭେଣ୍ଟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଆର୍ଚେରୀ | ୩ | ୧ | ୧ | ୫ |
| ଆଥଲେଟିକ୍ସ | ୬ | ୧୪ | ୯ | ୨୯ |
| ବ୍ୟାଡ୍‌ମିଣ୍ଟନ | ୦ | ୧ | ୧ | ୨ |
| ବକ୍ସିଂ | ୦ | ୧ | ୪ | ୫ |
| ବ୍ରିଜ୍ | ୦ | ୧ | ୦ | ୧ |
| କ୍ରିକେଟ | ୧ | ୦ | ୦ | ୧ |
| ଇକ୍ୱେଷ୍ଟ୍ରେନ | ୧ | ୦ | ୧ | ୨ |
| ଗଲ୍ଫ | ୦ | ୧ | ୦ | ୧ |
| ହକି | ୧ | ୦ | ୦ | ୧ |
| ରୋଇଂ | ୦ | ୨ | ୩ | ୫ |
| ସ୍କ୍ୱାଶ୍ | ୨ | ୧ | ୨ | ୫ |
| ଶୁଟିଂ | ୭ | ୯ | ୬ | ୨୨ |
| ସେଲିଂ | ୦ | ୧ | ୨ | ୩ |
| ଟେନିସ | ୧ | ୧ | ୦ | ୨ |
| ଉଶୁ | ୦ | ୧ | ୦ | ୧ |
| ରୋଲର ସ୍କେଟିଂ | ୦ | ୦ | ୨ | ୨ |
| ଟେବୁଲ ଟେନିସ | ୦ | ୦ | ୧ | ୧ |
| କାନୋଇ ସ୍ପ୍ରିଣ୍ଟ | ୦ | ୦ | ୧ | ୧ |
| ରେସ୍‌ଲିଂ | ୦ | ୦ | ୫ | ୫ |
| ସିପକ୍‌ଟାକ୍ର | ୦ | ୦ | ୧ | ୧ |
| ମୋଟ | ୨୨ | ୩୪ | ୩୯ | ୯୫ |


ପଦକ ସହ ଭାରତୀୟ ତୀରନ୍ଦାଜ ଦଳ।

# ଓଡ଼ିଶା ଦଳର ନେତୃତ୍ୱ ନେବେ ଆଶୀର୍ବାଦ

## ଭିନୁ ମଙ୍କଡ ଟ୍ରଫି ପାଇଁ ଦଳ ଘୋଷଣା କଲା ଓସିଏ

**କଟକ,୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

୧୯ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଭିନୁ ମଙ୍କଡ ଟ୍ରଫି ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ଏଥି ପାଇଁ ଓଡିଶା କ୍ରିକେଟ ଆଶୋସିଏଶନ ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଶୁକ୍ରବାର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଜୁନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ପ୍ରଭଞ୍ଜନ ମଲ୍ଲିକ ଓ ୧୯ବର୍ଷରୁ କମ୍ କ୍ରିକେଟ ଦଳର ମୁଖ୍ୟ କୋଚ୍ ନଟରାଜ ବେହେରା ଉପସ୍ଥିତ ରହି ଦଳ ଘୋଷଣା କରିଥିଲେ। ଆଶୀର୍ବାଦ ସ୍ୱାଇଁଙ୍କୁ ଦଳର ଅଧିନାୟକ କରାଯାଇଛି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ପନକଲ ସସାଙ୍କା, ଶ୍ରେୟାଂଶ ଭରଦ୍ୱାଜ, କରନ ମହାପାତ୍ର, ଗୌରବ କୁମ୍ଭାର, ଦେବାଶିଷ ବାଘ, ଏମ.ଜି ଗୋପାଳ, ବିଶାଲ ପ୍ରିୟଦର୍ଶୀ (ଉଇକେଟ କିପର), ସମ୍ବିତ ବେଜ, ସ୍ୱପ ଭୂୟାଁ, ସୟଦ ଟି. ଅହମ୍ମଦ, କିଶୋର ଛେତ୍ରି, ଶୁଭମ ପ୍ରିୟଦର୍ଶୀ, ଶ୍ରୀରାଜ ପଟ୍ଟନାୟକ, ସୌଭାଗ୍ୟ ଓଝା, ରୋହିତ କୁମାର ପ୍ରଧାନ ପ୍ରମୁଖ ଦଳରେ ରହିଛନ୍ତି । ୨୧ଜଣ ଖେଳାଳିଙ୍କୁ ନେଇ ପ୍ରସ୍ତୁତି ଶିବିର ଚାଲିଥିଲା । କେରଳରେ ଅନୁଷ୍ଠିତ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ନାମେରେ ଏହି ଖେଳାଳିଙ୍କ ପ୍ରଦର୍ଶନ ଦୃଷ୍ଟିରୁ ଚୂଡାନ୍ତ ୧୬ଜଣିଆ ଦଳ ଘୋଷଣା କରାଯାଇଛି ବୋଲି ସମ୍ମିଳନୀରେ ପ୍ରକାଶ କରାଯାଇଛି। ପୁଡୁଚେରୀରେ ଛତିଶଗଡ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

# ମୁଖା ତଳ ମୁହଁ

ଗଳ୍ପ

ସୁଦର୍ଶନ ମହାପାତ୍ର

ମୁଁ ଅସହ୍ୟ ପୀଡ଼ାରେ ଛଟପଟ ହେଉଥିଲି।

ମୋର ଅବସ୍ଥା ଦେଖି ପାଞ୍ଚ ବର୍ଷର ପୁଅ ବିଭୁ, ତା' ବାବାଙ୍କୁ ଯାଇଁ ମାମାର ଦେହ ଖରାପ ବିଷୟରେ କହିବାକୁ ଲାଗିଲା। ସୁବ୍ରତ କ୍ରିକେଟ୍ ମ୍ୟାଚ ଦେଖୁଥିଲେ। ସେ ଶୁଣି ବି ଅଶୁଣା ହୋଇ ସେମିତି ଖେଳ ଦେଖିବାରେ ମଗ୍ନ ରହିଲେ। କେତେ ସମୟ ସେମିତି ଠିଆ ହୋଇ ରହିଲା ପୁଅ। ଶେଷକୁ ଝିଅ ଲୁଚିକରି ତାକୁ ସେଠାରୁ ଫେରିଆସିବାକୁ ଇଙ୍ଗିତ କଲା। ବିଭୁ ମୁହଁ ଶୁଖେଇ ଫେରିଲା। ଆମ କଥାବାର୍ତ୍ତା ଶୁଣି କେତେ ସମୟ ପରେ, ବ୍ରେକ୍ ସମୟରେ ସେ ଉଠିଆସିଲେ ଟିଭି ସାମ୍ନାରୁ।

– ଓଃ.... ମରିଯାଉଛି ଯେମିତି...! ସେ ସୁଆଙ୍ଗଗୁଡ଼ା ଦେଖାନା। କାମ ଦାମ ବନ୍ଦ କରି ଶୋଇପଡ଼ିବାକୁ ଇଚ୍ଛା ଯଦି ଶୁଅ। ହେଲା!

ଶଳା ପେଖନା ବାହାର କରୁଛି ଗୋଟେ। ସୁବ୍ରତଙ୍କ ଚିତ୍କାରରେ ଧଡ଼ପଡ଼ ହୋଇ ଉଠି ବସିଲି। ରାତି ପାଇଁ ରୋଷେଇ କାମ ସାରିବାକୁ ତ ହେବ!

ପେଟରେ ଅସହ୍ୟ ଯନ୍ତ୍ରଣା। କାଲି ସାବିତ୍ରୀ ବ୍ରତ ପାଇଁ ଉପବାସ ରଖିଥିଲି। ପେଟରେ ଗ୍ୟାସ ହୋଇଯାଇଛି ଭାବି ପାଣ୍ଟୋପାଜୋଲ କ୍ୟାପ୍‌ସୁଲଟିଏ ବି ଖାଇ ସାରିଥିଲି। ତଥାପି ଯନ୍ତ୍ରଣା କମୁ ନଥିଲା। କଷ୍ଟ ସହି ହେଉନଥାଏ। ଅଜାଣତରେ ଆଖିରୁ ଲୁହ ଦୁଇଟୋପା ଖସିପଡ଼ିଲା।

ମୋ ଅଜାଣତରେ ପୁଅ ଆଉଥରେ ତା' ବାବାଙ୍କ ପାଖକୁ ଯାଇ ସାରିଥିଲା। ବାଜେ କଥା କହି ତାଙ୍କୁ ଡିଷ୍ଟର୍ବ କରୁଛି ବୋଲି ଖୁବ୍ ଉତ୍ତେଜିତ ହୋଇପଡ଼ିଲେ ବୋଧହୁଏ ସେ! ନଚେତ୍ ପୁଅ ଗାଲରେ ଚାପୁଡ଼ାଟିଏ ବସେଇ ନଥା'ନ୍ତେ। ସେଠୁ ଚୁପ୍‌ଚାପ୍ ଫେରିଆସି ପୁଅ ବେଡ୍‌ରୁମରେ କାନ୍ଦୁଛି ବୋଲି ମୁଁ ଜାଣିଲି। ତା' ପାଖରେ ମୁଁ ପହଞ୍ଚିବା ଆଗରୁ ଝିଅ ତା' ପାଖରେ ପହଞ୍ଚି ଯାଇଥିଲା।

– ''ବିଭୁ! କାନ୍ଦୁଛୁ କାହିଁକି? ବାବା ମାରିଲେ କାନ୍ଦନ୍ତି ନାହିଁ ପରା।'' ଭାଇକୁ ବୁଝେଇବାକୁ ଚେଷ୍ଟା କରୁଥିଲା ବିଥି।

–''ହଁ...! ତୁ ମିଛ କହୁଛୁ...। ମାମା ମାରିଲେ କାନ୍ଦନ୍ତି ନାହିଁ।'' କାନ୍ଦ ବନ୍ଦ କରି କହିଲା ପୁଅ।

ମୁଁ ଦୁହିଁଙ୍କୁ ଜାବୁଡ଼ି ଧରିଲି। କେଜାଣି କାହିଁକି କ୍ଷଣିକ ପାଇଁ ମୋ କଷ୍ଟ କୁଆଡ଼େ ଉଭେଇ ଯାଇଥିଲା। ତଥାପି ମୋ' ଆଖିରୁ ଲୁହଧାର ବହି ଯାଉଥିଲା।

– ''ଛୁଆ ଡରୁଛନ୍ତି। ବୁଝିଲୁ। ଡ୍ରାମା କରନି। ନିଜକୁ ଟିକେ କଣ୍ଟ୍ରୋଲ କରିବା ଶିଖ। ବୁଢ଼ୀଟେ ହେଲୁଣି। ଶଃ... ତୋ' ବୋପାକୁ ଫୋନ୍ କରି କହ ଆସି ନେଇଯିବ। ଭୁକେଇ ଦେଇଛି ଆଣି ମାଗଣା ମାଗଣା। ମରିବୁନି କି ରହ। ସେତେବେଳେ ଜାଣିବୁ। ମୋଫତରେ ଚାରିବେଳା ଠୁଙ୍କି ଆହୁରି ମୋର ଖର୍ଚ୍ଚ କରିବାରେ ଇଚ୍ଛା। ଡାକ ତୋ ବିକିଳିଆ ବୋପାକୁ।'' ପୁଣି ଥରେ ସୁବ୍ରତ ଟିଭି ସାମ୍ନାରୁ ଉଠିଆସି ବିରକ୍ତ ପ୍ରକାଶ କରିଥିଲେ।

ପେଟ ମାରିବା କଷ୍ଟ ଯେତିକି ହେଉନଥିଲା ଏସବୁ କଥାର ଆଘାତ ତାଠୁଁ ଅଧିକ ଯନ୍ତ୍ରଣାଦାୟକ ମନେହେଉଥିଲା। ପୁଅ କାନ୍ଦି କାନ୍ଦି ମୋତେ ଜାବୁଡ଼ି ଧରିଥାଏ। ବାବା କ୍ରିକେଟ୍ ଖେଳ ଦେଖିବାକୁ କେମିତି ତାକୁ ଡାକୁଛନ୍ତି ଭାବି ସେ ଆଶ୍ଚର୍ଯ୍ୟ ହେଉଥିଲା ବୋଧେ। ଏପଟେ ମାମା କାନ୍ଦୁଚି, କଷ୍ଟପାଉଛି! ଝିଅ ସବୁ ବୁଝି ଚୁପ୍‌ଚାପ୍ ଥାଏ। ମୁହଁ ଶୁଖେଇ ଝରକା ଦେଇ ବାହାରକୁ ଚାହୁଁଥିଲା ଆଉ ଅପେକ୍ଷା କରୁଥିଲା ଝଡ଼ ଥମିବାକୁ..! ତଥାପି ସୁବ୍ରତଙ୍କ ଗର୍ଜନ କମୁ ନ ଥିଲା।

ରାକ୍ଷସ ନା କ'ଣ ଇଏ! ସବୁତକ ରାଗ ଏତିକିବେଳେ ଶୁଝାଇ ଦେବେ ନା କ'ଣ? ସବୁବେଳେ ତ ଦୋଷ ଦେଇ ଆସିଛନ୍ତି। ଆଜି କୋଉ ବଡ଼କଥା କି?

ସେ ଜାଣିବାକୁ ଥରେ ଚେଷ୍ଟା ବି କରିନାହାନ୍ତି କ'ଣ ହେଉଛି ବୋଲି। ଘଣ୍ଟା ଘଣ୍ଟା ଧରି କ୍ରିକେଟ୍ ଦେଖୁଥିଲେ ସେମିତି। ଥରେ ଆସି ମୁହଁ ଚାହିଁଲେ କି ପଚାରିଲେ ମହାଭାରତ ଅଶୁଦ୍ଧ ହୋଇଯିବ ଯେମିତି! ହେଲେ ମୁଁ ଭୁଲିଯାଇଥିଲି ଇଏ ସେଇ ଲୋକ, ଯିଏ ମୋର ପ୍ରେଗ୍‌ନାନ୍ସି ସମୟରେ ବାନ୍ତି ହେବା ଦେଖି ପାଟିତୁଣ୍ଡ ଆରମ୍ଭ କରିଦେଇଥିଲେ।

– ''ଏମିତି ରଡ଼ି କରି ବାନ୍ତିକରନି। ସମସ୍ତଙ୍କୁ ଜଣେଇବାକୁ ଇଚ୍ଛା ତ ବାପଘରକୁ ପଳା।'' ସ୍ତ୍ରୀର ଭେଳିକି ଦେଖି ମୁହଁ ମୋଡ଼ି ହେଇଯାଉଥିଲା ଯେମିତି! କେତେ ଅସହ୍ୟ ତାଙ୍କ କଥା!

ଝିଅକୁ କହି ସାଙ୍ଗ ଡାକ୍ତର ଦୀପାଠୁ ପରାମର୍ଶ ନେଲି। ଆଣ୍ଟିସ୍ପାଜମୋଟିକ ଟାବଲେଟ୍ ଖାଇଲି। କିଛି ସମୟ ପରେ ଟିକିଏ ଆରାମ ଲାଗିଲା।

ସାମାନ୍ୟ ଥଣ୍ଡା ହେଲେ ବି ମୁହଁ ଶୁଖେଇ ଦେଉଥିବା ବାପାଙ୍କ କଥା ମନେପଡୁଥିଲା। ହାତରେ ଖୁଆଇ ନ ଦେଲାଯାଏଁ ନିଜେ ପାଟିକୁ ଭାତ ନେଉ ନଥିଲା ବୋଉ। ଆଜି ସେ ଘରକୁ ଫେରିଯିବାର ରାସ୍ତା ବନ୍ଦ ହୋଇଯାଇଛି ପ୍ରାୟ! ବୋଉ ତ ନାହିଁ। ବାପା ଖୁବ୍ ହିନସ୍ତାରେ ଚଳୁଛନ୍ତି ଯାହା। କାହାକୁ କହିବି ଦୁଃଖ ଏବେ?

ଅପେକ୍ଷାକୃତ ଊଣା ରଙ୍ଗ ଓ ରୂପର ପୁଅ ପାଇଁ ଶାଶୁ ଶ୍ୱଶୁର ଖୋଜୁଥିଲେ ସୁନ୍ଦର ବୋହୂ। ତାଙ୍କୁ ମିଳିଗଲା। ବିନା ଯୌତୁକ ଓ ରୋଜଗାରିଆ ପାତ୍ର ଖୋଜୁଥିବା ବାପାଙ୍କୁ ମିଳିଗଲା ଉପଯୁକ୍ତ ଜ୍ୱାଇଁ। ସେ ବି ଖୁସି। ମୁଁ ସମସ୍ତଙ୍କୁ ଖୁସି ଦେଖିବାକୁ ଚାହୁଁଥିବା ରକ୍ତମାଂସଧାରୀ କଣ୍ଢେଇଟିଏ ପରା!

ମନରେ ଶ୍ରଦ୍ଧା ନଥିଲେ ସ୍ୱାମୀ–ସ୍ତ୍ରୀର ସମ୍ପର୍କ ସମ୍ପୂର୍ଣ୍ଣ ମିଛ। ଦୁନିଆର କପଟତାପୂର୍ଣ୍ଣ କଳଙ୍କମୟ ଇତିହାସର ବହି ଛପା ହୋଇ ରହିଯାଏ, ଯାହାର ପ୍ରତିଟି ଫର୍ଦ୍ଦ ଘୃଣା, ଅଭିଯୋଗରେ ଭରା ଥାଏ। ଉପରେ କେବଳ ହସର ମଲାଟ ମଡ଼ା ହୋଇଥାଏ। ବାସ୍! ଏମିତି ବଞ୍ଚିଲେ ଯାଇ ଦୁନିଆକୁ ସୁନ୍ଦର। ବାପା କହନ୍ତି, ଯାହା ଦୁନିଆକୁ ସୁନ୍ଦର, ତାହା ହିଁ କର।

ଫୋନ୍ ରିଂ ହେଉଛି। ସୁବ୍ରତ ଅଫିସ ବାହାରିଗଲେ ଯାଇ ଫୋନ୍ କରନ୍ତି ବାପା। ସିଏ ହିଁ ହୋଇଥିବେ। ପ୍ରକୃତରେ ସୁବ୍ରତଙ୍କ ଉପସ୍ଥିତିରେ ବାପାଙ୍କ ସହିତ କଥା ହେବାକୁ ଡର ମାଡ଼େ ମୋତେ। ସେଥିପାଇଁ ସକାଳ ଦଶଟା ଭିତରେ ବ୍ୟସ୍ତଥିବାର ଆଳଦେଖାଏ।

ଫୋନ୍ ରିସିଭ୍ କଲି ତ ଶୁଭିଲା– ''କେମିତି ଅଛୁରେ ମା'!'' ଇଚ୍ଛା ହେଉଥିଲା ରଡ଼ି ଛାଡ଼ି କାନ୍ଦି କାନ୍ଦି ବାପାଙ୍କୁ ଦୁଃଖ କଷ୍ଟ କଥା ସବୁ ଜଣେଇବାକୁ, ଯେମିତି ପିଲାବେଳେ କ'ଣ ଟିକେ ହେଲେ କାନ୍ଦି ଫଟଉଥିଲି। ଛାତିରୁ କୋହ ଉଠୁଥିଲା। କ୍ଷଣିକରେ ପ୍ରକୃତିସ୍ଥ ହେଲି। ନିଜକୁ ଦୃଢ଼ କଲି।

– ''ତୁମ କଥା କୁହ ବାପା। ମୁଁ ତ ଖୁବ୍ ଭଲରେ ଅଛି। ତୁମେ ପଠେଇଥିବା ଶାଢ଼ି କାଲି ସାବିତ୍ରୀରେ ପିନ୍ଧିଥିଲି। ଶାଢ଼ି ଖୁବ୍ ସୁନ୍ଦର ଦିଶୁଛି ବୋଲି ପିଲାମାନେ ଆଉ ତୁମ ଜ୍ୱାଇଁ କହିଲେ।''

ବାପା ଫୋନ୍ ରଖିବା ପରେ ନିଜ ମୁହଁରୁ ଖୁସିର ମୁଖାଟିକୁ ଖୋଲି ଝର ଝର ହୋଇ କାନ୍ଦିବାକୁ ଲାଗିଲି। ମୁଁ ଜାଣେ ମନଇଚ୍ଛା କାନ୍ଦି ସାରିଲେ ଯାଇଁ ମୋତେ ଟିକେ ଭଲ ଲାଗିବ...!

ମୋ: ୯୪୩୮୧୭୬୫୫୪୨





## କବିତା

### କାହାର ଆଜ୍ଞାରେ

ପ୍ରତିଭା ପରିଡ଼ା

ପାପ କ'ଣ?
ପୁଣ୍ୟ କ'ଣ?
ଜୀବନ ଏ ସବୁକୁ ଯୋଡ଼ିହୋଇ
ଗଛ ଡାଳରେ ଝୁଲୁଥାଏ...
କାହାର ଆଜ୍ଞାରେ
ଡାଳରୁ ପତ୍ର ଖସୁ ନ ଥାଏ–

ଭାଗ୍ୟ କ'ଣ?
ଦୁର୍ଭୋଗ ବା କ'ଣ?
ସମୟ ନିଜମତେ ଗଡ଼ିଚାଲିଥାଏ...
କାହାର ଆଜ୍ଞାରେ
କଳିଟିଏ ମୁକୁଳୁ ନ ଥାଏ–

ଦୁଃଖ କ'ଣ?
ସୁଖ କ'ଣ?
ଜୀବନର କେଉଁ ରଙ୍ଗ ଇଏ?
କାହାର ଆଜ୍ଞାରେ
ବାଟ ହୁଡ଼ି ହୋଇଯାଏ–

ଇଚ୍ଛା କ'ଣ?
ପୁଣି ଅନିଚ୍ଛା ବା କ'ଣ?
ଇଏ କାଠଗଡ଼ାର ଜୀବନ
ନା କାଠ ପଥରର ଜୀବନ!
କାହାର ଆଜ୍ଞାରେ
ନିକିତିରେ ଜୀବନ ତଉଲ ହେଉଥାଏ–

ଈଶ୍ୱର ନା ଅଣଈଶ୍ୱର
କିଏ ସମ୍ଭାଳିଥା'ନ୍ତି ସୂତାଖିଅର ଡୋର?
କାହାର ଆଜ୍ଞାରେ
ଅଧା ଅନ୍ଧାର ଅଧା ଆଲୁଅରେ
ଛାଇ ଲିଭିଯାଏ–

ଜୀବନଟା ଜଉଘର
ନା ମଧୁର ଓଁକାର?
କିଏ ଜାଣେ
କାହାର ଆଜ୍ଞାରେ
କାହାର ହସ୍ତାକ୍ଷରରେ
ପୃଷ୍ଠା ଆଉ ପ୍ରଚ୍ଛଦର
ବର୍ଣ୍ଣମାଳା ଲେଖାହେଉଥାଏ?

ମୋ: ୮୯୧୭୬୦୩୪୪୨

### ପାଟବସ୍ତ୍ର

ନୃସିଂହ ତରାଇ

କେବେକେବେ
ଠିଆଠିଆ
ନିଃଶେଷ ହେଇଯାଉଥା'ନ୍ତି
ସବୁ ମାନବିକତା।
ଡର ନ ଥାଏ
ନା, ତରିକା ନ ଥାଏ
ତଉଲିବାକୁ ନିଜ ନିଜକୁ।

ଲୁହମାନେ
ପାଲଟି ଯାଉଥା'ନ୍ତି ରକ୍ତ
ରକ୍ତମାନେ ଖୁବ୍ ଅସହାୟ,
ଓଃ...
ମୋ' ଉପରେ
ମାଡ଼ିଯାଉଥାଏ ସମୁଦ୍ର ପରି
ଗୋଟେ ଭୟର କୋଲାଜ।

କାଲିର ସକାଳ ହୁଏତ
ଆସି ନପାରେ
ଠିକ୍ ସକାଳଟେ ହୋଇ
ମୋ' ଦାଣ୍ଡ ଅଗଣାକୁ,
ମୋ' ପରିଚିତ ଇଲାକାମାନଙ୍କୁ।

ଅନେକ ପ୍ରଶ୍ନ
ଅନେକ ଆଶଙ୍କା
ଅନେକ ଅସ୍ଥିରତା...।

ଆଜିଠୁ ସମର୍ପିଦେଲି
ମୋ' ହାଡ଼ ମାଂସ ରକ୍ତର
କଞ୍ଚା କାଦୁଅ
ଯା...
ବନେଇ ନିଅ
ମେଞ୍ଚାଏ ମାନବିକତା
ଓ ପିନ୍ଧେଇଦିଅ ପାଟବସ୍ତ୍ର କରି
ସବୁ ଅନ୍ଧାରମାନଙ୍କୁ।

ମୋ: ୭୯୭୮୩୮୧୨୧୩

ଗୀତି–କବିତା

### ଯେବେ ଆସି ନାଚକରେ ନିଦାଘ ଏଠି

ହଂସନାଥ ମୁଦୁଲି

ଯେବେ ଆସି ନାଚକରେ ନିଦାଘ ଏଠି
ବରଷା ତ ଆଉ ଜମା ପଡ଼ିବନି ଝୁଣ୍ଟି।

ଶୀତ ଯେବେ ଆସେ ଚାଲି
ବସନ୍ତ ରହେନା ଜମା ଦୂରେ
ଜୀବନର ନିୟମ ଏ
ଆଲୋକ ଅନ୍ଧାର ଦୂର କରେ
ନିଦାଘକୁ କାହିଁ ଡର ସେ ଯେ ଆପଣାର
ତା' ପଛେ ବରଷା ତ ଆସିଯିବ ଜୁଟି।

ନିୟତି ଯେ ତା' ବାଟରେ ଚାଲେ ନିୟମରେ
କେବେ ଅବା କେମିତି ସେ ବିଚ୍ୟୁତି ବା କରେ
ବିପଦକୁ ଜମା ନାହିଁ ଡରିବାର ଏଠି
ପରଖେ ତ ସେ ତୁମକୁ ଏଠି ଦିନରାତି।

ମୋ: ୯୭୭୭୯୬୮୭୧୯

## ପୁସ୍ତକ ପରିଚୟ

### ତାରାର ଆକାଶ ତଳେ



**କବି:** ସ୍ୱରୂପ ମହାପାତ୍ର
**ପ୍ରକାଶକ:** ସରସ୍ୱତୀ ପବ୍ଲିକେଶନ୍‌ସ, ରାଉରକେଲା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/–

ମୋଟ ୪୫ଟି କବିତାକୁ ନେଇ ଆଲୋଚ୍ୟ କବିତା ବହିଟି ସମୃଦ୍ଧ। ଅନେକ ରକମର ବିଷୟ, ଦେଖା, ଶୁଣା, ଅଙ୍ଗେନିଭା ନାନା ବିଷୟକୁ ନେଇ କବିତାଗୁଡ଼ିକର କଳେବର ସଂରଚିତ। ଆରମ୍ଭରେ ରହିଛି ଛୋଟ ଏକ ଗଦ୍ୟଲେଖ 'କବିତା ଆହୁରି ଶକ୍ତି ଦେଉ ମଣିଷକୁ'। ପୃଥିବୀ ପୁରୁଣା, କିନ୍ତୁ ଏଇ ପୁରୁଣା ପୃଥିବୀରେ ନିତିପ୍ରତି ନୂଆନୂଆ କବିତା ଲେଖାଚାଲିଛି। କବି କାନ୍ଦକାନ୍ଦ ମଣିଷ, ଆତ୍ମହତ୍ୟା କରୁଥିବା କୃଷକ, ସ୍ତ୍ରୀର ଶବକୁ କାନ୍ଧରେ ବୋହି ଘରମୁହାଁ ହେଉଥିବା ଦୁଃଖୀ ଲୋକକୁ ଦେଖି ପ୍ରଶ୍ନ କରୁଛନ୍ତି– 'କିଏ ଉଦ୍ଧାର କରିବ ଏ ଅସରନ୍ତି ଦୁଃଖରୁ ମଣିଷଜାତିକୁ?' ଉତ୍ତର ବି ଦେଇଛନ୍ତି– ମଣିଷର ମହାଦୁର୍ଦ୍ଦଶା ସମୟରେ କବିତା ହିଁ ଠିଆହେବ ବନ୍ଧୁପରି, ଶକ୍ତିଦେବ ମଣିଷକୁ। କବିତା ପାଖରୁ ସ୍ୱରୂପଙ୍କର ଏହି ପ୍ରତ୍ୟାଶା ଭିତରେ ସମାଜ ଓ ମଣିଷ ପାଇଁ କବିତାର ପ୍ରାସଙ୍ଗିକତା ସ୍ପଷ୍ଟହୁଏ। ଏକ କବିତାରେ ସେ କହନ୍ତି– ''ଯିଏ ଖାଇବା ଥାଳିରୁ ଟିକିଏ ମାତ୍ର ଉଠେଇ ନେଇ/ ବାକି ସବୁ ଆବର୍ଜନାରେ ଫିଙ୍ଗିଦିଏ/ ସିଏ ହିଁ ଚୋରେଇ ନେଉଛି/ ବାତ୍ୟା ପାଇଁ ଆସିଥିବା ଚାଉଳ ବୋରା।'' କବିତାର ପକ୍ଷନେଇ ତାଙ୍କର ସଂକଳ୍ପ– କବିତାକୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଦୀର୍ଘଶ୍ୱାସଟିଏ ପକାଇଲା ପରି ସେ କହିବସନ୍ତି– ''ସେଇ ଛୁଆ ବିକ୍ରିର ଗାଁରୁ/ ଗୋଟେ ରାସ୍ତା ପଡ଼ିଛି ଯାହା/ ଆମ ଦାଣ୍ଡ ଦୁଆରେ ଆସି ସରେ/ ହେଲେ ଆମେ ଜାଣି ନ ଜାଣିଲା ପରି/ ଆଡ଼େଇ ଦେଉ/ ଆଖି ବୁଜିଦଉ ଜୀବନର/ ଏଇ କଠୋର ସତ୍ୟକୁ।'' ('ଛୁଆ ବିକ୍ରିର ଗାଁରୁ ଆମ ଘର ଯାଏଁ'– ପୃ: ୧୨)। ବହିଟିର ପ୍ରାୟ କବିତାରେ ଅନୁଭୂତିର ଯେଉଁ ଆପଣାପଣ ତାକୁ ଆଡ଼େଇ ଯାଇ ହୁଏନି ସହଜରେ।

### ଚଉପଦୀ ଚନ୍ଦ୍ରମୁଖୀ



**ଲେଖକ:** ଇଂ ଲଡୁକିଶୋର ପଢ଼ିଆରୀ
**ପ୍ରକାଶକ:** ମଧୁର ଝଙ୍କାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୦୦/–

ଆଲୋଚ୍ୟ ଗ୍ରନ୍ଥ 'ଚଉପଦୀ ଚନ୍ଦ୍ରମୁଖୀ'ରେ ମୋଟ ୬୪ଟି 'ଚଉପଦୀ' ସ୍ଥାନିତ। 'ନିଜକଥା'ରେ ଲେଖକ ଲେଖିଛନ୍ତି: ''ମୋର 'ଚଉପଦୀ ଚନ୍ଦ୍ରମୁଖୀ' ସଂକଳନରେ ମୁଁ ଭକ୍ତି ସଂଗୀତ, ପ୍ରେମମୂଳକ ସଂଗୀତ ସହ ସମସାମୟିକ ସମସ୍ୟା ଏବଂ ଦେଶାତ୍ମବୋଧ ସଂଗୀତ ସ୍ଥାନିତ କରିଛି। x x ମୋ' କବିତାର ନାୟକ ନାୟିକା ଆଦର୍ଶବାଦୀ ତଥା ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଅଙ୍ଗୀକାରବଦ୍ଧ।'' ହିନ୍ଦୁଶାସ୍ତ୍ର ଅନୁସରଣରେ ସେ ଗ୍ରନ୍ଥାରମ୍ଭରେ ପଞ୍ଚଦେବତା ଗଣ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କରଙ୍କୁ ସ୍ମରଣ କରି ତାଙ୍କର ଗ୍ରନ୍ଥାରମ୍ଭ କରିଛନ୍ତି। ତାଙ୍କ ଚଉପଦୀର ବିଶେଷତ୍ୱ ଏହି ଯେ କବିତାର ଶୀର୍ଷକରେ ଥିବା ଅକ୍ଷରକୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପଦର ଆଦ୍ୟରେ କ୍ରମାନ୍ୱୟରେ ରଖି ସେ ତାଙ୍କର 'ଚଉପଦୀ' ରଚନା କରିଛନ୍ତି। ଯଥା: କବିତାର ଶୀର୍ଷକ ଯଦି 'ବିନାୟକ', ତେବେ କ୍ରମାନ୍ୱୟରେ ବି, ନା, ଯ(ୟ) ଓ କ, ଅକ୍ଷର ଆଦ୍ୟରେ ରହି ରଚନାକାର୍ଯ୍ୟ ସମ୍ପନ୍ନ ହୋଇଛି। ବିଭିନ୍ନ ରାଗରାଗିଣୀରେ ଚଉପଦୀଗୁଡ଼ିକ ରସନିଷ୍ଠ ଓ ଭାବଗର୍ଭୀ ହୋଇପାରିଛି। ଗ୍ରନ୍ଥରେ 'ଅଭିମତ' ଦେଇ ପ୍ରଫେସର ରଘୁନାଥ ପଣ୍ଡା କହିଛନ୍ତି– ''ବିଷୟ ବୈଚିତ୍ର୍ୟ ସହିତ କଲ୍ୟାଣ ଆହାରୀ, ରାମକେରୀ ପ୍ରଭୃତି ରାଗର ପ୍ରୟୋଗ ଏହାର ପରିବେଷଣକୁ ମଧୁମୟ କରିବ।'' ଗ୍ରନ୍ଥଟି ପ୍ରାଚୀନ ଓ ଆଧୁନିକପନ୍ଥୀ– ଉଭୟ ଶ୍ରେଣୀର ପାଠକଙ୍କ ପାଇଁ ଆଦରଣୀୟ ହେବ ବୋଲି ଆଶା।

## ସୁଅମୁହଁରେ ପତର

ଲଘୁଗଳ୍ପ

ସୁନନ୍ଦା ମହାନ୍ତି

ବର୍ଷା ଲାଗି ରହିଛି। ବେଳ ବି ଆସି ଦଶଟା ଉପରେ ହେବାକୁ ବସିଲାଣି। ବୁଢ଼ୀ ଆଜି ଆସିବନି ଭାବି ବାସନକୁସନ ମଜାମଜି କରୁ କରୁ ଭାବୁଥିଲେ ଶ୍ରେୟା, ବୁଢ଼ୀ ମଣିଷଟା। କେହି ବୋଲି କେହି ନାହିଁ ପାଖରେ। ଅଜଣା ରୋଗରେ ସ୍ୱାମୀ ମରିଗଲା ପରେ ସମ୍ପୂର୍ଣ୍ଣ ଏକେଲା। ନୂଆ ଭୁଆସୁଣୀ ବେଳେ ଶାଶୁ ବାଞ୍ଝ ବୋଲି କହିଲେ ରାତିସାରା କାନ୍ଦେ। ସ୍ୱାମୀ ବୁଝେଇଦିଏ ତୋଠି ଦୋଷ କି ମୋଠି ଦୋଷ ଜାଣିବା ତାକତ ଆମର ନାହିଁ। ଶାଶୁ ବୁଢ଼ୀ କହୁଛି ତ ସହିଯା। ବୁଢ଼ୀ ମଣିଷ, ଆଉ କେତେଦିନ? ସହିବା ଲୋକ ବଡ଼ ନା କହିବା ଲୋକ ବଡ଼ କହିଲୁ? ସହଜେ ନିଅଣ୍ଟିଆ ସଂସାର ଚଳେଇ ହେଉନି। ପିଲା କବିଲା ନ ହେଲା ନାହିଁ। ବୁଝିଯାଇଥିଲା ବୁଢ଼ୀ, ହେଲେ ପିଲାଟିଏ ପାଇଁ ମନ ହାଇଁପାଇଁ ହୁଏତ ଛେଳି ରଖିଲା। ତାକୁ ଘାଗୁଡ଼ି ପିନ୍ଧେଇ, କଅଁଳ ଛନଛନ ପତ୍ର ଖୁଆଇ ଖୁଆଇ ଡଉଲଡାଉଲ ହେଲା। କୋଉଠୁ ବୋଦାଟାଏ ଆସି ଗର୍ଭିଣୀ କଲା ବେଳକୁ ବୁଢ଼ା ଚାଲିଗଲା ଜୁଆନ ବୟସରେ ତ ସେଇ ଛେଳିର ସେବା ଯତ୍ନ କରୁକରୁ ଏକରୁ ଦୁଇ ହେଉ ହେଉ ଆଜି ପନ୍ଦରଟି ଛେଳି ବୁଢ଼ୀର। କିଏ କୁଆଡ଼େ ମରିହଜି ଗଲେଣି। ଛେଳିମାନେ ହିଁ ବୁଢ଼ୀର ସଂସାର। ତାଙ୍କ ବ୍ୟବସ୍ଥା, ଚରାବୁଲା, ଘାସକଟା ଭିତରେ କେବେବି କାମ ବନ୍ଦ କରେନି ଶ୍ରେୟାଙ୍କର।

ଶ୍ରେୟା ମଧ୍ୟ ମନକଥା ବୁଝନ୍ତି ବୁଢ଼ୀର। ପଖାଳ ଗଣ୍ଡାକ ସାଇତି ରଖିଥା'ନ୍ତି ତା' ପାଇଁ। ଭଲ ମନ୍ଦ ଖୋଜେନି, ଟଙ୍କ ତୋରାଣିରେ ତା'ର ଆଶା। ପାଇଟି ସାରି ଖାଇଦେଇ ଗଲେ ଛେଳି ଜଗେ। ରୋଷେଇ ଝାମେଲାରୁ ମୁକ୍ତି ପାଏ। ନଈକୂଳିଆ ଘର ବୁଢ଼ୀର। ଏବେ ଏବେ କୁମ୍ଭୀର ମାତିଛି। କାଳେ ଛେଳି ଖାଇଦେବ ବୋଲି ଘୋର ଚିନ୍ତା ବୁଢ଼ୀର। ଆଜି ପାଗ ମଧ୍ୟ ମେଘୁଆ ଅଛି। ବର୍ଷା ଟୋପି ଟୋପି ପକାଇ ଚାଲିଛି ଆକାଶ। ଶ୍ରେୟା ଭାବୁଛନ୍ତି ବୁଢ଼ୀ କଥା। ଛେଳିପଲ ନ ଛାଡ଼ି ବୋଧେ ଘରେ ଘାସ ଇତ୍ୟାଦି ଖୁଆଇ ରଖିବାରୁ ଆସିପାରିନି, ହେଲେ ମନ ବୁଝୁନି, ପଖାଳ ସାଙ୍ଗକୁ ଯାହା ଟିକେ ଶାଗ ମୁଗ ହେଲେ ବୁଢ଼ୀ ଖୁସି। ଆଜି ବଘରା ଚକୁଳି ଦି'ଟା ତୁଣ୍ଡକୁ ଯାଉନି ଶ୍ରେୟାଙ୍କର। ବୁଢ଼ୀ ପାଇଁ ଟିଫିନ ସଜାଡ଼ି ଚାଲିଲେ ତଳି ଅଞ୍ଚଳକୁ।



ଦୂରରୁ ଦେଖିଲେ ବୁଢ଼ୀ ଘର ପାଖ ଲୋକାରଣ୍ୟ। ବୁଢ଼ୀ ନାହିଁ କି ଛେଳିପଲ ନାହାନ୍ତି। ବାରି କବାଟ କିନ୍ତୁ ଖୋଲା ଅଛି। ସମସ୍ତେ କହୁଥିଲେ କୁମ୍ଭୀର ଭିଡ଼ି ନେଇଛି ବୁଢ଼ୀକୁ। ହେଲେ ଛେଳିସବୁ ଗଲେ କୁଆଡ଼େ? ପୋଲିସ ବାବୁ ଅନୁସନ୍ଧାନ ଚଳେଇ ପଚରା ଉଚରା ଚଳେଇଥିବା ବେଳେ ଦୁମ୍ କରି ଟିଫିନ୍‌ଟା ଖସିପଡ଼ିଥିଲା ଶ୍ରେୟାଙ୍କ ହାତରୁ। ପୁଅ ବାହାଘରରେ ଛେଳିସବୁ କିଣିନେବେ ବୋଲି କଥା ଦେଇଥିଲେ ବୁଢ଼ୀକୁ। ଆଉ ସବୁ ପଇସା ବ୍ୟାଙ୍କରେ ଥୋଇ ବୁଢ଼ୀକୁ ସବୁଦିନ ପାଖରେ ରଖିବାର ଭରସା ଦେଇଥିଲେ। ଅତି ଦୁଃଖରେ ଘରେ ପହଞ୍ଚି କହିଥିଲେ ବୁଢ଼ୀ ଆଉ ଜମା ଆସିବନି। ଆଖି ଓଦା ହୋଇ ଲୁହ ସବୁ ଝରିପଡୁଥିଲା ଭୂମିରେ। ପିଲାମାନେ ଘରେ ନ ଥିଲେ। ସ୍ୱାମୀ ସାନ୍ତ୍ୱନା ଦେଉଥିଲେ ହଉ ହଉ ମୁଁ ଯାଇ ଦେଖୁଛି। ଶ୍ରେୟା କହୁଥିଲେ କିଛି ଲାଭ ନାହିଁ।

ମୋ: ୯୦୪୦୯୭୭୩୨୭

## କାଳକାଳକୁ



''ଲେଖିବା ଏକ ପ୍ରକାରର ଚିକିତ୍ସା–ବିଧି। ଯେଉଁମାନେ ଲେଖନ୍ତି ନାହିଁ ବା ଚିତ୍ର କରନ୍ତି ନାହିଁ, ସେମାନେ କିପରି ପାଗଳାମି, ନିଃସଙ୍ଗତା, ଦୁଃଖ ଓ ଭୟ ଆଦି ବିଷୟା–ପ୍ରକୋପରୁ ନିଜକୁ ମୁକୁଳାନ୍ତି; ତାହା ଭାବିଲେ ମୁଁ ବିସ୍ମିତ ହୁଏ।''

–ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍

ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍‌ଙ୍କ ଜନ୍ମ ୨ ଅକ୍ଟୋବର ୧୯୦୪ରେ, ଇଂଲଣ୍ଡର ବର୍କହାମ୍‌ଷ୍ଟେଡ୍‌ରେ ଓ ପରଲୋକ ୩ ଏପ୍ରିଲ ୧୯୯୧ରେ ସୁଇଜରଲ୍ୟାଣ୍ଡର୍ ଭେଭେରେ। 'ଦ ପାୱାର୍ ଆଣ୍ଡ୍ ଦ ଗ୍ଲୋରି', 'ଦ ହାର୍ଟ ଅଫ୍ ଦ ମ୍ୟାଟର୍', 'ଦ ଏଣ୍ଡ ଅଫ୍ ଦ ଆଫାୟାର', 'ଦ କ୍ୱାଇଟ୍ ଆମେରିକାନ୍' ଓ 'ଆୱାର୍ ମ୍ୟାନ୍ ଇନ୍ ହାଭାନା' ହେଉଛି ତାଙ୍କ ପ୍ରସିଦ୍ଧ ଉପନ୍ୟାସ ମଧ୍ୟରୁ କତିପୟ। ବିଂଶ ଶତାବ୍ଦୀର ଅଗ୍ରଣୀ ଔପନ୍ୟାସିକଙ୍କ ମଧ୍ୟରେ ତାଙ୍କୁ ଜଣେ ବୋଲି ଗଣାଯାଏ। ସାହିତ୍ୟରେ ଅନନ୍ୟତା ପାଇଁ ତାଙ୍କୁ ୧୯୬୮ରେ ମିଳିଛି 'ସେକ୍‌ସପିୟର ପୁରସ୍କାର' ଓ ୧୯୮୧ରେ 'ଜେରୁଜେଲମ୍ ପୁରସ୍କାର'। ନୋବେଲ ପୁରସ୍କାରର ସଂକ୍ଷିପ୍ତ ତାଲିକାରେ ତାଙ୍କ ନାମ ଏକାଧିକବାର ସ୍ଥାନିତ ହୋଇଛି।

## ମନସ୍କାମନା

ଅନୁବାଦଗଳ୍ପ

ମୂଳ ହିନ୍ଦୀ– ମୀରା ଜୈନ

ଅନୁସୃଜନ– ମନୋଜ କୁମାର ବେହେରା

ସ୍ମିତାର ଆଗ୍ରହଭରା ସ୍ୱର ଶୁଭିଲା, ''ଆରେ କମଳୀ! କାମ ପଛରେ କରିବୁ। ନବରାତ୍ରିର ସମୟ ଚାଲିଛି, ତୁ ମୋ' ସହିତ ଚାଲ୍ ମନ୍ଦିରକୁ, ସେଠି ଚିଠା ପକେଇବା ପେଟି ରଖାଯାଇଛି। ଏହି ନବରାତ୍ରି ସମୟରେ ଭକ୍ତମାନେ ପୂରା ଶ୍ରଦ୍ଧାରେ ନିଜର ମନସ୍କାମନା ଲେଖି ସେହି ପେଟି ଭିତରେ ନିଜର ଚିଠାକୁ ପକାନ୍ତି ଆଉ ସେମାନଙ୍କର ମନୋରଥ ପୂର୍ଣ୍ଣହେବାର ସମ୍ଭାବନା ଅଧିକ ଥାଏ। କାରଣ ମନ୍ଦିରକୁ ଏମିତି ବହୁତ ଦାନବୀର ଆସନ୍ତି, ଯେଉଁମାନେ ବାଛିବାଛି ଗରିବ ବ୍ୟକ୍ତିଙ୍କର ନାମର ଚିଠାକୁ ଉଠାନ୍ତି ଆଉ ସେଥିରେ ଲେଖା ହୋଇଥିବା ମନସ୍କାମନାକୁ ପୂରା କରିବାରେ ଲାଗିପଡ଼ନ୍ତି। ଯାହାକୁ ଯାହା ଦରକାର ସେମାନେ ସେହି ସହାୟତା ଯୋଗେଇଥା'ନ୍ତି। ଆରେ ଏତେ କ'ଣ ଭାବୁଛୁ.. ଚାଲ୍‌ଚାଲ୍.. ଜଲ୍‌ଦି ଚାଲ୍, ତୋର ତ ଶାଶୁ ଅସୁସ୍ଥ ଅଛନ୍ତି, ସ୍ୱାମୀ ଆକ୍ସିଡେଣ୍ଟ ଯୋଗୁଁ ଖଟରେ ପଡ଼ିଛନ୍ତି। ଛୁଆ ବି ତ ବହୁତ ଛୋଟ ଅଛି ତୋର।''

ତା'ପରେ ସେ କମଳୀକୁ ଗୋଟିଏ ସାଦା କାଗଜ ଆଉ ପେନ୍ ଦେଇ ନିଜର ମନସ୍କାମନା ଲେଖିବାକୁ କହିଲେ ଆଉ ନିଜେ ମଧ୍ୟ ନିଜର ମନସ୍କାମନା ଲେଖିବା ପାଇଁ ବସିପଡ଼ିଲେ। କିଛି ସମୟ ପରେ ଦୁହେଁ ମନ୍ଦିରରେ ଦେବୀଙ୍କର ପୂଜା–ଅର୍ଚ୍ଚନା କରି ନିଜର ଚିଠାକୁ ପେଟିରେ ପକେଇ ଦେଇ ଆସିଲେ।

ରାସ୍ତାରେ ସ୍ମିତା କମଳୀକୁ ସାନ୍ତ୍ୱନା ଦେଇ କହିଲେ, ''ଦେଖିବୁ କମଳୀ! କାଲି ହିଁ ତୋର ମନୋରଥ ପୂର୍ଣ୍ଣ ହେଇଯିବ। କେହି ନା କେହି ଦାନବୀର ତୋ ମନସ୍କାମନାକୁ ନିଶ୍ଚୟ ପୂରଣ କରିଦେବ। ତୁ ସେ ଚିଠା କାଗଜରେ



ନିଜର ମୋବାଇଲ୍ ନମ୍ବର ଲେଖିଛୁ ତ?''

: ହଁ ମ୍ୟାଡାମ୍, ଆପଣଙ୍କ କହିବା ଅନୁସାରେ ମୁଁ ସବୁକିଛି ଲେଖିଦେଇଥିଲି ସେହି କାଗଜରେ। ଆପଣ ବହୁତ ଭଲ! ମୋର କେତେ ଯତ୍ନ ନେଉଛନ୍ତି।

ଦୁଇ–ତିନି–ଚାରି ଦିନ, ଏମିତିକି ନବରାତ୍ରି ମଧ୍ୟ ସମାପ୍ତ ହେଇଗଲା; କିନ୍ତୁ କମଳୀ ପାଖକୁ ସହାୟତା ପାଇଁ କୌଣସି ଫୋନ୍ ଆସିଲା ନାହିଁ। ସ୍ମିତାକୁ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଥିଲା କି କାହିଁକି କମଳୀର ମନୋରଥ ପୂର୍ଣ୍ଣ ହେଲା ନାହିଁ।

''କମଳୀ! ତୁ ନିଶ୍ଚୟ ନିଜର ମୋବାଇଲ୍ ନମ୍ବର ଭୁଲ୍ ଲେଖିଥିବୁ।''

କମଳୀ ଦୀର୍ଘଶ୍ୱାସ ପକାଇ ବହୁତ ସହଜ ଭାବରେ ଉତ୍ତର ଦେଲା, ''ମ୍ୟାଡାମ୍! ଆପଣଙ୍କ କହିବା ଅନୁସାରେ ମୁଁ ମୋର ମନସ୍କାମନା ଲେଖିଦେଇଥିଲି। ହେଲେ ତାହା ହେଉଛି ଏମିତି ଏକ ମନସ୍କାମନା, ଯାହାକୁ କେହିବି ପୂରା କରିପାରିବେନି।''

କମଳୀ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ସ୍ମିତା ପଚାରିଲେ, ''ଏମିତି ତୁ କ'ଣ ମାଗିଥିଲୁ ଦେବୀମା'ଙ୍କ ପାଖରେ ଟିକିଏ ଶୁଣେ।''

ମ୍ୟାଡାମ୍! ମୁଁ ସେହି କାଗଜରେ ଲେଖିଥିଲି କି, ''ହେ ଦେବୀମା'! ମୋତେ ଏତେ ଶକ୍ତି ଦିଅ କି ଜୀବନରେ କେବେ ଅନ୍ୟମାନଙ୍କ ଆଗରେ ମୋତେ ହାତ ପତେଇବାକୁ ଯେମିତି ନ ପଡୁ।''

ମୋ: ୭୯୭୮୮୩୦୬୧୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୭/୨୦୨୩ Bhubaneswar, Saturday, October 7/ 2023




## ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ବାଂଲାଦେଶ ବନାମ ଆଫଗାନିସ୍ତାନ**

ସ୍ଥାନ: ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦

**ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା**

ସ୍ଥାନ: ନୂଆଦିଲ୍ଲୀ, ସମୟ: ଅପରାହ୍ନ ୨ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଶୁବମନ ଗିଲ୍‌ଙ୍କୁ ଡେଙ୍ଗୁ ସନ୍ଦେହ

**ଚେନ୍ନାଇ, ୬।୧୦ (ପି.ଟି.):** ଶୁବମନ ଗିଲ୍ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ମ୍ୟାଚ ପୂର୍ବରୁ ଏହି ଖବର ଭାରତୀୟ ଦଳକୁ ଶକ୍ତ ଧକ୍କା ଦେଇଛି। ଗିଲ୍ ଯଦି ନ ଖେଳନ୍ତି ତେବେ ତାଙ୍କ ସ୍ଥାନରେ ଇଶାନ କିଶନ ଇନିଂସ ଓପନ କରିପାରନ୍ତି। ଗିଲ୍‌ଙ୍କ ଅସୁସ୍ଥତାର କାରଣ ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ କରାଯାଇ ନାହିଁ। ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛି। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଫେରିବେ ବୋଲି ଆଶା କରାଯାଉଛି। ଖବର ଅନୁସାରେ ଗିଲ୍ ଚେନ୍ନାଇରେ ପହଞ୍ଚିବା ପରଠାରୁ ଜ୍ୱରରେ ପୀଡ଼ିତ ଅଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ